

‘ରାମାୟଣ’ରେ ସବୁ କଳାକାର ପିନ୍ଧିଛନ୍ତି ସୁନାର ଆଭୂଷଣ-ଇନ୍ଦିରା

▶ପୃଷ୍ଠା 9 ଦେଖନ୍ତୁ...


◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-49 ◆TUESDAY ◆12 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୪୯ ◆ମଙ୍ଗଳବାର ◆୧୨ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ବରଗଡ଼ରେ ଆଲୋଡ଼ନ

# ଜଳିଗଲେ ଆଉ ଜଣେ ଛାତ୍ରୀ

■ **ଗାଇସିଲେଟ, ୧୧। ୮(ସମିସ):** ବରଗଡ଼ ଜିଲ୍ଲାର ଗାଇସିଲେଟରେ ପୁନରାବୃତ୍ତି ହୋଇଛି ବାଲେଶ୍ୱର, ବଳଙ୍ଗା, ପଟ୍ଟାମୁଣ୍ଡାଇ ପରି ଲୋମଟାଙ୍କୁରା ଘଟଣା। ସେବାଶ୍ରମ ସ୍କୁଲରେ ପାଠ ପଢୁଥିବା ଜଣେ ୮ମ ଶ୍ରେଣୀ ଛାତ୍ରୀ ପେଟ୍ରୋଲ ନିଆଁରେ ଜଳି ପ୍ରାଣ ହରାଇଛନ୍ତି। ପୁଲିସ ସମ୍ପୃକ୍ତ ଛାତ୍ରୀ ଆତ୍ମହତ୍ୟା କରିଥିବା କହୁଥିଲେ ହେଁ ତାଙ୍କ ଦେହରେ ପେଟ୍ରୋଲ ଢାଳି ଅନ୍ୟ କେହି ନିଆଁ ଲଗାଇ ଦେଇଥିବା ସାଧାରଣରେ ଆଲୋଚନା ହେଉଛି।

ସୂଚନା ଅନୁଯାୟୀ, ସାପଲହର ସେବାଶ୍ରମ ଛାତ୍ରୀନିବାସରେ ରହି ୮ମ ଶ୍ରେଣୀରେ ପାଠ ପଢୁଥିବା ରଶ୍ମୀ ସେଠ୍ (୧୩) ଅସୁସ୍ଥତା ଅନୁଭବ କରିବାରୁ ନିଜ ମାମୁ ଘରକୁ ଆସିଥିଲେ। ଆଜି ସକାଳେ ମାମୁ ଘର ପଛପଟେ ଏକ ପଡ଼ିଆରେ ରଶ୍ମୀ ହୁତୁହୁତୁ ହୋଇ ଜଳୁଥିବା ଦେଖି ତାଙ୍କର ମାମୁ ଓ ଅନ୍ୟମାନେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ମାତ୍ର ସେତେବେଳକୁ ତାଙ୍କ ଶରୀରର ପ୍ରାୟ ୭୦ ପ୍ରତିଶତ ପୋଡ଼ି ଯାଇଥିଲା। ତୁରନ୍ତ ତାଙ୍କୁ ଆମ୍ବୁଲାନ୍ସରେ ବୁର୍ଲାସ୍ଥିତ ଭୀମସାରକୁ ନିଆଯାଇଥିଲା। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଅପ୍ରୀତିକର ପରିସ୍ଥିତି ଆଶଙ୍କାରେ ଘଟଣାସ୍ଥଳରେ ୫ ପ୍ଲାଟୁନ୍ ପୁଲିସ ଫୋର୍ସ ନିୟୋଜିତ ହୋଇଥିଲେ। ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ଓ ବରଗଡ଼ ଜିଲ୍ଲା ଦାୟିତ୍ୱରେ ଥିବା ବଲାଙ୍ଗିର ଏସ୍‌ପି ଅଭିଲାଷ ଜି ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହି ଘଟଣାରେ ପୁଲିସ ତଦନ୍ତ ଜାରି ରଖିଥିବାବେଳେ ଦୁଇ ଜଣଙ୍କୁ ଅଟକ ରଖି ପଚାରାଉଚରା କରୁଥିବା ଏସ୍‌ପି ଅଭିଲାଷ ଜି ସୂଚନା ଦେଇଛନ୍ତି।



ଖବର ପାଇ ବିଜୁ ଜନତା ଦଳର ଏକ ଟିମ୍ ଭୀମସାରରେ ପହଞ୍ଚିଥିଲା। ବିଜେଡି ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ନେତୃତ୍ୱରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ବରଗଡ଼ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ବରଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ବରଗଡ଼ ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, ପଦ୍ମିନୀ ଗଡତିଆ, ପିଙ୍କି ବଡ଼େଇ, କଳ୍ପନା ବେହେରାଙ୍କ ସହ ବହୁ କର୍ମୀ ସେଠାରେ ପହଞ୍ଚି ସ୍ଥିତି ପରଖିବା ସହ ନାବାଳିକାର ପରିବାରଲୋକଙ୍କୁ ସମବେଦନା ଜଣାଇଛନ୍ତି।

## ନିଆଁ ଆଁ: ୩୦ ଦିନରେ ଗଲାଣି ୪ ଛାତ୍ରୀଙ୍କ ଜୀବନ

## ସ୍ଥିତି ସାଂଘାତିକ, ଚିତ୍ର ଭୟଙ୍କର

■ **ଭୁବନେଶ୍ୱର,୧୧।୮ (ସମିସ):** ଓଡ଼ିଶାରେ ଏବେ ମହିଳା, ନାବାଳିକାଙ୍କ ସୁରକ୍ଷାକୁ ନେଇ ସାଂଘାତିକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରତିଦିନ ରାଜ୍ୟର କୋଣ ଅନୁକୋଣରେ ମହିଳାଙ୍କ ବିରୋଧରେ ଘଟୁଥିବା ହିଂସା ରାଜ୍ୟର ଆଇନକାନୁନ, ଶୃଙ୍ଖଳା ଉପରେ ପ୍ରଶ୍ନ ଚିହ୍ନ ଆଙ୍କିଛି। କୌଣସି ଘଟଣାରେ ପୁଲିସ ରହସ୍ୟ ଉନ୍ମୋଚନ କରିବାରେ ସଫଳ ହୋଇପାରିନାହିଁ। ଗୋଟିଏ ପଟେ ପୁଲିସ ପ୍ରଶାସନ ସାଂଘାତିକ ଚାପରେ କାର୍ଯ୍ୟ କରୁଥିବା ନେଇ ସାଧାରଣରେ ଅଭିଯୋଗ

### ରାଜ୍ୟରେ ନାବାଳିକାଙ୍କୁ ଭଗବାନ ଭରସା: ବିରୋଧୀ

### ସରକାର ଏବଂ ପୁଲିସର ନିଷ୍କ୍ରିୟତା ଦାୟୀ: ବୁଦ୍ଧିଜୀବୀ

ସାଧାରଣଲୋକଙ୍କୁ ଭୟଭୀତ କରିଛି। ସୋମବାର ବରଗଡ଼ ଗାଇସିଲଟ ବ୍ଲକ୍‌ର ଫିରିଙ୍ଗିମାଳ ଗାଁରେ ଜଣେ ନାବାଳିକା ପେଟ୍ରୋଲ ଢାଳି ହୋଇ ନିଜକୁ ଜାଳିଦେବା ଘଟଣା ରାଜ୍ୟବାସୀଙ୍କ ଆତ୍ମାକୁ ଦୋହଲାଇ ଦେଇଛି। ପୂର୍ବରୁ ରାଜ୍ୟରେ ଏପରି ସାଂଘାତିକ ସ୍ଥିତି କେବେ ସୃଷ୍ଟି ହୋଇ ନ ଥିଲା, କିମ୍ବା ଏପରି ଭୟଙ୍କର ଚିତ୍ର ଦେଖିବାକୁ ମିଳି ନ ଥିଲା। ୩୦ ଦିନ ମଧ୍ୟରେ ରାଜ୍ୟର ଉତ୍ତର, ଉପକୂଳ, ପଶ୍ଚିମାଞ୍ଚଳରେ ୪ ଜଣ ଛାତ୍ରୀଙ୍କ ଜୀବନ ନିଆଁର ଆଁରେ ଚାଲିଯିବା ହେଉଥିବା ବେଳେ ସରକାର ମଧ୍ୟ ଏକପ୍ରକାର ଉପାୟଶୂନ୍ୟ ହୋଇ ପଡ଼ିଛନ୍ତି। ରାଜ୍ୟରେ ଏବେ ନାବାଳିକା, ମହିଳାଙ୍କୁ ଭଗବାନ ଭରସା ବୋଲି ବିରୋଧୀ କ୍ଷୋଭ ପ୍ରକାଶ କରିଛନ୍ତି। ଗତ ଜୁଲାଇ ମାସ ୧୨ ତାରିଖରେ ବାଲେଶ୍ୱର ଏଫଏମ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମଦାହ କରିଥିଲେ। ଏହା ପରଠାରୁ ଗୋଟିଏ ପରେ ଗୋଟିଏ କରି ୩ ଜଣ ଛାତ୍ରୀଙ୍କ ଜୀବନ ନିଆଁର ଆଁରେ ଚାଲିଗଲାଣି। ମାତ୍ର ▶ପୃଷ୍ଠା-୭

## ବିସ୍ଫୋରକ ହେଉଛି ବିହାର ଭୋଟର ତାଲିକା ବିବାଦ

# ରାସ୍ତାରେ ବିରୋଧୀ; ରୋକିଲା ପୁଲିସ

■ **ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି):** ବିହାରରେ ନିର୍ବାଚନ କମିସନ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) କୁ ନେଇ ବିବାଦ ବିସ୍ଫୋରକ ହେବାରେ ଲାଗିଛି। ଏହି ପ୍ରସଙ୍ଗରେ ସଂସଦ ଅଚଳ ରହିଥିବା

### ବିକ୍ଷୋଭରେ ସାମିଲ ହେଲେ ୩୦୦ ସାଂସଦ

### ରାହୁଲ, ପ୍ରିୟଙ୍କା ଓ ଅଖିଳେଶ ଅଟକ



ବେଳେ ରାସ୍ତାକୁ ଓହ୍ଲାଇଛନ୍ତି ବିରୋଧୀ ଦଳର ସାଂସଦ। ସେମାନେ ଆଜି ଏହାର ପ୍ରତିବାଦ କରି ନିର୍ବାଚନ କମିସନ ଅଫିସ ଆଡ଼କୁ ଯାଉଥିବା ବେଳେ ପୁଲିସ ସେମାନଙ୍କୁ ବାଟରେ ଅଟକାଇଛି। ଏହି ପ୍ରତିବାଦରେ ବିରୋଧୀ ଦଳର ୩୦୦ ସାଂସଦ ସାମିଲ ହୋଇଥିଲେ।

ବିହାରରେ ଏସ୍‌ଆଇଆର୍ ଏବଂ କର୍ଣ୍ଣାଟକରେ ‘ଭୋଟ୍ ଚୋରି’ର ପ୍ରତିବାଦ କରି କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ବିରୋଧୀ ଦଳର ସାଂସଦ ଓ କର୍ମକର୍ତ୍ତା ଆଜି ଦିଲ୍ଲୀରେ ସଂସଦ ଭବନରୁ ବଡ଼ ଧରଣର ଶୋଭାଯାତ୍ରା ବାହାର କରିଥିଲେ। ଏସଂପର୍କରେ ନିର୍ବାଚନ କମିସନ ସହିତ ଆଲୋଚନା ପାଇଁ ନିର୍ବାଚନ ସଦନ ଆଡ଼କୁ ଯାଉଥିବା ବେଳେ ପୁଲିସ ସେମାନଙ୍କୁ ଅଟକାଇଥିଲା। ପୁଲିସ ବ୍ୟାରିକେଡ୍ ଲଗାଇ ଅଟକାଇବାରୁ ବିରୋଧୀ ଦଳର ସାଂସଦମାନେ ରାସ୍ତା ଉପରେ ବସି ଧାରଣା ଦେବା ସହିତ ବିହାରରେ ଚାଲିଥିବା ଏସ୍‌ଆଇଆର୍ ବିରୋଧରେ ସ୍ଲୋଗାନ ଦେଇଥିଲେ। ଆଉ କିଛି ସାଂସଦ ବ୍ୟାରିକେଡ୍ ଭାଙ୍ଗି ନିର୍ବାଚନ କମିସନ ଆଡ଼କୁ ଯିବାକୁ ଉଦ୍ୟମ କରିଥିଲେ। ସେମାନଙ୍କ ▶ପୃଷ୍ଠା-୭

## ବିଭ୍ରାନ୍ତ କରୁଛନ୍ତି ରାହୁଲ: ଧର୍ମେନ୍ଦ୍ର

■ **ନୂଆଦିଲ୍ଲୀ, ୧୧।୮ (ସମିସ):** କଂଗ୍ରେସ ଏବଂ ଏହାର ସହଯୋଗୀ ଦଳ ଭୋଟ ବ୍ୟାଙ୍କ ରାଜନୀତି କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି କେନ୍ଦ୍ର ମନ୍ତ୍ରୀ ତଥା ବିଜେପି ନେତା ଧର୍ମେନ୍ଦ୍ର ପ୍ରଧାନ। ଆଜି ଏଠାରେ ଏକ




ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଅନୁପ୍ରବେଶକାରୀଙ୍କ ଭୋଟ ହାତେଇବା ପାଇଁ ବିରୋଧୀ ଦଳ ଉଦ୍ୟମ ଚଳାଇଛନ୍ତି। ଭୋଟ ଜାଲିଆତି ସଂପର୍କରେ ଯାହା ସବୁ ଅଭିଯୋଗ ଆସୁଛି, ▶ପୃଷ୍ଠା-୭

# ଦୁଇ ଛୁଆଙ୍କ ସାମ୍ନାରେ ମାଆକୁ ଗଳାକାଟି ହତ୍ୟା

■ **ଭାପୁର, ୧୧।୮ (ସମିସ):** ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଭାପୁର ପଞ୍ଚାୟତ ଭାପୁର ମହୋତ୍ସବ ପଡ଼ିଆ ନିକଟରେ ରବିବାର ରାତି ୧୧ଟାରେ ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ଦୁଇ ଛୁଆଙ୍କ ଆଖି ସାମ୍ନାରେ ଦୁର୍ବୃତ୍ତମାନେ ତାଙ୍କ ମା’କୁ ଗଳାକାଟି ହତ୍ୟା କରିଛନ୍ତି।

### ବୈଦେଶ୍ୱରରୁ ଦୁଇ ଅଭିଯୁକ୍ତ ଗିରଫ




ମୃତ ମହିଳା ହେଲେ, ଭାପୁର ଗ୍ରାମର ସ୍ୱର୍ଗତ ମିଟୁ ବେହେରାଙ୍କ ସ୍ତ୍ରୀ ଜୟନ୍ତୀ ବେହେରା (୩୩)। ସେ ଭାପୁର ଉଚ୍ଚ ବିଦ୍ୟାଳୟରେ ପାଚିକା ଭାବେ ୪ ମାସ ହେଲା କାମ କରୁଥିଲେ। ଜୟନ୍ତୀଙ୍କ ଜଣେ ଦୂର ସଂପର୍କୀୟ ଦିଅର ଓ ତା’ର ଜଣେ ସହଯୋଗୀ ଏହି କାଣ୍ଡ ଭିଆଇଥିବା କୁହାଯାଉଛି। ଏହି ଘଟଣାରେ ଫତେଗଡ଼ ପୁଲିସ ତ୍ୱରିତ ▶ପୃଷ୍ଠା-୭

## ଝିଅ ଆଗରେ ମା’କୁ ହାଣିଦେଲା

■ **ବ୍ରହ୍ମପୁର, ୧୧।୮ (ସମିସ):** ଝିଅ ଆଖି ଆଗରେ ମା’କୁ ହାଣିଦେଲା। ପ୍ରମାଣ ନଷ୍ଟ କରିବା ପାଇଁ ଝିଅକୁ ବି ଛାଡ଼ିଲାନି। ନିମଖଣ୍ଡି ଥାନା ଅନ୍ତର୍ଗତ ଶ୍ରୀମାନଗର ଦ୍ୱିତୀୟ ଲାଇନ୍‌ରେ ଆଜି ଭୋର୍‌ରେ ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ହତ୍ୟାର ଶିକାର ମହିଳାଜଣଙ୍କ ହେଲେ, ଗାୟତ୍ରୀ ସ୍ୱାଇଁ (୩୦)। ଦୁର୍ବୃତ୍ତଜଣଙ୍କ ତାଙ୍କ ୧୧ବର୍ଷୀୟ ଝିଅକୁ ମଧ୍ୟ ହତ୍ୟା ଉଦ୍ୟମ କରିଛି। କିନ୍ତୁ ସେ ଅଳ୍ପକେ ବର୍ତ୍ତି ଯାଇଛି। କେହି ଦୁର୍ବୃତ୍ତ ଘରେ ପଶି ଏପରି କାଣ୍ଡ ଭିଆଇବା ▶ପୃଷ୍ଠା-୭

### ପୁଲିସ ସ୍କାନରରେ ପୁରୁଷବନ୍ଧୁ



## ନୂଆ ଆୟକର ବିଲ୍ ଲୋକସଭାରେ ଗୃହୀତ

■ **ନୂଆଦିଲ୍ଲୀ,୧୧।୮ (ଏଜେନ୍ସି):** ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ ସୋମବାର ଲୋକସଭାରେ ନୂଆ ଆୟକର ବିଲ୍ ଗୃହୀତ ହୋଇଯାଇଛି। ବିରୋଧୀ ସାଂସଦଙ୍କ ଅନୁପସ୍ଥିତିରେ ଏବଂ ବିନା କୌଣସି ଆଲୋଚନାରେ ଏହି ବିଲ୍‌କୁ ସଂସଦ ଅନୁମୋଦନ ଦେଇଛ। ଏଥିରେ ଆୟକର ସହ ଜଡିତ ଦୁଇଟି ବିଲ୍- ଆୟକର (ସଂଖ୍ୟା ୨) ବିଧେୟକ ଓ ଟିକସ ଆଇନ (ସଂଶୋଧନ) ବିଲକୁ ମଞ୍ଜୁରି ମିଳିଛି। କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ସୋମବାର ଲୋକସଭାରେ ଆୟକର ବିଲ୍‌ର ଏକ ▶ପୃଷ୍ଠା-୭

## ୪୮ ଘଣ୍ଟାରେ ଲଘୁଚାପ, ଆଜିଠୁ ବଢ଼ିବ ବର୍ଷା

■ **ଭୁବନେଶ୍ୱର, ୧୧।୮ (ସମିସ):** ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଉତ୍ତର-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଏହାର ପ୍ରଭାବରେ ମଙ୍ଗଳବାରଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷାର ପ୍ରଭାବ ବଢ଼ିବ। ଲଘୁଚାପ ପ୍ରଭାବରେ ଆସନ୍ତା ୩ ଦିନ ପାଇଁ ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବା ବେଳେ ୧୩-୧୪ରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବ। ଏଥିପାଇଁ ପାଣିପାଗ କେନ୍ଦ୍ର ବିଭିନ୍ନ ଜିଲ୍ଲାକୁ ଅରେଞ୍ଜ ଓ ୟେଲୋ ଆଲର୍ଟ ଜାରି କରିଛି। ଅଗଷ୍ଟ ୧୨-୧୩ରେ କୋରାପୁଟ ଏବଂ ମାଲକାନଗିରି ଜିଲ୍ଲାର କିଛି ସ୍ଥାନ ପାଇଁ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଥିବା ବେଳେ ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ଗଞ୍ଜାମ, ଗଜପତି ଏବଂ କନ୍ଧମାଳ ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ▶ପୃଷ୍ଠା-୭

### ସମୂହ ଛୁଟିରେ ୩୦ ଜିଲ୍ଲାର ୧୦ ହଜାରରୁ ଉର୍ଦ୍ଧ୍ୱ ରାଜସ୍ୱ ଅମଲା

# ସାରା ରାଜ୍ୟରେ ରାଜସ୍ୱ କାର୍ଯ୍ୟ ଠପ୍

■ **ଭୁବନେଶ୍ୱର, ୧୧।୮ (ସମିସ):** ରାଜ୍ୟର ୩୦ ଜିଲ୍ଲାରେ କାର୍ଯ୍ୟରତ ୧୦ ହଜାରରୁ ଉର୍ଦ୍ଧ୍ୱ ରାଜସ୍ୱ ଅମଲା ଅଧିକାରୀମାନେ ଛୁଟିରେ ଯାଇଛନ୍ତି। ରାଜ୍ୟର ଅମଲାମାନଙ୍କର ବିଭିନ୍ନ ଦାବି ପୂରଣ ନେଇ ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ଏହାକୁ ଲାଗୁ କରିବାକୁ ସରକାର ଟାଳଟୁଳ ନୀତି ଆପଣାଉଛନ୍ତି। ଏହାର ପ୍ରତିବାଦରେ ରାଜସ୍ୱ ଅମଲା ସଂଘ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇଛି। ଏଥିପାଇଁ ସୋମବାରଠାରୁ ରାଜ୍ୟର ସମସ୍ତ ଜିଲ୍ଲାରେ ରାଜସ୍ୱ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ରାଜସ୍ୱ ଅମଲାମାନେ କାର୍ଯ୍ୟ ବନ୍ଦ କରି ନିଜ ନିଜ କାର୍ଯ୍ୟାଳୟ ସାମନାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ସମୂହ ଛୁଟିରେ




ଆଲୋଚନା ପରେ ବି ପଦକ୍ଷେପ ନେଲେନି ସରକାର

ଯାଇଛନ୍ତି। ୨୦୧୮ ମସିହାରୁ ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲାମାନଙ୍କ ପ୍ରବେଶକାଳୀନ ଶିକ୍ଷାଗତ ଯୋଗ୍ୟତାରେ ସ୍ନାତକ ସହିତ କମ୍ପ୍ୟୁଟର ଜ୍ଞାନ ବାଧ୍ୟତାମୂଳକ କରାଯାଇଛି। କିନ୍ତୁ ଏପର୍ଯ୍ୟନ୍ତ ପ୍ରବେଶକାଳୀନ ବେତନରେ କୌଣସି ପ୍ରକାରର ଅଭିବୃଦ୍ଧି କରାଯାଇ ନାହିଁ। ମାତ୍ର ▶ପୃଷ୍ଠା-୭






# ଅନ୍ତର୍ଜାତୀୟ ଯୁବ ଦିବସ

ଦେଶ ପ୍ରଗତିର ଉତ୍ସ ହିଁ ଯୁବଶକ୍ତି। ଯୁବଶକ୍ତିର ବିକାଶ ଦ୍ୱାରା ଦେଶର ବିକାଶ ସମ୍ଭବ। ଯୁବଶକ୍ତି ବିଶ୍ୱରେ ଶାନ୍ତି ତଥା ସାମାଜିକ ସମନ୍ୱୟ ଆଣି ପାରିବେ। ଯୁବବର୍ଗଙ୍କର ଆଗକୁ ବଢ଼ିବା ପଥରେ ରହିଥିବା ସମସ୍ୟା ଏବଂ ସେସବୁର ସଫଳ ସମାଧାନ ଦିଗରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଅଗଷ୍ଟ ୧୨ରେ ଅନ୍ତର୍ଜାତୀୟ ଯୁବ ଦିବସ ପାଳନ କରାଯାଇଥାଏ। ଯୁବପିଢ଼ି କିପରି ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି, ତାକୁ ରେଖାଙ୍କିତ କରିବା ଏହି ଦିବସର ଲକ୍ଷ୍ୟ। 'ଅନ୍ତର୍ଜାତୀୟ ଯୁବ ଦିବସ' ପ୍ରଥମେ ୧୨ ଅଗଷ୍ଟ ୨୦୦୦ରେ ପାଳନ କରାଯାଇଥିଲା। ମିଳିତ ଜାତିସଂଘର ସାଧାରଣ ସଭା ୧୭ ଡିସେମ୍ବର ୧୯୯୯ରେ ଏହି ଦିନ ପାଳନ କରିବାକୁ ଏକ ସଂକଳ୍ପ ପାରିତ କରିଥିଲା। ଏହାପରେ ୨୦୦୦ରେ ପ୍ରଥମ ଥର ପାଇଁ 'ଅନ୍ତର୍ଜାତୀୟ ଯୁବ ଦିବସ' ପାଳନ କରାଯାଇଥିଲା, ଯାହା ଆଜି ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଷ ୧୨ ଅଗଷ୍ଟରେ ପାଳନ କରାଯାଉଛି।

ବିଶେଷଜ୍ଞଙ୍କ ଅନୁଯାୟୀ, ସମାଜକୁ ଶିକ୍ଷିତ କରିବା, ଯୁବକମାନଙ୍କୁ ରାଜନୈତିକ କ୍ଷେତ୍ରରେ ଏକତ୍ରିତ କରିବା ଏବଂ ବିଶ୍ୱସ୍ତରୀୟ ସମସ୍ୟାର ମୁକାବିଲା ପାଇଁ ଏହି ଦିନ ପାଳନ କରାଯାଏ। ସମସ୍ତ ଦେଶ ଯୁବ ଜନସଂଖ୍ୟା ଉପରେ ଧ୍ୟାନ ଦେବା ଉଚିତ। ଯୁବକଙ୍କ ଲାଗି ଉତ୍ତମ ସଂସ୍କାର, ଶିକ୍ଷା, ସଶକ୍ତିକରଣ ଲୋଡ଼ା। ସେମାନେ ବିଭିନ୍ନ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିଲେ ଦେଶ ସ୍ୱାବଲମ୍ବୀ ହେବ। ସେମାନଙ୍କଠାରେ ଥିବା ଅସୀମ ସମ୍ଭାବନାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଏହି ଦିବସ ସ୍ମରଣ କରିଦିଏ। ଯୁବପିଢ଼ି କିପରି ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି, ତାକୁ ଲୋକଲୋଚନକୁ ଆଣିବା ଏହି ଦିବସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଏହି ଦିବସରେ ବିଶ୍ୱବ୍ୟାପୀ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଉତ୍ସବ, କର୍ମଶାଳା ଆଦିର ଆୟୋଜନ କରାଯାଇଥାଏ।

# ହାତୀ ପାଇଁ ଦିନଟିଏ



ଆଜି ବିଶ୍ୱ ହସ୍ତୀ ଦିବସ। ହାତୀଙ୍କ ପାଇଁ ଦିନଟିଏ। ସ୍ଥଳଭାଗରେ ଦେଖାଯାଉଥିବା ସର୍ବବୃହତ୍ ସ୍ତନପାୟୀ ପ୍ରାଣୀ ହାତୀର ସୁରକ୍ଷା ଓ ସଂରକ୍ଷଣ ପ୍ରତି ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ୧୨ ତାରିଖକୁ ବିଶ୍ୱ ହସ୍ତୀ ଦିବସ ଭାବେ ପାଳନ କରାଯାଉଛି। ଏହିଦିନ ହାତୀଙ୍କ ସୁରକ୍ଷା ଲାଗି ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ପ୍ରଥମ ବିଶ୍ୱ ହସ୍ତୀ ଦିବସ ୨୦୧୨ ମସିହା ଅଗଷ୍ଟ ୧୨ରେ ପାଳନ କରାଯାଇଥିଲା। ହାତୀ ଏକ ଶାକାହାରୀ, ବିଶ୍ୱସ୍ତ ଓ ଶାନ୍ତିପ୍ରିୟ ପ୍ରାଣୀ। ଜୈବ ବିବିଧତାର ସୁରକ୍ଷା ଓ ସନ୍ତୁଳନ ପାଇଁ ହସ୍ତୀର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଗଜ ସଂସ୍କୃତିର ସ୍ୱତନ୍ତ୍ର ସ୍ଥାନ ରହିଛି। ରାଜ ରାଜୁଡ଼ା ଅମଳରେ ପରିବହନ ଏବଂ ପତିଆରା ପାଇଁ ରାଜା ମହାରାଜାମାନେ ହାତୀକୁ ନିଜ ଦରବାରରେ ରଖୁଥିଲେ। ଯେଉଁ ରାଜାଙ୍କର ଯେତେ ହାତୀ ଅଛି, ସେ ସେତେ ବଳଶାଳୀ ବୋଲି ଗଣନା କରାଯାଉଥିଲା। କିନ୍ତୁ ଏବେ ଦ୍ରୁତ ସହରୀକରଣ, ଜଙ୍ଗଲ କ୍ଷୟ, ପାହାଡ଼ଗୁଡ଼ିକରେ ବ୍ଲାଷ୍ଟିଂ ଯୋଗୁଁ ବନ୍ୟଜନ୍ତୁଗୁଡ଼ିକ ଜନବସତି ମୁହାଁ ହେଉଛନ୍ତି। ବିଶେଷକରି ଖାଦ୍ୟ ଅନ୍ୱେଷଣରେ ହାତୀ ଜନବସତି ମୁହାଁ ହେଉଛି। ଫଳରେ ହାତୀ-ମଣିଷ ଲଢ଼େଇ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏକଦା ମଣିଷ ସମାଜର ଏକ ଉତ୍ତମ ବନ୍ଧୁ ରହି ଆସିଥିବା ହାତୀ ବର୍ତ୍ତମାନ ଶତ୍ରୁ ପାଲଟିଯାଇଛି। କେତେବେଳେ ହାତୀ ଆକ୍ରମଣରେ ମଣିଷ ଜୀବନ ଯାଉଛି ତ କ୍ଷତିଗ୍ରସ୍ତ ହେଉଛି ଗରିବ ଚାଷୀର ଭାତ ହାଣ୍ଡି। ଓଡ଼ିଆ ସଂସ୍କୃତି ପରମ୍ପରାରେ ହାତୀର ସ୍ଥାନ ସ୍ୱତନ୍ତ୍ର। ହାତୀକୁ ଓଡ଼ିଆରେ 'ଗଜ' ବା 'ଗଜରାଜ' ବୋଲି କୁହନ୍ତି। କୋଟି କୋଟି ଓଡ଼ିଆଙ୍କ ଆରାଧ୍ୟ ଠାକୁର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ସ୍ନାନପୂର୍ଣ୍ଣିମା ଅବସରରେ ହାତୀ ବା ଗଜ ବେଶ ହୋଇଥାଏ। ଓଡ଼ିଶାର ପ୍ରମୁଖ ପର୍ବ ରଜରେ ଗାଁରୁ ସହର ସବୁଠି ଝିଅମାନେ ଦୋଳିରେ ଝୁଲି ଗୀତ ଗାଇଥାନ୍ତି "ବନସ୍ତେ ଡାକିଲା ଗଜ"। ଦିନ ଥିଲା ଓଡ଼ିଶାକୁ ହାତୀଙ୍କ ଭୂସ୍ୱର୍ଗ କୁହାଯାଉଥିଲା। ଏବେ କିନ୍ତୁ ଏହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ରାଜ୍ୟରେ ହାତୀ ବଂଶ ବୃଦ୍ଧି ପାଉଥିଲେ ମଧ୍ୟ ମୃତ୍ୟୁ ସଂଖ୍ୟାକୁ ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। କେତେବେଳେ ଟ୍ରେନ୍ ଚକ ତଳେ ତ କେତେବେଳେ ବିଦ୍ୟୁତ୍ ତାର ତଳେ ତ ଆଉ କେତେବେଳେ ଦାନ୍ତ ପାଇଁ ଏମାନଙ୍କ ଜୀବନ ଅକାଳରେ ଚାଲିଯାଉଛି। ତେବେ ଆଗକୁ ହାତୀ ବଂଶ କିପରି ବୃଦ୍ଧି ପାଇବ, ସେଦିଗରେ ଧ୍ୟାନ ଦେବା ଆବଶ୍ୟକ ବୋଲି ଅନେକ ପ୍ରାଣୀ ଗବେଷକ ମତ ଦିଅନ୍ତି। ବିଶ୍ୱ ହସ୍ତୀ ଦିବସ ଅବସରରେ ଭୁବନେଶ୍ୱରସ୍ଥିତ ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ହାତୀମାନଙ୍କୁ ପୂଜାର୍ଚ୍ଚନା କରାଯାଇ ଭଲ ଭଲ ସ୍ୱାଦିଷ୍ଟ ଖାଦ୍ୟ ଦିଆଯିବା ସହ ହାତୀ ସୁରକ୍ଷା ନେଇ ଛାତ୍ରଛାତ୍ରୀମାନଙ୍କ ପାଇଁ କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଏ।

## ଆଜିର ଇତିହାସ

- ୧୯୦୮ - ହେନେରି ଫୋର୍ଡ କମ୍ପାନି ପ୍ରଥମ କାର ମଡେଲ ତିଆରି କଲା।
- ୧୯୦୯ - ସତ୍ୟବାଦୀ ବନ ବିଦ୍ୟାଳୟ ପ୍ରତିଷ୍ଠା ଦିବସ।
- ୧୯୧୯: ପ୍ରସିଦ୍ଧ ମହାକାଶ ବିଜ୍ଞାନୀ ତଥା ଇସ୍ରୋର ପ୍ରତିଷ୍ଠାତା ବିକ୍ରମ ସାରାଭାଇଙ୍କ ଜନ୍ମ।
- ୧୯୭୧- ସାଲେପୁର ମିଠାର ଜନକ ବିକଳାନନ୍ଦ କରଙ୍କ ଦେହାନ୍ତ।
- ୨୦୧୨- ଓଡ଼ିଆ ଲୋକନୃତ୍ୟ ଶିଳ୍ପୀ ପଦ୍ମଶ୍ରୀ ଭଗବାନ ସାହୁଙ୍କ ବିୟୋଗ।

# 'ରାମାୟଣ'ରେ ସବୁ କଳାକାର ପିନ୍ଧିଛନ୍ତି ସୁନାର ଆଭୂଷଣ-ଇନ୍ଦିରା



ଚଳିତବର୍ଷ ଯେଉଁ ଫିଲ୍ମକୁ ନେଇ ସବୁଠୁ ଅଧିକ ଚର୍ଚ୍ଚା ହେଉଛି, ତାହା ହେଉଛି ନୀତେଶ ତିୱାରିଙ୍କ 'ରାମାୟଣ'। ଏହା ବଲିଉଡ୍ ଇତିହାସରେ ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ ହେବାକୁ ଯାଉଛି। ଏଥିରେ ପ୍ରଭୁ ଶ୍ରୀରାମଙ୍କ ଭୂମିକାରେ ରଣବୀର କପୁର, ମାତା ସୀତା ଭୂମିକାରେ ସାଇ ପଲ୍ଲବୀ ଓ ରାବଣ ଭୂମିକାରେ ୟଶ୍ ନଜର ଆସିବେ। କିଛି ଦିନ ପୂର୍ବରୁ ଏହାର ଟିଜର୍ ଜାରି କରାଯାଇଥିଲା। ଟିଜର୍‌ରେ ରାମ ଭୂମିକାରେ ରଣବୀର ଓ ରାବଣ ଭୂମିକାରେ ୟଶ୍‌ଙ୍କ ଝଲକ ଦେଖିବାକୁ ମିଳିଥିଲା। ଏଥିରେ ଟେଲିଭିଜନ ଜଗତର ଲୋକପ୍ରିୟ ଅଭିନେତ୍ରୀ ଇନ୍ଦିରା କୃଷ୍ଣନ୍ ନଜର ଆସିବେ। ସେ 'ରାମାୟଣ'ରେ ମାତା କୌଶଲ୍ୟାଙ୍କ ଭୂମିକାରେ ଦେଖାଯିବେ। ନିକଟରେ ଇନ୍ଦିରା ଏହି ଫିଲ୍ମକୁ ନେଇ ଆଲୋଚନା କରିଥିଲେ। ଇନ୍ଦିରା କହିଥିଲେ ଯେ, 'ରିମ୍ପଲ ଓ ହରପ୍ରୀତ 'ରାମାୟଣ'ର ଅଧିକାଂଶ କଳାକାରଙ୍କ ପୋଷାକ ଡିଜାଇନ୍ କରିଛନ୍ତି। ପ୍ରତିଟି ପୋଷାକ ପରସ୍ପରଠାରୁ ପୂରାପୂରି ଅଲଗା ହୋଇଛି। ପ୍ରତ୍ୟେକ ଜୁଏଲାରୀ ଓ ପୋଷାକଗୁଡ଼ିକ ବେଶ୍ ସୁନ୍ଦର ହୋଇଛି। ଫିଲ୍ମ ପାଇଁ ସୁନାର ଅଳଙ୍କାରମାନ ତିଆରି କରାଯାଇଛି। ସବୁ କଳାକାରଙ୍କୁ ଅସଲି ସୁନାର ଅଳଙ୍କାର ପିନ୍ଧାଯାଇଛି। ସବୁଠୁ ବଡ଼ କଥା ହେଉଛି, ଏହି ଅଳଙ୍କାର ଓ ପୋଷାକଗୁଡ଼ିକ ପିନ୍ଧାଯାଇ ପ୍ରଥମେ କଳାକାରମାନଙ୍କ ସ୍କ୍ରିନ୍ ଟେଷ୍ଟ ନିଆଯାଏ, ସେ କିପରି ଦେଖାଯାଉଛନ୍ତି।' ଇନ୍ଦିରା କୃଷ୍ଣନ୍ ଏହାପୂର୍ବରୁ ରଣବୀରଙ୍କ ସହ 'ଆନିମଲ' ଫିଲ୍ମରେ ନଜର ଆସିଥିଲେ।

# ୧୩ ବର୍ଷ ପର୍ଯ୍ୟନ୍ତ ବନ୍ଦ ହେଇନି ଦୋକାନ ଲାଇଟ୍

ସାଧାରଣତଃ ରାତି ହେଉ କି ଦିନ ଦୋକାନ ବନ୍ଦ କରିବା ବେଳେ ଲାଇଟ୍, ଫ୍ୟାନ୍, ଏସି ଆଦି ବନ୍ଦ କରିବା ସାଧାରଣ କଥା। ହେଲେ ଚୀନ୍‌ରେ ଏମିତି ଏକ ଦୋକାନ ଅଛି, ଯାହାର ଲାଇଟ୍ ରାତି ତମାମ ଜଳେ। ଏପରିକି ୧୩ ବର୍ଷ ଧରି ଏହି ଦୋକାନର ଲାଇଟ୍ ରାତିଯାକ ସେମିତି ଜଳୁଛି। ଚୀନ୍‌ର ହୁନାନ ଅଞ୍ଚଳରେ ଏକ ଛୋଟିଆ ତେଜରାତି ଦୋକାନ ଅଛି। ୭୦ ବର୍ଷୀୟା ସନ୍ ମିହୁଆ ଏହି ଦୋକାନଟିକୁ ଚଳାଇଥାନ୍ତି। ୧୩ ବର୍ଷ ହେଲାଣି ସେ ଏହି ଦୋକାନର ଲାଇଟ୍ କେବେ ବି ବନ୍ଦ କରି ନ ଥିବା କହିଛନ୍ତି। ତେବେ ବ୍ୟବସାୟ କରିବା ଉଦ୍ଦେଶ୍ୟରେ ଏହାକୁ ସେ ଜଳାନ୍ତି, ତାହା ନୁହେଁ। ଏହା ମାଧ୍ୟମରେ ମହିଳା ତଥା ସ୍ଥାନୀୟ ଲୋକଙ୍କୁ ସେ ସୁରକ୍ଷିତ ଅନୁଭବ କରାନ୍ତି। ବିଶେଷକରି ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ କାମ କରି ଘରକୁ ଫେରୁଥିବା ଯୁବତୀଙ୍କୁ ସୁରକ୍ଷିତ ଭାବେ ଘରେ ପହଞ୍ଚାଇବା ଲାଗି ଏହା ତାଙ୍କର ଏକ ପ୍ରକାର ପ୍ରୟାସ। ୨୦୧୨ ମସିହାରେ ସନ୍ ଏହି ଦୋକାନ ଖୋଲିଥିଲେ। ସେତେବେଳେ କିଛି ଯୁବତୀ ତାଙ୍କ ଦୋକାନ ବାହାରେ ଜଳୁଥିବା ଲାଇଟ୍ ଯୋଗୁଁ ସେମାନେ ନିଜକୁ ସୁରକ୍ଷିତ ଭାବୁଥିବା କଥା ସନ୍‌ଙ୍କୁ କହିଥିଲେ। ସେବେଠୁ ସେ ଏହି ଲାଇଟ୍ ବନ୍ଦ କରି ନାହାନ୍ତି। ଅନ୍ୟପଟେ ତାଙ୍କର ଏହି କାର୍ଯ୍ୟ ତାଙ୍କୁ 'ଷ୍ଟ୍ରିଟ୍ ଲାଇଟ୍ ଆଣ୍ଟି'ର ପରିଚୟ ପ୍ରଦାନ କରିଛି। କେବଳ ସେତିକି ନୁହେଁ, ସେ ତାଙ୍କ ଦୋକାନ ବନ୍ଦ କରିବା ସମୟ ରାତି ୨ଟାକୁ ପରିବର୍ତ୍ତନ କରିଦେଇଛନ୍ତି। ଏହାବାଦ୍ ଯେଉଁ ଝିଅମାନେ ବିଳମ୍ବରେ କାର୍ଯ୍ୟରୁ ଫେରିବା ଯୋଗୁଁ ରାସ୍ତାରେ ଯିବାକୁ ଡରୁଥାନ୍ତି ସେ ସେମାନଙ୍କ ସହ ଯାଇଥାନ୍ତି। ସେହିପରି ସନ୍ ତାଙ୍କ ଘରେ ଥିବା ଲ୍ୟାଣ୍ଡଫୋନ୍‌ଟିକୁ ଦୋକାନରେ ରଖିଛନ୍ତି। ଅନେକ ବୟସ୍କ ବ୍ୟକ୍ତି ଯେଉଁମାନେ ମୋବାଇଲ ବ୍ୟବହାର କରି ନ ଥାନ୍ତି ଏବଂ ଯେଉଁ ପିଲାମାନେ ଫୋନ୍ ଆଣି ନ ଥାନ୍ତି, ସେ ସେମାନଙ୍କୁ ମାଗଣାରେ ଫୋନ୍‌ରେ କଥାବାର୍ତ୍ତା କରିବାର ସୁଯୋଗ ଦେଇଥାନ୍ତି। ସନ୍‌ଙ୍କ ପଡ଼ୋଶୀମାନେ ବି ତାଙ୍କୁ ଖୁବ୍ ବିଶ୍ୱାସ କରନ୍ତି। ସେମାନେ କୁଆଡ଼େ ଗଲେ ଘରର ଚାବିଗୁଡ଼ିକୁ ସନ୍‌ଙ୍କୁ ଦେଇଯାନ୍ତି। ସନ୍ ଏବଂ ତାଙ୍କ ସ୍ୱାମୀ ୨୦ ବର୍ଷ ହେବ ଏହି ଅଞ୍ଚଳରେ ରହି ଆସୁଛନ୍ତି। ଦିନେ ସନ୍ ଅସୁବିଧାରେ ଥିବାବେଳେ ସ୍ଥାନୀୟ ଲୋକମାନେ ତାଙ୍କୁ ସାହାଯ୍ୟ କରିଥିଲେ, ଯାହାକୁ ଏବେ ସେ ତାଙ୍କର ଏହି କାର୍ଯ୍ୟ ମାଧ୍ୟମରେ ସୁଝାଉଥିବା କୁହନ୍ତି। ଅନ୍ୟପଟେ ସନ୍‌ଙ୍କର ଏହି କାର୍ଯ୍ୟକୁ ଲୋକେ ଖୁବ୍ ପ୍ରଶଂସା କରୁଛନ୍ତି।



# ମଶା କାମୁଡ଼ିଲେ ମରିଯିବେ



ଏଣିକି ମଶା କାମୁଡ଼ିଲେ ଆପେ ଆପେ ମରିଯିବେ। ଏକଥା ଏକ ନୂତନ ଗବେଷଣାରୁ ଜଣାପଡ଼ିଛି। କେନିଆ ଏବଂ ମୋଜାମ୍ବିକ ଭଳି ଆଫ୍ରିକୀୟ ଦେଶରେ ଏକ ଗବେଷଣା କରାଯାଇଥିଲା। ଏଠାରେ ଆଇଭରମେକ୍‌ଟିନ୍ ନାମକ ଔଷଧ ଯୋଗୁଁ ମ୍ୟାଲେରିଆ ମାମଲା ୨୬ ପ୍ରତିଶତ ହ୍ରାସ ପାଇଥିବା ଜଣାପଡ଼ିଛି। ଏହି ଔଷଧ ଯଦିଓ ମଣିଷକୁ କ୍ଷତି ପହଞ୍ଚାଇ ନ ଥାଏ, ତଥାପି ମଶା କାମୁଡ଼ିଲେ ସେମାନେ ଆପେ ଆପେ ମରିଯାଆନ୍ତି। ଏହି ଗବେଷଣା ବାର୍ସିଲୋନା ଇନଷ୍ଟିଚ୍ୟୁଟ୍ ଫର୍ ଗ୍ଲୋବାଲ ହେଲଥ୍ ନେତୃତ୍ୱରେ କରାଯାଇଥିଲା। ଏହି ଔଷଧ ଯେତେବେଳେ ଜଣକୁ ଦିଆଯାଏ, ସମ୍ପୃକ୍ତ ବ୍ୟକ୍ତିଙ୍କୁ ମଶା କାମୁଡ଼ିଲେ, ତୁରନ୍ତ ମରିଯାଏ। ତେବେ ଉକ୍ତ ଔଷଧର ମାସିକ ଡୋଜର ପ୍ରଭାବ କିଛି ଦିନ ପର୍ଯ୍ୟନ୍ତ ରହିଥାଏ। କେନିଆରେ ପାଞ୍ଚରୁ ୧୫ ବର୍ଷ ବୟସର ପିଲା ଏବଂ ମୋଜାମ୍ବିକରେ ୫ ବର୍ଷରୁ କମ୍ ବୟସ୍କ ପିଲାଙ୍କୁ ତିନି ମାସ ପର୍ଯ୍ୟନ୍ତ ଏହାର ଡୋଜ୍ ଦିଆଯାଇଥିଲା। ଔଷଧ ଖାଇଥିବା କେନିଆ ପିଲାଙ୍କଠାରେ ମ୍ୟାଲେରିଆ ମାମଲା ୨୬ ପ୍ରତିଶତ ହ୍ରାସ ପାଇଥିଲା। ସେହିପରି ଏହି ଗବେଷଣାରେ ୨୦ ହଜାରରୁ ଅଧିକ ପିଲା ସାମିଲ ଥିଲେ ଏବଂ ଏଥିରେ ୫୬ ହଜାରରୁ ଅଧିକ ଡୋଜ ସାମିଲ ଥିଲା। ଅନ୍ୟପକ୍ଷରେ ଏହି ଔଷଧକୁ ଅନେକ ଦେଶ ସେମାନଙ୍କ ମ୍ୟାଲେରିଆ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ଚେଷ୍ଟା ଚଳାଇଛନ୍ତି।

# ଡାଏଟିଂର ନୂଆ ଧାରା 'ଫାଇବର ମ୍ୟାକ୍ସିଂ'



ଆଜିକାଲି ଡାଏଟିଂକୁ ନେଇ ନୂଆ ନୂଆ ଧାରା ସାମ୍ନାକୁ ଆସୁଛି। ଏହି କ୍ରମରେ ଏବେ ଫାଇବରମ୍ୟାକ୍ସିଂ ଚର୍ଚ୍ଚାରେ ଅଛି। ତେବେ ଏହା ହେଉଛି ଏକ ନୂଆ ସୋସିଆଲ ମିଡିଆ ହେଲଥ୍ ଟ୍ରେଣ୍ଡ। ଏହା ବିଶେଷକରି ଟିକ୍‌ଟକ୍ ଏବଂ ଇନଷ୍ଟାଗ୍ରାମ୍‌ରେ ଭାଇରାଲ ହୋଇଛି। ଏଥିରେ ଲୋକେ ପ୍ରତିଦିନ ଖାଉଥିବା ଖାଦ୍ୟରେ ଫାଇବରର ମାତ୍ରାକୁ ବଢ଼ାଇ ଥାନ୍ତି। ଏହା ଡାକ୍ତର କହୁଥିବା ୨୫-୩୦ ଗ୍ରାମ୍ ମାତ୍ରାରୁ ଅଧିକ ହୋଇଥାଏ। ଏହି ଡାଏଟ୍‌ର ଉଦ୍ଦେଶ୍ୟ ହେଉଛି ଅଧିକରୁ ଅଧିକ ଫଳ, ପନିପରିବା, ନଟ୍ସ ଆଦି ଫାଇବରଯୁକ୍ତ ଖାଇବା। ନଚେତ୍ ସପ୍ଲିମେଣ୍ଟସ୍ ମାଧ୍ୟମରେ ଅଧିକ ଫାଇବର ଗ୍ରହଣ କରିବା। ତେବେ ଇନ୍‌ଷ୍ଟା, ଟିକ୍‌ଟକ୍‌ରେ ହାଇ ଫାଇବର ରେସିପିଗୁଡ଼ିକ (ଚିୟା ପୁଡିଂ, ଓଟସ୍ ବାଉଲ୍) ଅଧିକ ସେୟାର୍ କରାଯିବାରୁ ଏହି ଟ୍ରେଣ୍ଡ ଅଧିକ ଲୋକପ୍ରିୟ ହୋଇଛି। ତେବେ ଏଭଳି ଖାଦ୍ୟଗୁଡ଼ିକ ଶୀଘ୍ର ହଜମ ହୋଇ ଯାଉଥିବାରୁ କୋଷ୍ଠକାଠିନ୍ୟ ସମସ୍ୟା ରୁହେ ନାହିଁ। ଫାଇବର ଅଧିକ ମାତ୍ରାରେ ଗ୍ରହଣ କରିବା ଦ୍ୱାରା ଫୁଲନେସ୍ ହର୍ମୋନ ସକ୍ରିୟ ହୋଇଯାଏ। ଏହାଦ୍ୱାରା ଭୋକ କମ୍ ଲାଗେ। ତା'ସହ ଓଜନକୁ ନିୟନ୍ତ୍ରଣରେ ରଖିବା ସହଜ ହୁଏ। ଏହା ମଧୁମେହ ଓ ହୃଦ୍‌ରୋଗୀଙ୍କ ପାଇଁ ମଧ୍ୟ ଲାଭକାରୀ। ଏହାବାଦ୍ ଅନେକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ହାଇ ଫାଇବର ଡାଏଟ୍ ଦ୍ୱାରା ହୃଦ୍‌ରୋଗ, ଷ୍ଟ୍ରୋକ, କୋଲନ କ୍ୟାନସର ଏବଂ ଟାଇପ୍ ୨ ଡାଏବେଟିସ୍ ହେବା ଆଶଙ୍କା ୧୬-୩୦ ପ୍ରତିଶତ ହ୍ରାସ ପାଏ। ଅନ୍ୟପକ୍ଷରେ ଫାଇବର ମାତ୍ରା ଅଚାନକ ବଢ଼ାଇ ଦେବା ଦ୍ୱାରା ପେଟ ଫୁଲିବା, ଗ୍ୟାସ୍, ଡାଇରିଆ, କୋଷ୍ଠକାଠିନ୍ୟ ଭଳି ସମସ୍ୟା ଦେଖାଯାଇପାରେ। ଅନ୍ୟପକ୍ଷରେ କେବଳ ଫାଇବର ଉପରେ ଦୃଷ୍ଟି ଦେଲେ ଶରୀରରେ ପ୍ରୋଟିନ, ହେଲଦି ଫ୍ୟାଟ୍, ଆଇରନ ଏବଂ ନ୍ୟୁଟ୍ରିଏଣ୍ଟର ଅଭାବ ଦେଖା ଦେଇପାରେ।

## ଆଜିର ରାଶିଫଳ

**ମେଷ:** କୋର୍ଟକଚେରୀ ମାମଲାରୁ ଆଶ୍ୱସ୍ତି ମିଳିପାରେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତଯୋଗ ରହିଛି। ମହିଳାମାନେ ଆଳସ୍ୟତା ଅନୁଭବ କରିବେ। ନୂତନ ନିବେଶରୁ କ୍ଷତିଗ୍ରସ୍ତ ହୋଇପାରନ୍ତି।

**ବୃଷ:** ବିଭିନ୍ନ କାର୍ଯ୍ୟରୁ ସଫଳତା ମିଳିବ। କର୍ମକ୍ଷେତ୍ରରେ ଦକ୍ଷତା ପ୍ରମାଣିତ ହେବ। ପରିବାରର ସହାୟତା ପାଇବେ। ପ୍ରେମିକପ୍ରେମିକାଙ୍କ ପାଇଁ ଦିନଟି ଏତେ ଭଲ ନୁହେଁ।

**ମିଥୁନ:** କୌଣସି ଜରୁରି କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ଦାମ୍ପତ୍ୟ ଜୀବନରେ ସମନ୍ୱୟ ରହିବ। ଜୀବନରେ ଆଗକୁ ବଢ଼ିବା ପାଇଁ ସୁଯୋଗ ପାଇବେ। ସନ୍ତାନଙ୍କ ସହ ମୂଲ୍ୟବାନ ସମୟ କଟାଇବେ।

**କର୍କଟ:** ପରିବାର ସମ୍ବନ୍ଧରେ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ। ଆର୍ଥିକ ଉନ୍ନତି ପାଇଁ ନୂଆ ଉପାୟ ମିଳିବ। ଲଗାତାର ଚେଷ୍ଟା କରି ସଫଳତା ପାଇବେ। ପଡୋଶୀଙ୍କ ସହ ଭୁଲ୍‌ବୁଝାମଣା ହୋଇପାରେ।

**ସିଂହ:** ଗୁରୁଜନଙ୍କ ପରାମର୍ଶ ନେଇ କାମ ଆରମ୍ଭ କରିବେ। ବ୍ୟବସାୟରେ ସଫଳତା ପାଇବେ। ଦୂରଯାତ୍ରା ପାଇଁ ସୁଯୋଗ ରହିଛି। ପିଲାମାନେ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

**କନ୍ୟା:** କ୍ୟାରିୟର ପାଇଁ ନୂତନ ଦିଗ ପାଇବେ। କାର୍ଯ୍ୟକ୍ଷେତ୍ରରେ ମାନସମ୍ମାନ ବୃଦ୍ଧି ପାଇବ। ପ୍ରେମ ଓ ଦାମ୍ପତ୍ୟ ଜୀବନ ମଧୁର ରହିବ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି।

**ତୁଳା:** କୌଣସି କାର୍ଯ୍ୟରେ ସଫଳତା ନପାଇ ନିରାଶ ରହିପାରନ୍ତି। ସୃଜନଶୀଳ କଳା ପ୍ରତି ଆଗ୍ରହ ବୃଦ୍ଧି ପାଇବ। ମହିଳାମାନେ ଉଚିତ ନିଷ୍ପତ୍ତି ଗ୍ରହଣ କରିପାରିବେ। ନୂତନ ଜମିକ୍ରୟ କରିପାରନ୍ତି।

**ବିଛା:** ଅଟକି ରହିଥିବା କାର୍ଯ୍ୟ ପୂର୍ଣ୍ଣ ହେବ। କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟରେ ଅବନତି ଦେଖାଦେଇପାରେ। ମାନସିକ ଅବସାଦ ବଢ଼ିବ। ପରୀକ୍ଷାର୍ଥୀଙ୍କ ପାଇଁ ଦିନଟି ବହୁତ ଭଲ।

**ଧନୁ:** ପାରିବାରିକ ସମ୍ପର୍କ ମଜଭୁତ ହେବ। ଆର୍ଥିକ ଲାଭ ପାଇବାର କିଛି ସୁଯୋଗ ପାଇବେ। ଜୀବନସାଥୀଙ୍କ ପରାମର୍ଶକ୍ରମେ କାର୍ଯ୍ୟ କରିବେ। ଗୁରୁଜନଙ୍କ ଆଶୀର୍ବାଦ ନେଇ ଆଗକୁ ବଢ଼ିବ।

**ମକର:** ପରିବାର ସହିତ ଆନନ୍ଦଭରା ସମୟକୁ ଅତିବାହିତ କରିବେ। ମହିଳାମାନେ ସ୍ୱାଭିମାନୀ ହୋଇ କାର୍ଯ୍ୟ କରିବେ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**କୁମ୍ଭ:** କର୍ମସ୍ଥଳୀରେ କିଛି ନୂତନ କାର୍ଯ୍ୟ କରି ପ୍ରଶଂସାର ପାତ୍ର ହେବେ। ସୁଯୋଗର ସଠିକ୍ ଉପଯୋଗ କରିବେ। ଦୀର୍ଘ ଦିନର ଆଶା ପୂରଣ ହୋଇପାରେ। ଉଧାର ଟଙ୍କା ଫେରିପାଇବେ।

**ମୀନ:** ସ୍ୱଭାବରେ ପରିବର୍ତ୍ତନ ଆଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। କୋର୍ଟ କଚେରୀ ମାମଲାରୁ ବିଜୟୀ ହେବେ। ଉଧାର ଟଙ୍କା ଫେରି ପାଇବେ।

■ ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

## ଅବସରପ୍ରାପ୍ତ ଆଇଏଫଏସ୍ ଅଧିକାରୀଙ୍କୁ ୨ ବର୍ଷ ଜେଲ୍

କଟକ,୧୧।୮ (ସମିସ): ଅବସରପ୍ରାପ୍ତ ଆଇଏଫଏସ ଅଧିକାରୀ ଅମରେଶ କୁମାର ଜୟସ୍ୱାଲଙ୍କୁ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ରୁଜୁ ମାମଲାରେ ଆଜି କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ଭିଜିଲାନ୍ସ ଅଦାଲତ ତାଙ୍କୁ ଦୁର୍ନୀତି ନିବାରଣ ଆଇନ ୧୯୮୮ ଧାରା୧୩(୨) ଆର /୧୩(୧)ଇ ଅନୁସାରେ ୨ବର୍ଷ ଜେଲଦଣ୍ଡ ଓ ୫୦ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ପ୍ରକାଶଥାଉକି ଶ୍ରୀ ଜୟସ୍ୱାଲ ସମ୍ବଲପୁର ଡିଏଫଓ ଭାବେ କାର୍ଯ୍ୟ କରୁଥିବା ବେଳେ ଗତ ୨୦୦୨ ମସିହାରେ ଆୟବହିର୍ଭୁତ ସମ୍ପତ୍ତି ଠୁଳ ନେଇ ତାଙ୍କ ବିରୋଧରେ ଭିଜିଲାନ୍ସ ଏକ ମାମଲା ରୁଜୁ କରିଥିଲା। ଏହି ମାମଲାରେ ଭିଜିଲାନ୍ସ ପକ୍ଷରୁ ଚାର୍ଜସିଟ ମଧ୍ୟ ଦାଖଲ ହୋଇଥିଲା। ଗତ ୨୦୨୧ଜୁନରେ ସେ ପିସିସିଏଫଙ୍କ କାର୍ଯ୍ୟାଳୟରୁ ବନ ସଂରକ୍ଷକ ଭାବେ ଅବସର ଗ୍ରହଣ କରିଥିଲେ।

ସମ୍ବଲପୁର ଭିଜିଲାନ୍ସ ଡିଭିଜନର ପ୍ରାକ୍ତନ ଡିଏସପି ସ୍ୱରୂପ କୁମାର ପରିଡା ଏହି ମାମଲାର ତଦନ୍ତ କରିଥିଲେ। ପ୍ରଜିକ୍ୟୁସନ ପକ୍ଷରୁ ଭିଜିଲାନ୍ସର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାକେଶ କୁମାର ସାହୁ ଓ ଜ୍ୟୋତିପ୍ରକାଶ ମହାପାତ୍ର ମାମଲା ପରିଚାଳନା କରୁଥିଲେ। ଏହି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବାରୁ ସମ୍ପୃକ୍ତ ଅବସରପ୍ରାପ୍ତ ଅଧିକାରୀଙ୍କ ପେନସନ ବନ୍ଦ କରିବା ନିମନ୍ତେ ପାଇଁ ଭିଜିଲାନ୍ସ ପକ୍ଷରୁ ସରକାରଙ୍କୁ ଆବେଦନ କରାଯିବ ବୋଲି କୁହାଯାଇଛି।

ଭୋଟ ତାରତମ୍ୟ

## ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବ ବିଜେଡି

ଭୁବନେଶ୍ୱର,୧୧।୮ (ସମିସ): ନିର୍ବାଚନ ସ୍ୱଚ୍ଛତା ପ୍ରତିପାଦନ କରିବାରେ ନିର୍ବାଚନ କମିସନ ବିଫଳ ହୋଇଛନ୍ତି। ୮ ମାସ ତଳେ ବିଜୁ ଜନତା ଦଳ ପକ୍ଷରୁ ଗତ ନିର୍ବାଚନରେ ପରିଲକ୍ଷିତ ଭୋଟ ଅସଙ୍ଗତିକୁ ନେଇ ନିର୍ବାଚନ କମିସନରଙ୍କ ନିକଟରେ ତଥ୍ୟ ପ୍ରଦାନ କରାଯାଇ ଉତ୍ତର ମଗାଯାଇଥିଲା। ମାତ୍ର ଏଯାଏଁ ଏନେଇ କୌଣସି ସନ୍ତୋଷଜନକ ଉତ୍ତର ମିଳିନାହିଁ। ତେଣୁ ଏହି ମାମଲାକୁ ନେଇ ଦଳ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବ। ଆବଶ୍ୟକ ପଡ଼ିଲେ ଦଳ ସୁପ୍ରିମକୋର୍ଟ ମଧ୍ୟ ଯିବ। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି ପୂର୍ବତନ ରାଜ୍ୟସଭା ସାଂସଦ ତଥା ଦଳର ମୁଖପାତ୍ର ଅମର ପଟ୍ଟନାୟକ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ ଓ ବିଧାୟକ ଧ୍ରୁବ ଚରଣ ସାହୁ।

ଶ୍ରୀ ଅମର ପଟ୍ଟନାୟକ କହିଥିଲେ ଯେ ଗତ ନିର୍ବାଚନରେ ଭୋଟ ଶେଷ ହେବା ପରେ ନିର୍ବାଚନ କମିସନରଙ୍କ ଦ୍ୱାରା ଦିଆଯାଇଥିବା ତଥ୍ୟକୁ ଅନୁଶୀଳନ କରିବା ପରେ ଅନେକ ତାରତମ୍ୟ ପରିଲକ୍ଷିତ ହୋଇଥିଲା। ଗୋଟିଏ ଦାୟିତ୍ୱସମ୍ପନ୍ନ ରାଜନୈତିକ ଦଳ ଭାବରେ ବିଜେଡି ପକ୍ଷରୁ ନିର୍ବାଚନ କମିସନରଙ୍କୁ ଏହି ତାରତମ୍ୟ ସମ୍ପର୍କରେ ପ୍ରଶ୍ନ କରାଯାଇଥିଲା। ପ୍ରଥମରେ ରାଜ୍ୟର ସମସ୍ତ ସଂସଦୀୟ କ୍ଷେତ୍ରରେ ଇଭିଏମରେ ପଡ଼ିଥିବା ଭୋଟ ସଂଖ୍ୟା ଅପେକ୍ଷା ଗଣତି ହୋଇଥିବା ଭୋଟ ସଂଖ୍ୟା ଅଧିକ ଥିଲା। ଦ୍ୱିତୀୟରେ ସଂସଦ କ୍ଷେତ୍ରର ଭୋଟ ସଂଖ୍ୟା ଅପେକ୍ଷା ଏହା ମଧ୍ୟରେ ଆସୁଥିବା ବିଧାନସଭାର ସମୁଦାୟ ଭୋଟ ସଂଖ୍ୟା ମଧ୍ୟରେ ଉଲ୍ଲେଖନୀୟ ତାରତମ୍ୟ ରହିଥିଲା। ତୃତୀୟରେ ନିର୍ବାଚନ ସମୟ ଶେଷ ହୋଇଯିବା ପରେ ଭୋଟ ପଡିବା ସଂଖ୍ୟା ପ୍ରାୟ ୭ ପ୍ରତିଶତରୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ରହିଥିଲା। ୫୦ ପ୍ରତିଶତ ବିଧାନସଭା ଆସନରେ ଏହି ତାରତମ୍ୟ ୧୫ରୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ରହିଥିଲା। ୨୦୨୪ ମସିହା ଡିସେମ୍ବର



■ ନିର୍ବାଚନରେ ସ୍ୱଚ୍ଛତା ପ୍ରତିପାଦନ କରିବାରେ କମିସନ ବିଫଳ
■ ଫର୍ମ ୧୭-ସି ପ୍ରଦାନ କରୁନାହାନ୍ତି କମିସନ, ସ୍ୱଚ୍ଛତାକୁ ନେଇ ପ୍ରଶ୍ନ
■ କଂଗ୍ରେସ ଏହି ପ୍ରସଙ୍ଗ ଉଠାଇବାର ବହୁ ପୂର୍ବରୁ ବିଜେଡି ଉଠାଇଥିଲା
■ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି ଯାଜପୁର ବିଜେଡି ସଂସଦୀୟ ପ୍ରାର୍ଥୀ

୧୯ ତାରିଖରେ ବିଜେଡି ପକ୍ଷରୁ ଏହି ସମ୍ବନ୍ଧରେ ଅଭିଯୋଗ ଦାଖଲ କରାଯାଇ ଏହାର ଉତ୍ତର ରଖିବାକୁ ଅନୁରୋଧ କରାଯାଇଥିଲା। ଏହାଛଡ଼ା ନିର୍ବାଚନ ପ୍ରକ୍ରିୟାକୁ ଅଧିକ ପାରଦର୍ଶିତା କରିବା ପାଇଁ, ଭୋଟର ଲିଷ୍ଟ ପ୍ରସ୍ତୁତିରୁ ଆରମ୍ଭ କରି ଭୋଟ ଗଣତି ଶେଷ ହେବା ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟାକୁ ଅଡିଟ୍ କରିବା ପାଇଁ ମଧ୍ୟ ଅନୁରୋଧ କରାଯାଇଥିଲା। ନିର୍ବାଚନ ପ୍ରକ୍ରିୟାର ଏପରି ଅଡିଟ୍ ବ୍ୟବସ୍ଥା ସମସ୍ତ ବିକଶିତ ରାଷ୍ଟ୍ରମାନଙ୍କରେ ରହିଛି। ସେହିପରି ଭିଭିପ୍ୟାଟ ବ୍ୟବସ୍ଥାରେ କେବଳ ୫ ପ୍ରତିଶତରେ ସୀମିତ ନ ରଖି ସମସ୍ତ ଭୋଟ ପାଇଁ ଲାଗୁ କରାଯାଉ ବୋଲି ଅନୁରୋଧ କରାଯାଇଥିଲା। ନିୟମ ଅନୁଯାୟୀ ନିର୍ବାଚନ ପରେ ଫର୍ମ ୧୭-ସି ନିର୍ବାଚନ କମିସନଙ୍କ ଦ୍ୱାରା ପ୍ରଦାନ କରାଯିବା କଥା। ମାତ୍ର ନିର୍ବାଚନ କମିସନ ତାହା ଦେଉନାହାନ୍ତି। ଯେହେତୁ କିଛି ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ଫଳାଫଳକୁ ନେଇ ଉଚ୍ଚନ୍ୟାୟାଳୟରେ ମାମଲା ଦାଖଲ ହୋଇଛି, ସେଥିପାଇଁ ଫର୍ମ ୧୭ ସି ପ୍ରଦାନ କରାଯାଇ ପାରିବ ନାହିଁ ବୋଲି ନିର୍ବାଚନ କମିସନଙ୍କ ଉତ୍ତର ସନ୍ତୋଷଜନକ ନୁହେଁ। ଓଡ଼ିଶାରେ ମାତ୍ର ୨୮ଟି ନିର୍ବାଚନ ମଣ୍ଡଳୀକୁ ନେଇ ମାମଲା ଚାଲିଛି। ଏହାକୁ ଛାଡି ଅନ୍ୟ ନିର୍ବାଚନ ମଣ୍ଡଳୀ ଗୁଡିକର ଫର୍ମ-୧୭ ସି ପ୍ରଦାନ କରିବା କଥା; କିନ୍ତୁ ନିର୍ବାଚନ କମିସନ ସେଗୁଡିକ ମଧ୍ୟ ପ୍ରଦାନ କରୁନାହାନ୍ତି। ଶ୍ରୀ ପଟ୍ଟନାୟକ ଆହୁରି ମଧ୍ୟ କହିଥିଲେ ଯେ ନିକଟରେ ରାହୁଲ ଗାନ୍ଧୀ ନିର୍ବାଚନରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇବା ପରେ ରାଜ୍ୟରେ କଂଗ୍ରେସ ମଧ୍ୟ ପ୍ରଶ୍ନ କରିଛି। କିନ୍ତୁ ଏହାର ବହୁ ପୂର୍ବରୁ ବିଜୁ ଜନତା ଦଳ ଏହି ପ୍ରସଙ୍ଗ ଉଠାଇଥିଲା। ବିଜେଡି ଦ୍ୱାରା ପୂର୍ବରୁ ଦାବି କରାଯାଇଥିବା ଅଡିଟ୍ ବ୍ୟବସ୍ଥାକୁ ମଧ୍ୟ ରାହୁଲ ଗାନ୍ଧୀ ଦୋହରାଇଛନ୍ତି। ନିର୍ବାଚନ ଫଳାଫଳକୁ ନେଇ ରାଜ୍ୟବାସୀଙ୍କ ମନରେ ନିର୍ବାଚନର ସ୍ୱଚ୍ଛତାକୁ ସୃଷ୍ଟି ହୋଇଥିବା ସନ୍ଦେହକୁ ଦୂର କରିବାରେ ନିର୍ବାଚନ କମିସନ ସକ୍ଷମ ହୋଇପାରି ନାହାନ୍ତି, ଯେଉଁଥିପାଇଁ ବିଜୁ ଜନତା ଦଳ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହେବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ।

ସେହିପରି ଶର୍ମିଷ୍ଠା ସେଠୀ କହିଥିଲେ ଯେ ନିର୍ବାଚନ ଫଳାଫଳ ପ୍ରକାଶ ପାଇବାର ପରଦିନ ମୁଁ ନିର୍ବାଚନ କମିସନଙ୍କୁ ଯାଜପୁର ସଂସଦ କ୍ଷେତ୍ରର ଫର୍ମ ୧୭-ସି ପାଇଁ ଆବେଦନ କରିଥିଲି। ଏହା ମୋତେ ପ୍ରଦାନ କରା ନ ଯିବାରୁ ମୁଁ ଭାରତର ନିର୍ବାଚନ କମିସନଙ୍କୁ ଚିଠି ଲେଖିଥିଲି। ମାତ୍ର ମୋତେ ସନ୍ତୋଷଜନକ ଉତ୍ତର ମିଳି ନଥିଲା। ଯାହାଫଳରେ ମୁଁ ବାଧ୍ୟହୋଇ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲି। ଏବେ ତାହା ବିଚାରାଧୀନ ରହିଛି ବୋଲି ସେ ସୂଚନା ଦେଇଛନ୍ତି।

ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ଘଟଣା

## ଜିତନ, ବିଜୟଙ୍କୁ କ୍ରାଇମବ୍ରାଞ୍ଚର ମାରାଥନ୍ ଜେରା

କଟକ, ୧୧।୮ (ସମିସ): ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ କ୍ରାଇମବ୍ରାଞ୍ଚ ଦୁଇ ଅଭିଯୁକ୍ତ ତଥା (ମାଧ୍ୟମିକ ଶିକ୍ଷା ପରିଷଦ)ବୋର୍ଡର ଡାଟାଏଣ୍ଟ୍ରି ଅପରେଟର୍ ଜିତନ ମହାରାଣା ଓ ଶିକ୍ଷକ ନେତା ବିଜୟ ମିଶ୍ରଙ୍କୁ ଦୁଇଦିନିଆ ରିମାଣ୍ଡରେ ନେଇ ଘନଘନ ଜେରା କରିଛି। ଉଭୟ ଅଭିଯୁକ୍ତଙ୍କୁ ଚୌଦ୍ୱାର ଜେଲରୁ କ୍ରାଇମବ୍ରାଞ୍ଚ ମୁଖ୍ୟାଳୟକୁ ନିଆଯିବା ପରେ ପୂର୍ବରୁ ପ୍ରସ୍ତୁତ ପ୍ରଶ୍ନାବଳୀ ଆଧାରରେ ପୃଥକ୍ ଜେରା କରାଯାଇଥିଲା। କ୍ରାଇମବ୍ରାଞ୍ଚର ୪ଜଣିଆ ଟିମ୍ ସେମାନଙ୍କୁ ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ଗୁଡ଼େଇତୁଡ଼େଇ ପ୍ରଶ୍ନ କରିଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ଗିରଫ ଭୟରେ ଉଭୟ ନିଜ ମୋବାଇଲରୁ ଅନେକ ତଥ୍ୟ ଡିଲିଟ୍ କରିଦେଇଥିଲେ। ହେଲେ କ୍ରାଇମବ୍ରାଞ୍ଚ ଉଭୟଙ୍କ ମୋବାଇଲକୁ ଜବତ କରି ଡିଲିଟ୍ ହୋଇଥିବା ସମସ୍ତ ତଥ୍ୟକୁ ରିକଭରି କରିବାରେ ସଫଳ ହୋଇଛି। ଆଜି ସ୍ପେସାଲ ଟିମ୍ ଏହି ତଥ୍ୟ ସମ୍ପର୍କରେ ସେମାନଙ୍କୁ ଜେରା କରିଛି।

ଏହି ଜେରାରୁ କ୍ରାଇମବ୍ରାଞ୍ଚକୁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା ଜଣାଯାଇଛି। ଏପରିକି, ଜିତନ ଓ ବିଜୟଙ୍କ ମଧ୍ୟରେ କେତେ ନଗଦ କାରବାର ଓ ଆକାଉଣ୍ଟ ମାଧ୍ୟମରେ କାରବାର ହୋଇଛି, ସେନେଇ ଘନଘନ ଜେରା କରାଯାଇଥିଲା। ପ୍ରଶ୍ନପତ୍ର ଲିକ୍ ଘଟଣାର ମୁଖ୍ୟ ସୂତ୍ରଧର ଜିତନଙ୍କ ଆକାଉଣ୍ଟକୁ ଶିକ୍ଷକ ସଂଘ ନେତା ବିଜୟ ମିଶ୍ରଙ୍କ ତରଫରୁ ଫୋନ-ପେ' ଜରିଆରେ ୨ ଲକ୍ଷ ୫୦ ହଜାର ଟଙ୍କା ଆସିଥିଲା ଓ ବିଜୟଙ୍କ ଆକାଉଣ୍ଟକୁ ଅନୁରୂପ ଆଉ ଜଣେ ଶିକ୍ଷକଙ୍କ ଠାରୁ ୯ ୯ ହଜାର ଟଙ୍କା ଆସିଥିଲା। ଏଣୁ ଉଭୟ ଏହି କେଳେଙ୍କାରୀ ଘଟଣାରେ ନଗଦ ଓ ଆକାଉଣ୍ଟ ଜରିଆରେ ଆହୁରି ଅଧିକ ଅର୍ଥ ଆଦାୟ କରିଥିବା ଜେରାରୁ କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି। ଉଭୟଙ୍କୁ ସେମାନଙ୍କ ବ୍ୟାଙ୍କ

■ ନଗଦ ଆକାରରେ ଆଦାୟ ହୋଇଛି ଲକ୍ଷ ଲକ୍ଷ ଟଙ୍କା !
■ ମୋବାଇଲରୁ ରିକଭରି ହେଲା ଡିଲିଟ୍ ତଥ୍ୟ
■ ଆଗକୁ ବଢ଼ିପାରେ ଗିରଫଦାରୀ ସଂଖ୍ୟା !

ଜମାଖାତା ବିବରଣୀ ଓ ଅନ୍ୟ ଦସ୍ତାବିଜ୍ ସହ କ୍ରାଇମବ୍ରାଞ୍ଚ ଟିମ ଅର୍ଥ କାରବାର ସମ୍ପର୍କରେ ତନାଘନା ଚଳାଇଛି। କୋରାପୁଟ, କଳାହାଣ୍ଡି, ରାୟଗଡ଼ା, କେନ୍ଦୁଝର ଆଦି କେତେକ ଜିଲ୍ଲାରେ ଆଶାୟୀ ପରୀକ୍ଷାର୍ଥୀ ତଥା ଶିକ୍ଷକମାନଙ୍କଠାରୁ ପ୍ରଶ୍ନପତ୍ର ବାବଦରେ ଲକ୍ଷଲକ୍ଷ ଟଙ୍କା ଆଦାୟ କରାଯାଇଥିବା ନେଇ ଅଭିଯୋଗ ଆସିଥିଲା। ଏସବୁ ଅର୍ଥ କାରବାରରେ ଉଭୟ ଅଭିଯୁକ୍ତଙ୍କ ସହ ଆଉ କିଏ ସମ୍ପୃକ୍ତ ରହିଛନ୍ତି, ସେନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ ପ୍ରଶ୍ନ କରାଯାଇଥିଲା। ଏହି ଘଟଣାରେ ଗିରଫ ହୋଇଥିବା ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ବୋର୍ଡର ଉପସଭାପତି ନୀହାର ରଞ୍ଜନ ମହାନ୍ତିଙ୍କ ସହିତ ଜିତନଙ୍କ ଆର୍ଥିକ କାରବାର ଘଟଣାର ମଧ୍ୟ ଖୋଳତାଡ଼ କରିଛି କ୍ରାଇମବ୍ରାଞ୍ଚ। ପରୀକ୍ଷା ପରିଚାଳନାରେ ଜିତନଙ୍କ କିଛି ଦାୟିତ୍ୱ ନଥିଲେ ମଧ୍ୟ ନୀହାରଙ୍କ ସହ ଅଫିସ ସମୟ ବାଦ୍ ୧୦୦ଥର ଫୋନରେ ବାର୍ତ୍ତାଳାପ ହୋଇଥିବା କ୍ରାଇମବ୍ରାଞ୍ଚ ପୂର୍ବରୁ ଜାଣିବାକୁ ପାଇଥିଲା। ଏ ସମ୍ପର୍କରେ ମଧ୍ୟ ଜିତନଙ୍କୁ କ୍ରାଇମବ୍ରାଞ୍ଚ ଟିମ ପ୍ରଶ୍ନ କରିଥିଲା। ପ୍ରଥମ ପର୍ଯ୍ୟାୟରେ ଆଜି ଜିତନ ଓ ବିଜୟଙ୍କୁ ପୃଥକ୍ ଜେରା କରାଯାଇଥିବା ବେଳେ ଆସନ୍ତାକାଲି ସେମାନଙ୍କୁ ସାମ୍ନାସାମ୍ନି ଜେରା କରାଯିବ ବୋଲି ଜଣାପଡ଼ିଛି।

ଅପରପକ୍ଷେ, ଆଗକୁ ଏହି ଘଟଣାରେ ଗିରଫ ହୋଇଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ମଧ୍ୟ ରିମାଣ୍ଡରେ ଆଣିବା ପାଇଁ କ୍ରାଇମବ୍ରାଞ୍ଚ ଯୋଜନା କରୁଥିବା ଜଣାପଡ଼ିଛି। ଏଥିସହ ଏହି ଘଟଣାରେ ସଂପୃକ୍ତ ଥିବା ଆଉ କିଛି ବୋର୍ଡ କର୍ମଚାରୀ ଓ ଶିକ୍ଷକଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି କ୍ରାଇମବ୍ରାଞ୍ଚର ଜଣେ ବରିଷ୍ଠ ଅଧିକାରୀ ଆଲୋଚନା ପ୍ରସଙ୍ଗରେ କହିଛନ୍ତି।

ସମ୍ବଲପୁର ରେଳମଣ୍ଡଳର ଅବହେଳା !

## ବିଦ୍ୟୁତ ଖୁଣ୍ଟ ପଡ଼ି ଚାଲିଗଲା ଛାତ୍ରଙ୍କ ଜୀବନ

ସମ୍ବଲପୁର,୧୧।୮ (ସମିସ): ସ୍କୁଲ ବନ୍ଦ ହେବାକୁ ମାତ୍ର ଆଉ ୧୫ ମିନିଟ ଥିଲା। ପରିସ୍ରା କରିବାକୁ କହି ସ୍କୁଲ ଛାତ୍ର ବାହାରକୁ ଆସିଥିଲେ। ହେଲେ ଏହି ସମୟରେ ଗୋଟିଏ ବିଦ୍ୟୁତ ଖୁଣ୍ଟ ତାଙ୍କ ଉପରେ ପଡ଼ିଯାଇଥିଲା।

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା

ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଢ଼ାରଜା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଜି ଏପରି ଏକ ଅଭାବନୀୟ ଘଟଣା ଘଟିଛି। ମୃତ ଛାତ୍ରଜଣଙ୍କ ହେଲେ, ବିହାରୀପଡ଼ାର ଷଷ୍ଠ ଶ୍ରେଣୀରେ ପଢୁଥିବା ରାହୁଲ ଯାଦବ(୧୨)। ଆଜି ଅପରାହ୍ନ ପ୍ରାୟ ୩ଟା ୪୫ରେ ଏହି ଅଘଟଣ ଘଟିଛି। ରାହୁଲ ପରିସ୍ରା କରିବା ପାଇଁ ବାହାରକୁ ଆସିଥିବା ବେଳେ ତାଙ୍କ ଉପରେ ବିଦ୍ୟୁତ ଖୁଣ୍ଟି ପଡ଼ି ଯାଇଥିଲା। ରେଳବାଇ କର୍ମଚାରୀଙ୍କ ଅବହେଳା କାରଣରୁ ଏହା ଘଟିଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି।



ସୂଚନାଯୋଗ୍ୟ, ସ୍କୁଲ ପରିସରକୁ ଲାଗି ସମ୍ବଲପୁର ରୋଡ ଷ୍ଟେସନଟି ରହିଛି। ଏହି ଷ୍ଟେସନରେ ରେଳ ବିଭାଗ ପକ୍ଷରୁ କାମ ଚାଲିଥିବା ବେଳେ ଖୁଣ୍ଟଟି ସ୍କୁଲ ଉପରେ ପଡ଼ିଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀଙ୍କ କହିବା ଅନୁଯାୟୀ, ରେଳ ବିଭାଗ ପକ୍ଷରୁ ଏନେଇ ଆମକୁ କୌଣସି ସୂଚନା ଦିଆଯାଇନଥିଲା। କେତେବେଳେ କାମ ଆରମ୍ଭ କଲେ ଏଥିପାଇଁ କ'ଣ ପଦକ୍ଷେପ ନିଆଯିବା କଥା, ସେନେଇ କିଛି କହିଲେ ନାହିଁ। ହୁଏତ ଆମେ ଏ ବିଷୟରେ ଜାଣିଥିଲେ। ସେ ସମୟରେ ପିଲାଙ୍କୁ ବାହାରକୁ ଯିବାକୁ ବାରଣ କରିଥାନ୍ତୁ। ରାହୁଲର ମୃତ୍ୟୁ ପରେ ଡିଏଚ୍ଏଚ୍ ପରିସରରେ ଦୀର୍ଘ ସମୟ ଧରି ଉତ୍ତେଜନା ଜାରି ରହିଥିଲା। ପରିବାରଲୋକେ ରେଳ ବିଭାଗକୁ ସମ୍ପୂର୍ଣ୍ଣ ଦାୟୀ କରିଛନ୍ତି। କୌଣସି ସତର୍କତା ଅବଲମ୍ବନ ନ କରି ଖୁଣ୍ଟି କିପରି କାଟୁଥିଲା। ଦୀର୍ଘ ସମୟର ଉତ୍ତେଜନା ପରେ ଡାକ୍ତରଖାନା ପରିସରରେ ଏଡିଆରଏମ ପହଞ୍ଚି ସ୍ଥିତି ପରଖିଥିଲେ। ମୃତ ଛାତ୍ରଙ୍କ ବଡ଼ଭାଇଙ୍କୁ ସରକାରୀ ଚାକିରୀ ଓ ଅନୁକମ୍ପା ରାଶି ୨୦ଲକ୍ଷ ଟଙ୍କା ଦେବା ପାଇଁ ଏଡିଆରଏମଙ୍କ ପାଖେ ଦାବି କରାଯାଇଛି। ରେଳବିଭାଗ ଏହାକୁ ନ ମାନିଲେ ଡିଆରଏମ ଓ ରେଳଲାଇନ ଉପରେ ବସି ଆନ୍ଦୋଳନ କରିବୁ ବୋଲି ପରିବାର ଓ ପଡ଼ାବାସୀ ଦାବି କରିଥିଲେ।

## ଖୁବ୍ ଶୀଘ୍ର ଆସିବ ନୂଆ ବିସ୍ଥାପନ ଓ ଥଇଥାନ ନୀତି

ଭୁବନେଶ୍ୱର,୧୧।୮ (ସମିସ): ଜମି ଅଧିଗ୍ରହଣ ସମୟରେ ବିସ୍ଥାପିତଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏକ ନୂତନ ବିସ୍ଥାପନ ଓ ଥଇଥାନ ନୀତି ଆଣିବେ ରାଜ୍ୟ ସରକାର। ଏ ନେଇ ଏକ ନୂତନ ବ୍ୟବସ୍ଥା ପ୍ରଣୟନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ପ୍ରସ୍ତାବିତ ନୀତିର ଅଂଶ ଭାବରେ ବିସ୍ଥାପିତ ଲୋକଙ୍କୁ ବିଭିନ୍ନ ପ୍ରକାରର କ୍ଷତିପୂରଣ ମଧ୍ୟରୁ ଗୋଟିଏ ବାଛିବାର ଅଧିକାର ରହିବ। ଯଦି କୌଣସି ପ୍ରକଳ୍ପ ପାଇଁ ଜମି ଆବଶ୍ୟକ ହୁଏ, ତେବେ ସରକାର ଜମି ହରାଇଥିବା ଲୋକଙ୍କ ଉପରେ ଏହାର ଯୋଜନା ଜୋରଜବରଦସ୍ତ ଲଦି ଦେବେ ନାହିଁ। ପ୍ରଭାବିତ ଲୋକଙ୍କ ଦାବି ଏବଂ ସୁବିଧା ଆଧାରରେ ବିଭିନ୍ନ ବିକଳ୍ପ ଦିଆଯିବ। ଏଥିରେ ଆର୍ଥିକ କ୍ଷତିପୂରଣ ବ୍ୟତୀତ ଜମି ହରାଇଥିବା ଲୋକମାନେ ପ୍ରକଳ୍ପରେ ଅଂଶୀଦାର ମଧ୍ୟ ହୋଇପାରିବେ। ଏହା ବ୍ୟତୀତ ଜମି ବଦଳରେ ଜମି ପାଇଁ ମଧ୍ୟ ସରକାର ବ୍ୟବସ୍ଥା କରିବେ। ଯଦି ପ୍ରଭାବିତ ଲୋକମାନେ ଚାହାଁନ୍ତି, ତେବେ ସେମାନେ ଆର୍ଥିକ କ୍ଷତିପୂରଣ ବଦଳରେ ପ୍ରକଳ୍ପରେ ଏକ ଆନୁପାତିକ ଅଂଶଧନ ମଧ୍ୟ ନେଇପାରିବେ ବୋଲି ମନ୍ତ୍ରୀ କହିଛନ୍ତି।

ଏହା ବ୍ୟତୀତ କ୍ଷତିପୂରଣ ଭାବରେ ପ୍ରଦାନ କରାଯାଇଥିବା ଟଙ୍କା ଅନେକ କ୍ଷେତ୍ରରେ ତିନି ବର୍ଷରୁ

■ ପ୍ରାକୃତିକ ବିପର୍ଯ୍ୟୟରେ ଜମିହରାଙ୍କୁ ସରକାର ଦେବେ ଜମି
■ ରହିବ ଆର୍ଥିକ କ୍ଷତିପୂରଣ, ଅଂଶୀଦାର ଓ ଜମି ବଦଳରେ ଜମି

ଅଧିକ ସମୟ ପର୍ଯ୍ୟନ୍ତ ପାଖରେ ରହି ନ ଥାଏ। ସେହିପରି ଅନେକ ଲୋକ ବ୍ୟବସାୟ ଓ ନିବେଶ କିପରି କରିବେ ତାହା ଜାଣନ୍ତି ନାହିଁ। ଫଳରେ ସେମାନେ କ୍ଷତିପୂରଣ ଟଙ୍କା ହରାଇ ଦେଇଥାନ୍ତି। ପ୍ରଭାବିତ ପରିବାର ପାଇଁ ଦୀର୍ଘକାଳୀନ ଜୀବିକା ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଗୁରୁତ୍ୱ ଦିଆଯାଉଛି। ଏହି ପଦ୍ଧତି ଦ୍ୱାରା ପ୍ରକଳ୍ପରେ ଅଂଶଗ୍ରହଣ, ବିକଳ୍ପ ଜୀବିକା ସୁଯୋଗ ଏବଂ ଭୂମି ବିନିମୟ ସମେତ ବହୁବିଧ ଥଇଥାନର ବିକଳ୍ପ ପ୍ରଦାନ କରିବା ଲକ୍ଷ୍ୟ ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

ଏହା ବ୍ୟତୀତ ପ୍ରାକୃତି ବିପର୍ଯ୍ୟୟରେ ଯେଉଁମାନେ ଜମି ହରାଇଥିବେ, ସେମାନଙ୍କୁ ସରକାର ଜମି ଦେବେ ବୋଲି ମଧ୍ୟ ମନ୍ତ୍ରୀ ସୂଚନା ଦେଇଛନ୍ତି। ଏ ନେଇ ଖୁବଶୀଘ୍ର ସବୁ ଜିଲ୍ଲାପାଳମାନଙ୍କୁ ରିପୋର୍ଟ ମଗାଯିବ ବୋଲି ସେ କହିଛନ୍ତି। ତାଙ୍କ କହିବା ମୁତାବକ, ନିଆଳିରେ ୧୯୮୨ମସିହାରୁ ଏହି ସମସ୍ୟା ନଜରକୁ ଆସିଛି। ନିଆଳି ସହ ବଡମ୍ବାରେ ବି ବନ୍ୟା ସମୟରେ ନଦୀ ତା'ର ଗତିପଥ ବଦଳାଇବାରୁ ଅନେକ ଲୋକ ଜମି ହରାଇଛନ୍ତି। ସେମାନଙ୍କ ଜମି ନଦୀ ଭିତରକୁ ଚାଲି ଯାଇଥିବାରୁ ସେମାନେ ଏବେ ଜମିହୀନ ହୋଇଛନ୍ତି। ତେଣୁ ଜମି ହରାଇଥିବା ଲୋକଙ୍କୁ ସରକାର ଜମି ଦେବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଜିଲ୍ଲାପାଳମାନଙ୍କ ରିପୋର୍ଟ ଆସିବା ପରେ ଏହି ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

## ବାପ-ଝିଅଙ୍କ ଉପରେ ଚଢ଼ିଗଲା ଟ୍ରକ୍

କେନ୍ଦୁଝର,୧୧।୮ (ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଦେଇ ଯାଇଥିବା ୫୨୦ ନମ୍ବର ଜାତୀୟ ରାଜପଥରେ ଆଜି ଏକ ଦୁର୍ଘଟଣାରେ ବାପା-ଝିଅଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ରୁଗୁଡ଼ି ଥାନା ଲୋଇଡ଼ାପଦା ଅଞ୍ଚଳର ଦିଲୀପ ସିଙ୍କୁ ଓ ତାଙ୍କର ଦୁଇବର୍ଷର ଝିଅ ଜସ୍ମିନ ସିଙ୍କୁ। ଏହି ଘଟଣାରେ ଦିଲ୍ଲୀପଙ୍କ ସ୍ତ୍ରୀ ତୁଳସୀ ସିଙ୍କୁ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ଆଜି ସଂଧ୍ୟାରେ ସ୍ତ୍ରୀ ଓ ଝିଅକୁ ଧରି ଦିଲ୍ଲୀପ ଏକ ସ୍କୁଟିରେ ଯାଉଥିବା ବେଳେ ଟୋପାଡ଼ିହି ଛକ ନିକଟରେ ଏକ ଟ୍ରକ୍ ସେମାନଙ୍କୁ ପଛପଟୁ ଧକ୍କା ଦେଇ ଘୋଷାଡ଼ି ନେଇଥିଲ। ଏଥିରେ ଘଟଣାସ୍ଥଳରେ ଦିଲ୍ଲୀପ ଓ ଝିଅ ଜସ୍ମିନର ମୃତ୍ୟୁ ହୋଇଯାଇଥିଲା। ଅପରପକ୍ଷେ, ଦୁର୍ଘଟଣା ଘଟାଇବା ପରେ ଟ୍ରକ୍ ଚାଳକ ଫେରାର୍ ହୋଇଯାଇଥିବା ଜଣାଯାଇଛି। ରୁଗୁଡ଼ି ପୁଲିସ୍ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ ତଦନ୍ତ ଆରମ୍ଭ କରିବା ସହ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

ପାରିବାରିକ କଳହର କରୁଣ ପରିଣତି

## ସ୍ତ୍ରୀକୁ କାତିରେ ହାଣି ହତ୍ୟା

ମୋହନା, ୧୧।୮ (ସମିସ): ପାରିବାରିକ କଳହରୁ ସ୍ତ୍ରୀକୁ କାତିରେ ହାଣି ହତ୍ୟା। ଗଜପତି ଜିଲ୍ଲା ମୋହନା ଥାନା କୁଙ୍କୁଣୀ ଗାଁରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ମୃତ ମହିଳା ହେଲେ, ରେଶମା ବାଗସିଂ। ଏହି ଘଟଣାରେ ପୁଲିସ୍ ଅଭିଯୁକ୍ତ ସ୍ୱାମୀ ଅନନ୍ତ ବାଗ୍‌ସିଂକୁ ଗିରଫ କରିବା ସହ ଅଧିକ ତଦନ୍ତ ଚଳାଇଛି। ସୂଚନାନୁସାରେ, କୁଙ୍କୁଣୀ ଗ୍ରାମର ରେଶମା ୯ ବର୍ଷ ତଳେ କନ୍ଧମାଳ ଜିଲ୍ଲା ବ୍ରାହ୍ମଣୀଗାଁ ପକେଲମା ଗ୍ରାମର ଅନନ୍ତଙ୍କୁ ବିବାହ କରିଥିଲେ। କିନ୍ତୁ ବିବାହ ପରଠାରୁ ଉଭୟଙ୍କ ମଧ୍ୟରେ କଳହ ଲାଗି ରହୁଥିଲା। ଏଥିପାଇଁ ୪ ମାସ ହେଲା ରେଶମା ବାପଘରେ ଆସି ରହୁଥିଲେ। ଗତରାତିରେ ଅନନ୍ତ ମୋହନା ଆସିଥିଲେ। ଉଭୟ ସ୍ୱାମୀ, ସ୍ତ୍ରୀ ମୋହନା ବଜାର ବୁଲିବାକୁ ଯାଇ ରାତି ପ୍ରାୟ ୧୦ ଟାରେ କୁଙ୍କୁଣୀ ଗାଁକୁ ଫେରିଥିଲେ। ରାତ୍ରି ଭୋଜନ ପରେ ଅନନ୍ତ ରେଶମାଙ୍କୁ ପାଣି ଆଣିବା ପାଇଁ କହିଥିଲା। ଏହି ସମୟରେ ଅନନ୍ତ ତାଙ୍କ ବେକ ଏବଂ ମୁହଁକୁ କାତିରେ ଦୁଇ ଚୋଟ ପକାଇଥିଲେ। ଗୁରୁତର ଅବସ୍ଥାରେ ପରିବାରଲୋକେ ବିଳମ୍ବିତ ରାତିରେ ରେଶମାଙ୍କୁ ମୋହନା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାରଲୋକଙ୍କ ଅଭିଯୋଗ ପରେ ପୁଲିସ ଏବଂ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ହତ୍ୟାରେ ବ୍ୟବହୃତ କାତିକୁ ଜବତ କରିବା ସହ ଘଟଣାର ତଦନ୍ତ କରୁଛି। ଅଭିଯୁକ୍ତ ସ୍ୱାମୀ ଅନନ୍ତକୁ କୋର୍ଟ ଚାଲାଣ କରାଯାଇଛି।





## ମା'କୁ ଫୋନ୍ କରି ନିଜକୁ ଗୁଳି କଲେ ଯବାନ

କାମାକ୍ଷାନଗର,୧୧।୮ (ସମିସ): ମା' ସହ ଫୋନ୍‌ରେ କଥା ହେଉହେଉ ନିଜକୁ ଗୁଳି କରିଦେଲେ ଯବାନ। ମୃତ ଯବାନଜଣଙ୍କ ହେଲେ, ଜମ୍ମୁ କାଶ୍ମୀରରେ ବିଏସ୍ଏଫ୍ ଯବାନ ଭାବେ କାର୍ଯ୍ୟରତ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ମାଳପୁରା ଗ୍ରାମର ସୁରେଶ ବିଶ୍ୱାଳ। ତାଙ୍କ ପରିବାର କାମାକ୍ଷାନଗର ସହରର ଅନନ୍ତପୁର ସାହିରେ ରହୁଥିଲା। ସୁରେଶ ୧୫ ବର୍ଷ ହେବ, ବିଏସ୍ଏଫ୍ ଯବାନ ଭାବେ କାର୍ଯ୍ୟ କରିଆସୁଥିବା ବେଳେ ଏବେ ଜାମ୍ମୁ କାଶ୍ମୀରରେ ନିୟୋଜିତ ଥିଲେ। ୯ଦିନ ତଳେ ସେ ଘରକୁ ଛୁଟିରେ ଆସି ପୁଣି ଫେରିଥିଲେ। ତେବେ ଆଜି ସଂଧ୍ୟାରେ ସେ ଡ୍ୟୁଟିରେ ଥିବା ବେଳେ ମା'ଙ୍କ ସହ ଫୋନ୍‌ରେ କଥା ହୋଇଥିଲେ। ଏହି ସମୟରେ ସେ ନିଜ ସର୍ଭିସ୍ ରିଭଲଭର୍‌ରୁ ନିଜକୁ ଗୁଳି କରି ଆତ୍ମହତ୍ୟା କରିଥିଲେ। ତେବେ ଏପରି ଚରମ ପଦକ୍ଷେପ ନେବାର କାରଣ ସଂପର୍କରେ ତାଙ୍କ ମା'ଙ୍କ ଫୋନ୍‌କୁ ମେସେଜ୍ କରିଥିବା ଜଣାଯାଇଛି।



ଆଜି ବିଶ୍ୱ ହସ୍ତୀ ଦିବସ

## ଓଡ଼ିଶା ଦନ୍ତାଙ୍କୁ ପେଟ ଚିନ୍ତା

ଭୁବନେଶ୍ୱର,୧୧।୮ (ସମିସ): ରାଜ୍ୟରେ ଜଙ୍ଗଲ ଅନୁପାତରେ ହାତୀମାନଙ୍କ ସଂଖ୍ୟା ସମାନୁପାତିକ ରହିଛି। ମାତ୍ର ଦିନକୁ ଦିନ ହାତୀ-ମଣିଷ ଲଢ଼େଇ ଓ କ୍ଷୟକ୍ଷତି ବିଶେଷଜ୍ଞଙ୍କୁ ଅଧିକ ଚିନ୍ତିତ କରିଛି। ହାତୀ-ମଣିଷ ଲଢ଼େଇ ଯୋଗୁଁ ପ୍ରତି ବର୍ଷ ଶତାଧିକ ଲୋକଙ୍କ ଜୀବନ ଯାଉଛି। ବର୍ତ୍ତମାନ ରାଜ୍ୟର ପ୍ରାୟ ସବୁ ଜଙ୍ଗଲରେ ହାତୀଙ୍କ ଖାଦ୍ୟ ଉପଯୋଗୀ ସାମଗ୍ରୀର ଅଭାବ ରହିଥିବା ଜଣାପଡ଼ିଛି। ଯାହାଫଳରେ ହାତୀମାନେ ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲରୁ ଜନବସତୀ ମୁହାଁ ହେଉଛନ୍ତି ଓ ହାତୀ-ମଣିଷ ଲଢ଼େଇ ବୃଦ୍ଧି ପାଉଛି। ସାଧାରଣତଃ ଗୋଟିଏ ହାତୀ ଦିନକୁ ୧ କୁଇଣ୍ଟାଲରୁ ଦେଢ଼ କୁଇଣ୍ଟାଲର ଖାଦ୍ୟ ଓ ୨୦୦-୨୫୦ ଲିଟର ପାଣି ଆବଶ୍ୟକ କରିଥାଏ। ମାତ୍ର ଜଙ୍ଗଲରେ ହାତୀମାନଙ୍କୁ ଏତେ ପରିମାଣରେ ଆଉ ଖାଦ୍ୟ ପଦାର୍ଥ ମିଳିପାରୁ ନ ଥିବାରୁ ସେମାନେ ଜଙ୍ଗଲରୁ ବାହାରି ଆସୁଛନ୍ତି ଓ କ୍ଷେତ କିମ୍ବା ଜନବସତି ମୁହାଁ ହେଉଛନ୍ତି। ଏହି ସମୟରେ ହାତୀ-ମଣିଷଙ୍କ ମଧ୍ୟରେ ଘମାଘୋଟ୍ ଲଢ଼େଇ ହେଉଛି ଓ ଏଥିରେ ଲୋକଙ୍କ ଜୀବନ ଯାଉଛି। ହାତୀମାନେ ମୁଖ୍ୟତଃ ଶିଆଳି, ଡିମ୍ବିରି, କୁମ୍ଭୀ, ତାଳ, ଆମ୍ବ ଓ ପଣସ ଭଳି ଖାଦ୍ୟ ଖାଉଥିବା ବେଳେ ବାଉଁଶକୁ ପ୍ରମୁଖ ଖାଦ୍ୟ ଭାବେ ଖାଇଥାନ୍ତି। ପୂର୍ବରୁ ରାଜ୍ୟର ବିଭିନ୍ନ ଜଙ୍ଗଲରେ ବ୍ୟାପକ ବାଉଁଶ ମିଳୁଥିଲା। ହେଲେ ଏବେ ଜଙ୍ଗଲରେ ହାତୀଙ୍କୁ ଖାଇବା ପାଇଁ ଆବଶ୍ୟକୀୟ ପରିମାଣରେ ବାଉଁଶ ବି ମିଳୁ ନଥିବା ଅଭିଯୋଗ ହୋଇଛି। ଯାହାପାଇଁ ହାତୀଙ୍କ ପାଇଁ ଜଙ୍ଗଲରେ ଖାଦ୍ୟାଭାବ ସମସ୍ୟା ସୃଷ୍ଟି ହୋଇଛି।


■ ଖାଦ୍ୟ ସନ୍ଧାନରେ ଦିନକୁ ଚାଲୁଛନ୍ତି ୪୦ କିମି
■ ଓଡ଼ିଶା ଜଙ୍ଗଲରେ ଅଛନ୍ତି ଅଧିକ ୪୦୦ ହାତୀ
■ ଜନବସତି ମୁହାଁ ହେବା ପଛରେ ଖାଦ୍ୟାଭାବ

ଅନ୍ୟପଟେ ହାତୀଙ୍କ ଖାଦ୍ୟାଭାବ ନେଇ ମୁଖ୍ୟମନ୍ତ୍ରୀ ମଧ୍ୟ ଚିନ୍ତା ପ୍ରକଟ କରିଛନ୍ତି। ଯେହେତୁ ଧାନ ଚାଷ ସମୟରେ ହାତୀମାନେ କ୍ଷେତ ମୁହାଁ ହେଉଛନ୍ତି, ତେଣୁ ଜଙ୍ଗଲ ମଧ୍ୟରେ ଥିବା ଖାଲି ସ୍ଥାନଗୁଡ଼ିକରେ ଧାନ ଚାଷ କରିବାକୁ ମୁଖ୍ୟମନ୍ତ୍ରୀ ଜଙ୍ଗଲ ବିଭାଗକୁ ପରାମର୍ଶ ଦେଇଛନ୍ତି। ଏହା କେତେ ଫଳପ୍ରଦ ହେବ ତାହା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅନ୍ୟପଟେ ରାଜ୍ୟରେ ଯେତିକି ହାତୀ ରହିବା କଥା ସେହି ତୁଳନାରେ ହାତୀଙ୍କ ସଂଖ୍ୟା ଅଧିକ ରହିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ପୂର୍ବତନ ପିସିସିଏଫ୍ ସୁଶାନ୍ତ ନନ୍ଦ କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟରେ ଯେତିକି ହାତୀ ରହିବା କଥା, ତାହାର ସଂଖ୍ୟା ଅଧିକ ରହିଛି। ଏହାସହିତ ହାତୀମାନଙ୍କର ଯେଉଁ କରିଡ଼ର ଥିଲା, ତାହା ପ୍ରଭାବିତ ହୋଇଥିବାରୁ ହାତୀମାନେ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ହାତୀଙ୍କ ଜନ୍ମହାର ରୋକିବା ଉପରେ ବିଶେଷଜ୍ଞ ପ୍ରାଧାନ୍ୟ ଦେଉଛନ୍ତି। ଏଥିପାଇଁ ଇଂଜେକ୍ସନ ସହିତ କିଛି କିଛି ସ୍ଥାନରେ କ୍ୟାମ୍ପ କରି ଯୁବ ହାତୀମାନଙ୍କୁ ରଖିଦେବା ଆବଶ୍ୟକ। ଏହା ବ୍ୟତୀତ କରିଡୋରର ପୁନରୁଦ୍ଧାର ପାଇଁ ଯଥାସମ୍ଭବ ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ଶ୍ରୀ ନନ୍ଦ କହିଛନ୍ତି। ସୂଚନା ଥାଉ କି ୨୦୨୪ ହାତୀ ଗଣନା ଅନୁଯାୟୀ ରାଜ୍ୟର ୨୮ଟି ଜିଲ୍ଲାର ୪୮ଟି ବନଖଣ୍ଡରେ ୨,୦୯୮ ହାତୀ ରହିଛନ୍ତି। ୨୦୧୭ରେ ଏହି ସଂଖ୍ୟା ୧,୯୩୮ ରହିଥିଲା। ନୂଆ ଗଣତିରେ ୧,୦୩୦ ମାଈ, ୪୭୪ ପୁରୁଷ ଏବଂ ୫୯୪ ଛୁଆ ହାତୀ ଚିହ୍ନଟ ହୋଇଛନ୍ତି। ଏନ୍‌ସିଏଫ୍ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରେ କୁହାଯାଇଥିଲା ଯେ ଓଡ଼ିଶାର ଜଙ୍ଗଲର ୧୭୦୦-୧୮୦୦ ହାତୀ ରହି ପାରିବେ।

## ସାତକୋଶିଆ ରେଞ୍ଜରେ ଅସୁସ୍ଥ ମାଈହାତୀ ମୃତ

ଠାକୁରମୁଣ୍ଡା,୧୧।୮ (ସମିସ): କରଞ୍ଜିଆ ବନଖଣ୍ଡ ସାତକୋଶିଆ ରେଞ୍ଜ ବେଣୁଆଦର ଜଙ୍ଗଲରେ ଗୋଟିଏ ମାଈହାତୀର ମୃତ୍ୟୁ ଘଟିଛି। ହାତୀଟି କିଛି ଦିନ ହେବ ଅସୁସ୍ଥ ଥିଲା। ତେବେ କେଉଁ କାରଣରୁ ତା'ର ମୃତ୍ୟୁ ହୋଇଛି, ତାହା ଜଣାପଡ଼ିନାହିଁ। ମଙ୍ଗଳବାର ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବନ ବିଭାଗ କହିଛି। ମୃତ ହାତୀର ବୟସ ପ୍ରାୟ ୧୫ରୁ ୨୦ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ସୂଚନାନୁଯାୟୀ, ରବିବାର କମ୍ପାଟମେଣ୍ଟ ନମ୍ବର ୧୯ ଭାଲିଆଡାଳ ପଞ୍ଚାୟତ ବେଣୁଆଦର ସାହି ଜଙ୍ଗଲ ଭିତରେ ଏକ ହାତୀ ଦୀର୍ଘ ସମୟ ଧରି ଗୋଟିଏ ସ୍ଥାନରେ ଛିଡ଼ା ହୋଇଥିବା ସ୍ଥାନୀୟ ଲୋକେ ଦେଖି ବନବିଭାଗକୁ ଖବର ଦେଇଥିଲେ। ସାତକୋଶିଆ ବନ୍ୟପ୍ରାଣୀ ରେଞ୍ଜ ଅଧିକାରୀ ରବୀନ୍ଦ୍ରନାଥ ମହାନ୍ତ ଓ ଅନ୍ୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ହାତୀଟି ଅସୁସ୍ଥ ଥିବା ଜାଣିବାକୁ ପାଇଥିଲେ। କିନ୍ତୁ ତା'ର ଚିକିତ୍ସା ପାଇଁ ଉଦ୍ୟମ କରୁଥିବା ବେଳେ ହାତୀଟିର ମୃତ୍ୟୁ ହୋଇଯାଇଥିଲା।



## ମହଙ୍ଗା ପଡ଼ିଲା ବେଆଇନ ଶିକ୍ଷକ ବଦଳି

# ଶିକ୍ଷା ବିଭାଗକୁ ଜବାବ ତଲବ

ନିଶ୍ଚିନ୍ତକୋଇଲି,୧୧।୮ (ସମିସ)

ଶିକ୍ଷା ବିଭାଗର ବେଆଇନ ଶିକ୍ଷକ ବଦଳି କାର୍ଯ୍ୟ ଏବେ ମହଙ୍ଗା ପଡ଼ିଛି। ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶରେ ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ପାଟପୁର ଠାରେ ଥିବା ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ସହକାରୀ ଶିକ୍ଷକ ସୀତାକାନ୍ତ ସାମଲ ତାଙ୍କ କାର୍ଯ୍ୟରେ ଯୋଗଦେଇଛନ୍ତି। ଫଳରେ କଟକ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ କରାଯାଇଥିବା ବେଆଇନ ଶିକ୍ଷକ ବଦଳିକୁ ନେଇ ଏବେ ଚର୍ଚ୍ଚା ଯୋର ଧରିଛି। ଗତ ୨୫.୦୭.୨୦୨୫ରିଖରେ କଟକ ଜିଲ୍ଲାସ୍ତରୀୟ ବଦଳି କମିଟି ପକ୍ଷରୁ ଆକ୍ରୋଶମୂଳକ ଭାବେ ଶିକ୍ଷକ ସୀତାକାନ୍ତ ସାମଲଙ୍କୁ ବାଙ୍କୀ-୧ ବ୍ଲକ ଅର୍ନ୍ତଗତ ବାଉଁଶପୁଟ ସରକାରୀ ଉଚ୍ଚ ବିଦ୍ୟାଳୟକୁ ବଦଳି କରାଯାଇଥିଲା। ଏହି ବିଦ୍ୟାଳୟଟି ୧୬୫ କିଲୋମିଟର ଦୂର ହୋଇଥିବାରୁ ଶିକ୍ଷକ ଜଣକ ସେଠାରେ ଯୋଗ ନ ଦେଇ ତାଙ୍କ ବଦଳିକୁ ବେଆଇନ ଦର୍ଶାଇ ଏହାକୁ ବନ୍ଦ କରିବା ନେଇ ୨୮.୦୭.୨୦୨୫ରେ ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ସପରିବାର ଅନଶନ କରିଥିଲେ। କଟକ ଜିଲ୍ଲା

**ହାଇକୋର୍ଟଙ୍କ ନିର୍ଦ୍ଦେଶରେ ନିଜ ସ୍କୁଲରେ କାର୍ଯ୍ୟରେ ଯୋଗଦେଲେ ଶିକ୍ଷକ**

ଶିକ୍ଷାଧିକାରୀ ୪ ଦିନ ମଧ୍ୟରେ ଏହି ଘଟଣାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେବାରୁ ଶିକ୍ଷକ ଜଣକ ଅନଶନରୁ ଉଠି ଯାଇଥିଲେ। ହେଲେ ୮ ଦିନ ବିତି ଯାଇଥିଲେ ମଧ୍ୟ ଜିଲ୍ଲା ଶିକ୍ଷାଧିକାରୀ ପ୍ରତିଶ୍ରୁତି ପାଳନ ନ କରିବାରୁ ସମ୍ପୃକ୍ତ ଶିକ୍ଷକ ଜଣକ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। ଗତ ଅଗଷ୍ଟ ୮ ତାରିଖରେ ଏହି ମାମଲା ବିଚାର କରାଯାଇ ହାଇକୋର୍ଟ ପକ୍ଷରୁ ଏକ ଯୁଗାନ୍ତକାରୀ ରାୟ ପ୍ରକାଶ କରାଯାଇଥିଲା। ଉଚ୍ଚ ନ୍ୟାୟାଳୟ ଏହି ବଦଳି ଆଦେଶକୁ ଅନ୍ତରୀଣ ରହିତାଦେଶ ପ୍ରଦାନ କରି ସମ୍ପୃକ୍ତ ଶିକ୍ଷକ ଜଣକ ପୂର୍ବରୁ କାର୍ଯ୍ୟ କରୁଥିବା ବିଦ୍ୟାଳୟରେ ତାଙ୍କର କାର୍ଯ୍ୟ ଜାରି ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟର ନିର୍ଦ୍ଦେଶ ଅନୁଯାୟୀ ସୋମବାର ଦିନ ଶିକ୍ଷକ ସୀତାକାନ୍ତ ସାମଲ ପ୍ରଥମେ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ତାଙ୍କ କାର୍ଯ୍ୟରେ ଯୋଗଦେବା ପାଇଁ ଜଣାଇଥିଲେ। ମଣ୍ଡଳ ଶିକ୍ଷାଧିକାରୀ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ ପାଇ ସମ୍ପୃକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଭାନୁପ୍ରିୟା ବେହେରା ଶିକ୍ଷକ ଜଣକୁ ଡ଼ାକି ତାଙ୍କ କାର୍ଯ୍ୟରେ ଯୋଗଦେବା ପାଇଁ କହିଥିଲେ। ସମ୍ପୃକ୍ତ ଶିକ୍ଷକ ଜଣକ କାର୍ଯ୍ୟରେ ଯୋଗଦେବା ପରେ ଏ ସଂକ୍ରାନ୍ତରେ ଶ୍ରୀମତୀ ବେହେରା ଜିଲ୍ଲା ଶିକ୍ଷାଧିକାରୀ ଓ ମଣ୍ଡଳ ଶିକ୍ଷାଧିକାରୀଙ୍କୁ ପତ୍ର ଦ୍ୱାରା ଅବଗତ କରାଇଛନ୍ତି। ଅପରପକ୍ଷରେ ଶିକ୍ଷକ ଜଣକ ବେଆଇନ ବଦଳିକୁ ନେଇ ହାଇକୋର୍ଟରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, କଟକ ଜିଲ୍ଲା ଶିକ୍ଷାଧିକାରୀ, ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରୀ ଏବଂ ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ନାମରେ ମାମଲା ରୁଜୁ କରିଥିଲେ। ଉକ୍ତ ମାମଲାକୁ ଶୁଣାଣି କରି କୋର୍ଟ ପକ୍ଷରୁ ରାଜ୍ୟରେ କେତେ ଶିକ୍ଷକ ପଦ ଖାଲି ରହିଛି, ଏହି ପଦ ପୂରଣ ପାଇଁ କଣ କଣ ପଦକ୍ଷେପ ଗ୍ରହଣ କରାଯାଇଛି ଓ କେନ୍ଦ୍ର ସରକାରଙ୍କ ନୂଆ ଶିକ୍ଷାନୀତିରେ ଛାତ୍ରଛାତ୍ରୀ-ଶିକ୍ଷକ ଅନୁପାତ ଧାର୍ଯ୍ୟର ସ୍ଥିତି କଣ ରହିଛି ସେ ସଂକ୍ରାନ୍ତରେ ପକ୍ଷ ରଖିବା ପାଇଁ କୋର୍ଟ ପକ୍ଷରୁ ନୋଟିସ ମଧ୍ୟ ତଲବ କରାଯାଇଛି। ଏହି ମାମଲାକୁ ଶିକ୍ଷକ ସୀତାକାନ୍ତ ସାମଲଙ୍କ ପକ୍ଷରୁ ହାଇକୋର୍ଟ ବାର ଆସୋସିଏସନର ବରିଷ୍ଠ ଆଇନଜୀବୀ ଗୌତମ କୁମାର ରାଉତରାୟ ପରିଚାଳନା କରୁଛନ୍ତି।

## ଗ୍ରାମବାସୀଙ୍କ ପକ୍ଷରୁ ବନୀକରଣ କାର୍ଯ୍ୟକ୍ରମ



ବଡମ୍ବା,୧୧।୮ (ସମିସ): ବଡମ୍ବା ବ୍ଲକ ଗୋପାଳପୁର ଗ୍ରାମପଞ୍ଚାୟତ ଗୋପାଳପୁର ଗ୍ରାମର ସମସ୍ତ ଜନସାଧାରଣ ଏକତ୍ରିତ ହୋଇ ଏକ ଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ଲବ ସଭାପତି ଓ ଗ୍ରାମ ସଭାପତି ପ୍ରଭାକର ବେହେରାଙ୍କ ପୌରହିତ୍ୟରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ କରିବା ପାଇଁ ଗ୍ରାମବାସୀଙ୍କ ତରଫରୁ ପ୍ରସ୍ତାବ ଆସିଥିଲା। ଜନସାଧାରଣ ଓ ଗ୍ରାମ କମିଟି କ୍ଲବର ସମସ୍ତ ସଦସ୍ୟ ଏବଂ ସମାଜସେବୀଙ୍କ ମତାମତକୁ ନେଇ ଗ୍ରାମର ପୂର୍ବ ଦିଗରେ ଥିବା ପାହାଡ଼ ପାଦଦେଶରେ ପ୍ରାୟ ୮ଏକର ସରକାରୀ ଜାଗାରେ ବନୀକରଣ ପାଇଁ ଗୃହୀତ ହୋଇଥିଲା। ରବିବାର ଗ୍ରାମବାସୀଙ୍କ ଦ୍ୱାରା ସରକାରୀ ଜାଗା ଉପରେ ଆମ୍ବ, ପଣସ, ଲଙ୍କାଆମ୍ବ, ଶାଗୁଆନ ଆଦି ଗଛ ଲଗାଯାଇ ବନୀକରଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ସରପଞ୍ଚ ବଟକୃଷ୍ଣ ଅଡ଼ବୁଦ୍ଧି, ଯୁବନେତା ସବୁଲା ବେହେରା, ବିବେକ ନନ୍ଦ, ସମୀର ବେହେରା, ଶ୍ରୀନିବାସ ବେହେରା, ରବୀନ୍ଦ୍ର ବେହେରା ଓ ଦୀପ୍ତିରଞ୍ଜନ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ପିଠାପୁର ଝୁଲଣ ମହୋତ୍ସବ ସମ୍ପନ୍ନ

କଟକ,୧୧।୮ (ସମିସ): ପବିତ୍ର ଝୁଲଣ ପୂର୍ଣ୍ଣିମା ଅବସରରେ ପିଠାପୁର ସ୍ଥିତ ଶ୍ରୀ ଶ୍ରୀ ମଦନମୋହନ ଜୀଉ ଠାକୁରଙ୍କ ମନ୍ଦିର ପ୍ରାଙ୍ଗଣରେ ଝୁଲଣ ମହୋତ୍ସବ ମହାଆଡମ୍ବରରେ ସମ୍ପନ୍ନ ହୋଇଯାଇଛି। ଏହି ପବିତ୍ର ଉତ୍ସବରେ ମୁଖ୍ୟଅତିଥି ରୂପେ ଏସିପି ଅଶୋକ କୁମାର ଗିରି, ବିଶ୍ୱରଞ୍ଜନ ନାୟକ ଆଇଆଇସି ପୁରୀଘାଟ ଥାନା, ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରୀ ଦାସ, କୋଷାଧ୍ୟକ୍ଷ ନରେଶ ଜେନା ତଥା ପୂର୍ବତନ ବିଜେପି ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପିଠାପୁର ଗ୍ରାମର ଅଧିକାରୀ ଫଗୁମଣି ରାଉତ, ମହନ୍ତ କାଳନ୍ଦୀ ଖୁଣ୍ଟିଆ, କଟୁଆଳ ଜୟନ୍ତ ରାଉତ, ସଭାପତି ସରୋଜ ଜେନା, ସମ୍ପାଦକ ନିରଞ୍ଜନ ଖୁଣ୍ଟିଆ, ସହସମ୍ପାଦକ ସନ୍ତୋଷ ରାଉତ ଏବଂ ପୂଜା କମିଟିର କର୍ମକର୍ତ୍ତା ରାଜେନ୍ଦ୍ର ଛାଟୋଇ, ସନ ରାଉତ, ସୋମନାଥ ଖୁଣ୍ଟିଆ, ମହନୀ ଜେନା, ପ୍ରଦୀପ ଖୁଣ୍ଟିଆ, ଦୀପକ ରାଉତ, ପ୍ରଶାନ୍ତ ରାଉତ, ଜଗନ୍ନାଥ ରାଉତ, ମନା ଜେନା, ଆଲୋକ ରାଉତ, ମାନସ ପାଇଟଲ, ମୁନୁ ସ୍ୱାଇଁ, ଅକ୍ଷୟ ପାଇଟଲ, ସନ୍ତୋଷ ମନ୍ତ୍ରୀ, ଦୀପୁ ନାୟକ, ସରୋଜ ରାଉତ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ।

## ଟାଙ୍ଗୀ ଅଞ୍ଚଳରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ




ଟାଙ୍ଗୀ,୧୧।୮ (ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ସିଦ୍ଧଗିରୀ ଆଶ୍ରମ ପରିସରରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାବା ବୈକୁଣ୍ଠ ଦାସଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ସମାଜସେବୀ ବାପୁପ୍ରିୟ ରଘୁପତି ରାମ, ପ୍ରବିର କୁମାର ଦାଶ ପ୍ରମୁଖ ଯୋଗଦେଇ ରକ୍ଷାବନ୍ଧନର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମହିଳାଙ୍କ ଦ୍ୱାରା ରକ୍ଷାବନ୍ଧନ କରାଯାଇଥିଲା। ସେହିପରି କନ୍ହେଇପୁର ପଞ୍ଚାୟତ ଚିନ୍ତାମଣିପୁର ସ୍ଥିତ ବୃନ୍ଦାବନ ବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ଶରତ ଚନ୍ଦ୍ର ସାହାଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ରକ୍ଷାବନ୍ଧନ କରାଯିବା ସହ ଗୋ ପୂଜା କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟା ମଧୁସ୍ମିତା ଦାସ, ନର୍ଗିସ ବେଗମ, ମୋନାଲିସା ଦାସ, ସିମରନ ପ୍ରଧାନ, ସ୍ୱଦେଶ ରଞ୍ଜନ ତ୍ରିପାଠୀ, ଅମନ ମାଝୀ ଓ ଦେବେନ୍ଦ୍ର ସାହାଣୀଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ସଂସ୍କୃତ ସପ୍ତାହ ଉଦ୍‌ଯାପନୀ ସମାରୋହ



ଫୁଲନଖରା,୧୧।୮ (ସମିସ): କୁରାଙ୍ଗଶାସନସ୍ଥିତ ବାବା ଶ୍ରୀରାମ ପ୍ରସାଦ ସଂସ୍କୃତ ଏକାଡେମୀରେ ଏକ ସପ୍ତାହବ୍ୟାପୀ ଅନୁଷ୍ଠିତ ହେଉଥିବା ସଂସ୍କୃତ ଦିବସ ପାଳନ ସମାରୋହର ଉଦଯାପନୀ ହୋଇଯାଇଛି। ଏହି ଉପଲକ୍ଷେ ଏକାଡେମୀର ସଭାଗୃହରେ ପ୍ରଧାନ ପଣ୍ଡିତଙ୍କ ଅଧ୍ୟକ୍ଷତାରେ ଛାତ୍ରଛାତ୍ରୀଙ୍କୁ ନେଇ ସଂସ୍କୃତ ଦିବସ ପାଳନର ଆବଶ୍ୟକତା ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଛୋଟ ଛୋଟ ଶ୍ଳୋକ ଆବୃତ୍ତି ସହ ତାହାର ସାରାଂଶ ବୁଝାଇ ଦିଆଯାଇଥିଲା କି ସମସ୍ତ ଭାଷା ମଧ୍ୟରେ ସଂସ୍କୃତ ଭାଷାର ଜନନୀ ଭାବରେ ସ୍ୱତନ୍ତ୍ରତା ଲାଭ କରିଛି। ବରିଷ୍ଠ ଶିକ୍ଷକ ପଣ୍ଡିତ ଅଜୟ ପତି ପୂଜାପାର୍ବଣରେ ସଂସ୍କୃତ ଶ୍ଳୋକର ଶୁଦ୍ଧ ଉଚ୍ଚାରଣର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ସଦାଶିବ ପାଲ, ବନବିହାରୀ ପାତ୍ର, ଭବାନୀ ମିଶ୍ର ଓ ଧୀରେନ୍ଦ୍ର ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପଣ୍ଡିତ ହୃଦରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଜ୍ଞାନଭାରତୀ ପକ୍ଷରୁ ଭଗବତ ଗୀତା ସତ୍‌ସଙ୍ଗ



ଫୁଲନଖରା,୧୧।୮ (ସମିସ): ଜ୍ଞାନଭାରତୀ ପକ୍ଷରୁ ଅଷ୍ଟାଦଶ ବର୍ଷ ପୂର୍ତ୍ତି ଉପଲକ୍ଷେ ଆମଣ ଗ୍ରାମରେ ଏକ ସତସଙ୍ଗ ଓ ଶ୍ରୀମଦ୍ ଭଗବତ୍ ଗୀତା ପାରାୟଣ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜ୍ଞାନଭାରତୀର ମୂଳପୀଠ ଆମଣ ସତସଙ୍ଗ କେନ୍ଦ୍ର ସହ ଅନୁବନ୍ଧିତ ଆମଣପଡା, ମୁଗଭଙ୍ଗା, ବାଗଧରାପୁର, ଚାମରପଡା ସତସଙ୍ଗ କେନ୍ଦ୍ରର କେନ୍ଦ୍ରାଧ୍ୟକ୍ଷ ଉମାପ୍ରସାଦ ସେନାପତି, ମନୋରଞ୍ଜନ ଦାଶ, ନବ କିଶୋର ଦଳାଇ, ଉପେନ୍ଦ୍ର ବେହେରା, ଦୁଷ୍ମନ୍ତ ସାହୁ ପ୍ରମୁଖଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବାବୁ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଧ୍ୟାତ୍ମିକ ସଭାରେ କେନ୍ଦ୍ରର ପ୍ରାକ୍ତନ ଅଧ୍ୟକ୍ଷ ଯୁଧିଷ୍ଠିର ଭୋଳ ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ବେଳେ ଅଧ୍ୟାପକ ସଚିକାନ୍ତ ତ୍ରିପାଠୀ ମୁଖ୍ୟବକ୍ତା ଓ ସମ୍ମାନୀୟ ଅତିଥି ଭାବରେ ଦୁର୍ଗାଚରଣ ଭୋଳ ଓ ଜ୍ଞାନଭାରତୀର ପ୍ରତିଷ୍ଠାତା ବିନୋଦ ସେନାପତି ଯୋଗଦେଇଥିଲେ। ଅତିଥିଙ୍କ ଦ୍ୱାରା ଜ୍ଞାନଭାରତୀ ପକ୍ଷରୁ ବାର୍ତ୍ତା ସମ୍ବଳିତ ଏକ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଉକ୍ତ ପାରାୟଣ କାର୍ଯ୍ୟକ୍ରମରେ ବହୁ ଗୀତାପ୍ରେମୀ, ସମାଜ ସଂସ୍କାରକ ଓ ଜ୍ଞାନୀଗୁଣି ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଶ୍ୱିନୀ ମହାନ୍ତି, ଶରତ ବାରିକ, ପ୍ରଶାନ୍ତ ନାୟକ, ଶଶଧର ସେନାପତି ଓ ବିଜୟ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନିଶ୍ଚିନ୍ତକୋଇଲି ଅଞ୍ଚଳରେ ବାଲି ମାଫିଆ ସକ୍ରିୟ

# ଚୋରାରେ ଉଠୁଛି ଶହ ଶହ ଟ୍ରିପ୍ ବାଲି; ପ୍ରଶାସନ ନିରବ

ନିଶ୍ଚିନ୍ତକୋଇଲି,୧୧।୮ (ସମିସ): ନିଶ୍ଚିନ୍ତକୋଇଲି ତହସିଲ ଅଞ୍ଚଳରେ ବାଲି ମାଫିଆ ଏବେ ସକ୍ରିୟ ହୋଇ ଉଠିଛନ୍ତି। ଏହି ଅଞ୍ଚଳ ଦେଇ ପ୍ରବାହିତ ହେଉଥିବା ଲୁଣା ଓ ଚିତ୍ରୋପ୍ତଳା ନଦୀରୁ ବନ୍ୟାଜଳ ଛାଡ଼ିବା ପରେ ବିଭିନ୍ନ ଘାଟରୁ ଦିନ ଓ ରାତିରେ ଶହ ଶହ ଟ୍ରିପ୍ ଚୋରାରେ ବାଲି ଉଠୁଥିବାର ଦେଖାଯାଇଛି। ସ୍ପଷ୍ଟ ଦିବାଲୋକରେ ପ୍ରୋକ୍ଲିନ୍ ସାହାଯ୍ୟରେ ଟ୍ରାକ୍ଟର ଓ ହାଇୱାରେ ବାଲି ଲୋଡ଼ ହୋଇ ଚାଲାଣ ହେଉଥିଲେ ମଧ୍ୟ ପୁଲିସ ଓ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛନ୍ତି। ଅପରପକ୍ଷରେ କଟକ ଖଣି ଉପନିର୍ଦ୍ଦେଶକ ବର୍ଷା ଋତୁରେ ନଦୀରୁ ବାଲି ଉଠାଯିବ ନାହିଁ ବୋଲି ଗତ ଜୁଲାଇ ୨ ତାରିଖ ଦିନ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲା ବେଳେ ଏହାକୁ ବେଖାତିର କରାଯାଉଥିବା ଦେଖାଯାଇଛି। ଏହି ତହସିଲ ଅନ୍ତର୍ଗତ କେଣ୍ଡାଲୋ ପଞ୍ଚାୟତ କୂଳସୁକରପଡ଼ା ନିକଟସ୍ଥ ଲୁଣା ନଦୀରେ ଏକ ବେଆଇନ ଘାଟ କରି ବାଲି ମାଫିଆମାନେ ମନ ଇଚ୍ଛା ବାଲି ଉଠାଉଥିବା ଦେଖାଯାଇଛି। ବାଲି ଉଠାଇବା ପାଇଁ ବ୍ୟବହାର କରୁଥିବା ପ୍ରୋକ୍ଲିନ୍ ମେସିନ୍ ମଧ୍ୟ ନଦୀ ଭିତରେ ରଖାଯାଇଛି। ଏହି ବେଆଇନ ବାଲି ଘାଟଟି ନିଶ୍ଚିନ୍ତକୋଇଲି ତହସିଲ ଓ ଥାନା ଠାରୁ ମାତ୍ର ୬/୭ କିଲୋମିଟର ଦୂର ହୋଇଥିବାବେଳେ ଏ ସମ୍ପର୍କରେ ପୁଲିସ ଓ ପ୍ରଶାସନ କିଭଳି ଜାଣି ପାରୁନାହାଁନ୍ତି ସେ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏହି ଦୁଇ ନଦୀର କେତେକ ସରକାରୀ ନିଲାମପ୍ରାପ୍ତ



ବାଲିଘାଟ ବନ୍ଦ ରହିଥିଲେ ମଧ୍ୟ ଆଉ କେତେକ ସ୍ଥାନରେ ବେଆଇନ ଘାଟ କରି ପ୍ରଚୁର ପରିମାଣରେ ବାଲି ଉଠାଯାଉଥିବା ଦେଖିବାକୁ ମିଳିଛି। ବର୍ଷା ଦିନେ ବାଲି ଉଠାଇବା ଫଳରେ ନଦୀବନ୍ଧ ଦୁର୍ବଳ ହେବା ସହିତ ଏହାର ପାଖର୍ରେ ରହିଥିବା ନଦୀପଠା ଭୁଶୁଡି ପଡୁଥିବା ଦେଖାଦେଇଛି। ଏଭଳି ସ୍ଥିତିରେ ନଦୀକୂଳିଆ ଅଞ୍ଚଳର ବାସିନ୍ଦାମାନେ ଭୟଭୀତ ଅବସ୍ଥାରେ ରହିଛନ୍ତି। ତୁରନ୍ତ ଖଣି ବିଭାଗ ଓ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବାଲି ମାଫିଆଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଯେଉଁମାନଙ୍କ ଲୁକ୍କାୟିତ ପ୍ରୋତ୍ସାହନରେ ବେଆଇନ ବାଲିଘାଟ ଚାଲିଛି ସେମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀମାନେ ଦାବି କରିଛନ୍ତି।

# ପୂର୍ବ ଶତ୍ରୁତାରୁ ବୋମାମାଡ଼; ଅଳ୍ପକେ ବର୍ତ୍ତିଲେ ଯୁବକ

ଟାଙ୍ଗୀ,୧୧।୮ (ସମିସ): ପୂର୍ବ ଶତ୍ରୁତାରୁ ଜଣେ ଯୁବକଙ୍କ ଉପରେ ବୋମାମାଡ଼ ହୋଇଥିଲେ ହେଁ ସୌଭାଗ୍ୟବଶତଃ ବର୍ତ୍ତିବା ଓ ପୁଲିସ ଦୁଇଟି ଜୀବନ୍ତ ବୋମା, ଏକ ବାଇକ୍ ସହ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିବା ଘଟଣା ଗୋବିନ୍ଦପୁର ପଞ୍ଚାୟତ ଗୋକଳପୁର ଏବଂ ରସିକନଗର ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଅଭିଯୁକ୍ତ ଜଣକ ଗୋକଳପୁର ଗ୍ରାମର ବାବୁନା ଓରଫ

**ଜୀବନ୍ତ ବୋମା ଓ ବାଇକ ସହ ମୁଖ୍ୟ ଅଭିଯୁକ୍ତ ଗିରଫ**

ବୈକୁଣ୍ଠନାଥ ପାଲ(୩୦)। ଥାନା କେସ୍ ନଂ ୨୫୦/୨୫, ଦଫା ୧୨୬(୨), ୨୯୬, ୧୦୯, ୩୫୧(୩), ୩(୫) ଭାରତୀୟ ନ୍ୟାୟ ସଂହିତା ଓ ବିସ୍ଫୋରକ ସାମଗ୍ରୀ ମାମଲା ୩/୪/୫ ଅନୁଯାୟୀ ଅଭିଯୁକ୍ତକୁ ସୋମବାର ଅଦାଲତ ଚାଲାଣ କରାଯାଇଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉପଖଣ୍ଡ ପୁଲିସ ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି। ମିଳିଥିବା ତଥ୍ୟ ଅନୁଯାୟୀ ରସିକ ନଗର ଗ୍ରାମର ମୁକେଶ କୁମାର ଦାସଙ୍କ ସହ ବୈକୁଣ୍ଠଙ୍କର ଶତ୍ରୁତା ରହିଥିଲା। ରବିବାର ସକାଳ ୯



ଘଟିକାରେ ମୁକେଶ ଗୋବିନ୍ଦପୁର ଛକରୁ ନିଜ ଗ୍ରାମ ରସିକ ନଗର ଫେରୁଥିଲେ। ପୂର୍ବ ଶତ୍ରୁତାରୁ ବାଟରେ ଥିବା ଏକ ଜଗନ୍ନାଥ ମନ୍ଦିର ନିକଟରେ ଛକି ରହିଥିବା ଅଭିଯୁକ୍ତ ବୈକୁଣ୍ଠ, ପିତା ଭରତ ଓ ଭାଇ ଶେଷଦେବ ହଠାତ୍ ମୁକେଶଙ୍କୁ ଅଟକାଇ ଗାଳିଗୁଲଜ କରିବା ସହ ଧମକଚମକ ଦେଇଥିଲେ। କୌଣସି ପ୍ରକାର ଖସିବାକୁ ଚେଷ୍ଟା କରିବାରୁ ପ୍ରଥମେ ବୈକୁଣ୍ଠ ଓ ପରେ ତାଙ୍କ ପତ୍ନୀ ମୁକେଶ ଉପରକୁ ବୋମାମାଡ଼ କରିଥିଲେ। କିନ୍ତୁ ସୌଭାଗ୍ୟବଶତଃ କାହାର କିଛି କ୍ଷତି ନ ହେବାରୁ ଘଟଣାର ସମାଧାନ ନିମନ୍ତେ ଗ୍ରାମରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମାତ୍ର ସମାଧାନର ରାସ୍ତା ବାହାରି ନ ପାରିବାରୁ ଅଭିଯୁକ୍ତ ବୈକୁଣ୍ଠ ଓ ପତ୍ନୀ ପାଲଟା ଅଭିଯୋଗ ନିମନ୍ତେ ଥାନାର ଦ୍ୱାରସ୍ଥ ହୋଇଥିଲାବେଳେ ଟାଙ୍ଗୀ ପୁଲିସ ଦୁହିଁଙ୍କୁ ଅଟକ ରଖି ଜେରା କରିଥିଲା। ଅନ୍ୟପକ୍ଷରେ ଅଭିଯୁକ୍ତ ବୈକୁଣ୍ଠ ଜଣେ ପେଶାଦାର ଅପରାଧୀ ଓ ୨୦୧୯ ମସିହାରୁ ୨୦୨୪ ମସିହା ମଧ୍ୟରେ ଟାଙ୍ଗୀ ଥାନାରେ ୫ଟି ଭିନ୍ନ ଭିନ୍ନ ମାମଲା ରୁଜୁ ହୋଇଥିବା ଆଇଆଇସି ଶିବପ୍ରସାଦ ଭଦ୍ର ସୂଚନା ଦେଇଛନ୍ତି।

## ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଉଦ୍‌ଘାଟିତ



ସାଲେପୁର,୧୧।୮ (ସମିସ): କବିତା ସବୁବେଳେ ମନକୁ ଛୁଇଁଥାଏ। ଭଲ କବିତା ରଚନା କରାଯାଇପାରିଲେ ତାହା ଲୋକଙ୍କ ହୃଦୟରେ ଦୀର୍ଘସ୍ଥାୟୀ ପର୍ଯ୍ୟନ୍ତ ରହି ପାରିଥାଏ ବୋଲି ସାଲେପୁର ହାଇସ୍କୁଲ ଅଡିଟୋରିୟମ୍ ହଲରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କବିତା ପାଠୋତ୍ସବକୁ ଉଦ୍‌ଘାଟନ କରି ସମାଜସେବୀ ତଥା ସଂଗଠକ ହିମାଂଶୁ ମହାନ୍ତି ଏହି ମତ ପ୍ରଦାନ କରିଛନ୍ତି। ସାଲେପୁର ସାହିତ୍ୟ ମହୋତ୍ସବର ଆବାହକ ଅକ୍ଷୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ରୂପେ ଗାଳ୍ପିକ ଡଃ ଗିରୀଶ ସାହୁ ଯୋଗଦେଇ କବିତା ସବୁବେଳେ କାଳଜୟୀ ବୋଲି କହିଥିଲେ। ସୁସାହିତ୍ୟିକା ମଧୁସ୍ମିତା ମିଶ୍ର ଓ ବିଷ୍ଣୁଚରଣ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ୩୦ରୁ ଉର୍ଦ୍ଧ୍ୱ କବି ଯୋଗଦେଇ କବିତା ପାଠ କରିଥିଲେ। ଏହି ଅବସରରେ ଡ. ତରୁଲତା ଦେବୀ, କବି ପ୍ରସନ୍ନ ମିଶ୍ର, ପୂର୍ବତନ ପ୍ରଧାନଶିକ୍ଷକ ବିପିନ ବିହାରୀ କର, ଗାଳ୍ପିକ କାର୍ତ୍ତିକ ଚନ୍ଦ୍ର ବାରିକ, ସାଲେପୁର କଳା କେନ୍ଦ୍ରର ପ୍ରତିଷ୍ଠାତା ସଂଯୁକ୍ତା ଜେନା, ନୃତ୍ୟଶିଳ୍ପୀ ରିତିକା ସାହୁ, ପ୍ରମୋଦ ନାୟକଙ୍କ ସମେତ ବହୁ ସାହିତ୍ୟିକଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କବି ଚନ୍ଦ୍ରମଣି ଭୂୟାଁ ଧନ୍ୟବାଦ ଦେଇଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଡ. ଯୁଧିଷ୍ଠିର ଖଟୁଆ, ପଣ୍ଡିତ ସଞ୍ଜୟ ଷଡ଼ଙ୍ଗୀ, ବିଶ୍ୱରଞ୍ଜନ ସାହୁ, ମାନସ ଦାଶ, ପ୍ରବୀର ଦାସ, ନାଗମଣୀ ସ୍ୱାଇଁ, କବି ପ୍ରଫୁଲ୍ଲ ସିଂହଙ୍କ ସମେତ ବହୁ କବି ଓ ଲେଖକ ତଥା ସାହିତ୍ୟିକମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଏହାକୁ ପରିଚାଳନା କରିଥିଲେ।

## ରୋଟାରୀ କ୍ଲବ୍‌ର ଅଧିଷ୍ଠାନ ଉତ୍ସବ




ଚୌଦ୍ୱାର,୧୧।୮ (ସମିସ): ଚୌଦ୍ୱାର ରୋଟାରୀ କ୍ଲବ୍‌ର ଅଧିଷ୍ଠାନ ଓ ନୂତନ କର୍ମକର୍ତ୍ତା ଚୟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କ୍ଲବ୍ ସଭାପତି ନରେଶ କୁମାର ସାହୁଙ୍କ ପୌରହିତ୍ୟରେ ସ୍ଥାନୀୟ ପୌର ଟାଉନ୍‌ହଲ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ଶିବବ୍ରତ ଦାସ, ଜଷ୍ଟିସ ମନୋରଞ୍ଜନ ମହାନ୍ତି, ଆସିଷ୍ଟାଣ୍ଟ ଗଭର୍ଣ୍ଣର ପାର୍ଥସାରଥୀ ଚାଟାର୍ଜୀ ଏବଂ ଚୌଦ୍ୱାର କ୍ଲବ୍‌ର ପ୍ରଥମ ସଭାପତି ଡଃ. ଶିବ ପ୍ରସାଦ ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ଅଞ୍ଚଳର ବିକାଶ ସହିତ ଜନସେବାରେ ନିରନ୍ତର କାର୍ଯ୍ୟ କରିବା ପାଇଁ କ୍ଲବ୍ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ଚଳିତ ୨୦୨୫-୨୬ ବର୍ଷ ପାଇଁ ସଭାପତି ଭାବେ ସଞ୍ଜିତ କୁମାର ଜେନା ଓ ସମ୍ପାଦକ ଭାବେ ରବିନ୍ଦ୍ର କୁମାର ସାହୁଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଡା. ଅମିତ କୁମାର ପୃଷ୍ଟି ସ୍ୱାଗତ ଭାଷଣ ଓ ସୁକାନ୍ତ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶରତ ଖୁଣ୍ଟିଆ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ କ୍ଲବ୍‌ର ମୁଖପତ୍ର ଜାଗୃତିର ବିଶେଷ ସଂଖ୍ୟା ଉନ୍ମୋଚିତ ହୋଇଥିଲା। ପ୍ରତାପ ଶତପଥୀ, ଜୟଶ୍ରୀ ମହାନ୍ତି, ପଞ୍ଚାନନ ନାୟକ, ବିଶ୍ୱକଲ୍ୟାଣ ଦାସ, ଦିବାକର ସାହୁ, ରାଜକିଶୋର ସାମନ୍ତରାୟ, ଭାସ୍କର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଭାରତୀ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଆସୁଛନ୍ତି ଗଜାନନ

# ଆନ୍ଧ୍ର 'କନକଦୁର୍ଗା ମନ୍ଦିର' ଶୈଳୀରେ ହେବ ତୋରଣ

କଟକ,୧୧।୮ (ସମିସ)

ରୌପ୍ୟନଗରୀକୁ ଆସିବେ ଗଜାନନ। ପାର୍ବଣ'ର ପହିଲି ଚିଠି ଧରି ହଜାର ବର୍ଷର ସହରରେ ପୂଜା ପାଇବେ ଶ୍ରୀଗେଣଶ...ଦୁଲୁକିବ କଟକ। ବାଜା, ବାଣ ଓ ଆକର୍ଷଣୀୟ ଆଲୋକ ସଜ୍ଜାରେ ଝଲସି

**ସୁଇଟ୍-ହାର୍ଟ ଗ୍ରୁପ୍, ପାରେଶ୍ୱର ସାହି**

ଉଠିବ ମହାନଦୀବିହାରରୁ ମର୍କତନଗର। ମହାନଦୀ ଆଉ କାଠଯୋଡି'ର ହୃଦୟ ଚିରା ବକ୍ଷ'ରେ ଏ ସହରରେ ଶୁଭିବ 'ବକ୍ରତୁଣ୍ଡ ମହାକାୟ, ସୂର୍ଯ୍ୟକୋଟି ସମପ୍ରଭଃ..ନିର୍ବିଘ୍ନ କୁରୁମେ ଦେବୋ, ସର୍ବକାର୍ଯ୍ୟେଷୁ ସର୍ବଦା'.. କଟକିଆ ବରାଦ ଦେଇ ନିର୍ଦ୍ଧୁମ୍ ପିଟିବେ ଶିଙ୍ଘ ବାଜା, ଦୁଲୁଦୁଲି, ମାଦଳ, ପଞ୍ଜାବୀ ବାଜା,



ଘଣ୍ଟ ସାଂଗକୁ ବ୍ୟାଣ୍ଡ ବାଜା। ମୂର୍ତ୍ତି ଗଢ଼ା ଚାଲିଲାଣି। ପୂଜାର ପୂର୍ବପ୍ରସ୍ତୁତିର ଝଲକକୁ ନେଇ ଆରମ୍ଭ ବିଶେଷଃ ଉପସ୍ଥାପନା....ଆସୁଛନ୍ତି ଗଜାନନ।

ଏଥର ଆନ୍ଧ୍ରପ୍ରଦେଶର କନକଦୁର୍ଗା ମନ୍ଦିର ଶୈଳିରେ ଗଜାନନଙ୍କ ତୋରଣ ନିର୍ମାଣ କରାଯାଉଛି। ବାଉଁଶ ଓ ଫ୍ଲେକ୍ସରେ ନିର୍ମିତ ଏହି ତୋରଣ ଏଠାକାର ମୁଖ୍ୟ ଆକର୍ଷଣ ପାଲଟିବ। କଟକ ପାରେଶ୍ୱର ସାହିର ସୁଇଟ ହାର୍ଟ ଗ୍ରୁପ ୨୦୧୦ମସିହାରୁ ଗଣନାଥ ଙ୍କ ପୂଜା ଅର୍ଚ୍ଚନା କରିଆସୁଛନ୍ତି। ଚଳିତ ବର୍ଷ ପୂଜା କୁ ଧୁମ୍‌ଧାମରେ ପାଳନ କରାଯିବା ପାଇଁ ଗ୍ରୁପର ସଭା ରେ ନିଷ୍ପତ୍ତି ନିଆଯାଇଛି। ଚୌଦ୍ୱାର ଅଞ୍ଚଳର ଯୁବ ବିଶ୍ୱକର୍ମା ପରମେଶ୍ୱର ସାହୁ (ବଣ୍ଟି)ଙ୍କ ଦ୍ୱାରା ଗଣପତି ଙ୍କ ମୃର୍ଣ୍ଣମୟୀ ମୂର୍ତ୍ତି ତିଆରି କରାଯାଉଛି। ଚଳିତ ବର୍ଷ ଗଣପତିଙ୍କ ମସ୍ତକ ରେ ୪୫୦ଗ୍ରାମ ର ରୂପା ର ଏକ ଚିତା ମଧ୍ୟ ନିର୍ମାଣ କରାଯାଇଛି। ଆଗକୁ ସମ୍ପୂର୍ଣ୍ଣ ରୂପାର ମୁକୁଟ ଓ ଆଭୂଷଣ ହେବାର ଗ୍ରୁପ ର ଲକ୍ଷ୍ୟ ରହିଛି। ଗତ ବର୍ଷ ପରି ପ୍ରାୟେ ୧କୁଇଣ୍ଟାଲର ଲଡୁ ମଧ୍ୟ ନିର୍ମାଣ କରାଯିବା ସହ ପ୍ରସାଦ ସେବନର ଆୟୋଜନ ମଧ୍ୟ କରାଯିବ। ଏଥର ଶୋଭାଯାତ୍ରାରେ ବ୍ରହ୍ମପୁରର ଚକ୍ରବର୍ତ୍ତୀ ବ୍ୟାଣ୍ଡ ସହ ଘଣ୍ଟ ବାଦ୍ୟକୁ ବି ସାମିଲ କରାଯିବ। ପ୍ରାୟେ ୩ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ସୂଚନା ସଭାପତି ଦୀପକ ବେହେରା ସମ୍ପାଦକ ଶାନ୍ତନୁ ବେହେରା ଓ କୋଷାଧକ୍ଷ ଶଙ୍କର ବରାଳ ସୂଚନା ପ୍ରଦାନ କରିଛନ୍ତି।

# କଟକ ସିଟି



## ବିକାଶଭବନର ଆଧୁନିକୀକରଣକୁ ନେଇ ପ୍ରଶ୍ନ ଉଠାଇଲେ କର୍ପୋରେଟର

# କୋଟିଏ ଟଙ୍କାର ମୂଲ୍ୟବାନ କାଠ ସାମଗ୍ରୀ ଗଲା କୁଆଡ଼େ

କଟକ, ୧୧।୮ (ସମିସ)

କଟକ ମହାନଗର ନିଗମ (ସିଏମସି)ର ବିକାଶ ଭବନ ଆଧୁନିକିକରଣ ଆଳରେ କବାଟ ଝରକା କାଢ଼ିନିଆଯାଇଛି। ବିକାଶ ଭବନରେ ଲାଗିଥିବା ଏସି ଗୁଡ଼ିକ ମଧ୍ୟ ଖୋଲି ନିଆଯାଇଛି। ରାଜ୍ୟ ସରକାରଙ୍କ ପଞ୍ଜୀକୃତ ସଂସ୍ଥା ଓଡ଼ିଶା ପୁଲିସ ହାଉସିଂ ୱେଲଫେୟାର କର୍ପୋରେସନ (ଓପିଏଚଡବ୍ଲୁସି)କୁ ସିଏମସି ପକ୍ଷରୁ କାର୍ଯ୍ୟାଦେଶ ଦିଆଯାଇ ଅଗ୍ରୀମ ଆକାରରେ ଅର୍ଥ ମଧ୍ୟ ପ୍ରଦାନ କରାଯାଇଛି। ହେଲେ ବିକାଶ ଭବନରୁ କଢ଼ାଯାଇଥିବା କବାଟ ଝରକା ଗୁଡ଼ିକ ଶାଳ, ଶାଗୁଆନ ଭଳି ବହୁ ମୂଲ୍ୟବାନ କାଠରେ ତିଆରି ହୋଇଥିବା ବେଳେ ଆବଶ୍ୟକତା ନ ଥାଇ ଏ ସବୁକୁ କାଢି ନିଆଯିବା କେତେଦୂର ଯର୍ଥାଥ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି କବାଟ ଝରକା ଗୁଡ଼ିକ ସିଏମସିକୁ ହସ୍ତାନ୍ତର କରାଯାଇ ନାହିଁ। ତେବେ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ଏହି ସାମଗ୍ରୀ କୁଆଡେ ଉଭାନ ହୋଇଗଲା ସେଥିନେଇ କର୍ପୋରେଟରମାନେ ପ୍ରଶ୍ନ ଉଠାଇଛନ୍ତି। ଏ ବିଷୟରେ ଅଭିଯୋଗ ହୋଇଥିଲେ ମଧ୍ୟ ଓପିଏଚଡବ୍ଲୁସିକୁ କିଭଳି ଅଗ୍ରୀମ ଅର୍ଥ ଠାରୁ ଆହୁରି ଅଧିକ ପ୍ରଦାନ କରାଗଲା ସେଥିନେଇ ନିରପେକ୍ଷ ତଦନ୍ତ କରାଯିବାକୁ ଦାବି ଉଠିଛି।

ସୂଚନା ଅନୁଯାୟୀ, ବିକାଶ ଭବନର ନବୀକରଣ ନିମନ୍ତେ ସିଏମସି ପକ୍ଷରୁ ୫ କୋଟି ୯୦ ଲକ୍ଷ ଟଙ୍କାର ପ୍ରକଳ୍ପ କାର୍ଯ୍ୟ ଓପିଏଚଡବ୍ଲୁସିକୁ ଦିଆଯାଇଥିଲା। ଏହି କାର୍ଯ୍ୟ ପାଇଁ ୨୦୨୩ ମେ ମାସରେ ଓପିଏଚଡବ୍ଲୁସିକୁ କାର୍ଯ୍ୟାଦେଶ ମିଳିଥିଲା। ୨୦୨୪ ନଭେମ୍ବର ୩୦ ତାରିଖ ସୁଦ୍ଧା ଏ ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଓପିଏଚଡବ୍ଲୁସି ଓ ସିଏମସି ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷାରିତ ହୋଇଥିଲା। ଏ ବାବଦରେ ସିଏମସି ପକ୍ଷରୁ ୫୦ ପ୍ରତିଶତ ଅଗ୍ରୀମ ଅର୍ଥ ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ପୁଣି ଓପିଏଚଡବ୍ଲୁସିକୁ ଆହୁରି ୨୦ ପ୍ରତିଶତ ଅର୍ଥ ଦିଆଗଲା। କିନ୍ତୁ ପଦ୍ମ ଘୁଞ୍ଚି ଘୁଞ୍ଚି ଯିବା ଭଳି ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାରୁ ଏହା ଏଯାବତ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ବରଂ ଏହି କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ଅଭିଯୋଗ ଉଠିଛି। ମଜବୁତ କବାଟ ଓ ଝରକା କାଢ଼ି ନିଆଯାଇଥିବା ବେଳେ ପ୍ଲାଏଉଡ ଦ୍ୱାରା କବାଟ ଲାଗିଥିବା ବେଳେ ଝରକାରେ ସ୍ଲାଇଡିଂ ସିଷ୍ଟମ କରାଯାଇଛି। ବିକାଶ ଭବନର ପ୍ରତ୍ୟେକ ପ୍ରକୋଷ୍ଠରେ ଥିବା ଏସି, ଫ୍ୟାନ, ଟେବୁଲ, ଆଲମିରାକୁ ମଧ୍ୟ ହଟାଇ ଦିଆଯାଇଛି। ଏହି ସାମଗ୍ରୀ ଗୁଡିକ ମଧ୍ୟ ସିଏମସିକୁ ହସ୍ତାନ୍ତର କରାଯାଇ ନାହିଁ। ସେହିଭଳି ସିଏମସି ପକ୍ଷରୁ କାଠଯୋଡି ନଦୀ ରିଙ୍ଗରୋଡ଼ କଡ଼ ବେଲଭ୍ୟୁ ସ୍କୋୟାରରେ ପାର୍କ, ପାର୍କିଂ ପ୍ଲେସ ଓ ଫୁଡ କୋର୍ଟ, ରାସ୍ତା ମଝିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପାଇଁ ୧୩ କୋଟି ୬୭ ଲକ୍ଷର କାର୍ଯ୍ୟାଦେଶ ଓପିଏଚଡବ୍ଲୁସିକୁ ପ୍ରଦାନ କରାଯାଇଥିଲା।

**ଓପିଏଚଡବ୍ଲୁସି ବିରୋଧରେ ନିମ୍ନମାନର କାର୍ଯ୍ୟ ଅଭିଯୋଗ**

ଯେଉଁସବୁ ନବୀକରଣ କିମ୍ବା ଉନ୍ନତିମୂଳକ କାର୍ଯ୍ୟ କରାଯାଏ ତାହାର ଏଷ୍ଟିମେଟ ସିଏମସିର ପ୍ରୋଜେକ୍ଟ ମନିଟରିଂ ୟୁନିଟ (ପିଏମୟୁ) ପ୍ରସ୍ତୁତ କରିଥାଏ। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଏହି ସମସ୍ତ କାର୍ଯ୍ୟର ଏଷ୍ଟିମେଟ ପୁଲିସ ହାଉସିଂ କର୍ପୋରେସନ ନିଜେ ପ୍ରସ୍ତୁତ କରି କାର୍ଯ୍ୟ କରୁଛି। କିନ୍ତୁ ପିଏମୟୁ ସେଲ ଏହାକୁ ତଦାରଖ କରୁ ନାହିଁ ତେଣୁ ବିଲ ଉପସ୍ଥାପନ ବେଳେ ପିଏମୟୁ ସେଲ ବିଲର ପରିମାଣ ଯାଞ୍ଚ କରି ଉପରିସ୍ଥ ଅଧିକାରୀଙ୍କ ନିକଟକୁ ପଠାଇବାର ବିଧି ରହିଛି। ତେବେ ବିଲରେ ପିଏମୟୁ ସେଲ କେଉଁଠାରେ ଯାଞ୍ଚ କରି ନାହିଁ ଏବଂ ପିଏମୟୁ ସେଲର କୌଣସି ଅଧିକାରୀଙ୍କ ଦସ୍ତଖତ ନାହିଁ। କେବଳ ସିଟି ଇଞ୍ଜିନିୟରଙ୍କ ନିକଟରେ ବିଲର କାଗଜପତ୍ର ପ୍ରଦାନ କରାଯାଇଛି। ସିଟି ଇଞ୍ଜିନିୟର ଏହି ବିଲକୁ କିପରି ଅନୁମୋଦନ କଲେ ତାହା ୱାର୍କ୍ସ କମିଟି ପ୍ରଶ୍ନ ଉଠାଇଥିଲା। ସିଟି ଇଞ୍ଜିନିୟରଙ୍କର ଏହି କାମ ତଦାରଖ କରିବା ଦାୟିତ୍ୱ ନ ଥିବା ସେ ସ୍ୱୀକାର କରିଥିବା ସତ୍ତ୍ୱେ କିଭଳି ସେ ଏହି ବିଲକୁ ଅନୁମୋଦନ ନିମନ୍ତେ ପଠାଇଲେ ଏବଂ ଉପରିସ୍ଥ ଅଧିକାରୀ ତାହାକୁ କିଭଳି ଅନୁମୋଦନ କଲେ ଏହା ସିଏମସି କର୍ପୋରେଟରଙ୍କୁ ଚକିତ କରିଛି।

ସେହିପରି ଫୁଡ କୋର୍ଟ ନିମନ୍ତେ ୧୩ କୋଟି ୬୭ ଲକ୍ଷ ଟଙ୍କାର ବ୍ୟୟବରାଦ ହୋଇଥିଲା। ହେଲେ ସିଏମସି ୱାର୍କ୍ସ କମିଟି ଏହି କାର୍ଯ୍ୟକୁ ଅନୁଧ୍ୟାନ କରିବା ପରେ ଏହା ୩ କୋଟିରୁ ଅଧିକ ହେବ ନାହିଁ ସମସ୍ତ ସଭ୍ୟସଭ୍ୟା ଉପଲବ୍ଧି କରିଥିଲେ। ଏ ବାବଦରେ ପୁଲିସ ହାଉସିଂ କର୍ପୋରେସନ ଅଗ୍ରୀମ ବାବଦକୁ ୫ କୋଟି ୩୪ ଲକ୍ଷ ଟଙ୍କା ନେଇସାରିଥିଲେ ମଧ୍ୟ ସେତିକି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଏହି କାର୍ଯ୍ୟର ଏଷ୍ଟିମେଟକୁ ଓପିଏଚଡବ୍ଲୁସି ପ୍ରସ୍ତୁତ କରିଥିଲେ ସୁଦ୍ଧା ଏହାକୁ ପିଏମୟୁ ୟୁନିଟ ଭେରିଫାଏ କରି ନାହିଁ। ଏହି ପ୍ରକଳ୍ପ କାର୍ଯ୍ୟକୁ ପିଏମୟୁ ତଦାରଖ କରିଥିଲେ ଏହି କାର୍ଯ୍ୟ ଅଧିକ ତ୍ୱରାନ୍ୱିତ ହୋଇପାରିଥାନ୍ତା ବୋଲି କର୍ପୋରେଟରମାନେ ମତ ଦେଇଛନ୍ତି। ତେବେ ଓପିଏଚଡବ୍ଲୁସି ପକ୍ଷରୁ ବିକାଶଭବନର ମୂଲ୍ୟବାନ କବାଟ ଓ ଝରକାକୁ ସିଏମସିକୁ ହସ୍ତାନ୍ତର ନ କରି ନିମ୍ନମାନର କାର୍ଯ୍ୟ ଓ ଅଧିକ ଅଗ୍ରୀମ ଅର୍ଥ ବେଆଇନ ଭାବେ ପ୍ରଦାନ କରାଯାଇଥିବାରୁ ଏହି ଟଙ୍କାକୁ ସମ୍ପୃକ୍ତ ସଂସ୍ଥାରୁ ଭରଣା କରିବା ପାଇଁ ସିଏମସି ପବ୍ଲିକ ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକରେ ଆଲୋଚନା କରାଯାଇ ପ୍ରସ୍ତାବ ଗୃହୀତ ହୋଇ କାଉନସିଲ ଅଧିବେଶନରେ ଏହା ପାରିତ ହୋଇଥିଲା। ମାତ୍ର ଏଯାବତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ବିଶେଷ କରି ବିକାଶଭବନରେ ହୋଇଥିବା ନିମ୍ନମାନର କାର୍ଯ୍ୟର ତଦନ୍ତ କରାଯିବାକୁ ସିଏମସି ୱାର୍କ୍ସ କମିଟି ପକ୍ଷରୁ କର୍ପୋରେଟର ପ୍ରଦୀପ୍ତ ଖୁଣ୍ଟିଆ ଦାବି କରିଛନ୍ତି।

ଅନ୍ୟପକ୍ଷରେ ବିକାଶଭବନ ଆଧୁନିକୀକରଣ କାର୍ଯ୍ୟ କରାଯିବା ବେଳେ ଯେଉଁ ମୂଲ୍ୟବାନ କାଠ କବାଟ ଓ ଝରକା ଉଭାନ ହୋଇଥିବା କଥା ଯାହା ଅଭିଯୋଗ ଉଠୁଛି ତାହା ଠିକ ନୁହେଁ ଏସବୁ ସାମଗ୍ରୀକୁ ସୁରକ୍ଷିତ ଭାବେ ରଖାଯାଇଛି ଏବଂ ନିମ୍ନମାନର କାର୍ଯ୍ୟ ହୋଇନାହିଁ ବୋଲି ଓପିଏଚଡବ୍ଲୁସିର ଜଣେ ବରିଷ୍ଠ ପଦାଧିକାରୀ କହିଛନ୍ତି। ଏହି କାର୍ଯ୍ୟ ନିର୍ଦ୍ଧାରିତ ସମୟରେ କାହିଁକି ସମ୍ପୂର୍ଣ୍ଣ ହୋଇପାରିନାହିଁ ବୋଲି ପଚାରିବାରୁ ସିଏମସି ଏ ବାବଦରେ ମଞ୍ଜୁର ହୋଇଥିବା ସମ୍ପୂର୍ଣ୍ଣ ଅର୍ଥ ପ୍ରଦାନ ନ କଲେ କାମ ସାରିବା ସମ୍ଭବ ନୁହେଁ ବୋଲି ଉକ୍ତ ପଦାଧିକାରୀ ପ୍ରକାଶ କରିଛନ୍ତି।

## ରେଭେନ୍ସା କଲିଜିଏଟ ସ୍କୁଲରେ 'ଲଡୁ ଦିବସ' ପାଳନ

# ପିତାମାତା ପ୍ରଥମ ଗୁରୁ : ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀ



**କଟକ, ୧୧।୮ (ସମିସ):** ପିତାମାତା ହେଉଛନ୍ତି ପ୍ରଥମ ଗୁରୁ ଏବଂ ଈଶ୍ୱର। ସେମାନଙ୍କ ଅବଦାନକୁ ଜୀବନରେ କେବେ ନ ଭୁଲିବା ପାଇଁ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

ରେଭେନ୍ସା କଲିଜିଏଟ୍ ସ୍କୁଲ ପରିସରରେ ଆଜି ଲଡୁ ଦିବସ ପାଳନ ଅବସରରେ ଗୁରୁଜୀ ଡ. ଶତପଥୀ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଗହଣରେ ସମୟ କଟାଇଥିଲେ ଓ ସେମାନଙ୍କୁ ପ୍ରେରଣା ଦେଇଥିଲେ। ଶ୍ରୀଗୁରୁ ଭାଗବତରେ ସ୍ଥାନ ପାଇଥିବା ପିତାମାତା ସ୍ତବକ ଭାରତର ଅଧିକାଂଶ ଭାଷାରେ ଅନୁବାଦିତ ହୋଇ ପିଲାମାନେ ପାଠ କରୁଛନ୍ତି ବୋଲି ଗୁରୁଜୀ କହିଥିଲେ।

ସୂଚନାଯୋଗ୍ୟ ଯେ ଗୁରୁଜୀ ଡ. ଶତପଥୀଙ୍କ ଦ୍ୱାରା ପ୍ରଦତ୍ତ ଅନୁଦାନରେ କଲିଜିଏଟ ସ୍କୁଲରେ ସ୍ମାର୍ଟ କ୍ଲାସ ପ୍ରତିଷ୍ଠା ହୋଇଥିଲା ଏବଂ ୨୦୨୩ ମସିହା ଅଗଷ୍ଟ ୧୦ ତାରିଖରେ ଗୁରୁଜୀଙ୍କ ହାତରେ ଏହା ଉଦ୍‌ଘାଟିତ ହୋଇଥିଲା। ଏହି ମୁହୂର୍ତ୍ତକୁ ସ୍ମରଣୀୟ କରି ରଖିବା ନିମନ୍ତେ ତଥା ଗୁରୁଜୀଙ୍କଠାରୁ ଜୀବନରେ ସଫଳତାର ସୂତ୍ର ଶିକ୍ଷା କରିବା ଅଭିପ୍ରାୟରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଲଡୁ ଦିବସ ପାଳନର ଶୁଭାରମ୍ଭ ହୋଇଥିଲା। ଏହା ପରଠାରୁ ପ୍ରତିବର୍ଷ ଏହିଦିନଟିକୁ ଲଡୁ ଦିବସ ରୂପେ ପାଳନ କରାଯାଉଛି।

ବିଦ୍ୟାଳୟର ପୁରାତନ ଛାତ୍ର ତଥା ମଣିପୁର ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ଲକ୍ଷ୍ମୀକାନ୍ତ ମହାପାତ୍ର ଗୁରୁଜୀଙ୍କର ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଗତି ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ।

# କୁଖ୍ୟାତ ବ୍ରାଉନସୁଗର ଅପରାଧି ଗିରଫ

**କଟକ, ୧୧।୮ (ସମିସ):** ଜଣେ କୁଖ୍ୟାତ ନିଶା ବେପାରୀ କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ହାତରେ ଧରାପଡ଼ିଛି। ଅଭିଯୁକ୍ତ ଜଣକ ହେଉଛି ସିଆରଆରଆଇ ଥାନା ଅନ୍ତର୍ଗତ ନେହେରୁପଲ୍ଲୀ ବଡ ସାହିର ସୌମ୍ୟରଞ୍ଜନ ଦାସ (୨୩)। ତା' ପାଖରୁ ୧୭୨ ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଛି।

ଗତକିଛିଦିନ ତଳେ ସହର ଉପକଣ୍ଠରେ ବ୍ରାଉନସୁଗର କାରବାର ହେଉଥିବା ସମ୍ପର୍କରେ ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ଏହାପରଠୁ ଏକ ଟିମ ନିଶା ବେପାରୀର ସନ୍ଧାନ ନେବା ଆରମ୍ଭ କରିଥିଲା। ତଦନ୍ତକ୍ରମେ ଜଣାପଡ଼ିଲା ଯେ, ନେହେରୁପଲ୍ଲୀ ଅଞ୍ଚଳର ସୌମ୍ୟରଞ୍ଜନ ବ୍ରାଉନସୁଗର ଆଣି ବେପାର କରୁଛି। ତାକୁ ନିଶାଦ୍ରବ୍ୟ ସହିତ ଧରିବା ପାଇଁ ଅବକାରୀ ବିଭାଗ ଜାଲ ବିଛାଇଥିଲା। କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗର ଜଣେ ଅଧିକାରୀ ଗ୍ରାହକ ଭାବେ ତା' ସହିତ ଯୋଗାଯୋଗ କରିଥିଲେ। ଅଧିକ ପରିମାଣର ବ୍ରାଉନସୁଗର ଆବଶ୍ୟକ ବୋଲି ତାକୁ କୁହାଗଲା। ଏହି କ୍ରମରେ ସୋମବାର ମଧ୍ୟାହ୍ନରେ ସୌମ୍ୟରଞ୍ଜନ ନିଶାଦ୍ରବ୍ୟ ଧରି ଚାଲି ଚାଲି କାଳିଆବୁଦା ଅଭିମୁଖେ ଆସୁଥିଲା। ଏତିକିବେଳେ ସ୍ଥାନୀୟ ଶାନ୍ତି ମଣ୍ଡପ ନିକଟରେ ଅବକାରୀ ଟିମ ତାକୁ ମାଡି ବସିଥିଲା। ଯାଞ୍ଚ ପରେ ତା' ପାଖରୁ ଏକ ଜରି ପୁଡିଆରେ ଥିବା ୧୭୨ ଗ୍ରାମ ଓଜନର ବ୍ରାଉନସୁଗର ମିଳିଛି। ଯାହାର ମୂଲ୍ୟ ପ୍ରାୟ ୧୭ ଲକ୍ଷ ୨୦ ହଜାର ଟଙ୍କା ହେବ। ଅଭିଯୁକ୍ତ ସୌମ୍ୟରଞ୍ଜନ ଜଣେ ପେସାଦାର ନିଶା ବେପାରୀ। ସେ ଜଳେଶ୍ୱରରୁ ବ୍ରାଉନସୁଗର ଆଣି ଜଗତସିଂହପୁର, କଟକ ସହର ସମେତ ଗ୍ରାମାଞ୍ଚଳରେ ଚାଲାଣ କରୁଥିଲା। ପୂର୍ବରୁ ତା' ନାଁରେ ଏକାଧିକ ଅପରାଧୀକ ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି।



**୧୭୨ ଗ୍ରାମ ଓଜନର ବ୍ରାଉନ୍‌ସୁଗର ଜବତ**

# ୨୦୨୬ ମାର୍ଚ୍ଚ ସୁଦ୍ଧା ଚଣ୍ଡୀ ମନ୍ଦିର ଉନ୍ନତୀକରଣ କାର୍ଯ୍ୟ ଶେଷ କର: ହାଇକୋର୍ଟ

**କଟକ, ୧୧।୮ (ସମିସ):** ୭୦ କୋଟି ଟଙ୍କା ବ୍ୟୟ ଅଟକଳରେ ହେଉଥିବା ମା କଟକ ଚଣ୍ଡୀ ମନ୍ଦିର ଉନ୍ନତିକରଣ ପ୍ରକଳ୍ପ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଓ ଅବ୍ୟବସ୍ଥା ଅଭିଯୋଗ କରି ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଶୁଣାଣି କରିଛନ୍ତି। ଏହି ମାମଲାରେ ପ୍ରତିପକ୍ଷ ତଥା ନିର୍ମାଣ ଦାୟିତ୍ୱ ନେଇଥିବା ଓଡ଼ିଶା ବ୍ରିଜ ଆଣ୍ଡ କନଷ୍ଟ୍ରକ୍ସନ କର୍ପୋରେସନ ଲିମିଟେଡ (ଓବିସିସି) ପକ୍ଷରୁ ଏକ ବିସ୍ତୃତ ସତ୍ୟପାଠ ଦାଖଲ କରାଯାଇଥିଲା। ସତ୍ୟପାଠ ଅନୁସାରେ ଧାର୍ଯ୍ୟ ସମୟ ତଥା ୨୦୨୬ ମାର୍ଚ୍ଚ ମାସ ସୁଦ୍ଧା ପ୍ରକଳ୍ପ ଅନ୍ତର୍ଗତ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ଶେଷ କରିବାକୁ ହାଇକୋର୍ଟ କହିଛନ୍ତି। ମା କଟକ ଚଣ୍ଡୀ ମନ୍ଦିର ସୁରକ୍ଷା କମିଟିର ଉପ ସଭାପତି ସୁକାନ୍ତ କୁମାର ମହାନ୍ତି ଓ ସମ୍ପାଦକ ଦେବାଶିଷ ରାଉତଙ୍କ ପକ୍ଷରୁ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ. ରମଣ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଯେହେତୁ ମନ୍ଦିର ନିର୍ମାଣ ସମୟର ପ୍ରଚଳିତ ପଦ୍ଧତି ଅନୁସାରେ ଯେହେତୁ ବର୍ତ୍ତମାନ ନିର୍ମାଣ କାର୍ଯ୍ୟ କରାଯାଉଛି ଓ ଏଥିପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରାଯାଇଛି। ଏଣୁ ମନ୍ଦିର ନିର୍ମାଣର ମୌଳିକତା ଯେପରି ବଜାୟ ରହେ ଆବଶ୍ୟକ ସ୍ଥଳେ ଆବେଦନକାରୀ ଏ ସମ୍ପର୍କିତ ଅଭିଯୋଗ ଉକ୍ତ କମିଟି ସମ୍ମୁଖରେ ଉପସ୍ଥାପନ କରିପାରିବେ। ଅନ୍ୟପଟରେ ପ୍ରତିପକ୍ଷ ଓବିସିସି ଯେପରି କାର୍ଯ୍ୟ ସମ୍ପାଦନ ପାଇଁ ଅଯଥା ଅଧିକ ସମୟ ନ ନିଏ ତାହା ସୁନିଶ୍ଚିତ କରିବା ଉପରେ ହାଇକୋର୍ଟ କହିଛନ୍ତି। ଓବିସିସି ତରଫରୁ ଦର୍ଶାଯାଇଛି ଯେ ମନ୍ଦିର ନିର୍ମାଣ ନିରୀକ୍ଷଣ ପାଇଁ ଏଏସଆଇର ପ୍ରାକ୍ତନ ନିର୍ଦ୍ଦେଶକ, ପ୍ରାକ୍ତନ ଅଧୀକ୍ଷକ ଓ ପ୍ରତ୍ନତତ୍ତ୍ୱ ନିର୍ଦ୍ଦେଶାଳୟ ଅଧୀକ୍ଷକଙ୍କୁ ନେଇ ଏକ ବୈଷୟିକ କମିଟି ଗଠନ କରାଯାଇଛି।ଏହି କମିଟିର ଅନୁମୋଦନ ଓ ତଦାରଖରେ ମନ୍ଦିର ପରିସରରେ ନିର୍ମାଣ କାର୍ଯ୍ୟ ଚାଲିଛି। ମୁଖ୍ୟ ମନ୍ଦିର, ଚଣ୍ଡୀ ପାଠ, ପୂର୍ବ ଦ୍ୱାର, ଯଜ୍ଞ ମଣ୍ଡପ ଆଦି ବ୍ୟତୀତ ଅନ୍ୟ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ନେଇ ଓବିସିସି ପକ୍ଷରୁ ଅଦାଲତଙ୍କୁ ଅବଗତ କରାଯାଇଛି। ସେହିଭଳି ଚଣ୍ଡୀ ମନ୍ଦିର ପ୍ରକଳ୍ପ ଉନ୍ନତିକରଣ କାର୍ଯ୍ୟ ଶେଷ ହେବା ପରେ ସମ୍ମୁଖ ରାସ୍ତା ସଂକୀର୍ଣ୍ଣ ହୋଇଯିବ ବୋଲି ଜଣେ ଇଣ୍ଟରଭିନର ମନୋଜ କୁମାର ପତି ଆବେଦନ କରିଥିଲେ। ରାସ୍ତା ପାଇଁ ଶୈଳବାଳା ମହାବିଦ୍ୟାଳୟର କିଛି ଅଂଶ ରାସ୍ତା ପାଇଁ ଅଧିଗ୍ରହଣ କରାଯାଇଥିବା ନେଇ ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା।

ପ୍ରକାଶଥାଉକି ୨୦୨୨ମେ୧୯ରେ ଚଣ୍ଡୀ ମନ୍ଦିର ଉନ୍ନତିକରଣ ପ୍ରକଳ୍ପ ଅନୁମୋଦନ ଲାଭ କରି କାମ ଆରମ୍ଭ ହୋଇଥିଲା। ଏହି ପ୍ରକଳ୍ପ ପାଇଁ ସ୍ଥିରୀକୃତ ନିର୍ଦ୍ଦିଷ୍ଟ ମାନଚିତ୍ର ଅନୁସାରେ ନିର୍ମାଣ କାର୍ଯ୍ୟ କରାଯାଉନଥିବା ଆବେଦନକାରୀ ଅଭିଯୋଗ କରିଛନ୍ତି। ସେହିଭଳି ବାସ୍ତୁ ଶାସ୍ତ୍ର ଅନୁସାରେ ଚଣ୍ଡୀ ମନ୍ଦିର ନିର୍ମାଣ କାର୍ଯ୍ୟ ଚାଲୁନଥିବା ଆବେଦନକାରୀ ଦର୍ଶାଇଥିଲେ। ଓଡ଼ିଶା ସେତୁ ଏବଂ ନିର୍ମାଣ ନିଗମ (ଓବିସିସି)କୁ ନିର୍ମାଣ ଦାୟିତ୍ୱ ଦିଆଯାଇଥିଲେ ସୁଦ୍ଧା କାମ ବିଳମ୍ବ ନେଇ ଆପତ୍ତି ଜଣାଯାଇଥିଲା।

**ଓବିସିସି ପକ୍ଷରୁ ସତ୍ୟପାଠ ଦାଖଲ**

**ବୈଷୟିକ କମିଟି ଅନୁମୋଦନ ଓ ତଦାରଖରେ ହେଉଛି ନିର୍ମାଣ କାର୍ଯ୍ୟ**

# ରେଭେନ୍ସାରେ ଖୁଦିରାମ ବୋଷଙ୍କ ସହିଦ ଦିବସ

**କଟକ, ୧୧।୮ (ସମିସ):** ଭାରତବର୍ଷର ସ୍ୱାଧୀନତା ଆନ୍ଦୋଳନର ଆପୋଷହୀନ ଧାରାର ମହାନ୍ ଯୋଦ୍ଧା ଅଗ୍ନିଯୁଗର ବିପ୍ଳବୀ ଖୁଦିରାମ ବୋଷଙ୍କ ୧୧୮ ତମ ସହିଦ ଦିବସ ଉପଲକ୍ଷେ ଏଆଇଡିଏସଓ ରେଭେନ୍ସା ବିଶ୍ୱବିଦ୍ୟାଳୟ କମିଟି ପକ୍ଷରୁ ବିଶ୍ୱବିଦ୍ୟାଳୟ ପରିସରରେ ପାଳନ କରାଯାଇଛି। ଖୁଦିରାମ ବୋଷଙ୍କ ଫଟୋଚିତ୍ରରେ ଛାତ୍ରଛାତ୍ରୀମାନେ ପୁଷ୍ପମାଲ୍ୟ ଅର୍ପଣ କରିସାରିବା ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଜିଲ୍ଲା ସମ୍ପାଦକ ତରୁଣସେନ ନାୟକ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ଛାତ୍ର ସମାଜ ଖୁଦିରାମ ବୋଷଙ୍କ ଲଢୁଆ ଜୀବନରୁ ଶିକ୍ଷା ନେଇ ଶୋଷଣହୀନ ନୂତନ ସମାଜ ପ୍ରତିଷ୍ଠା ପାଇଁ ଛାତ୍ରମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସଂଗଠନର ବିଶ୍ୱବିଦ୍ୟାଳୟ କମିଟି ସମ୍ପାଦକ ଗାୟତ୍ରୀ ସାହୁ, ଉପସଭାପତି କସକ ଜେନା ପରିଚାଳନା କରିଥିଲେ।

# ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

**କଟକ, ୧୧।୮ (ସମିସ):** ବିବାହ ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ କରିବା ଅଭିଯୋଗରେ ଜଣେ ଯୁବକକୁ ବାଦାମବାଡି ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଉଛି ସ୍ଥାନୀୟ ରାଜାବଗିଚା ଅଞ୍ଚଳର ନାରାୟଣ ଦାସ(୨୫)। ଆଜି ତାକୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି।

ପୁଲିସ ସୂଚନା ଅନୁସାରେ, ନାରାୟଣ ଏକ ସଂସ୍ଥାରେ ଡେଲିଭରି ବୟ ଭାବେ କାମ କରେ। ଗତ ବର୍ଷ ଦଶହରା ସମୟରେ କଟକ ବାହାରର ଜଣେ ୨୦ ବର୍ଷୀୟ ଯୁବତୀଙ୍କ ସହିତ ତାର ପରିଚୟ ହୋଇଥିଲା। ମାତ୍ର କିଛି ଦିନର ବନ୍ଧୁତା ପରେ ଉଭୟଙ୍କ ଭିତରେ ଘନିଷ୍ଠତା ବଢ଼ିଥିଲା। ନାରାୟଣର କହିବାନୁସାରେ ଯୁବତୀ ଜଣକ ଗଲା ବର୍ଷ କଟକ ଆସି ଦଶହରା ବୁଲିଥିଲେ। ପରବର୍ତ୍ତୀ ସମୟରେ ନାରାୟଣ ବିବାହ କରିବ ବୋଲି ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ଇଚ୍ଛା ବିରୋଧରେ ତାଙ୍କ ସହିତ ଶାରିରୀକ ସମ୍ପର୍କ ରଖିଥିଲା। ସେବେଠାରୁ ଏଭଳି ଚାଲିଆସିଥିଲା। ନିକଟରେ ଯୁବତୀ ଜଣକ ବିବାହ କଥା କହିବାରୁ ନାରାୟଣ ଧିରେ ଧିରେ ଦୂରେଇବାକୁ ଆରମ୍ଭ କରିଥିଲା। ପରେ ଆଉ ଧରାଛୁଆଁ ଦେଇନଥିଲା। ଶେଷରେ ଯୁବତୀ ଜଣକ କଟକ ଆସି ଦେଖା କରି ବିବାହ କଥା କହିବାରୁ ନାରାୟଣ ତାଙ୍କୁ ଧମକଚମକ ଦେଇଥିଲା। ଏଭଳି ସ୍ଥିତିରେ ପୀଡିତା ରବିବାର ବାଦାମବାଡି ଥାନାର ଦ୍ୱାରସ୍ଥ ହୋଇଥିଲେ। ପୁଲିସ ଅଭିଯୋଗକୁ ଗୁରୁତ୍ୱର ସହ ନେଇ ତୁରନ୍ତ ମାମଲା ରୁଜୁ କରିଥିଲା। ତଦନ୍ତକ୍ରମେ ଅଭିଯୁକ୍ତ ନାରାୟଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ପୀଡିତାଙ୍କ ବୟାନ ରେକର୍ଡ ଏବଂ ଡାକ୍ତରୀମାଇନା କରାଯାଇଥିବା ଥାନା ଅଧିକାରୀ ଅଜୟ ରାଉଳ ସୂଚନା ଦେଇଛନ୍ତି।

# ଡା. ଭାଗ୍ୟଲକ୍ଷ୍ମୀ ନାୟକ ସର୍ବଭାରତୀୟ ସ୍ତ୍ରୀ ଓ ପ୍ରସୂତୀ ସଂଘର ପୂର୍ବ ଭାରତର ଉପସଭାପତି



**କଟକ, ୧୧।୮ (ସମିସ):** ଆଚାର୍ଯ୍ୟ ହରିହର କର୍କଟ ରୋଗ ଚିକିତ୍ସା କେନ୍ଦ୍ରର ସ୍ତ୍ରୀ ରୋଗ ଓ ପ୍ରସୂତୀ ବିଭାଗ (ଅଙ୍କୋଲୋଜି)ର ବିଭାଗୀୟ ମୁଖ୍ୟ ଡା. ଭାଗ୍ୟଲକ୍ଷ୍ମୀ ନାୟକ ସର୍ବଭାରତୀୟ ସ୍ତ୍ରୀ ରୋଗ ଓ ପ୍ରସୂତୀ ସଂଘର ପୂର୍ବ ଭାରତର ଉପସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଡା. ନାୟକ ୨୦୨୭-୨୦୨୮ ବର୍ଷ ପାଇଁ ଏହି ଦାୟିତ୍ୱ ତୁଲାଇବେ। ବିଶେଷତଃ ଅନ୍ୟ ଉପସଭାପତିମାନେ ମତଦାନ ଦ୍ୱାରା ନିର୍ବାଚିତ ହୋଇଥିଲାବେଳେ ଡା. ନାୟକ ଏକମାତ୍ର ପ୍ରତିଦ୍ୱନ୍ଦ୍ୱି ଭାବରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବାରୁ ପୂର୍ବତନ ସଭାପତି ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପୂର୍ବତନ ଉପସଭାପତି ଡା. ହର ପଟ୍ଟନାୟକ, ଡା. ଜନ୍ମେଜୟ ମହାପାତ୍ର, ଡା. ଶରତ ମହାପାତ୍ର, ଭାରତୀୟ ମେଡିକାଲ ସଂଘ ଓଡ଼ିଶା ଶାଖାର ସଭାପତି ଡା. ମୃତ୍ୟୁଞ୍ଜୟ ମହାପାତ୍ର, ଡା. ଜୟଶ୍ରୀ ପଟ୍ଟନାୟକ, ଡା. ସସ୍ମିତା ସ୍ୱାଇଁ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

# ଯୋବ୍ରା ନୂଆସାହି ଶ୍ରୀ ଜୟ ଜଗନ୍ନାଥ କ୍ଲବ୍‌ର ନୂତନ କର୍ମକର୍ତ୍ତା

**କଟକ, ୧୧।୮ (ସମିସ):** ଯୋବ୍ରା ନୂଆସାହି ସ୍ଥିତ କମ୍ୟୁନିଟି ସେଣ୍ଟର ପରିସରରେ ଶ୍ରୀ ଜୟ ଜଗନ୍ନାଥ କ୍ଲବର ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। କ୍ଲବର ଉପଦେଷ୍ଟା ଶୁଭେନ୍ଦୁ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ସାଧାରଣ ସଭାରେ ଆଗାମୀ ୩ ବର୍ଷ ନିମନ୍ତେ କ୍ଲବର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। କ୍ଲବର ସଭାପତି ରୂପେ ତନୟ ବେହେରା, ଉପସଭାପତି ନାରାୟଣ ବେହେରା, ସମ୍ପାଦକ ଅମ୍ବିକା ପ୍ରସାଦ ସାମଲ, ସହସମ୍ପାଦକ ଶୁଭମ ପଟ୍ଟନାୟକ, କୋଷାଧ୍ୟକ୍ଷ ଆଶିଷ ମହାନ୍ତିଙ୍କ ସହିତ ଉପଦେଷ୍ଟା ରୂପେ ଶୁଭେନ୍ଦୁ ମହାନ୍ତି, ଲକ୍ଷ୍ମଣ ନାୟକ, ପ୍ରଭାକର ବେହେରା, ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରଭାତ ତ୍ରିପାଠୀ, ହିମାଂଶୁ ମହାରଣା, ଜଗନ୍ନାଥ ନାୟକ ମହୋଦୟଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। କ୍ଲବର କାର୍ଯ୍ୟକାରୀ ସଦସ୍ୟ ରୂପେ ସୀମାଞ୍ଚଳ ରେଡି, ନିକୁଞ୍ଜ କାନୁନଗୋ, ଆଲୋକ ନାୟକ, ପ୍ରସନ୍ନ ନାୟକ, ବଳରାମ ନାୟକ, ବାବୁ ବେହେରା, ସୁଶାନ୍ତ ନାୟକ, କାଞ୍ଚନ ବେହେରା, ଦେବାଶିଷ ବେହେରା, ଶୁଭମ ନାୟକ, ମାନସ ନାୟକ ଓ ହରିଶ୍ଚନ୍ଦ୍ର ନାୟକଙ୍କୁ ଚୟନ କରାଯାଇଥିଲା। କ୍ଲବର ପୁରାତନ ସହସମ୍ପାଦକ ହରିଶ୍ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।

## ଏଆଇଜିର ଯକୃତ ପ୍ରତିରୋପଣ ତାଲିକା

# ଘରୋଇ ହସ୍ପିଟାଲ ତୁଳନାରେ ଏସ୍‌ସିବି ପଛୁଆ

କଟକ, ୧୧।୮ (ସମିସ)

କେବଳ ଏସ୍‌ସିବି ମେଡିକାଲ ନୁହେଁ ରାଜ୍ୟର କେତେକ ଘରୋଇ ହସ୍ପିଟାଲରେ ଯକୃତ ପ୍ରତିରୋପଣ ପାଇଁ ଏମଓୟୁ ସ୍ୱାକ୍ଷର କରିଛି ହାଇଦ୍ରାବାଦର ଏସିଆନ ଇନଷ୍ଟିଚ୍ୟୁଟ ଅଫ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ତଥା ଏଆଇଜି। ବିଶେଷକରି ଭୁବନେଶ୍ୱରର ଦୁଇ ଘରୋଇ ହସ୍ପିଟାଲ ସହିତ ଏମଓୟୁ ସ୍ୱାକ୍ଷରିତ ହୋଇଛି। ତେବେ ଏଆଇଜିର ସମୁଦାୟ ଯକୃତ ପ୍ରତିରୋପଣ ତାଲିକାକୁ ନଜର ପକାଇଲେ ଏହା ସ୍ପଷ୍ଟ ଭାବେ ଜଣାପଡେ ଯେ, ଘରୋଇ ହସ୍ପିଟାଲ ତୁଳନାରେ କଟକ ବଡ ମେଡିକାଲ ବହୁ ପଛରେ ପଡ଼ିଛି। ଚୁକ୍ତି ସ୍ୱାକ୍ଷର ତାରିଖ ଅନୁସାରେ ଏସ୍‌ସିବି ପରେ ହିଁ ଘରୋଇ ହସ୍ପିଟାଲ ସହ ଏମଓୟୁ ହୋଇଥିଲା। କିନ୍ତୁ ଇତି ମଧ୍ୟରେ ଘରୋଇ ହସ୍ପିଟାଲରେ ୧୫ଟି ପ୍ରତିରୋପଣ ହୋଇଥିବା ବେଳେ ବଡ ମେଡିକାଲରେ ଏହି ସଂଖ୍ୟା ୨ରେ ହିଁ ଅଟକି ରହିଛି। ଏଆଇଜି ସହ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ସମନ୍ୱୟ ଅଭାବ ହିଁ ଏହାର ମୂଳ କାରଣ ବୋଲି କୁହାଯାଉଛି। ଏ ବାବଦରେ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

ମିଳିଥିବା ସୂଚନା ମୁତାବକ, ୨୦୨୨ ମସିହାରେ ଯକୃତ ପ୍ରତିରୋପଣ ନିମନ୍ତେ ରାଜ୍ୟ ସରକାର ଏଆଇଜି ସହ ଆଲୋଚନା କରିଥିଲେ। ଏସ୍‌ସିବିରେ ପ୍ରତିରୋପଣ ଆରମ୍ଭ କରିବାକୁ ସେହିବର୍ଷ ଏମଓୟୁ ସ୍ୱାକ୍ଷର ହୋଇଥିଲା। ଏହା ପରେ ଭୁବନେଶ୍ୱରର ଉତ୍କଳ ଏବଂ କିମ୍ସ ହସ୍ପିଟାଲ ସହିତ ଏଆଇଜି ଯକୃତ ପ୍ରତିରୋପଣ ନିମନ୍ତେ ଏମଓୟୁ ସ୍ୱାକ୍ଷର କରିଛି। ତେବେ ଉତ୍କଳ ଏବଂ କିମ୍ସ ହସ୍ପିଟାଲରେ ମିଶାଇ ୧୫ଟି ପ୍ରତିରୋପଣ ସଫଳ ହୋଇଛି। ଏହା ଭିତରେ ୭ଟି କାଡାଭରିକ ପ୍ରତିରୋପଣ ମଧ୍ୟ ରହିଛି। ୨୦୨୪ ଏପ୍ରିଲ ୩ରେ ବଡ ମେଡିକାଲରେ ପ୍ରଥମଥର ଯକୃତ ପ୍ରତିରୋପଣ କରାଯାଇଥିଲା। ଏହା ପରେ ସେପ୍ଟେମ୍ବର ୯ରେ ଦ୍ୱିତୀୟ ପ୍ରତିରୋପଣ ହୋଇଥିଲା। ଉଭୟ ଘଟଣାରେ ରୋଗୀଙ୍କ ପତ୍ନୀ ଯକୃତ ଦାନ କରିଥିଲେ। ହେଲେ ଗୋଟିଏ ବି କାଡାଭରିକ ପ୍ରତିରୋପଣ ଏଠାରେ ହୋଇନାହିଁ। ଏହି ପ୍ରସଙ୍ଗରେ ଏଆଇଜି ଅଧିକାରୀ ଏସସିବି ମେଡିକାଲ କର୍ତ୍ତୃପକ୍ଷ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଉପରେ ଦୋଷ ଲଦିଛନ୍ତି। ଏଆଇଜି ଅଧିକାରୀଙ୍କ କହିବା ଅନୁସାରେ, ବଡ ମେଡିକାଲରେ ଯକୃତ ପ୍ରତିରୋପଣ ବନ୍ଦ ହେବା ପଛରେ ସେଠାକାର ବରିଷ୍ଠ ଡାକ୍ତର ଓ ପ୍ରଶାସନିକ ଦୁର୍ବଳତା ହିଁ ଦାୟୀ। ଦେଶର ବିଭିନ୍ନ ସ୍ଥାନରେ ଏଆଇଜି ଯକୃତ ପ୍ରତିରୋପଣ କରୁଛି। ଏସ୍‌ସିବିରେ ପ୍ରତିରୋପଣ କରାଇବା କ୍ଷେତ୍ରରେ ଦ୍ୱିଧା ନାହିଁ। ମାତ୍ର ସେମାନଙ୍କ ପାଖରେ ପ୍ରକୃତ ଆନ୍ତରିକତା ନାହିଁ। ସେମାନଙ୍କ କାର୍ଯ୍ୟକଳାପ ଲୋକଦେଖାଣିଆ। ଏପ୍ରିଲ ଓ ସେପ୍ଟେମ୍ବରରେ ଯେଉଁ ଦୁଇଥର ଯକୃତ ପ୍ରତିରୋପଣ କରାଯାଇଥିଲା ସେତେବେଳେ ଏଆଇଜି ତରଫରୁ ବିଶେଷ ଉଦ୍ୟମ ହୋଇଥିଲା। ଗତ ୩ ମାସ ଭିତରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ୫ଜଣଙ୍କ ଯକୃତ ପ୍ରତିରୋପଣ ହୋଇଛି। ଏଥିରେ ଏଆଇଜି ପୂର୍ଣ୍ଣ ସହଯୋଗ କରିଛି। ଏସ୍‌ସିବିରେ ପ୍ରତିରୋପଣ କରାଇବାରେ ଏଆଇଜିର କୌଣସି ବି ସମସ୍ୟା ନାହିଁ ବୋଲି ଅଧିକାରୀଜଣକ କହିଛନ୍ତି।

**● ଏସ୍‌ସିବି ସହ ସମନ୍ୱୟ ଅଭାବ; ୩ ବର୍ଷରେ ମାତ୍ର ୨ଟି**

**● ଘରୋଇ ହସ୍ପିଟାଲରେ ୧୫ ପ୍ରତିରୋପଣ ସଫଳ**



# ସମ୍ପାଦକୀୟ



ପାଠାଗାର ଏକ ଅଭିବୃଦ୍ଧିଶୀଳ ସଂଗଠନ ।
-ଏସ୍ ଆର ରଙ୍ଗନାଥନ୍

ସକାଳ THE SAKALA

## ଆତ୍ମଘାତୀ ଗୋଲ

ଆନ୍ତର୍ଜାତିକ ସ୍ତରରେ ଭୂରାଜନୈତିକ ଆବଶ୍ୟକତା ଦୃଷ୍ଟିରୁ ନୂଆ ସଂପର୍କ ଯୋଡ଼ିବାର ବାଧ୍ୟବାଧକତା ଯେମିତି ଅଛି ସେମିତି ପୁରୁଣା ସଂପର୍କକୁ ସୁଦୃଢ଼ ବା ପୁନର୍ବିନ୍ୟାସ କରିବାର ମଧ୍ୟ ସ୍ୱତନ୍ତ୍ର ଗୁରୁତ୍ୱ ରହିଛି । ଏକ୍ଷେତ୍ରରେ ଆର୍ଥିକ ଲାଭ – କ୍ଷତିର ଅଙ୍କକଷା ଅପେକ୍ଷା ପ୍ରତିପକ୍ଷର ଶକ୍ତି ଓ ସାମର୍ଥ୍ୟ ବୃଦ୍ଧିକୁ ଦୃଷ୍ଟିରେ ରଖି ରଣନୀତି ପ୍ରସ୍ତୁତି କରିବା ଯେ ଜରୁରୀ ଏକଥା ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ବୁଝିବାକୁ ସମୟ ଲାଗିବ । ଶୀତଳ ଯୁଦ୍ଧର ଅବସାନ ପରେ ଭାରତର ରୁଷ ଅନୁଗାମୀ କୂଟନୀତିରେ ପରିବର୍ତ୍ତନ ଆଣି ଦୁଇଗଣତାନ୍ତ୍ରିକ ରାଷ୍ଟ୍ର ମଧ୍ୟରେ ସଂପର୍କର ଯେଉଁ ନୂଆ ଭିତ୍ତିଭୂମି ବର୍ଷ ବର୍ଷର ପ୍ରୟାସ ମାଧ୍ୟମରେ ଆମେରିକା ସୁଦୃଢ଼ କରିଥିଲା ତାହାକୁ ଟ୍ରମ୍ପ ମାତ୍ର ମାସ କେଇଟାରେ ଧ୍ୱଂସ କରିଛନ୍ତି । ଏହା ତାଙ୍କର ଆତ୍ମଘାତୀ ଗୋଲ୍ ବୋଲି ଉଲ୍ଲେଖ କରିଛନ୍ତି ଆମେରିକାର ଜାତୀୟ ନିରାପତ୍ତା ପରାମର୍ଶଦାତା ଜନ୍ ବୋଲ୍ଟନ୍ । ସୂଚନା ଯୋଗ୍ୟ କି ଟ୍ରମ୍ପଙ୍କ ପୂର୍ବ କାର୍ଯ୍ୟକାଳରେ ତାଙ୍କର ନିକଟତମ ବ୍ୟକ୍ତି ଭାବେ ବୋଲ୍ଟନ୍ ଏହି ଦାୟିତ୍ୱ ତୁଲାଉଥିଲେ । ସେହିଭଳି ଅନ୍ୟତମ ବରିଷ୍ଠ ବିଦେଶ ନୀତି ବିଶେଷଜ୍ଞ କ୍ରିଷ୍ଟୋଫର ପାଡିଲା ମଧ୍ୟ ଟ୍ରମ୍ପ ପ୍ରଶାସନକୁ ଏ ନେଇ ବଡ଼ ଚେତାବନୀ ଶୁଣାଇଛନ୍ତି । ଭାରତ-ଆମେରିକା ସଂପର୍କ ଉପରେ ଏହି ଶୁଳ୍କ ନୀତିର ଦୀର୍ଘ ମିଆଦୀ ପ୍ରଭାବ ପଡ଼ିବ । ଆମେରିକାର ଦକ୍ଷିଣ-ଏସିଆ କୂଟନୀତିରେ ନୂଆଦିଲ୍ଲୀକୁ ଅଂଶୀଦାର କରିବା ଆଗାମୀ ଦିନରେ ଏତେ ସହଜ ହେବନାହିଁ । ଆମକୁ ଏଠାରେ କହିବାକୁ ପଡୁଛି ଯେ ଆମେରିକାର ରିପବ୍ଲିକାନ ପାର୍ଟି କ୍ଷମତାକୁ ଆସିଲେ ଭାରତ ବିରୋଧୀ ଆଭିମୁଖ୍ୟ ଜୋର ଧରିଥାଏ । ଏକ୍ଷେତ୍ରରେ ଟ୍ରମ୍ପଙ୍କ ପୂର୍ବଶାସନକାଳକୁ କେବଳ ଏକ ବ୍ୟତିକ୍ରମ ଭାବେ ଗ୍ରହଣ କରାଯାଇପାରେ ।

ଟ୍ରମ୍ପ ବେପରୱା ଭାବରେ ଶତ୍ରୁମିତ୍ର ନିର୍ବିଶେଷରେ ଅତିରିକ୍ତ ବାଣିଜ୍ୟ ଶୁଳ୍କ ଲାଗୁ କରିଥିବାରୁ ସମଗ୍ର ବିଶ୍ୱଜନମତ ତାଙ୍କ ବିରୋଧରେ ଦାନା ବାନ୍ଧୁଥିବାରୁ ଲକ୍ଷ୍ୟ କରାଯାଇଛି । ଆମେରିକାର ଏକଚାଟିଆ କାରବାର କ୍ରମେ ଗତି ହରାଇଥିବାର ପରିଲକ୍ଷିତ ହେଉଛି । ମୁଣ୍ଡ ଟେକୁଥିବା ନୂଆ ସମୀକରଣ ପ୍ରାଧାନ୍ୟ ହାସଲ କରିବାକୁ ସମୟ ଲାଗିପାରେ, ହେଲେ ମୁହଁ ଖୋଲି ଆମେରିକାକୁ ଜବାବ ଦେବା ଭଳି ନେତୃତ୍ୱ ସାମ୍ନାକୁ ଆସୁଥିବାର ପରିଲକ୍ଷିତ ହେଉଛି । ସିଲିକନ୍ ଭ୍ୟାଲି ଓ ହ୍ୱାଇଟ ହାଉସର ଆଧିପତ୍ୟ ସତ୍ତ୍ୱେ ଡଲାରର ପ୍ରାଧାନ୍ୟ ହ୍ରାସ ପାଇଁ ଆରମ୍ଭ ହୋଇଥିବା ଉଦ୍ୟମ ଟ୍ରମ୍ପଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି । ଭାରତ ସମେତ ଅନ୍ୟ କେତେକ ରାଷ୍ଟ୍ର ଡଲାର ବଦଳରେ ନିଜ ମୁଦ୍ରାରେ ଦ୍ୱିପାକ୍ଷିକ କାରବାର ଆରମ୍ଭ କଲେଣି । ଆମେରିକାର ନାଲିଆଖି ଏହାକୁ ରୋକି ପାରିନି । ଏଠାରେ ମନେ ରଖିବାକୁ ହେବ ଯେ ୧୦ ବର୍ଷ ତଳର ଭାରତ ସଂପ୍ରତି ବିଶ୍ୱ ଅର୍ଥନୀତିର ଅନ୍ୟତମ ଅଗ୍ରଣୀ ସାରଥି । ସେହିଭଳି ଭାରତ 'ବ୍ରିକ୍ସ'ର ଅନ୍ୟତମ ପ୍ରଭାବୀ ସଦସ୍ୟ । ପରିବର୍ତ୍ତିତ ବହୁଧ୍ରୁବୀୟ ଭୂ-ରାଜନୀତିରେ ଆମେରିକାକୁ ମଧ୍ୟ ସାଲିସ କରିବାକୁ ପଡୁଛି । ଜାନୁଆରୀ ୨୦ ରେ କ୍ଷମତାସୀନ ହେବା ପରେ ବାଣିଜ୍ୟ ଶୁଳ୍କକୁ ନେଇ ଟ୍ରମ୍ପ ଯେଉଁ ଚଡ଼ଉ ଆରମ୍ଭ କରିଥିଲେ ତାହାକୁ କ'ଣ ବଳବତ୍ତର ରଖିବା ସମ୍ଭବ ହେଲା? ସବୁଠାରୁ ବଡ଼କଥା ହେଲା, ପ୍ରତିଦ୍ୱନ୍ଦ୍ୱୀ ଚୀନ ସହ ସେ ସାଲିସ କରିବାକୁ ବାଧ୍ୟ ହୋଇଛନ୍ତି ।

ସମସ୍ତ ଧମକଚମକର ଭାରତ ରୋକଠୋକ ଉତ୍ତର ଦେଇ ନ ଥିଲେ ମଧ୍ୟ ରୁଷ ସହ ବାଣିଜ୍ୟିକ ସଂପର୍କ ଅତୁଟ ରଖିଛି । ଗୋଟିଏ ପରେ ଗୋଟିଏ ପାଲଟା ପଦକ୍ଷେପ ବା ନିଷ୍ପତ୍ତି ନେଇ ଆମେରିକାର ପ୍ରଭୂତ ଆର୍ଥିକ କ୍ଷତି ଘଟାଇ ଚାଲିଛି ଭାରତ । ଏଥିମଧ୍ୟରେ ୩୧, ୫୦୦ କୋଟି ଟଙ୍କାର ବୋଇଂ ଚୁକ୍ତିକୁ ମଧ୍ୟ ରଦ୍ଦ କରିଛି । କେବଳ ସେତିକି ନୁହେଁ ନୌସେନା ସକାଶେ ପି-୮ ସାମୁଦ୍ରିକ ବିମାନ କ୍ରୟ ଚୁକ୍ତି ବାତିଲ କରିବା ସହ ଆମେରିକାଠାରୁ ଏଫ-୩୫ ଯୁଦ୍ଧ ବିମାନ ନ କିଣିବାକୁ ସ୍ଥିର କରିଛି ଭାରତ । ଏଥିରୁ ସ୍ପଷ୍ଟ ଯେ ଭାରତ ସାଲିସ ନ କରି ୫୦% ଶୁଳ୍କ ପାଇଁ ଆମେରିକାରେ ଭାରତ ଯେଉଁ ବାଣିଜ୍ୟିକ କ୍ଷତି ସହିବ, ତାହାର ଭରଣା ସକାଶେ ବିକଳ୍ପ ବଜାର ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବ । କାହାଠୁ କ'ଣ କିଣିବ ଓ କାହାକୁ କ'ଣ ବିକିବ, ତାହା ଭାରତର ନିଜସ୍ୱ ବ୍ୟାପାର । ଶୁଳ୍କ ସିନା ଆମେରିକା ଲାଗୁ କରିଛି, କିନ୍ତୁ ଅନ୍ୟ ରାଷ୍ଟ୍ରଙ୍କୁ କମ ଶୁଳ୍କରେ ରପ୍ତାନି କରିବାର ସୁଯୋଗ ବା ବାଟ ଯେ ବନ୍ଦ ହୋଇଯାଇଛି ଏକଥା ନୁହେଁ । କିନ୍ତୁ ଭାରତ ପଛକୁ ଚୀନ ଉପରେ ୩୦% ଭିଏତନାମ ଉପରେ ୨୦%, ବାଂଲାଦେଶ ଉପରେ ୧୮ % ଏବଂ ଇଣ୍ଡୋନେସିଆ, ମାଲେସିଆ ଓ ଫିଲିପାଇନ୍ସ ଉପରେ ୧୯ % ଜାପାନ ଓ ଦକ୍ଷିଣକୋରିଆ ଉପରେ ଆମେରିକା ୧୫ ପ୍ରତିଶତ ଶୁଳ୍କ ଲାଗୁକରିଛି । ଏଠାରେ ଏହି ତଥ୍ୟ ଉପସ୍ଥାପନ କରିବାର ଉଦ୍ଦେଶ୍ୟ ହେଲା, ଶୁଳ୍କ କ୍ଷେତ୍ରରେ ଏହି ତାରତମ୍ୟ ଯୋଗୁଁ ଆମେରିକା ବଜାରରେ ଅନ୍ୟମାନଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବା ଭାରତ ସକାଶେ ସହଜ ହେବନାହିଁ । କିନ୍ତୁ ବିଶେଷଜ୍ଞଙ୍କ ମତାମତ ଅନୁଯାୟୀ ଭାରତର ଫାର୍ମା, ଇଲେକ୍ଟ୍ରୋନିକ୍ସ ଓ ଆଇଟି ଭଳି ଗୁରୁତ୍ୱପୂର୍ଣ୍ଣ ରପ୍ତାନି କ୍ଷେତ୍ର ଅତିରିକ୍ତ ଶୁଳ୍କ ସତ୍ତ୍ୱେ ବିଶେଷ ପ୍ରଭାବିତ ହେବ ନାହିଁ । ଆମେରିକୀୟ ବଜାରରେ ଭାରତୀୟ ଔଷଧ ଓ ଇଲେକ୍ଟ୍ରୋନିକ୍ସ ଚାହିଦା ଅପରିବର୍ତ୍ତିତ ରହିଛି ।

କପଡ଼ା ଓ ପୋଷାକ ଶିଳ୍ପ ଉପରେ ବାଣିଜ୍ୟ ଶୁଳ୍କର ତୁରନ୍ତ ପ୍ରଭାବ ପଡ଼ିଛି । ତାମିଲନାଡୁର ତିରିପୁର ଦେଶର ପ୍ରମୁଖ କପଡ଼ା ଉତ୍ପାଦନ କେନ୍ଦ୍ର । ଏହି ଅଞ୍ଚଳରୁ ୪୫ ହଜାର କୋଟି ଟଙ୍କାର ପୋଷାକ ରପ୍ତାନି ହୋଇଥାଏ । ଏହି ରପ୍ତାନି ମଧ୍ୟରେ ଆମେରିକା ଯାଉଥିବା ୧୨ ହଜାର କୋଟି ଟଙ୍କାର ପୋଷାକ ଅନ୍ତର୍ଭୁକ୍ତ । ସେହିଭଳି ଅଟୋପାର୍ଟସ୍, ଅଳଙ୍କାର, ଚମଡ଼ାରୁ ପ୍ରସ୍ତୁତ ସାମଗ୍ରୀ ରପ୍ତାନି ବାଧାପ୍ରାପ୍ତ ହେବ । ତେଣୁ ଏକ୍ଷେତ୍ରରେ କାମ କରୁଥିବା ଲୋକଙ୍କୁ ଛଟେଇ କରାଯିବାର ସମ୍ଭାବନା ଅଛି । ଏସବୁ ସତ୍ତ୍ୱେ ସମଗ୍ର ବିଶ୍ୱର ବୃହତ୍ତମ ବଜାର ହେଉଛି ଭାରତ । ଆଭ୍ୟନ୍ତରୀଣ ବଜାରରେ ଚାହିଦା ବୃଦ୍ଧି ଘଟାଇ ପରିସ୍ଥିତିରେ କିଛିଟା ସୁଧାର ଆଣାଯାଇପାରିବ । ସରକାର ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି ରପ୍ତାନୀକାରୀଙ୍କ ପାଇଁ ୨୨୫୦ କୋଟି ଟଙ୍କାର ଯୋଜନା ପ୍ରସ୍ତୁତ କରିଛନ୍ତି । ଏହି ମିସନ୍‌ରେ ଏମ୍‌ଏସ୍‌ଏମ୍‌ଇ ଓ ଇ-କମର୍ସ ରପ୍ତାନିକାରୀଙ୍କ ପାଇଁ ସହଜ ଋଣ ଯୋଜନା, ବିଦେଶରେ ଗୋଦାମ ପ୍ରତିଷ୍ଠା ଏବଂ ବିଶ୍ୱସ୍ତରୀୟ ବ୍ରାଣ୍ଡିଂ ଭଳି ପଦକ୍ଷେପ ଗ୍ରହଣ କରାଯାଇପାରେ ।

ଚୀନ ପ୍ରତି କୋହଳ ଓ ଭାରତ ପ୍ରତି କଠୋର ଆଭିମୁଖ୍ୟକୁ ଆମେରିକୀୟ ବିଶେଷଜ୍ଞମାନେ କଠୋର ସମାଲୋଚନା କରିଛନ୍ତି । ରୁଷ ଓ ଚୀନଠାରୁ ଭାରତକୁ ଦୂରେଇ ରଖିବା ସକାଶେ ଦଶନ୍ଧି ଧରି ସକାରାତ୍ମକ କୂଟନୀତି ମାଧ୍ୟମରେ ଆମେରିକା ଯେଉଁ ସଫଳ ପ୍ରୟାସ କରିଥିଲା ତାହା ଏବେ ଧୂଳିସାତ ହୋଇଯାଇଛି । ତେଣୁ ବୋଲ୍ଟନ୍ କହିଛନ୍ତି ଟ୍ରମ୍ପଙ୍କ ବାଣିଜ୍ୟ ନୀତି ଭୟଙ୍କର ତ୍ରୁଟିପୂର୍ଣ୍ଣ ଏବଂ ଆମେରିକା ଉପରେ ତାହାର ପ୍ରତିକୂଳ ପ୍ରଭାବ ପକାଇବ । ଦକ୍ଷିଣ ଏସୀୟ ବଜାରରେ ଆମେରିକାର ସ୍ଥିତି ବିପନ୍ନ । ରୁଷ ଓ ଚୀନ ସହ ଭାରତର ବର୍ଦ୍ଧିତ ସଂପର୍କ ଭବିଷ୍ୟତରେ ଆମେରିକା ପାଇଁ କ୍ଷତିକାରକ ହେବ ।

## ଭାଗ୍ୟ ହାତେ ବନ୍ଧା ଦାଦନ ଡୋରି

**ସୌଭାଗ୍ୟ ସୁନ୍ଦରରାୟ**

ଅଗଷ୍ଟ ୩ ତାରିଖରେ ଆନ୍ଧ୍ରପ୍ରଦେଶର ବାପତଲାସ୍ଥିତ ଏକ ଗ୍ରାନାଇଟ ଖଣିରେ ଶ୍ରମିକମାନେ କାର୍ଯ୍ୟ କରୁଥିବା ସମୟରେ ଖଣିର କିଛିଅଂଶ ସେମାନଙ୍କ ଉପରେ ଭୁଶୁଡ଼ି ପଡ଼ିଥିଲା । ଫଳରେ ଗ୍ରାନାଇଟ ଧ୍ୱଂସାବଶେଷ ତଳେ ଚାପି ହୋଇ ୬ ଜଣ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ମୃତକମାନେ ଗଞ୍ଜାମ ଓ ନୂଆପଡ଼ା ଜିଲ୍ଲା ବାସିନ୍ଦା । ବାପତଲା ପୁଲିସ ଏସ୍‌ପିଙ୍କ କହିବା ଅନୁଯାୟୀ ଆବଶ୍ୟକ ଖଣି ନିରାପତ୍ତା ବ୍ୟବସ୍ଥା ଅଭାବରୁ ଏହି ଦୁର୍ଘଟଣା ଘଟିଛି । ଏଭଳି ଦୁର୍ଘଟଣା ପ୍ରଥମ ଥର ପାଇଁ ଘଟିନାହିଁ । ଗତ ଜୁଲାଇ ମାସରେ ତେଲେଙ୍ଗାନାର ସିଗାଚିଠାରେ ଏକ ରାସାୟନିକ କାରଖାନାରେ ବିସ୍ଫୋରଣ ଘଟି ଗଞ୍ଜାମ, ବାଲେଶ୍ୱର, କଟକ ଓ ଯାଜପୁର ଜିଲ୍ଲାରୁ ଯାଇଥିବା ୪ ଜଣ ଓଡ଼ିଆ ଶ୍ରମିକଙ୍କୁ ମୃତ୍ୟୁ ଘଟିଥିଲା । ଗତ ଜାନୁୟାରୀ ମାସରେ କେରଳକୁ କାମଧନ୍ଦା ଉଦ୍ଦେଶ୍ୟରେ ଯାଉଥିବା ଯାଉଥିବା ଦୁଇ ଓଡ଼ିଆ ଶ୍ରମିକ ଟ୍ରେନରୁ ଖସିପଡ଼ି ପ୍ରାଣ ହରାଇଥିଲେ । ବଲାଙ୍ଗୀର ଜିଲ୍ଲା ହାତୀଶାଳପଡ଼ା ନିବାସୀ ଉମେଶ ପାଣ୍ଡେ ଓ କୁନୁ ବନ୍‌ଛୋର ଟ୍ରେନର ପାହାଚ ନିକଟରେ ବସି ଯାତ୍ରା କରୁଥିଲେ । ଉଭୟେ ଘୁମେଇ ପଡ଼ିଥିବା କାରଣରୁ ଟ୍ରେନରୁ ଖସିପଡ଼ି ପ୍ରାଣ ହରାଇଥିବା କୁହାଯାଇଥିଲା । ଚେନ୍ନାଇ ନିକଟବର୍ତ୍ତୀ ପେରାମ୍ବୁର ରେଳ ଧାରଣାରୁ ସେମାନଙ୍କ ମୃତ ଦେହ ଉଦ୍ଧାର କରାଯାଇଥିଲା ।

କେନ୍ଦୁଝର ଜିଲ୍ଲା ଘଷିପୁରା ଥାନା ଅନ୍ତର୍ଗତ କୁମୁନିଆ ଗ୍ରାମ ନିବାସୀ ମଧୁସୂଦନ ନାୟକ (୩୦)ଙ୍କୁ ଗତ ମେ' ମାସରେ ଚେନ୍ନାଇଠାରେ ବାନ୍ଧି ମାଡ଼ ମରାଯିବା କାରଣରୁ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା । ମଧୁସୂଦନଙ୍କ କ୍ଷତାକ୍ତ ମୃତଦେହ ଏକ ଜଙ୍ଗଲ ମଧ୍ୟରୁ ଉଦ୍ଧାର କରାଯାଇଥିଲା । ଦୁଃଖର ବିଷୟ ଅର୍ଥାଭାବରୁ ତାଙ୍କ ପରିବାର ଲୋକେ ମୃତଦେହ ଗ୍ରାମକୁ ଆଣିପାରି ନ ଥିଲେ କି ଏଥିପାଇଁ ରାଜ୍ୟ ପ୍ରଶାସନ ମଧ୍ୟ କୌଣସି ସାହାଯ୍ୟ କରି ନ ଥିଲା । ଫଳରେ ତାଙ୍କ ମୃତ ଦେହ ଚେନ୍ନାଇରେ ହିଁ ସତ୍କାର କରାଯାଇଥିଲା ।

ଏପ୍ରକାରେ ପ୍ରବାସୀ ଶ୍ରମିକଙ୍କ ଦୁଃଖ ଦୁର୍ଦ୍ଦଶାର ତାଲିକା ବେଶ ଲମ୍ବା । ଗତ ଡିସେମ୍ବର ମାସରେ ବିଧାନସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ ରାଜ୍ୟ ଶ୍ରମମନ୍ତ୍ରୀ କହିଥିଲେ ଯେ, ଗତ ୯ ବର୍ଷ ମଧ୍ୟରେ ପ୍ରାୟ ୪୦୦ ଦାଦନ ଶ୍ରମିକ ରାଜ୍ୟ ବାହାରେ ପ୍ରାଣ ହରାଇଛନ୍ତି । ନୂଆଁଖାଇ ପର୍ବକୁ ମାତ୍ର ଆଉ କିଛିଦିନ ରହିଲା । ପଶ୍ଚିମ ଓଡ଼ିଶାର ଏହା ଗଣପର୍ବ । ଏହି ପର୍ବ ପରେ ହାତରେ ଆଉ କାମଧନ୍ଦା ନାହିଁ । ଏଣୁ ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ରେଳଷ୍ଟେସନରେ ଲାଗିବ ଶ୍ରମିକଙ୍କ ଲମ୍ବାଧାଡ଼ି । ଟିକେଟ ମିଳିବ ନାହିଁ । ଠେଲାପେଲା, ଦଳାଚକଟା ହୋଇ ଶ୍ରମିକମାନେ ଯାତ୍ରା କରିବେ ପ୍ରବାସୀ ବା ଦାଦନ ହୋଇ । ଏ ଯାତ୍ରରେ ଯେତିକି ଭରି ରହିଥାଏ ସ୍ୱପ୍ନ, ତା'ଠାରୁ ଅଧିକ ଅନିଶ୍ଚିତତା । ଆଜିକୁ ୪୦ ବର୍ଷ ତଳେ ଏହି ଲେଖକ କଣ୍ଟାବାଞ୍ଜି ଷ୍ଟେସନରେ ନୂଆଁଖାଇ ପରବର୍ତ୍ତୀ ସମୟରେ ଯେଉଁ ଚିତ୍ର ଦେଖିଥିଲେ ତାହା ଅଦ୍ୟାବଧି ଦେଖିବାକୁ ମିଳୁଛି । ଏହି ଦାଦନ ଶ୍ରମିକଙ୍କ ସମସ୍ୟାର ଅବସାନ କେବେ ଏବଂ କିପରି ହୋଇପାରିବ ତାହା ଏକ ଅଯୁତ ଟଙ୍କାର ପ୍ରଶ୍ନ ।

ରାଜ୍ୟର ପ୍ରବାସୀ ବା ଦାଦନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲାର ଅଂଶ ସର୍ବାଧିକ । ତା' ପରକୁ ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି, କୋରାପୁଟ, କନ୍ଧମାଳ, ଗଜପତି ଜିଲ୍ଲାରୁ ବହୁସଂଖ୍ୟକ ଶ୍ରମିକ ଦେଶାନ୍ତରୀ ହୋଇଥା'ନ୍ତି । ଦେଶାନ୍ତରୀଙ୍କୁ ଦୁଇଭାଗରେ ବିଭକ୍ତ କରାଯାଇପାରେ । ଗୋଟିଏ ଶ୍ରେଣୀ ସ୍ଥାୟୀ ପ୍ରବାସୀ, ଅନ୍ୟଟି ଦାଦନ । ସ୍ଥାୟୀ ପ୍ରବାସୀ ବର୍ଷର ଅଧିକାଂଶ ଦିନ ଗୋଟିଏ ସଂସ୍ଥାରେ କାର୍ଯ୍ୟ କରିଥା'ନ୍ତି । ସୁରଟର ବୟନ ଶିଳ୍ପ ଓ ରଙ୍ଗ ଶିଳ୍ପ କାମଧନ୍ଦା କରୁଥିବା ଶ୍ରମିକଙ୍କୁ ଏହି ଶ୍ରେଣୀରେ ଗ୍ରହଣ କରାଯାଇପାରେ । ଯଦି ଆମେ କେନ୍ଦ୍ରପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକକୁ ଦେଖିବା, ତା'ହେଲେ ଏଠାକାର ଶ୍ରମିକଙ୍କୁ ପ୍ରବାସୀ ବୋଲି ବିବେଚନା କରିପାରିବା । ପାଇପ କାରିଗର ଭାବେ ଏହି ଶ୍ରମିକଙ୍କ ଦକ୍ଷତା ରହିଛି । କେବଳ ଭାରତର ବିଭିନ୍ନ ସ୍ଥାନ ନୁହେଁ, ଭାରତ ବାହାରେ ମଧ୍ୟ ଏମାନଙ୍କ ଉପସ୍ଥିତି ରହିଛି । କୋଭିଡ୍ ସମୟରେ ଏହି ବର୍ଗର ଶ୍ରମିକ ମଧ୍ୟ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ । ଅନ୍ୟ ଶ୍ରେଣୀଟି ହେଉଛି ଅସ୍ଥାୟୀ, ଯାହାକୁ ଆମେ ଦାଦନ ବୋଲି କହିପାରିବା । ଅର୍ଥାତ ଏମାନେ ଋତୁକାଳୀନ । ଏହି ଶ୍ରମିକମାନେ ଇଟାଭାଟି, ପଥର ଖାଦାନ, ବାଣ ତିଆରି କାରଖାନା ଆଦିରେ କାର୍ଯ୍ୟ କରିଥା'ନ୍ତି । କହିବାକୁ ଗଲେ କୌଣସି ନିରାପତ୍ତା ବ୍ୟବସ୍ଥା ନଥାଇ ଦାଦନ ଶ୍ରମିକ ବିପଦସଙ୍କୁଳ ଅବସ୍ଥାରେ କାର୍ଯ୍ୟ କରିଥା'ନ୍ତି ।

ଗତ ମାର୍ଚ୍ଚ ମାସରେ ତେଲେଙ୍ଗାନାର ଏକ ଇଟାଭାଟିରେ କାମ କରୁଥିବା ସମୟରେ କ୍ରେନ ଭାଙ୍ଗି ଜଣେ ଓଡ଼ିଆ ମହିଳା ଶ୍ରମିକଙ୍କର ମୃତ୍ୟୁ ଘଟିଥିଲା । ବରଗଡ଼ ଜିଲ୍ଲାର ହୀରା ମୁଣ୍ଡା ନାମକ ସଂପୃକ୍ତ ମହିଳା ଶ୍ରମିକ ନିଜ ସ୍ୱାମୀଙ୍କ ସହ କରିମନଗର ଜିଲ୍ଲାର ଏକ ଇଟାଭାଟିରେ କାମ କରୁଥିଲେ । ତାଙ୍କୁ କ୍ରେନ ଚଳାଇବାକୁ ଦିଆଯାଇଥିଲା । ସଂପୃକ୍ତ ମହିଳାଙ୍କ ପାଇଁ ତାହା ନିଶ୍ଚିତ ଏକ ବିପଦସଙ୍କୁଳ କାର୍ଯ୍ୟ ଥିଲା ।

ସାଧାରଣତଃ ଦଲାଲମାନେ କମିଶନ ନେଇ ଅସ୍ଥାୟୀ ଶ୍ରମିକଙ୍କୁ ଯୋଗାଡ଼ କରି ବିଭିନ୍ନ ରାଜ୍ୟକୁ ପ୍ରେରଣ କରିଥା'ନ୍ତି । ପଠାଇ ସାରିଲା ପରେ ଦଲାଲର ଆଉ କୌଣସି ଭୂମିକା ରହି ନ ଥାଏ । ତା'ପରେ ଶ୍ରମିକ ନିଜ ଭାଗ୍ୟ ନେଇ ଚାଲିଥାଏ । ବଲାଙ୍ଗୀର ଜିଲ୍ଲାରେ ଏହି ଦଲାଲମାନେ ନୂଆଁଖାଇ ଅବ୍ୟବହିତ ପୂର୍ବରୁ ସକ୍ରିୟ ହୋଇଥା'ନ୍ତି । ପୂର୍ବରୁ ବଲାଙ୍ଗୀର ଶ୍ରମିକ ମୁଖ୍ୟତଃ ଛତିଶଗଡ଼ର ରାୟପୁର ଅଞ୍ଚଳକୁ ରିକ୍ସା ଚଳାଇବାକୁ ବା ଅନ୍ୟ କାମଧନ୍ଦା ପାଇଁ ଯାଉଥିବା ବେଳେ ଏବେ ଅନ୍ୟାନ୍ୟ ରାଜ୍ୟକୁ ଯିବା ଆରମ୍ଭ କଲେଣି । ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାରେ ପଥରଖାଦାନ, ଚାଷ ଓ ଉଦ୍ୟାନ ଏବଂ ଇଟାଭାଟି କାମ ନିମନ୍ତେ ସେଠାକାର ମାଲିକ କନ୍ଧମାଳ, କଳାହାଣ୍ଡି ଅଞ୍ଚଳକୁ ସିଧାସଳଖ ବସ ପଠାଇ ଯାତ୍ରୀମାନଙ୍କୁ ନେଉଛନ୍ତି । ନେବା ସମୟରେ ସେମାନଙ୍କୁ କିଛି ଅଗ୍ରୀମ ଅର୍ଥ ଦେଇ ପ୍ରଲୋଭିତ କରିଥା'ନ୍ତି ।

ଓଡ଼ିଶାରୁ ଦାଦନ ଓ ସେମାନଙ୍କ ମୃତାହତ ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଥିବା ଦେଖାଯାଉଛି । ଜାତିସଂଘ ଖାଦ୍ୟ ଓ କୃଷି ସଂଗଠନ(ଏଫଏଓ) ଏବଂ 'ଇଣ୍ଟରନ୍ୟାସନାଲ ଅର୍ଗାନାଇଜେସନ ଫର ମାଇଗ୍ରେସନ'ର ଏକ ମିଳିତ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ୨୦୨୩ ମସିହାରେ ଓଡ଼ିଶାରୁ ୧.୭୫ ନିୟୁତ ଶ୍ରମିକ ଦେଶାନ୍ତରୀ ହୋଇଛନ୍ତି । ଓଡ଼ିଶାରୁ ଏତେ ସଂଖ୍ୟକ ଶ୍ରମିକଙ୍କ ଅନ୍ୟ ରାଜ୍ୟକୁ ପ୍ରବାସୀ ଘଟଣାକୁ ବିଶ୍ୱବ୍ୟାଙ୍କ ମଧ୍ୟ ନକାରାତ୍ମକ ଦୃଷ୍ଟିରେ ଦେଖିଛନ୍ତି । ବିଶ୍ୱବ୍ୟାଙ୍କ ରିପୋର୍ଟ ଅନୁଯାୟୀ ଏହି ସଂଖ୍ୟକ ଶ୍ରମିକଙ୍କ ରାଜ୍ୟ ବାହାରକୁ କାମ ଧନ୍ଦା ପାଇଁ ଯିବା ଇଚ୍ଛାକୃତ ନୁହେଁ । ଅର୍ଥାତ ଅଭାବ, ଅନଟନ, ପରିବାର ପ୍ରତିପୋଷଣରେ ଚାପ ଓ ରାଜ୍ୟରେ କାମଧନ୍ଦା ଅଭାବରୁ ସେମାନେ ରାଜ୍ୟ ବାହାରକୁ ଯିବାକୁ ବାଧ୍ୟ ହେଉଛନ୍ତି ଏବଂ ଯେକୌଣସି ପରିସ୍ଥିତିକୁ ଆଦରି ନେଉଛନ୍ତି । 'ଇଣ୍ଟରନ୍ୟାସନାଲ ରାଇସ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍' ସହାୟତାରେ କେରଳର 'ଇଣ୍ଟରନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ମାଇଗ୍ରେସ୍ ଆଣ୍ଡ ଡେଭେଲପମେଣ୍ଟ'ର ରିପୋର୍ଟ ଅନୁଯାୟୀ ଦାଦନ ଭାବେ ଯାଉଥିବା ଶ୍ରମିକଙ୍କ ମଧ୍ୟରୁ ପ୍ରାୟ ୩୦% କୃଷି କାର୍ଯ୍ୟ ଉପରେ ନିର୍ଭରଶୀଳ ଏବଂ ୩୩% ଭୂମିହୀନ । ଏଣୁ ଭୂମିହୀନ କାମଧନ୍ଦା ପାଇପାରୁ ନାହାନ୍ତି କି କୃଷି ପରିବାର ପ୍ରତିପୋଷଣକୁ ସୁନିଶ୍ଚିତ କରିପାରୁ ନାହିଁ । ଏ ପ୍ରକାର ପରିସ୍ଥିତିରେ ଜନସାଧାରଣ ରାଜ୍ୟ ବାହାରକୁ କାମଧନ୍ଦା କରିବା ଉଦ୍ଦେଶ୍ୟରେ ଯାଉଛନ୍ତି ।

ଗଞ୍ଜାମ-ସୁରଟକୁ ଏକ ଦେଶାନ୍ତରୀ ପଥ ବୋଲି ବିବେଚନା କରାଯାଇଥାଏ । ଏହା ପରକୁ ଗତ କିଛିବର୍ଷ ହେଲା ତାମିଲନାଡୁ ଓ କେରଳକୁ ଶ୍ରମିକ ଗମନ ସଂଖ୍ୟା ବୃଦ୍ଧି ପାଇଛି । ଏହି ରାଜ୍ୟରେ ଆବଶ୍ୟକ କାମଧନ୍ଦା ମିଳିବା ସହ ମୂଲମଜୁରୀ ଦର ଅଧିକ ରହୁଛି । ଓଡ଼ିଶାରେ ଜଳସେଚନ ବ୍ୟବସ୍ଥାରେ ସେପରି ଆଖିଦୃଶିଆ ଉନ୍ନତି ଘଟିପାରୁ ନାହିଁ । ପୁରୁଣା କେନାଲ ବ୍ୟବସ୍ଥାରେ ପାଣି କିପରି ତଳମୁଣ୍ଡ ପର୍ଯ୍ୟନ୍ତ ଯାଇପାରିବ ତାହାର ବ୍ୟବସ୍ଥା କରାଯାଉ ନାହିଁ । ଅନ୍ୟପକ୍ଷରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରାକୃତିକ ବିପର୍ଯ୍ୟୟ ବୃଦ୍ଧି ପାଉଥିବା ଦେଖାଯାଉଛି । ଫଳରେ ଉପକୂଳଠାରୁ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା ପର୍ଯ୍ୟନ୍ତ କୃଷି ଉତ୍ପାଦନ ବାଧାପ୍ରାପ୍ତ ହେଉଛି । ଅନ୍ୟପକ୍ଷରେ ସରକାରୀ ମନରେଗା ଯୋଜନାର କାର୍ଯ୍ୟଦିବସ ହ୍ରାସ ପାଇଛି ଏବଂ ମଜୁରୀ ମଧ୍ୟ ଉତ୍ସାହଜନକ ନୁହେଁ ।

ଦାଦନ ଶ୍ରମିକ ଚାଲାଣର ପ୍ରତିକାର ପାଇଁ ଗତବର୍ଷ ଅକ୍ଟୋବର ମାସରେ ସରକାର ଏକ ଟାସ୍କ ଫୋର୍ସ ଗଠନ କରିଛନ୍ତି । ଏଥିରେ ଦୁଇ ଉପ-ମୁଖ୍ୟମନ୍ତ୍ରୀ, ପଞ୍ଚାୟତରାଜ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଉନ୍ନୟନ କମିଶନର ସଦସ୍ୟ ଅଛନ୍ତି । ଇତିମଧ୍ୟରେ ୧୦ ମାସ ବିତିଲାଣି । ଟାସ୍କଫୋର୍ସର ସୁପାରିସ ରାଜ୍ୟବାସୀଙ୍କୁ ଜଣାପଡ଼ିନାହିଁ । ତେଣେ ଅପଞ୍ଜିକୃତ ଶ୍ରମିକ ଚାଲାଣ ନିମନ୍ତେ ଶ୍ରମ ଆଇନରେ ଯେଉଁ କାର୍ଯ୍ୟାନୁଷ୍ଠାନ ଓ ଦଣ୍ଡବିଧାନର ବ୍ୟବସ୍ଥା ରହିଛି ତାହା ବିଭାଗ ପକ୍ଷରୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯାଉ ନାହିଁ । ତେଣୁ ମୋଟାମୋଟି ଭାବେ ଦେଖିବାକୁ ଗଲେ ଦାଦନ ଶ୍ରମିକଙ୍କ ନିମନ୍ତେ ସରକାରଙ୍କ କିଛି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନାହିଁ କି ଏଥିପ୍ରତି ଆନ୍ତରିକତା ନାହିଁ । ଏହି ଧାରା ଯେତେଦିନ ପର୍ଯ୍ୟନ୍ତ ଜାରି ରହିଥିବା ସେତେଦିନ ପର୍ଯ୍ୟନ୍ତ ଦାଦନ ମାନେ ଭାଗ୍ୟକୁ ଆଦରି ରହିଥିବେ ।

(ବରିଷ୍ଠ ସାମ୍ବାଦିକ)
କଟକ, ମୋ: ୯୪୩୭୨୨୯୨୩୩

## କାହିଁକି ବଢୁଛି ଦୁଷ୍କର୍ମ

**ଶ୍ରୀକାନ୍ତ କୁମାର ମହାଲିକ**

ଦୁଷ୍କର୍ମ ଘଟଣା କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି । କୁନିକୁନି ଝିଅଙ୍କଠାରୁ ଆରମ୍ଭ କରି ବୟସ୍କା ମହିଳାଙ୍କ ପର୍ଯ୍ୟନ୍ତ ଏଥିରୁ ବାଦ୍ ପଡୁ ନାହାନ୍ତି । ଦୁଷ୍କର୍ମ ପରେ ଅତ୍ୟନ୍ତ ନିର୍ମମ ଓ ବୀଭତ୍ସ ଭାବେ ହତ୍ୟା କରାଯାଉଥିବା ଘଟଣା ସମସ୍ତଙ୍କୁ ଆଜି ବ୍ୟଥିତ ଓ ବିବ୍ରତ କରିଛି । ଘରଦ୍ୱାର, ରାସ୍ତାଘାଟ, ହାଟବଜାର, କର୍ମକ୍ଷେତ୍ର କେଉଁଠି ବି ଝିଅ ବା ମହିଳାଟିଏ ଆଜି ନିଜକୁ ସୁରକ୍ଷିତ ମଣି ପାରୁନାହିଁ । ପିତା, ମାତା, ଅଭିଭାବକମାନେ ମଧ୍ୟ ଅହରହ ଭୟ ଓ ଆଶଙ୍କା ମଧ୍ୟରେ ରହୁଛନ୍ତି । ଯୋଗାଯୋଗର ସମସ୍ତ ବ୍ୟବସ୍ଥା ଥିଲେ ମଧ୍ୟ ଝିଅଟିଏ ବା ବୋହୂଟିଏ ଘରୁ ଗୋଡ଼ କାଢ଼ିଲେ ନିରାପଦରେ ଫେରିବ ବୋଲି ଭରସି ପାରୁ ନାହାନ୍ତି । ତେବେ ଏମିତି ଦୁଃଖ ଓ ଯନ୍ତ୍ରଣାଦାୟକ ଘଟଣାମାନ କାହିଁକି ଘଟି ଚାଲିଛି ଏବଂ ଏହାର କାରଣ କ'ଣ ତାହାର ଆଲୋଚନା ଅତ୍ୟନ୍ତ ଜରୁରୀ ମନେହୁଏ ।

ବଡ଼ କାରଣ ହେଉଛି ମୋବାଇଲ ଫୋନ୍‌ର ଅସଦ୍ ବ୍ୟବହାର । ମୋବାଇଲ ବର୍ତ୍ତମାନ ଯୁବକମାନଙ୍କୁ ଜଣେ ଜଣେ ଯୌନ ବିକାରଗ୍ରସ୍ତ ରୋଗୀରେ ପରିଣତ କରିଦେଇ ସାରିଲାଣି କହିଲେ ଅତ୍ୟୁକ୍ତି ହେବନାହିଁ । ଇଣ୍ଟରନେଟରୁ ଅଶ୍ଳୀଳ, ନଗ୍ନ ଓ ଯୌନ ଉଦ୍ଦୀପକ ଦୃଶ୍ୟ ସବୁ ଡାଉନଲୋଡ୍ କରି ଅହରହ ଦେଖିବା ଏବଂ ନିଜକୁ ସଂଯତ କରି ନପାରିବା ଯୋଗୁଁ ହିଁ ଏପରି କାଣ୍ଡ ସେମାନେ ଘଟାଇ ଚାଲିଛନ୍ତି । ଯୁବକମାନେ ଏପରି ଉଚ୍ଛୃଙ୍ଖଳିତ ଓ ବିପଥଗାମୀ ହେବା ପଛରେ ସେମାନଙ୍କର ପିତା, ମାତା ଓ ଅଭିଭାବକମାନଙ୍କୁ ଦାୟୀ କରାଯାଇପାରେ । ମୂଳରୁ ପିଲାମାନଙ୍କୁ ଯେଉଁପରି ସଂସ୍କାର ଓ ମାର୍ଗଦର୍ଶନ ଦେବା କଥା, ସେଥିପ୍ରତି ପିତାମାତାମାନେ ଯତ୍ନବାନ୍ ହେଉନାହାନ୍ତି । କେବଳ ଅନୈତିକ ଉପାୟରେ ଅର୍ଥ ଉପାର୍ଜନ କରି କେମିତି ନିଜର ଘର ପୂରଣ କରିବେ, ବିଳାସରେ ରହିବେ, ମଉଜ ମଜଲିସରେ ଜୀବନ ବିତେଇବେ ସେଥିପାଇଁ ସେମାନେ ବ୍ୟସ୍ତ । ନିଜେ ଭୋଗବିଳାସରେ ବୁଡ଼ିରହିବା ସଂଗେସଂଗେ ପିଲାମାନଙ୍କୁ ମଧ୍ୟ ସେଥିରେ ବୁଡ଼ାଇ ରଖୁଛନ୍ତି । ଏପରି ଜୀବନଚର୍ଯ୍ୟା ପିଲାମାନଙ୍କୁ ଉଚ୍ଛୃଙ୍ଖଳିତ କରୁଛି ଏବଂ ଅନୈତିକ କାର୍ଯ୍ୟ କରିବା ପାଇଁ ପ୍ରୋତ୍ସାହିତ କରୁଛି ।

ସେହିପରି ପୁଲିସ ପ୍ରଶାସନର ଅବହେଳା ଯୋଗୁଁ ଅନେକ କ୍ଷେତ୍ରରେ ଅପରାଧୀ ଖସି ଯାଉଛନ୍ତି ଏବଂ ପୀଡ଼ିତା ନ୍ୟାୟ ପାଇବାରୁ ବଞ୍ଚିତ ହେଉଛି । ତଦନ୍ତରେ ଅବହେଳା ବା ଜାଣିଶୁଣି ବିଳମ୍ବ କରିବା, ତଦନ୍ତ ରିପୋର୍ଟକୁ ଜାଲିଆତି କରିବା, ସାକ୍ଷ୍ୟ ପ୍ରମାଣକୁ ନଷ୍ଟ କରିବା, ସାକ୍ଷୀକୁ ଉପଯୁକ୍ତ ସୁରକ୍ଷା ଯୋଗାଇ ନଦେବା ଆଦି ଘଟଣା ଦୁଷ୍କର୍ମକାରୀଙ୍କୁ ଖସାଇ ଦେବାରେ ସହାୟକ ହେଉଛି ଏବଂ ଅଧିକ ପ୍ରୋତ୍ସାହିତ କରୁଛି । କେତେକ ଅସାଧୁ ନେତା ନିଜର ସ୍ୱାର୍ଥ ପାଇଁ ଅପରାଧୀଙ୍କୁ ଘଣ୍ଟ ଘୋଡ଼ାଇବା, ସେମାନଙ୍କ ପାଇଁ ଅଯଥା ଓକିଲାତି କରିବା, ପ୍ରଶାସନିକ କଳ ଉପରେ ଚାପ ପ୍ରୟୋଗ କରି ତଦନ୍ତ ପ୍ରକ୍ରିୟାରେ ବାଧା ସୃଷ୍ଟି କରିବା ଆଦି ଘଟଣା ଦୁଷ୍କର୍ମକାରୀଙ୍କ ପାଇଁ ଆଶୀର୍ବାଦ ସ୍ୱରୂପ କାର୍ଯ୍ୟ କରୁଛି ।

ଏଭଳି ସାମାଜିକ ବ୍ୟତିକ୍ରମରେ ନାରୀ ନିଜ ପାଇଁ ନିଜେ କିଛି ପରିମାଣରେ ଦାୟୀ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି । ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ଭୁଲି ପାଶ୍ଚାତ୍ୟ ସଂସ୍କୃତି ଓ ଜୀବନଶୈଳୀକୁ ଆପଣେଇବା ଦ୍ୱାରା ସମାଜରେ ଉଚ୍ଛୃଙ୍ଖଳତା ବଢୁଛି । ଏହା ବାଦ ତ୍ରୁଟିପୂର୍ଣ୍ଣ ଶିକ୍ଷାନୀତିକୁ ମଧ୍ୟ ଅନେକ ପରିମାଣରେ ଦାୟୀ କରାଯାଇ ପାରେ । ଶିକ୍ଷାର ମୂଳ ଲକ୍ଷ୍ୟ ହେଉଛି ବ୍ୟକ୍ତିର ସର୍ବାଙ୍ଗୀନ ବିକାଶ ତଥା ଚରିତ୍ର ଗଠନ । କିନ୍ତୁ ବର୍ତ୍ତମାନର ଏ ବ୍ୟବସାୟଭିତ୍ତିକ ଶିକ୍ଷା ବ୍ୟବସ୍ଥା ଯୋଗୁଁ ତାହା ସମ୍ଭବ ହୋଇପାରୁ ନାହିଁ । ନୀତି, ଆଦର୍ଶ ଓ ଚରିତ୍ରବାନ୍ ନାଗରିକ ସୃଷ୍ଟି ହେବା ପରିବର୍ତ୍ତେ ଗୁଡ଼ାଏ ନୀତି- ଆଦର୍ଶ ବିବର୍ଜିତ ଏବଂ ଚରିତ୍ର ହୀନ ନାଗରିକ ସୃଷ୍ଟି ହେଉଛନ୍ତି । ଦୁଷ୍କର୍ମ ପରି ଅନୈତିକ କାର୍ଯ୍ୟ କରିବା ଏମାନଙ୍କ ପକ୍ଷେ ଆଦୌ ଅସମ୍ଭବ ନୁହେଁ ।

ଏସବୁ ବ୍ୟତୀତ ଦୁଷ୍କର୍ମ ଘଟଣା ପଛରେ ଅନ୍ୟ କେତେକ କାରଣ ମଧ୍ୟ ରହିଛି । ଯଥା-ମାଦକ ଦ୍ରବ୍ୟ ସେବନ, ପାରିବାରିକ ଅଶାନ୍ତି, ନିଃସଂଗତା, ସାମୟିକ ଉତ୍ତେଜନା, ପ୍ରେମଜନିତ ଅସଫଳତା, ଭଗବତ୍ ବିଶ୍ୱାସର ଅଭାବ ଇତ୍ୟାଦି । ଏଣୁ ଏ ସମସ୍ୟାର ସମାଧାନ ପାଇଁ ସାମୂହିକ ଉଦ୍ୟମ ଲୋଡ଼ା । ବିଶେଷକରି ଏପରି ଅପରାଧୀମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରାଯିବା ଉଚିତ୍ । ଏଥିପାଇଁ ପ୍ରଶାସନ ଓ ପୁଲିସର ନିଷ୍ଠାପର ଉଦ୍ୟମର ଆବଶ୍ୟକତା ରହିଛି । ଦ୍ୱିତୀୟରେ ରାଜନୈତିକ ନେତାମାନେ ପୀଡ଼ିତାମାନେ କିପରି ଉପଯୁକ୍ତ ନ୍ୟାୟ ପାଇବ ସେ ଦିଗରେ ଯତ୍ନବାନ୍ ହେବା ଉଚିତ୍ । ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ନାରୀ ଆଧୁନିକତା ନାଁରେ କୌଣସି ପ୍ରକାର ଅଶ୍ଳୀଳତାକୁ ପ୍ରଶ୍ରୟ ନଦେବା ତା'ପାଇଁ ଶୁଭଙ୍କର ହେବ । ନିଜର ପୋଷାକ ପରିଚ୍ଛଦ, ଚାଲିଚଳଣି ଆଦି ଆମ ସଂସ୍କୃତିର ମର୍ଯ୍ୟାଦା ଭିତରେ ରହିଲେ ନିଜ ପାଇଁ ଏବଂ ସମାଜ ପାଇଁ ମଙ୍ଗଳକର ହେବ । ପିତାମାତା ଓ ଅଭିଭାବକମାନେ ମଧ୍ୟ ଅଧିକ ସଚେତନ ହୋଇ ନିଜେ ସଂସ୍କାରିତ ହେବା ସଂଗେ ସଂଗେ ପିଲାମାନଙ୍କୁ ସଂସ୍କାରିତ କରି ଗଢ଼ିତୋଳିବା ଆବଶ୍ୟକ । ଶିକ୍ଷା ବ୍ୟବସ୍ଥାର ପରିବର୍ତ୍ତନ ମଧ୍ୟ ନିହାତି ଲୋଡ଼ା । ବିଶେଷକରି ନୈତିକ ଶିକ୍ଷାକୁ ଅନିବାର୍ଯ୍ୟ କରାଯିବା ଉଚିତ୍ । ଜଣେ ନୀତିବାନ୍ ମଣିଷ କେବେ ବି ଅନ୍ୟର ଅମଙ୍ଗଳ ଚିନ୍ତା କରି ନପାରେ । ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଦୃଷ୍ଟିକୋଣର ପରିବର୍ତ୍ତନ । ଆମେ ନିଜର ମା', ଝିଅ, ବୋହୂ, ସ୍ତ୍ରୀ ବା ଭଉଣୀମାନଙ୍କ ପ୍ରତି ଯେଉଁ ମନୋଭାବ ପୋଷଣ କରିଥାଉ ଏବଂ ସେମାନଙ୍କର ସୁରକ୍ଷା କାମନା କରିଥାଉ ଯଦି ଠିକ୍ ସେହି ମନୋଭାବ ଅନ୍ୟମାନଙ୍କ ପ୍ରତି ପୋଷଣ କରିବା ତେବେ ଛାଏଁ ଛାଏଁ ଏ ସମସ୍ୟା ଯେ ନିଶ୍ଚୟ ଦୂର ହୋଇଯିବ ଏଥିରେ ସନ୍ଦେହ ନାହିଁ ।

ଚରଦିଆ(ଭଦ୍ରକ), ମୋ: ୮୬୫୮୪୩୯୭୦୨

## ବିଲୁପ୍ତି ପଥେ ବିଶ୍ୱବ୍ରହ୍ମାଣ୍ଡ!

**ଶ୍ରୀନନ**

**ବିଜ୍ଞାନ ବାର୍ତ୍ତା**

ମନେକରାଯାଏ ଯେ ଆଜକୁ ପ୍ରାୟ ୧୩.୮ ବିଲିୟନ୍ ବର୍ଷ ପୂର୍ବେ ଘଟିଥିବା ବ୍ରହ୍ମବିସ୍ଫୋଟ୍ ବା 'ବିଗ୍‌ବ୍ୟାଙ୍ଗ' ଫଳରେ ବିଶ୍ୱବ୍ରହ୍ମାଣ୍ଡ ଉତ୍ପତ୍ତି ହେଲା । ସେଥି ସମୟରୁ ଏହା ସଂପ୍ରସାରିତ ହୋଇଚାଲିଛି । ଏଥିରେ ସହାୟତା କରୁଛି କୃଷ୍ଣଶକ୍ତି (ଡାର୍କ ଏନର୍ଜି) ନାମକ ଏକ ବିସ୍ମୟକର ଶକ୍ତି । ଅନ୍ୟପକ୍ଷରେ, ବିଶ୍ୱ ବ୍ରହ୍ମାଣ୍ଡର ଅନ୍ୟଏକ ଉପାଂଶ କୃଷ୍ଣବସ୍ତୁ ବା 'ଡାର୍କ ମାଟର୍' ଏଥିରେ ଥିବା ବସ୍ତୁଗୁଡ଼ିକୁ ପରସ୍ପରକୁ ଆକର୍ଷିତ କରିବାର ସାହାଯ୍ୟ କରେ ।

ଏବେ କେତେଜଣ ଖଗୋଳ ବିଜ୍ଞାନୀ ମନେ କରୁଛନ୍ତି ଯେ ସମ୍ଭବତଃ କୃଷ୍ଣଶକ୍ତି ସୁସ୍ଥିର ନୁହେଁ । ସମୟକ୍ରମେ ଏହା କମ/ବେଶି ହୋଇଥାଏ । ସେମାନଙ୍କ ମତରେ ଏହା ଦୁର୍ବଳ ହେବାର ସମ୍ଭାବନା ମଧ୍ୟ ରହିଛି । ଯଦି ତାହା ହୁଏ, ତେବେ ବସ୍ତୁ-ବସ୍ତୁ ମଧ୍ୟରେ ଆକର୍ଷଣ ଅଧିକ ହୋଇ ଯାଇପାରେ ଏବଂ ବିଶ୍ୱବ୍ରହ୍ମାଣ୍ଡର ସଂପ୍ରସାରଣ ବନ୍ଦ ହୋଇପାରେ । ନଚେତ୍ ତାହା ପ୍ରତ୍ୟାବର୍ତ୍ତୀ ହୋଇ ମହାସଂକୋଚନ ବା 'ବିଗ୍ କ୍ରୋଞ୍ଚ'ର କାରଣ ହୋଇପାରେ । ସେମାନେ ଅନୁମାନ କରନ୍ତି ଯେ ଆଗାମୀ ପ୍ରାୟ ୧୦ ବିଲିୟନ୍ ବର୍ଷ ପରେ ଏହି କାରଣରୁ ବିଶ୍ୱବ୍ରହ୍ମାଣ୍ଡର ସଂପ୍ରସାରଣ ହୁଏତ ବନ୍ଦ ହୋଇଯିବ ଏବଂ ତତ୍ପରେ ତାହା ପତିତ ହେବାକୁ ଲାଗି ପ୍ରାୟ ୩୩ ବିଲିୟନ ବର୍ଷ ପରେ ମହାସଂକୋଚନ ଘଟି ବିଲୁପ୍ତ ହୋଇଯିବ ।

ବିଗତ କିଛି ବର୍ଷ ଧରି 'ଡାର୍କ ଏନର୍ଜି ସର୍ଭେ ' ଏବଂ ଡାର୍କଏନର୍ଜି ସ୍ପୋଟ୍ରୋସ୍କୋପି ଇନଷ୍ଟିଚ୍ୟୁଟ୍'ରେ କାର୍ଯ୍ୟରତ ଖଗୋଳ ବିଜ୍ଞାନୀମାନେ ଦେଖିବାକୁ ପାଇଛନ୍ତି ଯେ କୃଷ୍ଣଶକ୍ତି ଏବେ ବିଶ୍ୱବ୍ରହ୍ମାଣ୍ଡକୁ ଦ୍ରୁତ ସଂପ୍ରସାରିତ କରିବାକୁ ଲାଗିଛି । ଏହା ସୂଚାଇ ଦେଇଛି ଯେ ଏହା ଏକ ସ୍ଥିରାଙ୍କ ନୁହେଁ । ଅନ୍ୟପକ୍ଷରେ ତାହା ସମୟକ୍ରମେ ପରିବର୍ତ୍ତିତ ହୋଇପାରେ । ତାହା ଯଦି ସତ୍ୟ ହୁଏ ତା'ହେଲେ କୃଷ୍ଣଶକ୍ତି ଦୁର୍ବଳ ହୋଇ ଏବର ସଂପ୍ରସାରଣର ବେଗ ହ୍ରାସ କରିବାର ସମ୍ଭାବନା ରହିଛି । ସେମାନଙ୍କ ଦ୍ୱାରା ଜୁନ୍ ୨୦୨୫ରେ ପ୍ରକାଶିତ ଏକ ଗବେଷଣା ପତ୍ର 'ଦ ଲାଇଫ୍-ସ୍ପାନ୍ ଅଫ୍ ଆୱାର ୟୁନିଭର୍ସ'ରେ ଗୋଟିଏ ଜଟିଳ ଚିନ୍ତାଧାରା ସୂଚୀତ କରିଛନ୍ତି । ସେଥିରେ ସେମାନେ ପ୍ରସ୍ତାବ ରଖିଛନ୍ତି ଯେ କୃଷ୍ଣଶକ୍ତି ଦୁଇଟି ଉପାଂଶରେ ତିଆରି । ତହିଁରୁ ପ୍ରଥମଟି ହେଲା 'ଅକ୍ସିଅନ୍', ଯାହାକି ଏକ ବିସ୍ମୟକର କଳ୍ପନିକ କଣିକା । ଏହା ଏତେ ହାଲୁକା ଏବଂ ସହଜରେ ଧରା ପଡୁନଥିବା ବସ୍ତୁ ଯେ ତାହା ପ୍ରାୟତଃ ଅନ୍ୟକାହାରି ସହିତ ଆର୍ନ୍ତକ୍ରିୟା କରେ ନାହିଁ । କଳ୍ପନା କରାଯାଇପାରେ ଯେ ଏବର 'ଅକ୍ସିଅନ' ହେଉଛି ଏକ ମୃଦୁ ଶକ୍ତିର କୁଝଟିକା ଯାହାକି ନୀରବରେ ବିଶ୍ୱବ୍ରହ୍ମାଣ୍ଡର ସଂପ୍ରାସାରଣ ଲାଗି ଶକ୍ତି ଯୋଗଉଛି ।

ଦ୍ୱିତୀୟଟି ହେଲା ଏକ ବିଶ୍ୱବ୍ରହ୍ମାଣ୍ଡୀୟ ସ୍ଥିରାଙ୍କ । କିନ୍ତୁ ଏହି ମଡେଲ୍‌ରେ ଏହା ନକାରାତ୍ମକ । ଏଣୁ ଏହା ପ୍ରସର ବା ସ୍ପେସ୍ କୁ ବାହାର ଆଡ଼କୁ ଠେଲୁଥିବା ସକାରାତ୍ମକ ସ୍ଥିରାଙ୍କ ଭଳି ନୁହେଁ । ବରଂ ଏହା ତାହାକୁ ପଛ ଆଡ଼କୁ ଠେଲିଥାଏ । ବର୍ତ୍ତମାନ 'ଆକ୍ସିଅନ୍'ମାନେ ଅଧିକାଂଶ ସଂପ୍ରାସାରଣ କାର୍ଯ୍ୟ କରୁଛନ୍ତି । ତେବେ ଆଶା କରାଯାଏ ଯେ ସମୟକ୍ରମେ ତାହା ଦୁର୍ବଳ ହୋଇଚାଲିବେ, ଯେତେବେଳେ ନକାରାତ୍ମକ ଖଗୋଳୀୟ ସ୍ଥିରାଙ୍କ ଅଧିକ ପ୍ରଭାବଶାଳୀ ହେବାକୁ ଆରମ୍ଭ କରିବେ । ଫଳରେ ବିଶ୍ୱବ୍ରହ୍ମାଣ୍ଡର ସଂପ୍ରସାରଣ ମନ୍ଥର ଏବଂ ତତ୍‌ପରେ ବିପରୀତ ପଥଗାମୀ ହୋଇଯାଇପାରେ ।

ପରିମାଣ ସ୍ୱରୂପ, ନାଟକୀୟ ଭାବେ ମହାସଂକୋଚନ (ବିଗକ୍ରଂଚ) କୁହାଯାଉଥିବା ଏକ ନୂତନ ପ୍ରକିୟାର ଆରମ୍ଭ ହୋଇଯିବ । ତାହା ହେଲେ ତାରକାପୁଞ୍ଜଗୁଡ଼ିକ ପରସ୍ପର ସହିତ ଧକ୍କା ଖାଇବେ । ବିଶ୍ୱବ୍ରହ୍ମାଣ୍ଡ ସଙ୍କୁଚିତ ହେବାକୁ ଲାଗିବ । ତାହା ଉତ୍ତପ୍ତ ଏବଂ ଅତ୍ୟଧିକ ଘନ ହୋଇ ଶୋଷରେ 'ସିଙ୍ଗୁଲାରିଟି' ଅବସ୍ଥାକୁ ଆସିଯିବ, ଯେପରି ତାହା ଥିଲା ବ୍ରହ୍ମବିସ୍ଫୋଟ ଆରମ୍ଭ ପୂର୍ବରୁ ।

ଯମପଡ଼ା(କେନ୍ଦ୍ରାପଡ଼ା),
ମୋ: ୯୯୩୭୩୦୧୪୬୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# କେବେ ପେଟେଣ୍ଟ ହେବ ଶ୍ରୀମନ୍ଦିର ଶବ୍ଦାବଳୀ?

ପୁରୀ,୧୧।୮ (ସମିସ): ଶ୍ରୀମନ୍ଦିର, ଏହାର ନାଁ ଯେପରି ଅନନ୍ୟ ନୀତିକାନ୍ତି ମଧ୍ୟ ଅନ୍ୟ ସମସ୍ତ ମନ୍ଦିରଠାରୁ ଭିନ୍ନ। ଓଡ଼ିଆ ସାହିତ୍ୟରେ ଏଠାରେ ପ୍ରଚଳିତ ଶବ୍ଦର ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି। ତେଣୁ ଶ୍ରୀମନ୍ଦିରରେ ପ୍ରଚଳିତ ଶବ୍ଦାବଳୀର ସ୍ୱତନ୍ତ୍ରତା ଯେପରି ବଜାୟ ରହିବ, ସେଦିଗରେ ଉଦ୍ୟମ ଆରମ୍ଭ କରିଛି ଶ୍ରୀମନ୍ଦିର ପ୍ରଶାସନ। ଅର୍ଥାତ୍ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ପର୍କିତ ଯାହା ବି ଶବ୍ଦାବଳୀ ରହିଛି ତାହାର ପେଟେଣ୍ଟ କରାଯିବାକୁ ନିଆଯାଇଛି ନିଷ୍ପତ୍ତି। ଯେପରିକି ଶ୍ରୀମନ୍ଦିର, ଶ୍ରୀଜଗନ୍ନାଥ ଧାମ, ମହାପ୍ରସାଦ, ଶ୍ରୀକ୍ଷେତ୍ର, ପୁରୁଷୋତ୍ତମ ଧାମ, ଶ୍ରୀଜଗନ୍ନାଥଙ୍କ ଲୋଗୋ ଭଳି ସମସ୍ତ ଶବ୍ଦକୁ ପେଟେଣ୍ଟ କରାଯିବ। ଫଳରେ ଶ୍ରୀଜଗନ୍ନାଥଙ୍କ ନାଁ, ନୀତିକାନ୍ତି ସହ ଜଡ଼ିତ କୌଣସି ଶବ୍ଦର ଯେପରି ଅନ୍ୟ କୌଣସି ଉଦ୍ଦେଶ୍ୟରେ ବ୍ୟବହାର ନ ହେବ ସେ ନେଇ ପେଟେଣ୍ଟ ପ୍ରସ୍ତାବକୁ ଗତ ମେ' ୨୬ ତାରିଖରେ ଅନୁଷ୍ଠିତ ବୈଠକରେ ଅନୁମୋଦନ ମିଳିଥିଲା। କିନ୍ତୁ ଏପର୍ଯ୍ୟନ୍ତ ପାଟେଣ୍ଟ ହୋଇ ନ ଥିବାରୁ ବିଭିନ୍ନ ଅନ୍‌ଲାଇନ ସପିଙ୍ଗ୍ କମ୍ପାନୀ ଅମାନିଆ ହେଉଛନ୍ତି। ସେମାନେ ମହାପ୍ରଭୁଙ୍କ ନୀତିକାନ୍ତି ସହ ବିଭିନ୍ନ ଦ୍ରବ୍ୟ ଯେପରିକି ମହାପ୍ରସାଦ, ଶୁଖିଲି ଭୋଗ, ପତିତପାବନ ବାନା ଆଦିକୁ ଅନ୍‌ଲାଇନ୍‌ରେ ବିକ୍ରି କରୁଛନ୍ତି। ଏହାଦ୍ୱାରା ଏହି ସବୁର ପବିତ୍ରତା ନଷ୍ଟ ହେଉଥିବା ଅଭିଯୋଗ ଉଠିଛି।

ମହାପ୍ରଭୁଙ୍କ ପ୍ରତି ବିଶ୍ୱବ୍ୟାପୀ ଭକ୍ତଙ୍କ ଗଭୀର ଶ୍ରଦ୍ଧା, ଭକ୍ତି ଓ ବିଶ୍ୱାସ ରହିଛି। ଅନେକ ସମୟରେ ଭକ୍ତଙ୍କ ଭାବାବେଗର ଫାଇଦା ଉଠାଇଛନ୍ତି ଅନେକ ବ୍ୟକ୍ତି। ସେମାନେ ମହାପ୍ରଭୁଙ୍କ



ନାଁ ଯୋଡ଼ି ବ୍ୟକ୍ତିଗତ ଭାବେ ଲାଭବାନ ହେଉଥିବା ଅନେକ ନଜିର ରହିଛି। ବିଭିନ୍ନ ଅନ୍‌ଲାଇନ୍ ସପିଙ୍ଗ୍ କମ୍ପାନୀ, ମହାପ୍ରସାଦ, ଶୁଖିଲି ଭୋଗ, ନୀଳଚକ୍ର ବାନା ବିକ୍ରି କରୁଛନ୍ତି। ଅନ୍‌ଲାଇନ୍‌ରେ ଏଭଳି ଶବ୍ଦ କିମ୍ବା ଫଟୋର ବ୍ୟବହାର ନ କରିବାକୁ କୁହାଯାଇଛି। କିନ୍ତୁ ଏଯାଏ ଆଇନ ହୋଇନାହିଁ କି ପେଟେଣ୍ଟ ହୋଇ ନ ଥିବାରୁ କିଛି ବ୍ୟବସାୟଖୋର୍ ବ୍ୟକ୍ତିବିଶେଷ ଏହାର ଫାଇଦା ଉଠାଇ ମନଇଚ୍ଛା ଭକ୍ତଙ୍କ ଭାବାବେଗକୁ ବ୍ୟବସାୟର ଅସ୍ତ୍ର ସଜାଇଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏ କ୍ଷେତ୍ରରେ ଏକ ସିଣ୍ଡିକେଟ୍ କାମ କରୁଛି। କୌଣସି ବ୍ୟକ୍ତିବିଶେଷ ଅର୍ଡର ଅନ୍‌ଲାଇନ୍‌ରେ ଗ୍ରହଣ କରି ଆନନ୍ଦ ବଜାରରୁ ମହାପ୍ରସାଦ କିଣି ଗ୍ରାହକଙ୍କ ପାଖରେ ପହଞ୍ଚାଇବା କଷ୍ଟକର ବ୍ୟାପାର। ସମ୍ଭବତଃ ଉକ୍ତ ଅନ୍‌ଲାଇନ୍ ସଂସ୍ଥା ଏଠାରେ କିଛି ବ୍ୟକ୍ତିଙ୍କୁ ଏ କ୍ଷେତ୍ରରେ

## ମାନୁନାହାନ୍ତି ଅନ୍‌ଲାଇନ ସପିଙ୍ଗ୍ କମ୍ପାନୀ

ନିୟୋଜିତ କରିଛି। ସେମାନେ ଏଠାରୁ ମହାପ୍ରସାଦ ନେଇ କୌଣସି ଯାନବାହନରେ ପଠାଉଛନ୍ତି। ମାତ୍ର ଅର୍ଡର କରିଥିବା ବ୍ୟକ୍ତି ଯେ ବାସ୍ତବରେ ଶ୍ରୀମନ୍ଦିରର ମହାପ୍ରସାଦ ଅର୍ଡର କରି ପାଉଛି, ସେଥିରେ କିଛି ଗ୍ୟାରେଣ୍ଟି ନାହିଁ।

ଅନ୍ୟପକ୍ଷରେ ମହାପ୍ରଭୁଙ୍କ ନାଁରେ ଭକ୍ତଙ୍କୁ ଏକପ୍ରକାର ଶୋଷଣ କରାଯାଉଛି ବୋଲି କୁହାଯାଇପାରିବ। କାରଣ ଏକ ଅନ୍‌ଲାଇନ୍ କମ୍ପାନୀ ପତିତପାବନ ବାନା ମୂଲ୍ୟ ଯାହା ରଖିଛି ଶୁଣିଲେ ଆଶ୍ଚର୍ଯ୍ୟ ଲାଗିବ। ଏଥିରେ କମ୍ପାନୀ ପକ୍ଷରୁ ବିଭିନ୍ନ ସାଇଜ୍‌ର ପତାକା ପାଇଁ ଭିନ୍ନ ଭିନ୍ନ ମୂଲ୍ୟ ରହିଛି। ଗୋଟିଏ ୭୦୧ ଟଙ୍କା, ଗୋଟିଏ ୧୫୪୯ ଟଙ୍କା, ଗୋଟିଏ ୧୪୯୮ ଟଙ୍କା ରଖାଯାଇଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା କେନ୍ଦ୍ରରେ ସବୁଠୁ ବଡ଼ ବାନା (ନୀଳଚକ୍ରର ଅଗ୍ରଭାଗରେ ଲାଗୁଥିବା ୧୪ ହାତିଆ) ୩୦୦ ଟଙ୍କାରେ ବିକ୍ରି ହେଉଥିବାବେଳେ କମ୍ପାନୀ ପ୍ରାୟ ୫ରୁ ୬ ଗୁଣା ଅଧିକରେ ବିକ୍ରି କରୁଛି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶ୍ରୀମନ୍ଦିର ପତିତପାବନ ବାନା କହି ଯେଉଁ ପତାକା ବା ଧ୍ୱଜା ବିକ୍ରି କରାଯାଉଛି ବାସ୍ତବରେ ତା'ର ଶୁଦ୍ଧତା କିଏ ପରଖୁଛି। ଏହା ଶ୍ରୀମନ୍ଦିର ବାନା ନା ବାହାରର ତାହାର ସଠିକତା କ'ଣ? ବିଗତ ଦିନରେ ଏମିତି ଅନେକ ଜିନିଷ ମହାପ୍ରଭୁଙ୍କ ନାଁ ଯୋଡ଼ି ବିକ୍ରି କରାଯିବାର ନଜିର ରହିଛି। ସେହିପରି ମହାପ୍ରସାଦ, ଶୁଖିଲି ଭୋଗ ମଧ୍ୟ ଅଧିକ ଦାମ୍‌ରେ ବିକ୍ରି କରାଯାଉଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ଶବ୍ଦାବଳୀର ପେଟେଣ୍ଟ ହେବ ବୋଲି ଘୋଷଣା କରାଯାଇଥିଲେ ସୁଦ୍ଧା ଏଯାଏ ହୋଇ ନ ଥିବାରୁ ଶ୍ରୀମନ୍ଦିର ଶବ୍ଦାବଳୀର ବ୍ୟବହାର କରୁଥିବା ଅନୁଷ୍ଠାନ ଉପରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରୁ ନାହିଁ। ଏ କାର୍ଯ୍ୟରେ ଶ୍ରୀମନ୍ଦିର ପ୍ରଶାସନ ଯେତେ ହେଳା କରିବ, ଅସାମାଜିକ ବ୍ୟକ୍ତିବିଶେଷ ଏହାର ଫାଇଦା ସେତେଦିନ ଯାଏ ନେଉଥିବେ।

# ଲୋକସଭାରେ ପାରିତ ହେଲା କ୍ରୀଡ଼ା ବିଲ୍

ନୂଆଦିଲ୍ଲୀ,୧୧।୮ (ଏଜେନ୍ସି): ବହୁ ପ୍ରତୀକ୍ଷିତ ନ୍ୟାସନାଲ ସ୍ପୋର୍ଟସ୍ ବିଲ୍ ତଥା ଜାତୀୟ କ୍ରୀଡ଼ା ବିଧେୟକ ସୋମବାର ଲୋକସଭାରେ ପାରିତ ହୋଇଛି। ଯାହାକୁ ସ୍ୱାଧୀନ ଭାରତରେ ସବୁଠୁ ବଡ଼ କ୍ରୀଡ଼ା ସଂସ୍କାର ବୋଲି କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭିୟ କହିଛନ୍ତି। ଦେଶରେ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା ଏବଂ କ୍ରୀଡ଼ା ସଂଗଠନରେ ସ୍ୱଚ୍ଛତା ଆଣିବା ଏହି ବିଲ୍‌ର ମୁଖ୍ୟ ଲକ୍ଷ୍ୟ ରହିଛି। ସେହିଭଳି ଆଜି ମଧ୍ୟ ଜାତୀୟ ଡୋପିଂ ନିରୋଧୀ ବିଲ୍ ମଧ୍ୟ ପାସ୍ ହୋଇଛି। ଏହି ଦୁଇଟି ବିଲ୍ ଭବିଷ୍ୟତରେ ଭାରତକୁ ବିଶ୍ୱରେ କ୍ରୀଡ଼ାର ମହାଶକ୍ତି ଭାବେ ଗଢ଼ି ତୋଳିବାରେ ସହାୟକ ହେବ ବୋଲି କୁହାଯାଉଛି। କ୍ରୀଡ଼ା ବିଲ୍ ପାରିତ ହେବା ପରେ ଏବେ ନ୍ୟାସନାଲ ସ୍ପୋର୍ଟସ ବୋର୍ଡ (ଏନ୍ଏସ୍‌ବି) ଗଠନ କରାଯିବ। ଯାହା ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇ ସମେତ ସମସ୍ତ କ୍ରୀଡ଼ାର ମହାସଂଘ ଉପରେ ନଜର ରଖିବ। ଏବେ ବିସିସିଆଇକୁ ଏକ ଜାତୀୟ କ୍ରୀଡ଼ା ସଂଘ ଭାବେ ପଞ୍ଜିକରଣ କରିବାକୁ ପଡ଼ିବ। ଏହି କ୍ରୀଡ଼ା ବିଲ୍ ଅନୁଯାୟୀ, ବର୍ତ୍ତମାନ ଏକ ଜାତୀୟ କ୍ରୀଡ଼ା ଟ୍ରିବ୍ୟୁନାଲ ଗଠନ କରାଯିବ। ଯାହାର ସିଭିଲ କୋର୍ଟ ଭଳି କ୍ଷମତା ରହିବ। ଏହି ଟ୍ରିବ୍ୟୁନାଲ ଚୟନ ପ୍ରକ୍ରିୟା ଓ ନିର୍ବାଚନ ସହିତ ଜଡ଼ିତ ମାମଲାଗୁଡ଼ିକର ସମାଧାନ କରିବ। ଏହାର ନିଷ୍ପତ୍ତି ବିରୋଧରେ କେବଳ ସୁପ୍ରିମ କୋର୍ଟରେ ଆବେଦନ କରାଯାଇପାରିବ।

# ପୁରୀ-ଲାଲଗଡ଼-ପୁରୀ ଏକ୍ସପ୍ରେସ୍ ଶ୍ରୀଗଙ୍ଗାନଗର ପର୍ଯ୍ୟନ୍ତ ଚାଲିବ

ଭୁବନେଶ୍ୱର,୧୧।୮ (ସମିସ): ପୁରୀ-ଲାଲଗଡ଼-ପୁରୀ ସାପ୍ତାହିକ ଏକ୍ସପ୍ରେସ୍ ଏଣିକି ଚଳିତମାସ ୧୩ରୁ ପୁରୀଠାରୁ ରାଜସ୍ଥାନର ଶ୍ରୀ ଗଙ୍ଗାନଗର ପର୍ଯ୍ୟନ୍ତ ଚଳାଚଳ କରିବ। ଏହି ସୈଂହିହାସିକ ସମ୍ପ୍ରସାରଣ ବଙ୍ଗୋପସାଗରକୁ ଥର ମରୁଭୂମି ସହିତ ସୁଗମ ଭାବରେ ସଂଯୋଗ କରିବ, ଯାହା ପୂର୍ବାଞ୍ଚଳ ରାଜ୍ୟ ଓଡ଼ିଶା ଏବଂ ଉତ୍ତର-ପଶ୍ଚିମ ରାଜ୍ୟ ରାଜସ୍ଥାନ ମଧ୍ୟରେ ସାଂସ୍କୃତିକ ଏବଂ ଅର୍ଥନୈତିକ ସମ୍ପର୍କକୁ ଦୃଢ଼ କରିବ। ଏହି ସମ୍ପ୍ରସାରଣ ପରେ ଟ୍ରେନ୍ ନମ୍ବର ୨୦୪୭୨/୨୦୪୭୧ ପୁରୀ-ଲାଲଗଡ଼-ପୁରୀ ସାପ୍ତାହିକ ଏକ୍ସପ୍ରେସ୍‌ର ଏହାର ଲାଲଗଡ଼ ମଧ୍ୟରେ ଉଭୟ ପାର୍ଶ୍ୱରୁ ସ୍ଥିରୀକୃତ ଷ୍ଟେସନଗୁଡ଼ିକରେ ରହଣି ସମୟ ଅପରିବର୍ତ୍ତିତ ରହିବ। ଅଗଷ୍ଟ ୧୩ରେ ସାଂସଦ ସମ୍ବିତ ପାତ୍ର,ସାଂସଦ ସୁବାଶିଷ ଖୁଣ୍ଟିଆ ଏବଂ ବିଧାୟକ ସୁନୀଲ କୁମାର ମହାନ୍ତି ଏହି ଟ୍ରେନର ସମ୍ପ୍ରସାରଣ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ସମାରୋହରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଅଲୋକ ତ୍ରିପାଠୀ ମଧ୍ୟ ଯୋଗଦେବେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସ୍ଥିତି ସାଂଘାତିକ...

ଏହାକୁ ରୋକିବାକୁ ଯେପରି ସରକାର ସମ୍ପୂର୍ଣ୍ଣ ଅସମର୍ଥ ଏବଂ ଉପାୟଶୂନ୍ୟ ହୋଇ ପଡ଼ିଥିବା ପରି ମନେ ହେଉଛି। ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯିବା ପଛରେ ବୁଦ୍ଧିଜୀବି ମହଲ ସରକାରଙ୍କୁ ଦାୟୀ କରୁଛନ୍ତି। ଗତ ୩ଟି ସ୍ୱର୍ଶକାତର ଘଟଣାରେ ସରକାର ପ୍ରକୃତ ଦୋଷୀଙ୍କୁ ସାମ୍ନାକୁ ଆଣୁନାହାନ୍ତି। ରାଜନୈତିକ ବାଧ୍ୟବାଧକତା ହେଉ ବା କୌଣସି ଅଦୃଶ୍ୟ ଚାପ ପୁଲିସ ତଥା କ୍ରାଇମବ୍ରାଞ୍ଚର ତଦନ୍ତ ପ୍ରକ୍ରିୟାକୁ ବାଟବଣା କରୁଥିବା ଅଭିଯୋଗ ହୋଇଛି। ବାରମ୍ବାର ପ୍ରଶାସନର ତଳସ୍ତରରୁ କେନ୍ଦ୍ରମନ୍ତ୍ରୀଙ୍କ ଯାଏଁ ନିଜ ଗୁହାରି ଜଣାଇ ନିରାଶ ହେବା ପରେ ନିଜ ଦେହରେ ପେଟ୍ରୋଲ ଢାଳି ଜୀବନ ହାରିଥିଲେ ବାଲେଶ୍ୱରର ସୌମ୍ୟାଶ୍ରୀ। ଘଟଣାକୁ ନେଇ ବିରୋଧୀ ଦଳ ଆନ୍ଦୋଳନଠାରୁ ଓଡ଼ିଶା ବନ୍ଦ କରିଥିଲେ। ବିରୋଧୀ ଦଳଙ୍କ ପ୍ରବଳ ହଲ୍ଲାବୋଲ ପରେ ସୌମ୍ୟାଶ୍ରୀଙ୍କ ଆତ୍ମଦାହ ପଛରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଛାତ୍ର ନେତାଙ୍କ ସଂପୃକ୍ତି ଅଭିଯୋଗରେ ଦୁଇଜଣଙ୍କୁ ଗିରଫ କରିଥିଲା କ୍ରାଇମବ୍ରାଞ୍ଚ। ଏହାପରେ ଆଶ୍ଚର୍ଯ୍ୟଜନକ ଭାବେ କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖାର ଆଇଜି ସାଇନ. ଏସ୍ ରାତିଅଧିଆ ଛୁଟିରେ ଚାଲିଗଲେ। ତଦନ୍ତ ପ୍ରକ୍ରିୟାକୁ ବାଟବଣା କରିବା ପାଇଁ ଏବଂ ନିଜ ଛାତ୍ର ସଂଗଠନର କର୍ମକର୍ତ୍ତାଙ୍କୁ ସୁରକ୍ଷା ଦେବା ପାଇଁ ସରକାର ଏପରି ପଦକ୍ଷେପ ନେଇଛନ୍ତି ବୋଲି ବିରୋଧୀ ଅଭିଯୋଗ କରୁଛନ୍ତି।

ସେହିପରି ବଲଙ୍ଗା ଘଟଣାରେ ମଧ୍ୟ ପୁଲିସର ତଦନ୍ତ ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବିରୋଧୀ ଏବଂ ସାଧାରଣ ଲୋକେ। ଅଭିଯୁକ୍ତଙ୍କୁ ଖସାଇ ଦେବା ପାଇଁ ପୁଲିସ ସୁଇସାଇଡ ଥିଓରୀ ରଚିଥିବା ନେଇ ବିଜେଡି ସାଂଘାତିକ ଅଭିଯୋଗ ଆଣିଥିଲା। କେନ୍ଦ୍ରାପଡା ପଟ୍ଟାମୁଣ୍ଡାଇରେ ମଧ୍ୟ ଜଣେ ଛାତ୍ରୀ ଆତ୍ମଦାହ କରିଥିବା ବେଳେ ପୁଲିସ ଏହାର କାରଣ ଖୋଜି ବାହାର କରିପାରି ନାହିଁ। ପୁଲିସ ସତରେ କୌଣସି କାରଣ ପାଉନାହିଁ, ନାଁ ଏହା ପଛରେ ଅନ୍ୟ କୌଣସି ଭିତିରି ମନ୍ଦ ଉଦ୍ଦେଶ୍ୟ ରହିଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାର ଯଦି ପ୍ରଥମ ଘଟଣାରୁ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେଇଥାନ୍ତେ, ତାହେଲେ ଏପରି ଘଟଣା ବାରମ୍ବାର ଘଟନ୍ତା ନାହିଁ। ସରକାର ଏବଂ ପୁଲିସର ନିଷ୍କ୍ରିୟତା ହିଁ ରାଜ୍ୟରେ ନାବାଳିକାଙ୍କ ସୁରକ୍ଷାକୁ ବିପନ୍ନ କରୁଛି ବୋଲି ବିରୋଧୀ ତଥା ବୁଦ୍ଧିଜୀବି ମହଲରେ ମତପ୍ରକାଶ ପାଇଛି।

### ରାସ୍ତାରେ ବିରୋଧୀ...

ମଧ୍ୟରେ ଥିଲେ ସମାଜବାଦୀ ପାର୍ଟି ମୁଖ୍ୟ ଅଖୀଳେଶ ଯାଦବ, ମହୁଆ ମୈତ୍ର, ମିତାଲି ବାଗ, ସୁଶ୍ମିତା ଦେବ, ସଂଜନା ଏବଂ ଜ୍ୟୋତିମଣି। ବ୍ୟାରିକେଡ୍ ଭାଙ୍ଗିବାକୁ ଉଦ୍ୟମ କରୁଥିବା ବେଳେ ମହୁଆ ଓ ମିତାଲି ଅଚେତ ହୋଇପଡ଼ିଥିଲେ। ତେବେ ପୁଲିସ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ, ମଲିକାର୍ଜୁନ ଖଡ଼ଗେ, ଜୟରାମ ରମେଶଙ୍କ ସମେତ ଅନେକ ସାଂସଦଙ୍କୁ ପାର୍ଲାମେଣ୍ଟ ଷ୍ଟ୍ରୀଟ୍ ଥାନାକୁ ନେଇ ଅଟକ ରଖିଥିଲା। କିଛି ସମୟ ପରେ ପୁଲିସ ସମସ୍ତଙ୍କୁ ଛାଡ଼ିଦେଇଥିଲା। ଡିଏମ୍‌କେର ଟିଆର ବାଲୁ, ଶିବ ସେନାର ସଂଜୟ ରାଉତଙ୍କ ସମେତ ବାମପନ୍ଥୀ ଦଳର ନେତାମାନେ ମଧ୍ୟ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ।

ସେମାନେ ଅଭିଯୋଗ କରିଥିଲେ ଯେ ନିର୍ବାଚନ କମିସନ ଏବଂ ଶାସକ ଦଳ ହାତ ମିଳାଇ ଲୋକମାନଙ୍କୁ ସେମାନଙ୍କ ଭୋଟ୍ ଦେବାର ଅଧିକାରରୁ ବଞ୍ଚିତ କରୁଛନ୍ତି। ନିର୍ବାଚନ ଜିତିବା ଲାଗି କମିସନ ଓ ବିଜେପି ମିଳିମିଶି ଜାଲିଆତି କରୁଛନ୍ତି। ରାହୁଲ ଗାନ୍ଧୀ କହିଥିଲେ ଯେ ଏହା ରାଜନୈତିକ ଲଢ଼େଇ ନୁହେଁ। ଏହା ହେଉଛି ସମ୍ବିଧାନର ସୁରକ୍ଷା ପାଇଁ ସଂଘର୍ଷ।

ଇତିମଧ୍ୟରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା ଡିଏମ୍‌କେ ଅଧ୍ୟକ୍ଷ ଏମ୍‌କେ ଷ୍ଟାଲିନ 'ଭୋଟ ଚୋରି' ବିରୋଧରେ ରାହୁଲ ଗାନ୍ଧୀ ଚଳାଇଥିବା ଅଭିଯାନକୁ ସମର୍ଥନ ଜଣାଇଛନ୍ତି। ସେ କହିଛନ୍ତି ଯେ ନିର୍ବାଚନ କମିସନ ହେଉଛି ଏକ ସ୍ୱୟଂଶାସିତ ସଂସ୍ଥା। କିନ୍ତୁ ବିଜେପି ଏହାକୁ ଭୋଟ ଜାଲିଆତି ମେସିନରେ ପରିଣତ କରିଦେଇଛି। ଏହା ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରୁଥିବାରୁ ଏହା ବିରୋଧରେ ସଂଘର୍ଷ ଜାରି ରହିବ। ସେ କହିଲେ ଯେ କର୍ଣ୍ଣାଟକର ମହାଦେବପୁରାରେ ଯାହା ହୋଇଛି, ତାହା ପ୍ରଶାସନିକ ତ୍ରୁଟି ନୁହେଁ, ବରଂ ଲୋକମତ ଚୋରି କରିବାକୁ ଏକ ବିରାଟ ଷଡ଼ଯନ୍ତ୍ର।

### ଦୁଇ ଛୁଆଙ୍କ...

ପଦକ୍ଷେପ ନେଇ ମାତ୍ର ୩ ଘଣ୍ଟା ଭିତରେ ଦୁଇ ଅଭିଯୁକ୍ତଙ୍କୁ କଟକ ବୈଦେଶ୍ୱର ଅଞ୍ଚଳରୁ ଗିରଫ କରିଛି। ସେମାନେ ହେଲେ, ମନୋଜ ବେହେରା ଓ ରାଜା।

ମିଟୁ ପାଣି ପାଇପ୍ ମିସ୍ତ୍ରି ଭାବେ ଭାପୁର ଗ୍ରାମ୍ୟ ଜଳଯୋଗାଣ ବିଭାଗରେ କାର୍ଯ୍ୟ କରୁଥିଲେ। ବିଦ୍ୟୁତ୍ ଆଘାତରେ ୨ବର୍ଷ ତଳେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ପାଖରେ ରହି କଟକ ଜିଲ୍ଲା ବୈଦେଶ୍ୱର ଥାନା ବୈଦେଶ୍ୱର ଗ୍ରାମର ତାଙ୍କର ମାଉସୀ ପୁଅ ମନୋଜ ପାଇପ୍ କାମ ଶିଖୁଥିଲେ। ମିଟୁଙ୍କ ମୃତ୍ୟୁ ପରେ ମନୋଜ ଓ ଜୟନ୍ତୀଙ୍କ ମଧ୍ୟରେ ସମ୍ପର୍କ ବଢ଼ିଥିଲା। ଜୟନ୍ତୀ ଶାଶୂ-ଶଶୁର ଓ ଦିଅର-ଦେଢ଼ଶୁରଙ୍କଠାରୁ ଅଲଗା ହୋଇ ନିଜର ଭାପୁର ମହୋତ୍ସବ ପଡ଼ିଆ ନିକଟ ଏକ ଦୁଇ ମହଲା କୋଠାଘରେ ରହୁଥିଲେ। ପାଖରେ ତାଙ୍କର ୧୧ବର୍ଷର ଝିଅ ଓ ୫ ବର୍ଷର ପୁଅ ରହୁଥିଲେ। ରବିବାର ମିଟୁଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଥିଲା। ରାତି ୧୦ଟା ସମୟରେ ମନୋଜ ଓ ତା'ର ସହଯୋଗୀ ରାଜା ଜୟନ୍ତୀଙ୍କ ଘରକୁ ଆସିଥିଲେ। କୌଣସି କାରଣକୁ ନେଇ ରାତି ୧୧ଟାରେ ଜୟନ୍ତୀଙ୍କ ଗଳାକାଟି ଦୁଇଜଣଯାକ ପଳାଇଥିଲେ। ମାଆଙ୍କ ଏପରି ଅବସ୍ଥା ଦେଖି ଦୁଇ କୁନି ପୁଅ-ଝିଅ ପଡ଼ୋଶୀଙ୍କୁ ଡାକି ସମସ୍ତ ଘଟଣା କହିଥିଲେ। ପଡ଼ୋଶୀମାନେ ଘରକୁ ଯାଇ ଜୟନ୍ତୀଙ୍କ ମୃତ୍ୟୁ ହୋଇଥିବା ଦେଖି ତାଙ୍କ ଶଶୁର ଓ ଦିଅରଙ୍କୁ ଫୋନ୍ କରି ଜଣାଇଥିଲେ। ଖବର ପାଇ ସଙ୍ଗେସଙ୍ଗେ ଶିକ୍ଷକ ଥିବା ଦିଅର ଆସି ଭାଉଜଙ୍କ ମୃତ୍ୟୁ ଖବର ପୁଲିସକୁ ଜଣାଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ପୁଅ-ଝିଅଙ୍କଠାରୁ ସମସ୍ତ କଥା ବୁଝି ସଙ୍ଗେସଙ୍ଗେ ବୈଦେଶ୍ୱର ଥାନା ସହାୟତାରେ ଏକ କୋଠଘରେ ଶୋଇଥିବା ଦୁଇ ଅଭିଯୁକ୍ତ ମନୋଜ ଓ ରାଜାଙ୍କୁ କାବୁ କରି ଫତେଗଡ଼ ଥାନାରେ ଅଟକ ରଖିଛି। ସୋମବାର ସକାଳେ ଫତେଗଡ଼ ଥାନା ଅଧିକାରୀ ପଞ୍ଚାନନ ପରିଡ଼ା ତଦନ୍ତ କରିବା ସହ ନୟାଗଡ଼ରୁ ସାଇଣ୍ଟିଫିକ୍ ଟିମ୍ ଡକାଇଥିଲେ। ୩ ଜଣିଆ ସାଇଣ୍ଟିଫିକ୍ ଦଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିବା ପରେ ଶବ ବ୍ୟବଚ୍ଛେଦ ପାଇଁ ଖଣ୍ଡପଡ଼ା ପଠାଇଥିଲେ। ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି। ଜୟନ୍ତୀଙ୍କ ମୃତ୍ୟୁକୁ ନେଇ ସୋମବାର ଭାପୁର ବାଲୁଙ୍କେଶ୍ୱର ବିଦ୍ୟାପୀଠରେ ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ଦାସଙ୍କ ନେତୃତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା।

### ଝିଅ ଆଗରେ...

ପରେ ଆଗରୁ କବାଟ ବନ୍ଦ କରି ଫେରାର୍ ହୋଇଯାଇଛି। ଏହି ଖବର ପ୍ରଘଟ ହେବା ପରେ ବ୍ରହ୍ମପୁରରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ପୁଲିସ୍ ଗାୟତ୍ରୀଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ, ଗୁରୁତର ନାବାଳିକାକୁ ପ୍ରଥମେ ଏମ୍‌କେସିଜି ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଏହି ହତ୍ୟାକାଣ୍ଡ ପଛରେ ଗାୟତ୍ରୀଙ୍କ ପୁରୁଷବନ୍ଧୁ ସୁନୀଲର ହାତ ଥିବା ପୁଲିସ୍ ସନ୍ଦେହ କରୁଛି। ସୁନୀଲ ସହ ଯୋଗାଯୋଗ କରିବାକୁ ପୁଲିସ୍ ଚେଷ୍ଟା କରି ବିଫଳ ହୋଇଛି। ଘଟଣା ପରଠାରୁ ସୁନୀଲ ଏବଂ ଗାୟତ୍ରୀଙ୍କ ମୋବାଇଲ ଏକାସଙ୍ଗେ ବନ୍ଦ ରହିବା ପୁଲିସ୍‌ର ସନ୍ଦେହକୁ ଅଧିକ ଘନୀଭୂତ କରିଛି। ପୁଲିସ ହାତରେ ସୁନୀଲର ଫଟୋ ଲାଗିଛି। ତାକୁ ଧରିବା ପାଇଁ ପୁଲିସ୍ ବିଭିନ୍ନ ସ୍ଥାନରେ ତନାଘନା ଚଳାଇଛି। ଏହାସହ ଘର ଆଖପାଖ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜକୁ ପୁଲିସ ଯାଞ୍ଚ କରୁଥିବା ଜଣାପଡ଼ିଛି। ଗାୟତ୍ରୀଙ୍କ ହତ୍ୟାକାଣ୍ଡର ଏକମାତ୍ର ସାକ୍ଷୀ ତାଙ୍କ ନାବାଳିକା ଝିଅ। ତେଣୁ ତା' ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବା ପରେ ତାକୁ ପଚରାଉଚରା କରି ଅଭିଯୁକ୍ତକୁ ଗିରଫ କରାଯିବ ବୋଲି ବ୍ରହ୍ମପୁର ଏସ୍‌ପି ଡ଼ା ସର୍ବଣା ବିବେକ ଏମ୍ କହିଛନ୍ତି।

ସୂଚନାଯୋଗ୍ୟ, ଶ୍ରୀମାନଗର ଦ୍ୱିତୀୟ ଲାଇନରେ ରମେଶ ପାତ୍ରଙ୍କ ଘରେ ଗତ ୩ ତାରିଖରୁ ଗାୟତ୍ରୀ ଓ ତାଙ୍କ ଝିଅ ଭଡ଼ାରେ ରହିଥିଲେ। ତାଙ୍କ ସ୍ୱାମୀ ସାଧୁଚରଣ ସ୍ୱାଇଁ ଭୁବନେଶ୍ୱରରେ ରହନ୍ତି। ଶନିବାର ରକ୍ଷାବନ୍ଧନ ଅବସରରେ ଗାୟତ୍ରୀ ହିଞ୍ଜିଳିରେ ରହୁଥିବା ତାଙ୍କ ଭାଇ ଚିତ୍ରସେନ ସ୍ୱାଇଁଙ୍କ ଘରକୁ ଯାଇଥିଲେ ଏବଂ ରବିବାର ସନ୍ଧ୍ୟାରେ ଫେରି ଆସିଥିଲେ। ସେଦିନ ରାତି ପ୍ରାୟ ୧୦ଟାରେ ସେ ସାଧୁଙ୍କ ସହ ଫୋନ୍‌ରେ ମଧ୍ୟ କଥା ହୋଇଥିଲେ। ତେବେ ଆଜି ସକାଳ ପ୍ରାୟ ୭ଟା ପର୍ଯ୍ୟନ୍ତ ଗାୟତ୍ରୀ କିମ୍ବା ତାଙ୍କ ଝିଅ ଘରୁ ନବାହାରିବାରୁ ଘର ମାଲିକ ରମେଶଙ୍କ ସନ୍ଦେହ ହୋଇଥିଲା। ଘର ଭିତରେ ଫ୍ୟାନ୍ ଓ ଲାଇଟ୍ ଲାଗିଥିବା ବେଳେ ବାହାରପଟୁ ତାଲା ପଡ଼ିଥିବା ଦେଖି ରମେଶଙ୍କ ସନ୍ଦେହ ବଢ଼ିଥିଲା। ଏ ସଂପର୍କରେ ସେ ଗାୟତ୍ରୀଙ୍କ ସ୍ୱାମୀ ସାଧୁଙ୍କୁ ଫୋନ ଯୋଗେ ଜଣାଇଥିଲେ। ପରେ ସାଧୁ ତାଙ୍କ ଶଳା ଚିତ୍ରସେନଙ୍କୁ ଜଣାଇଥିଲେ। ଚିତ୍ରସେନ ସେଠାରେ ପହଞ୍ଚି ତାଲା ଭାଙ୍ଗି ଘର ଭିତରକୁ ଯିବା ବେଳକୁ ରକ୍ତ ଜୁଡୁବୁଡୁ ଗାୟତ୍ରୀ ଓ ଭାଣିଜୀ ତଳେ ନିଶ୍ଚଳ ଅବସ୍ଥାରେ ପଡ଼ି ରହିଥିଲେ। ସେତେବେଳକୁ ଗାୟତ୍ରୀଙ୍କ ମୃତ୍ୟୁ ହୋଇସାରିଥିଲା।

ଖବର ପାଇ ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ପରିଡ଼ା ଓ ନିମଖଣ୍ଡି ଥାନା ଆଇଆଇସି କୃଷ୍ଣ ଶାହା ଏବଂ ପରେ ବ୍ରହ୍ମପୁର ଏସ୍‌ପି ଡ଼ା ସର୍ବଣା ବିବେକ ଏମ୍ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ହତ୍ୟାକାରୀକୁ ଗାୟତ୍ରୀଙ୍କ ଝିଅ ଚିହ୍ନିଥିବା ମାମୁ ଚିତ୍ରସେନ ପୁଲିସ୍‌କୁ କହିଛନ୍ତି।

### ବିଭ୍ରାନ୍ତ କରୁଛନ୍ତି...

ନିର୍ବାଚନ କମିସନ ସେସଂପର୍କରେ ସମସ୍ତ ଉତ୍ତର ଦେଇ ସାରିଛନ୍ତି। ଏହାସତ୍ତ୍ୱେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ବିଭ୍ରାନ୍ତି ସୃଷ୍ଟି କରୁଛନ୍ତି। ବିହାରରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର) ସପକ୍ଷରେ ଯୁକ୍ତି କରିବାକୁ ଯାଇ ସେ କହିଛନ୍ତି ଯେ ଏଭଳି ପ୍ରକ୍ରିୟା ନୂଆ ନୁହେଁ। ଆଗରୁ ମଧ୍ୟ ହୋଇଛି। ଏହା ଏକ ନିୟମିତ ପ୍ରକ୍ରିୟା। ବିରୋଧୀ ଦଳମାନେ ଦେଶରେ ଅସ୍ଥିରତା ସୃଷ୍ଟି କରିବା ଲାଗି ଷଡ଼ଯନ୍ତ୍ର ଚଳାଇଛନ୍ତି। ଇଭିଏମ୍, ରାଫେଲ୍, ଭାରତୀୟ ସେନା ସମେତ ବିଭିନ୍ନ ପ୍ରସଙ୍ଗରେ ସେମାନେ ମିଥ୍ୟା ପ୍ରଚାର କରୁଛନ୍ତି। ନିର୍ବାଚନ ଜିତିଲେ ସବୁ ଠିକ୍, ହାରିଲା ପରେ ନିର୍ବାଚନ କମିସନଙ୍କୁ ସେମାନେ ଦୋଷ ଦେଉଛନ୍ତି। ଏଭଳି ଅରାଜକତା ସୃଷ୍ଟି କରିବା ବଦଳରେ ବିରୋଧୀ ଦଳମାନେ ସତ୍ୟପାଠ ମାଧ୍ୟମରେ ଅଭିଯୋଗ ଓ ଏହାର ପ୍ରମାଣ ଉପସ୍ଥାପନ କରନ୍ତୁ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

### ନୂଆ ଆୟକର ବିଲ୍...

ନୂତନ ସଂସ୍କରଣ ଉପସ୍ଥାପନ କରିଛନ୍ତି। ଏଥିରେ ସିଲେକ୍ଟ କମିଟିର ଅଧିକାଂଶ ସୁପାରିସ ସାମିଲ କରାଯାଇଛି। ସରକାର ଗତ ସପ୍ତାହରେ ଆୟକର ବିଲ୍- ୨୦୨୫କୁ ପ୍ରତ୍ୟାହାର କରିନେଇଥିଲେ। ଏହି ବିଲ୍ ଚଳିତବର୍ଷ ଫେବୃଆରୀ ୧୩ ରେ ଆଗତ କରାଯାଇଥିଲା। ଏହି ନୂଆ ବିଲ୍ ୬୦ ବର୍ଷ ପୁରୁଣା ଆୟକର ଆଇନ ୧୯୬୧ରେ ପରିବର୍ତ୍ତନ ଆଣିଛି। ବିଲ୍ ପ୍ରତ୍ୟାହାର କରିବାର କାରଣ ଦର୍ଶାଇ ସୀତାରମଣ କହିଥିଲେ ଯେ କିଛି ପରାମର୍ଶ ମିଳିଛି ଯାହାକୁ ସାମିଲ କରାଯିବା ଆବଶ୍ୟକ, ଯାହା ଦ୍ୱାରା ଆଇନର ପ୍ରକୃତ ଅର୍ଥ ବୁଝି ହେବ। ବିଲ୍‌ର ଚିଠାରେ କିଛି ତ୍ରୁଟି ଅଛି, ବାକ୍ୟ ସଂଶୋଧନ କରିବାକୁ ପଡିବ ଏବଂ କିଛି ପରିବର୍ତ୍ତନ କରିବାକୁ ପଡିବ। ସେ ଏହା ମଧ୍ୟ କହିଛନ୍ତି ଯେ ପୂର୍ବ ବିଲ୍‌କୁ ପ୍ରତ୍ୟାହାର କରାଯାଇଥିଲା ଯାହା ଦ୍ୱାରା କୌଣସି ଦ୍ୱନ୍ଦ୍ୱ ନ ଉପୁଜେ। ଅପଡେଟ୍ ହୋଇଥିବା ଆୟକର ବିଲ୍ ୨୦୨୫ରେ ସିଲେକ୍ଟ କମିଟିର ୨୮୫ଟି ସୁପାରିସକୁ ସାମିଲ କରାଯାଇଛି।

### ୪୮ ଘଣ୍ଟାରେ ଲଘୁଚାପ...

ବରଗଡ଼, ସମ୍ବଲପୁର, ଦେଓଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ନୂଆପଡ଼ା ଏବଂ ବଲାଙ୍ଗୀର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ନେଇ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଲଘୁଚାପ ଯୋଗୁଁ ୧୩ ତାରିଖ ବେଳକୁ ସମୁଦ୍ର ମଧ୍ୟରେ ପବନର ବେଗ ଅଧିକ ରହିବା ସହ ସମୁଦ୍ର ଅଶାନ୍ତ ରହିବ। ତେଣୁ ଏହି ସମୟରେ ସମୁଦ୍ର ମଧ୍ୟକୁ ନଯିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି।

### ସାରା ରାଜ୍ୟରେ...

ସେହି ଶିକ୍ଷାଗତ ଯୋଗ୍ୟତା ଥାଇ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ଅନ୍ୟାନ୍ୟ କ୍ୟାଡରଗୁଡ଼ିକ କର୍ମଚାରୀ ମାନଙ୍କର ଶିକ୍ଷାଗତ ଯୋଗ୍ୟତାକୁ ନେଇ ବେତନରେ ଉନ୍ନତି କରାଯାଇଛି। ଏହି ମର୍ମରେ ବିଗତ ଦିନରେ ରାଜ୍ୟ ସରକାରଙ୍କ ସହ ଆଲୋଚନା ପର୍ଯ୍ୟାଲୋଚନା କରାଯାଇ ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲାମାନଙ୍କ ପ୍ରବେଶ କାଳୀନ ବେତନ ୨୦୧୭ ମସିହା ବେତନ କମିଶନଙ୍କ ସୁପାରିସ ଅନୁଯାୟୀ ଲେଭଲ-୯ କରାଯିବାକୁ ଦାବି ହୋଇ ଆସୁଛି, କିନ୍ତୁ ରାଜ୍ୟ ସରକାର ଆଜି ପର୍ଯ୍ୟନ୍ତ ଏହା ଉପରେ କୌଣସି ନିଷ୍ପତ୍ତି ନେଇ ନାହାନ୍ତି। ସେହିଭଳି ୨୦୨୪ ମସିହା ଜାନୁଆରୀ ମାସଠାରୁ ରାଜସ୍ୱ ସଚଳର ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲାମାନଙ୍କୁ କ୍ୟାଡରଭୁକ୍ତ କରିଥିଲେ ମଧ୍ୟ ଆଜି ଯାଏଁ ସେମାନଙ୍କର ପଦବୀ ପୁନର୍ଗଠନ, ନୂତନ ପଦବୀ ସୃଷ୍ଟି ଉପରେ କୌଣସି ପ୍ରକାରର ପଦକ୍ଷେପ ନେଇ ନାହାନ୍ତି। ଓଲଟି ପଦବୀ ପୁନର୍ଗଠନ ଆଳରେ ସମସ୍ତ ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲାମାନଙ୍କର ପଦୋନ୍ନତି ବନ୍ଦ ରହିଛି। ଏଥିସହିତ ରାଜ୍ୟ ସରକାର ବିଗତ କିଛି ଦିନ ତଳେ ଓଡ଼ିଶା ରାଜସ୍ୱ ସେବା - ୨୦୧୧ ନିୟମାବଳୀର ସଂଶୋଧନ କରିବାକୁ ଯାଇ ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲା ମାନଙ୍କର ଓଡ଼ିଶା ରାଜସ୍ୱ ସେବା ପଦବୀକୁ ପଦୋନ୍ନତି ହେବାର ସୁଯୋଗ ଭାଙ୍ଗି ଦେଇଛନ୍ତି ଏଭଳି ନେତିବାଚକ ମନୋଭାବ ଯୋଗୁଁ ଏହି ଆନ୍ଦୋଳନ ଡାକରା ଦିଆଯାଇଛି ବୋଲି ସଂଘ କହିଛି।

ସଂଘର ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ଗତ ଜୁନ ୨୨ ତାରିଖରେ ରାଜ୍ୟ କାର୍ଯ୍ୟକାରୀ ପରିଷଦ ବୈଠକରେ ନିଷ୍ପତ୍ତି ଅନୁଯାୟୀ ଦାବି ପୂରଣ ନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଜୁଲାଇ ୭ ତାରିଖରେ ଜଳାବ୍ୟାପୀ ପରିଧାନ କରାଯାଇଥିଲା। ଜୁଲାଇ ୯ ତାରିଖ ଦିନ ରାଜ୍ୟ ସରକାରଙ୍କଠାରୁ ଡାକରା ଆସିବା ସହ ରାଜସ୍ୱ ମନ୍ତ୍ରୀ ରାଜ୍ୟ ସଂଘର ପ୍ରତିନିଧିମାନଙ୍କ ସହ ଆଲୋଚନା କରି ୧୫ ଦିନ ଭିତରେ ନିଷ୍ପତ୍ତି ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ଏକ ମାସ ବିତିବାକୁ ବସିଥିଲେ ମଧ୍ୟ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଉ ନ ଥିବାରୁ ଓଡ଼ିଶାର ୩୦ ଟି ଜିଲ୍ଲାରେ କାର୍ଯ୍ୟରତ ୧୦ ହଜାରରୁ ଊର୍ଦ୍ଧ୍ୱ ଜିଲ୍ଲା ସ୍ତରୀୟ ରାଜସ୍ୱ ଅମଲା ସମୂହ ଛୁଟିରେ ଯାଇଛନ୍ତି।


**AFFIDAVIT**

I am **Kajipopy Khatun**, daughter of Kazi Serabuddin, residence of Vill Barbil, PO/PS: Barbil, Dist: Keonjhar, Odisha, Pin-758035, has declared before the Executive Magistrate of Keonjhar, Odisha vide affidavit no-2 dated 07.08.2025 that after my marriage with Sahadat Mandal, my name has changed to Popy Mondal daughter of Kazi Sorabuddin. So, Popy Mondal and Kajipopy Khatun is one and same person and my father Serabuddin and Sorabuddin is one and same person in all purposes.

**AFFIDAVIT**

By virtue of an affidavit sworn before Notary public Bhubaneswar on dated, 11.08.2025, I Gitanjali Bishoi resident At/Po- Sandhikendu, Ps-Badagada, Dist-Ganjam, Odisha, PIN-761109 declare that I have changed my name from Gita Bisoyi to Gitanjali Bishoi . Henceforth, He shall be known as **GITANJALI BISHOI** for all purposes.
GITANJALI BISHOI

**AFFIDAVIT**

By virtue of an affidavit sworn before the Executive Magistrate, K.S. Nagar, Ganjam, I, Sri Suru Bhuyan, S/o- Dinabandhu Bhuyan resident of Vill./Po.- Paikajamuna, Ps.- Kabisurya Nagar, Dist.- Ganjam, Odisha dated 06/08/2025, state that my actual and correct name as per Voter Id is **Suru Bhuyan** but in Aadhar Card my name has been wrongly mentioned as Musa Khatei. My name should be corrected as **Suru Bhuyan**, S/o- **Dinabandhu Bhuyan**.

**AFFIDAVIT**

By virtue of an affidavit sworn before the Executive Magistrate, K.S. Nagar, Ganjam, I, Sri Tukuna Behera, S/o- Duruj Behera resident of Vill./Po.- Paikajamuna, Ps.- Kabisurya Nagar, Dist.- Ganjam, Odisha dated 06/08/2025, state that my actual and correct name as per Voter Id is **Tukuna Behera** but in Aadhar Card my name has been wrongly mentioned as Ramesh Pattanaik. My name should be corrected as **Tukuna Behera**, S/o- **Duruj Behera**.

**LOST**

ମୁଁ ମଙ୍ଗୁଳି ବାରିକ, ଠିକଣା- ସା/ପୋ- ଗଡାପଟା, ଥାନା- ବଡମ୍ବା, ଜିଲ୍ଲା- କଟକ, ଓଡ଼ିଶା ଜଣାଉଛି କି ମୁଁ ଆମ ଗ୍ରାମ ଗଡାପାଟରୁ ବଡମ୍ବା ତହସିଲ ଅଫିସକୁ ଆସୁଥିବା ସମୟରେ ମୁଁ ଧରିଥିବା ବ୍ୟାଗରେ ମୋର ଏକ କବଲା (ଯାହାର ନଂ- ୧୨୯୫, ତା- ୦୩.୦୫.୧୯୯୩) ହଜିଯାଇଛି। ଯଦି କୌଣସି ବ୍ୟକ୍ତି ପାଇଥାନ୍ତି ତେବେ ମୋବାଇଲ ନମ୍ବର ରେ- ୯୬୭୨୯୮୨୭୦୩ ଜଣାଇବାକୁ ଅନୁରୋଧ।
ମଙ୍ଗୁଳି ବାରିକ

**AFFIDAVIT**

By virtue of an affidavit No.1518, before The Executive Magistrate, Rasulpur on dated- 02/08/2025, I **Surendra Das**, S/o- Lachaman Das, resident of At- Kolathala, Po-Sadanandapur, Ps- Kuakhia, Dist-Jajpur, Pin- 755009, Odisha I have changed my minor son's name from **Puspalata Sahani** (old name) to **Anshuman Das** (new name). Henceforth, he shall be known as **Anshuman Das** (new name) for all future purposes
Sd/- Surendra Das

**AFFIDAVIT**

By virtue of an affidavit No.2730 before The Executive Magistrate Dasarathapur, Jajpur on dated- 08/08/2025, I **Biswajit Mohanty**, S/o Bipin Bihari Mohanty, resident of At- Charbatia, Po-Badakuanl, Ps- Mangalpur, Dist- Jajpur, Pin- 755013, Odisha I have changed my minor daughter's name from **Barsa Priyadarsani Mohanty** (old name) to **Rajnandini Mohanty** (new name). Henceforth, she shall be known as **RAJNANDINI MOHANTY** (new name) for all future purposes.
Sd/- Biswajit Mohanty

**AFFIDAVIT**

By virtue of an affidavit no.1438 sworn before the Executive Magistrate , Cuttack on dt- 20/02/2025, I **Hemant Kumar Rana**, S/o- Gopinath Rana, resident of At/Po/Ps- Kanpur, Dist- Cuttack, Odisha. I am the deponent. My son's name has changed from **Aryan Mahapatra** (old name) to **Aryan Rana** (New name) which is mentioned date of birth is 24/10/2012. Henceforth, both the names **Aryan Mahapatra** and **Aryan Rana** is one & same person he will be known as **Aryan Rana** for all future purposes.
Sd/- Hemant Kumar Rana

**AFFIDAVIT**

I, Kailash Agarwal, aged about 58 years, S/o- Late Shivaji Lal Agarwal, resident of At: C4-13,1A, 1st Floor, Civil Township, Ps- Raghunathapalli, Dist- Sundargarh, Odisha, Pin- 769004 declare by this affidavit No. 1587, dtd. 11/08/2025, that now onwards I shall be known as **KAILASH KUMAR AGARWAL** for all future purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated- 10/08/2025. I, **Kishor Kumar Behera** (Applicant name), S/O- Ghasiram Behera, Permanent resident of At- Digsira, P.O. Kushkela, P.S. Sindhekela, Dist- Balangir, (Odisha), PIN- 767066, now residing at the same place affirm that I have changed my minor son's name from **Chandan Kumar Behera** (old name) to **Chandan Behera** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Chandan Behera** (new name).
Kishor Kumar Behera

**AFFIDAVIT**

By virtue of an affidavit sworn before the Executive Magistrate, K.S. Nagar, Ganjam, I, Sri Gopal Behera, S/o- Trinath Behera resident of Vill./Po.- Paikajamuna, Ps.- Kabisurya Nagar, Dist.- Ganjam, Odisha No. A-6 dated 06/08/2025, state that my actual and correct name as per Voter Id is **Gopal Behera** but in Aadhar Card my name has been wrongly mentioned as Subas Pattanaik. My name should be corrected as **Gopal Behera**, S/o- **Trinath Behera**.

**AFFIDAVIT**

By virtue of an affidavit sworn before the Executive Magistrate, K.S. Nagar, Ganjam, I, Sri Prasanta Kumar Bhuyan, S/o- Suru Bhuyan resident of Vill./Po.- Paikajamuna, Ps.- Kabisurya Nagar, Dist.- Ganjam, Odisha No. A-5 dated 06/08/2025, state that my actual and correct name as per Voter Id is **Prasanta Kumar Bhuyan** but in Aadhar Card my name has been wrongly mentioned as Narayan Pattanaik. My name should be corrected as **Prasanta Kumar Bhuyan**, S/o- **Suru Bhuyan.**

**AFFIDAVIT**

By virtue of an affidavit sworn before the Notary Public, Bargarh, vide no.415 dtd.11.8.2025 I, Sunil Kumar Addapali, S/o- Late Raghunath Addapali resident of Vill.- Bandutikira, Ward No.9, Bargarh, Po./Ps./Tah./Dist.- Bargarh, Odisha state that, my actual name is **Sunil Kumar Addapali**. But in my daughter Sefali Patro's Board Certificate my name has been wrongly mentioned as Sunil Kumar Patro. That, **Sunil Kumar Addapali** and **Sunil Kumar Patro** both the names are of same and one person.

**AFFIDAVIT**

I, Rukuni Pangi, D/o- Damu Muduli, W/o- Satrughana Pangi, resident of Vill.- Muduliput, Po.-Hikimput, Ps.- Nandapur, Dist.- Koraput, Odisha, Pin-764037 declare by this affidavit dtd.- 07/08/2025 that, I have changed my name from **Rukuni Muduli** to **Rukuni Pangi**. Now onwards I shall be known as **Rukuni Pangi** for all future purposes.

**LOST**

ଆମ୍ଭେ ପ୍ରଦୀପ କୁମାର ବେହେରା, ବୟସ [illegible], ପିତା ବାସୁଦେବ ବେହେରା, ସାକିନ - ଘୋଡାର, ପୋଷ୍ଟ- ଦେଉଳିପୁର, ଥାନା- ପିପିଲି, ଜିଲ୍ଲା- ପୁରୀ, ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଦିଆଯାଉଅଛି କି ଯେ ଆମ୍ଭ ପିତା ବାସୁଦେବ ବେହେରାଙ୍କ ନାମରେ ଥିବା ରେଜିଷ୍ଟ୍ରି ଦଲିଲ ନମ୍ବର- [illegible], ତା [illegible] ରିଖରେ ହୋଇଥିଲା। ଗତ ତା [illegible] ରିଖରେ କେଉଁଠି କରିବା ପାଇଁ ଯାଉଥିବା ସମୟରେ ବାଟରେ ହଜିଯାଇ ଅଛି। ଯଦି କେହି ବ୍ୟକ୍ତି ପାଇଛନ୍ତି ଆମକୁ ଫେରାଇବାକୁ ଅନୁରୋଧ। ନାମ- ପ୍ରଦୀପ କୁମାର ବେହେରା, ଯୋଗାଯୋଗ ନମ୍ବର - [illegible]

ସକାଳ
www.sakalaepaper.com

## ଭାରତୀୟ ହାଇକମିସନକୁ ପାଣି, ଗ୍ୟାସ୍ ବନ୍ଦ କଲା ପାକିସ୍ତାନ

ଇସଲାମାବାଦ, ୧୧।୮(ଏଜେନ୍ସି): ଅପରେସନ ସିନ୍ଦୂର ଦ୍ୱାରା ଝଟ୍‌କା ଖାଇବା ପରେ ପାକିସ୍ତାନ ଏବେ ନିଜର ପରାଜୟକୁ ହଜମ କରିପାରୁନାହିଁ। ଫଳରେ ପାକିସ୍ତାନ ହୀନ କାର୍ଯ୍ୟ କରିବାକୁ ପଛାଉ ନାହିଁ। ଇସଲାମାବାଦ୍‌ସ୍ଥିତ ଭାରତୀୟ ହାଇକମିଶନରେ ନିୟୋଜିତ ଥିବା କର୍ମଚାରୀଙ୍କ ଉପରେ ପାକିସ୍ତାନ ରାଗ ସୁଝାଉଛି। ଭାରତୀୟ ଅଧିକାରୀ ଓ କର୍ମଚାରୀଙ୍କୁ ମୌଳିକ ସୁବିଧା ସୁଯୋଗ ଦେବାକୁ ପାକିସ୍ତାନ ବାରଣ କରିଛି ବୋଲି ଜଣାଯାଇଛି। ପାକିସ୍ତାନ ପାଣି, ଏଲ୍‌ପିଜି ଗ୍ୟାସ୍, ଓ ଖବର କାଗଜ ଦେବାକୁ ବାରଣ କରିଛି। ପାକିସ୍ତାନର ଏଭଳି କାର୍ଯ୍ୟ ଭିଏନା କନଭେସନର ଘୋର ଉଲ୍ଲଂଘନ କରୁଛି। ତେବେ ଏ ସଂକ୍ରାନ୍ତରେ ଭାରତ ଓ ପାକିସ୍ତାନ୍ ତରଫରୁ ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ। ସିନ୍ଧୁ ଜଳ ଚୁକ୍ତିରୁ ଭାରତ ଓହରିଯିବା ପରେ ପାକିସ୍ତାନ ଏହି ନିଷ୍ପତ୍ତି ନେଇଛି ବୋଲି କୁହାଯାଉଛି। ଭାରତୀୟ ହାଇକମିଶନରେ ସୁଇ ନର୍ଦ୍ଦନ ଗ୍ୟାସ ପାଇପଲାଇନ୍ ଲିମିଟେଡ (ଏସ୍‌ଏନଜିପିଏଲ୍) ପାଇପ୍ ଲାଇନ୍ ଗ୍ୟାସର ସପ୍ଲାଇ କରିଥାଏ। କିନ୍ତୁ ଏହାକୁ ଜାଣିଶୁଣି ବନ୍ଦ କରିଦିଆଯାଇଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ପୁଣି ସ୍ଥାନୀୟ ଏଲ୍‌ପିଜି ସିଲିଣ୍ଡର ବିକ୍ରି କରୁଥିବା ଲୋକଙ୍କୁ ପାକିସ୍ତାନ ଅଧିକାରୀମାନେ ଧମକ ଦେଇ ଭାରତୀୟ ହାଇକମିଶନ ଅଧିକାରୀଙ୍କୁ ନ ଦେବାକୁ ଧମକ ଦେଇଛନ୍ତି। ଫଳରେ ଭାରତୀୟ କର୍ମଚାରୀଙ୍କୁ ଖୋଲା ବଜାରରେ ମହଙ୍ଗା ମୂଲ୍ୟରେ ସିଲିଣ୍ଡର କିଣିବାକୁ ପଡୁଛି। ସେହିପରି ପାଣି ବିକ୍ରେତାଙ୍କୁ ମଧ୍ୟ ଧମକ ଦିଆଯାଇଛି। ସାମାନ୍ୟ ଭାବେ ଉପଲବ୍ଧ ପାଣି ଖାଇବା କିମ୍ବା ପିଇବା ଯୋଗ୍ୟ ହୋଇ ନଥିବାରୁ କର୍ମଚାରୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

## ସବୁ ବାସହରାଙ୍କୁ ହଟାଇବେ ଟ୍ରମ୍ପ

ୱାଶିଂଟନ, ୧୧।୮(ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଉ ଏକ ଘୋଷଣା କରି ବିବାଦ ସୃଷ୍ଟି କରିଛନ୍ତି। ରାଜଧାନୀ ୱାଶିଂଟନରୁ ସବୁ ବାସହରା ଲୋକଙ୍କୁ ହଟାଇବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଅପରାଧ ସମସ୍ୟାକୁ ନିୟନ୍ତ୍ରଣ ପାଇଁ ଏପରି ନିଷ୍ପତ୍ତି ନିଆଯାଇଛି ବୋଲି ସେ କହିଛନ୍ତି। ଏହି ବାସହରାଙ୍କୁ ରହିବା ପାଇଁ ରାଜଧାନୀଠାରୁ ବହୁତ ଦୂରରେ ସ୍ଥାନ ଦିଆଯିବ। କିନ୍ତୁ ଅପରାଧୀଙ୍କୁ କେଉଁଠାକୁ ପଠାଯିବ ନାହିଁ। କାରଣ ଏମାନେ ଜେଲ୍‌ରେ ହିଁ ରହିବେ ବୋଲି ସେ ସ୍ପଷ୍ଟ କରିଛନ୍ତି। ସାମାଜିକ ଗଣମାଧ୍ୟମରେ କେତୋଟି ତମ୍ବୁ, ଆବର୍ଜନାର ଫଟୋ ପୋଷ୍ଟ କରି ଟ୍ରମ୍ପ ଏହି ଘୋଷଣା କରିଛନ୍ତି। ୱାଶିଂଟନକୁ ଏବେ ପୁଣିଥରେ ସଫା ସୁତୁରା କରାଯିବା ସହ ସୁରକ୍ଷିତ ରଖିବାକୁ ପଦେକ୍ଷପ ନିଆଯିବ ବୋଲି ସେ କହିଛନ୍ତି। ଏଥିପାଇଁ ସେ ୱାଶିଂଟନରେ ନ୍ୟାସନାଲ ଗାର୍ଡ ସହିତ ୪୫୦ ଅଧିକାରୀଙ୍କୁ ନିୟୋଜିତ କରିଛନ୍ତି।

## ମୋଦୀଙ୍କ ସହ କଥାହେଲେ ଜେଲେଁସ୍କି

ନୂଆଦିଲ୍ଲୀ, ୧୧।୮(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ସନ୍ଧ୍ୟାରେ ୟୁକ୍ରେନ ରାଷ୍ଟ୍ରପତି ଭୋଲଡାମିର ଜେଲେଁସ୍କିଙ୍କ ସହ କଥା ହୋଇଛନ୍ତି। ରୁଷ ସହ ଚାଲିଥିବା ଯୁଦ୍ଧର ଯଥାଶୀଘ୍ର ଶାନ୍ତିପୂର୍ଣ୍ଣ ସମାଧାନ ନେଇ ଭାରତର ସ୍ଥିର ମାନସିକତା ଓ ଭୂମିକା ସମ୍ପର୍କରେ ମୋଦୀ ତାଙ୍କୁ ଅବଗତ କରାଇଥିଲେ। ଶାନ୍ତି ପ୍ରତିଷ୍ଠା ପାଇଁ ଭାରତ ସବୁପ୍ରକାର ସହଯୋଗ କରିବାକୁ ବଦ୍ଧପରିକର ବୋଲି ମୋଦୀ ଏକ୍ସରେ ସୂଚନା ଦେଇଛନ୍ତି। ଏହି ସମୟରେ ରୁଷ୍‌ରୁ ସୀମିତ ପରିମାଣର ତୈଳ ଆମଦାନୀ କରିବା ପାଇଁ ଜେଲେଁସ୍କି ମୋଦୀଙ୍କୁ କହିଥିଲେ। ବିପୁଳ ପରିମାଣରେ ତୈଳ ଓ ଶକ୍ତି ସାମଗ୍ରୀ କ୍ରୟ କରିବା ଦ୍ୱାରା ଯୁଦ୍ଧରେ ରୁଷିଆକୁ ଆର୍ଥିକ ସହାୟତା ଓ ବଳ ମିଳୁଥିବା ଉଲ୍ଲେଖ କରିଥିଲେ।

## ବିହାର ବନ୍ୟାରେ ୧୦ ଲକ୍ଷ ପ୍ରଭାବିତ

ନୂଆଦିଲ୍ଲୀ, ୧୧।୮(ଏଜେନ୍ସି): ଉତ୍ତରପ୍ରଦେଶ ଓ ବିହାରରେ ପ୍ରବଳ ବର୍ଷା ଯୋଗୁ ବନ୍ୟା ସ୍ଥିତି ଉପୁଜିଛି। ବିହାରର ୭ଟି ଜିଲ୍ଲାର ୧୦ ଲକ୍ଷ ଲୋକ ଏଥିରେ ପ୍ରଭାବିତ ହୋଇଛନ୍ତି। ଗଙ୍ଗା ସମେତ ବିହାରରେ ୧୦ଟି ପ୍ରମୁଖ ନଦୀର ଜଳସ୍ତର ବିପଦ ସଂକେତ ଉପରେ ରହିଛି। ଏପର୍ଯ୍ୟନ୍ତ ୧୧ ଜଣ ଲୋକ ମୃତ୍ୟୁବରଣ କଲେଣି। ସେହିପରି ଉତ୍ତରପ୍ରଦେଶ ମୁରାଦାବାଦର ରାମଗଙ୍ଗା ନଦୀରେ ବନ୍ୟା ଆସିଛି। ଗତ ୨୪ ଘଣ୍ଟା ମଧ୍ୟରେ ୟୁପିରେ ୫୪ ଜିଲ୍ଲାରେ ୫.୯ ମିମି ବର୍ଷା ହୋଇଛି। ସେହିପରି ହିମାଚଳ ପ୍ରଦେଶରେ ପ୍ରବଳ ବର୍ଷା ଯୋଗୁଁ ଭୂସ୍ଖଳନ କାରଣରୁ ଏନ୍‌ଏଚ୍-୩୦୫ ସମେତ ୩୬୦ରୁ ଊର୍ଦ୍ଧ୍ୱ ସଡକ ବନ୍ଦ ହୋଇଛି। ଏପର୍ଯ୍ୟନ୍ତ ୧୧୬ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି ଓ ୩୭ ଜଣ ନିଖୋଜ ଅଛନ୍ତି। ଅନ୍ୟପଟେ ଉତ୍ତରାଖଣ୍ଡରେ ଉତ୍ତରକାଶୀରୁ ରବିବାର ୨୦ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି।

## ଖାଇକୁ ପିକ୍‌ଅପ୍ ଖସି ୬ ମହିଳା ମୃତ

ମୁମ୍ବଇ, ୧୧।୮(ଏଜେନ୍ସି): ମହାରାଷ୍ଟ୍ରର ପୁଣେ ନିକଟସ୍ଥ ଖେଡ ତାଲୁକାରେ ସୋମବାର ଦ୍ୱିପହରେ ବଡ଼ ଦୁର୍ଘଟଣା ଘଟିଛି। ପିକ୍‌ଅପ୍ ଜିପ୍ ନିୟନ୍ତ୍ରଣ ହରାଇ ଖାଇକୁ ଖସି ପଡ଼ିବାରୁ ୬ ମହିଳା ମୃତ୍ୟୁବରଣ କରିଛନ୍ତି। ୨୨ରୁ ଊର୍ଦ୍ଧ୍ୱ ମହିଳା ଗୁରୁତର ଭାବେ ଆହତ ହୋଇଛନ୍ତି। କୁଣ୍ଡେଶ୍ୱର ମନ୍ଦିରକୁ ଦର୍ଶନ ପାଇଁ କ୍ଷମତାରୁ ଅଧିକ ସଂଖ୍ୟାରେ ଶ୍ରଦ୍ଧାଳୁ ଏହି ପିକ୍‌ଅପ୍‌ରେ ଯାତ୍ରା କରୁଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଓ ଆହତଙ୍କୁ ୫୦ ହଜାର ଟଙ୍କାର ଅନୁକମ୍ପାମୂଳକ ରାଶି ଦେବାକୁ ଘୋଷଣା କରିଛନ୍ତି।

## ୧ରୁ ଦିଲ୍ଲୀ-ୱାଶିଂଟନ୍ ବିମାନ ଉଡାଣ ବନ୍ଦ

ନୂଆଦିଲ୍ଲୀ, ୧୧।୮(ଏଜେନ୍ସି): ସେପ୍ଟେମ୍ବର ୧ରୁ ଦିଲ୍ଲୀରୁ ୱାଶିଂଟନ ଯାଉଥିବା ବିମାନ ଉଡାଣକୁ ବନ୍ଦ କରାଯିବ ବୋଲି ଏୟାର ଇଣ୍ଡିଆ ତରଫରୁ ସୋମବାର ଘୋଷଣା କରାଯାଇଛି। ପରିଚାଳନା ଗତ କାରଣକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଇଛି। ଉଡାଣ ପାଇଁ ବହୁ ଏୟାର ଇଣ୍ଡିଆ ବୋଇଂ ୭୮୭-୮ ଡ୍ରିମଲାଇନର ବିମାନ ଉପଲବ୍ଧ ହେବ ନାହିଁ। ଅହମଦାବାଦ ବିମାନ ଦୁର୍ଘଟଣାର ଦୁଇମାସ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଆବଶ୍ୟକ ସଂଖ୍ୟାରେ ବିମାନ ନ ଥିବାରୁ ଓ ଏୟାର ଇଣ୍ଡିଆର ପୂରା ନେଟ୍‌ୱର୍କର ବିଶ୍ୱସନୀୟତାକୁ ବଜାୟ ରଖିବା ପାଇଁ ଏହାର ଆବଶ୍ୟକତା ଥିଲା ବୋଲି କୁହାଯାଇଛି। ୨୦୨୬ ଶେଷ ଆଡକୁ ବିମାନ ଉପଲବ୍ଧ ହେବ ବୋଲି ଆଶା କରାଯାଉଛି।

# ଗାଜାରେ ଇସ୍ରାଏଲ ସେନାର ଆକ୍ରମଣ

## ୫ ସାମ୍ବାଦିକ ନିହତ, ସାମ୍ବାଦିକଙ୍କୁ ହମାସ୍ ଆତଙ୍କବାଦୀ କହିଲା ଆଇଡିଏଫ୍

## ଗାଜାରେ ଏ ପର୍ଯ୍ୟନ୍ତ ଗଲାଣି ୨୦୦ ସାମ୍ବାଦିକଙ୍କ ଜୀବନ

ଗାଜା, ୧୧।୮ (ଏଜେନ୍ସି): ଗାଜାରେ ଇସ୍ରାଏଲ ସେନା (ଆଇଡିଏଫ)ର ବର୍ବରତା ସୀମା ଟପିଛି। ସାଧାରଣ ନାଗରିକଙ୍କୁ ଜୀବନ ନେଉଥିବା ଆଇଡିଏଫ୍ ଏବେ ସାମ୍ବାଦିକଙ୍କୁ ହତ୍ୟା କରିବାକୁ ବି ପଛାଇ ନାହିଁ। ଇସ୍ରାଏଲ ସେନା ରବିବାର ରାତିରେ ଗାଜାର ଅଲ୍-ସିଫା ଡାକ୍ତରଖାନା ନିକଟରେ ଶିବିର ବନାଇ ରହୁଥିବା ସାମ୍ବାଦିକଙ୍କ ଉପରେ ଜୋରଦାର ଆକ୍ରମଣ କରିଛି। ଏଥିରେ ଅତିକମ୍‌ରେ ୫ ଜଣ ସାମ୍ବାଦିକଙ୍କ ମୃତ୍ୟୁ ହୋଇଛି। ଏମାନଙ୍କ ମଧ୍ୟରେ ରିପୋର୍ଟର ଅନସ ଅଲ-ସରିଫ (୨୮) ଏବଂ ମହମ୍ମଦ କରିକେହ, କ୍ୟାମେରାମ୍ୟାନ ଇବ୍ରାହିମ ଜହିର, ମୋଆମେନ ଅଲିଭା ଏବଂ ମହମ୍ମଦ ନୌଫଲ ସାମିଲ ଅଛନ୍ତି। ଏହି ଆକ୍ରମଣରେ ସାମ୍ବାଦିକଙ୍କ ସମେତ ମୋଟ ୭ ଜଣଙ୍କ ମୃତ୍ୟୁ ହୋଇଛି। ରିପୋର୍ଟର ଅନସଙ୍କୁ ନିଶାଣ କରି ଏହି ଆକ୍ରମଣ ହୋଇଥିବା ଇସ୍ରାଏଲ ସ୍ୱୀକାର କରିଛି।



ଆଇଡିଏଫ ଅନସଙ୍କୁ ଆତଙ୍କବାଦୀ କହିଛି। ସେ ହମାସର ଆତଙ୍କବାଦୀ ସେଲ୍‌ର ମୁଖ୍ୟ ଭାବେ କାମ କରିଥିଲା ବୋଲି କୁହାଯାଇଛି। ସେ ଇସ୍ରାଏଲ ନାଗରିକ ଏବଂ ସୈନିକଙ୍କ ଉପରେ ରକେଟ୍ ଆକ୍ରମଣ କରୁଥିଲା। ଗାଜାରେ ରିପୋର୍ଟିଂ କରୁଥିବା ପରିଚିତ ସାମ୍ବାଦିକଙ୍କ ମଧ୍ୟରୁ ଅନିସ ଅନ୍ୟତମ ଥିଲେ। ରିପୋର୍ଟିଂ ପାଇଁ ତାଙ୍କୁ ୨୦୧୮ ରେ ପାଲେଷ୍ଟାଇନରେ 'ଶ୍ରେଷ୍ଠ ଯୁବ ସାମ୍ବାଦିକ'ର ପୁରସ୍କାର ମିଳିଥିଲା। ସେ ମୃତ୍ୟୁର କିଛି ସମୟ ପୂର୍ବରୁ ଇସ୍ରାଏଲ ସେନା ବୋମାମାଡ଼ର ଭିଡିଓ ସେୟାର କରିଥିଲେ। କ୍ରମାଗତ ଦୁଇ ଘଣ୍ଟା ହେଲା ଇସ୍ରାଏଲ ବୋମା ମାଡ଼ କରୁଥିବା କହିଥିଲେ। ଏହା ପୂର୍ବରୁ ୨୦୨୩ ଡିସେମ୍ବରରେ ଅନସଙ୍କ ପିତା ଇସ୍ରାଏଲ ବୋମାମାଡ଼ରେ ପ୍ରାଣ ହରାଇ ଥିଲେ। ସେ ଜବାଲିଆ ଶରଣାର୍ଥୀ ଶିବିରରେ ଥିଲେ। ପିତାଙ୍କ ମୃତ୍ୟୁ ସତ୍ତ୍ୱେ ସେ ଗାଜାରେ ରିପୋର୍ଟିଂ ଜାରି ରଖିଥିଲେ।

୨୨ ମାସ ହେଲା ଗାଜାରେ ଚାଲିଥିବା ଯୁଦ୍ଧରେ ଏ ପର୍ଯ୍ୟନ୍ତ ୨୦୦ ସାମ୍ବାଦିକଙ୍କ ଜୀବନ ଗଲାଣି। ଅନସଙ୍କ ମୃତ୍ୟୁକୁ ନେଇ ଗାଜାର ସାମ୍ବାଦିକ ସୁରକ୍ଷା ସମିତି (ସିପିଜେ) ତୀବ୍ର ଅସନ୍ତୋଷ ପ୍ରକାଶ କରିଛି। ବିନା ପ୍ରମାଣରେ ସାମ୍ବାଦିକଙ୍କୁ ଆତଙ୍କବାଦୀ କହିବା ଏବଂ ସାମ୍ବାଦିକଙ୍କ ସ୍ୱାଧୀନତା ପ୍ରତି ଇସ୍ରାଏଲର ଆଭିମୁଖ୍ୟକୁ ଦର୍ଶାଉଛି। ଏହା ପୂର୍ବରୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଗାଜାକୁ କବ୍‌ଜା କରିବା ପାଇଁ ଯୋଜନା କରିଥିଲେ। ଗାଜା ଷ୍ଟ୍ରିପ୍‌ର ଉତ୍ତରାଞ୍ଚଳରେ ଥିବା ଗାଜା ସିଟିକୁ କବ୍‌ଜା ପାଇଁ ଇସ୍ରାଏଲ ସୁରକ୍ଷା କ୍ୟାବିନେଟ ମଧ୍ୟ ସେନାକୁ ମଞ୍ଜୁରି ଦେଇଥିଲା। ପ୍ରଧାନମନ୍ତ୍ରୀଙ୍କ ଅଫିସ ପକ୍ଷରୁ ଏହାର ସୂଚନା ଦିଆଯାଇଥିଲା। ତେବେ ଏହି ଯୋଜନାକୁ ଇସ୍ରାଏଲ ସେନାମୁଖ୍ୟ ବିରୋଧ କରିଥିଲେ।

## ପାଲେଷ୍ଟାଇନ୍‌କୁ ରାଷ୍ଟ୍ର ମାନ୍ୟତା ଦେବ ଅଷ୍ଟ୍ରେଲିଆ

କାନବେରା, ୧୧।୮(ଏଜେନ୍ସି): ପାଲେଷ୍ଟାଇନ୍‌କୁ ସ୍ୱତନ୍ତ୍ର ରାଷ୍ଟ୍ରର ମାନ୍ୟତା ଦେବାକୁ ଆଉ ଏକ ଦେଶ ଘୋଷଣା କରିଛି। ବ୍ରିଟେନ, ଫ୍ରାନ୍ସ, କାନାଡ଼ା ପରେ ଏବେ ଅଷ୍ଟ୍ରେଲିଆ ଏହି ଘୋଷଣା କରିଛି। ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲବାନିଜ୍ ଆସନ୍ତା ମାସରେ ଏ ନେଇ ନିଷ୍ପତ୍ତି ନିଆଯିବ ବୋଲି ସୋମବାର କହିଛନ୍ତି। ଯେତେବେଳେ ଫ୍ରାନ୍ସ ଏହି ଘୋଷଣା କରିଥିଲା, ସେତେବେଳେ ଅଷ୍ଟ୍ରେଲିଆ ଏହାକୁ ସମର୍ଥନ କରି ନ ଥିଲା। ଏଭଳି ନିଷ୍ପତ୍ତି ନେବ ନାହିଁ ବୋଲି କୁହା ଯାଇଥିଲା। କିନ୍ତୁ ଗତ ଦୁଇ ସପ୍ତାହ ହେଲା ବ୍ରିଟେନ, ଫ୍ରାନ୍ସ, ନ୍ୟୁଜିଲାଣ୍ଡ ଓ ଜାପାନ ସହ ଆଲୋଚନା କରିବା ପରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସେ କହିଛନ୍ତି। ନ୍ୟୁଜିଲାଣ୍ଡର ବୈଦେଶିକ ମନ୍ତ୍ରୀ ବିଙ୍ଗଷ୍ଟନ ପିଟର୍ସ ମଧ୍ୟ ପାଲେଷ୍ଟାଇନ୍‌କୁ ଏକ ସ୍ୱତନ୍ତ୍ର ଦେଶର ମାନ୍ୟତା ଦେବାକୁ ବିଚାର କରାଯାଉଛି ବୋଲି କହିଛନ୍ତି। ଗାଜାରେ ବର୍ତ୍ତମାନର ସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ ଓ ଏହା ଏକ ଦୁଃସ୍ୱପ୍ନ ପରି ଲାଗୁଛି। ଇସ୍ରାଏଲ କ୍ରମାଗତ ଭାବେ ଅନ୍ତର୍ଜାତୀୟ ଆଇନକୁ ଅଣଦେଖା କରୁଛି । ତେଣୁ ଏ ସବୁ ସମସ୍ୟାର ସମାଧାନ ପାଇଁ ପାଲେଷ୍ଟାଇକୁ ଏକ ସ୍ୱତନ୍ତ୍ର ରାଷ୍ଟ୍ରର ମାନ୍ୟତା ଦେବାର ସମୟ ଆସିଯାଇଛି ବୋଲି ସେ କହିଛନ୍ତି। ତେବେ ଏଥିପାଇଁ ଅଷ୍ଟ୍ରେଲିଆ କେତୋଟି ସର୍ତ୍ତ ରଖିଛି।ସ୍ୱତନ୍ତ୍ର ରାଷ୍ଟ୍ରର ମାନ୍ୟତା ପାଇବା ପରେ ପାଲେଷ୍ଟାଇନ୍ ତା'ର ଅଞ୍ଚଳରେ କୌଣସି ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରଶୟ ଦେବା ଉଚିତ ନୁହଁ ବୋଲି ଅଷ୍ଟ୍ରେଲିଆ ପକ୍ଷରୁ କୁହାଯାଇଛି। ଉଲ୍ଲେଖଥାଉ କି, ଭାରତ ସମେତ ବିଶ୍ୱର ୧୪୫ଟି ଦେଶ ପାଲେଷ୍ଟାଇନ୍‌କୁ ରାଷ୍ଟ୍ରର ମାନ୍ୟତା ଦେବାକୁ ଘୋଷଣା କରିସାରିଛନ୍ତି।

# ମୁନୀରଙ୍କ ପରମାଣୁ ଧମକକୁ ଭାରତର କଡ଼ା ଜବାବ

ଟେକ୍‌ସାସ୍, ୧୧।୮(ଏଜେନ୍ସି): ପାକିସ୍ତାନ ସେନାମୁଖ୍ୟ ଅସିମ ମୁନୀରଙ୍କ ପରମାଣୁ ଧମକକୁ ଭାରତ କଡ଼ା ଜବାବ ଦେଇଛି। ଭାରତ ପରମାଣୁ ବ୍ଲାକମେଲ ଅର୍ଥାତ ପରମାଣୁ ବୋମା ଧମକ ଆଗରେ ନଇଁଯିବ ନାହିଁ। ନିଜକୁ କିପରି ସୁରକ୍ଷିତ ରଖାଯିବ ତାହା ଆମକୁ ଭଲ ଭାବେ ଜଣା। ପରମାଣୁ ଅସ୍ତ୍ର ଦେଖାଇବା ପାକିସ୍ତାନର ପୁରୁଣା ଅଭ୍ୟାସ ବୋଲି ଭାରତର ବୈଦେଶିକ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ମୁନୀରଙ୍କ ଏଭଳି ମନ୍ତବ୍ୟ ଦାୟିତ୍ୱହୀନାତକୁ ସୂଚାଉଛି। ପୁଣି ବିଶ୍ୱରେ ମହାଶକ୍ତି ଭବେ ସର୍ବମାନ୍ୟ ହୋଇଥିବା ଆମେରିକା ଭଳି ଦେଶରେ ରହି ଏଭଳି ଧମକ ଦେବାକୁ ଆଦୌ ହାଲକା ଭାବେ ଗ୍ରହଣ କରାଯାଇପାରି ନାହିଁ। ଏହା ଦୁର୍ଭାଗ୍ୟଜନକ ବୋଲି ଭାରତ ହୃଦୟଙ୍ଗମ କରିଛି। ଯେଉଁ ଦେଶରେ ପରମାଣୁ ଅସ୍ତ୍ର ସୁରକ୍ଷିତ ନାହିଁ, ସେହି ଦେଶରେ ସେନା ଓ ଆତଙ୍କବାଦୀଙ୍କ ମଧ୍ୟରେ ସମ୍ପର୍କ ଥିବା ଧରି ନିଆଯାଏ। ଭାରତ ଓ ଆମେରିକା ମଧ୍ୟରେ ଟାରିଫ୍‌କୁ ନେଇ ସଂଘର୍ଷ ଚାଲିଥିବା ବେଳେ ମୁନୀରଙ୍କ ଏଭଳି ମନ୍ତବ୍ୟ ଆଦୌ ଗ୍ରହଣୀୟ ନୁହଁ ବୋଲି ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।



**ଭାରତ ଏଭଳି ଧମକ ଆଗରେ ନଇଁବ ନାହିଁ**

**ଆମେରିକା ମାଟିରୁ ମୁନୀରଙ୍କ ଧମକ ଦୁର୍ଭାଗ୍ୟଜନକ**

ମୁନୀର ଏବେ ଆମେରିକା ଗସ୍ତରେ ଅଛନ୍ତି। ଗତ ଦୁଇମାସରେ ସେ ଦ୍ୱିତୀୟଥର ଆମେରିକା ଯାଇଛନ୍ତି। ଭାରତ ସିନ୍ଧୁ ନଦୀ ଉପରେ ଡ୍ୟାମ ବନାଇଲେ ଆମେ ମିସାଇଲ ମାଡ଼ କରି ତାହକୁ ଭାଙ୍ଗିଦେବୁ ବୋଲି ସେ ରବିବାର କହିଥିଲେ। ସିନ୍ଧୁ ନଦୀ ଭାରତର ପାରିବାରିକ ସମ୍ପତ୍ତି ନୁହଁ। ଆମେ ପାଖରେ ମିସାଇଲର ଅଭାବ ନାହିଁ। ସିନ୍ଧୁ ଚୁକ୍ତି ଭାରତ ରଦ୍ଦ କଲେ, ପାକିସ୍ତାନରେ ୨୫ କୋଟି ଲୋକ ଅନାହାର ମୃତ୍ୟୁ ସଂକଟରେ ପଡ଼ିବେ। ପାକିସ୍ତାନ ଏକ ପରମାଣୁ ଶକ୍ତିସମ୍ପର୍ଣ୍ଣ ରାଷ୍ଟ୍ର। ଯଦି ଆମେ ବୁଡ଼ିବୁ, ତାହାଲେ ଅଧା ଦୁନିଆକୁ ସାଙ୍ଗରେ ନେଇ ବୁଡିବୁ ବୋଲି ସେ ଧମକ ଦେଇଥିଲେ। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ପୁରସ୍କାର ଦେବାକୁ ମୁନୀର ତାଙ୍କ ପ୍ରଥମ ଆମେରିକା ଗସ୍ତ ଅବସରରେ ପ୍ରସ୍ତାବ ଦେଇଥିଲେ। ଅନ୍ୟପଟେ ଇସ୍ରାଏଲ ବନ୍ଧୁ ରାଷ୍ଟ୍ର ଭାରତକୁ ଅକୁଣ୍ଠ ସମର୍ଥନ ଦେଇଛି। ଭାରତକୁ ସମର୍ଥନ ଜାରି ରଖିବୁ ବୋଲି କୁହାଯାଇଛି।

## ସାଂସଦଙ୍କ ୧୮୪ ଫ୍ଲାଟ୍ ଉଦ୍‌ଘାଟନ କଲେ ମୋଦୀ



ନୂଆଦିଲ୍ଲୀ, ୧୧।୮(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ଥାନୀୟ ବାବା ଖଡକ ସିଂ ମାର୍ଗରେ ସାଂସଦଙ୍କ ପାଇଁ ନିର୍ମିତ ହୋଇଥିବା ୧୮୪ଟି ନୂଆ ଫ୍ଲାଟ୍‌କୁ ସୋମବାର ଉଦ୍‌ଘାଟନ କରିଛନ୍ତି। ଏହି ସବୁ ଫ୍ଲାଟ୍ ଟାଇପ୍-୭ର ବହୁତଳ ଆପାର୍ଟମେଣ୍ଟ। ମୋଦୀ ଅପରେସନ ସିନ୍ଦୂରର ଚାରା ମଧ୍ୟ ଲଗାଇଥିଲେ। ସେ ମଧ୍ୟ ଏହି ଫ୍ଲାଟ ନିର୍ମାଣରେ ନିୟୋଜିତ ଶ୍ରମିକମାନଙ୍କୁ ଭେଟିଥିଲେ। ୪ଟି ଟାୱାରରେ ଏହି ଫ୍ଲାଟଗୁଡିକ ରହିଛି। ଏହି ଟାୱାର ବା ସୌଧଗୁଡିକର ନାମ ଭାରତର ୪ଟି ପ୍ରମୁଖ ନଦୀଙ୍କ ନାମରେ ନାମିତ। ସେଗୁଡିକ ହେଲା କୃଷ୍ଣା, ଗୋଦାବରୀ, କୋଶୀ ଓ ହୁଗୁଳି। ସଂସଦଙ୍କ ପାଇଁ ଆବଶ୍ୟକ ସଂଖ୍ୟାରେ ବାସଭବନ ନ ଥିବାରୁ ଏହି ସବୁ ଫ୍ଲାଟ ନିର୍ମାଣ କରାଯାଇଛି। ସୀମିତ ଜମି ଥିବାରୁ ଉଚ୍ଚ ଟାୱାର ନିର୍ମାଣ କରାଯାଇଛି। ଅଳ୍ପ ଜାଗାରେ ନିର୍ମିତ ହୋଇଥିବାରୁ ଏହି ଫ୍ଲାଟଗୁଡିକର ରକ୍ଷଣାବେକ୍ଷଣ ମଧ୍ୟ ସହଜ ହେବ। ଏହି ଫ୍ଲାଟଗୁଡିକରେ ଅତ୍ୟାଧୁନିକ ସୁବିଧା ସୁଯେଗା ଉପଲବ୍ଧ ହେବ। ଏଥିରେ ଗ୍ରୀନ୍ ଟେକ୍ନୋଲୋଜି ବ୍ୟବହୃତ ହୋଇଛି। ଫଳରେ ଏହା ପରିବେଶ ଅନୁକୂଳ ହେବା ସହ ଶକ୍ତି ଅପଚୟକୁ ରୋକିବାରେ ସମର୍ଥ ହେବ। ଏହି ପ୍ରକଳ୍ପକୁ ଜିଆରଆଇଏଚ୍‌ଏ ୩- ଷ୍ଟାର ରେଟିଂର ମାନଦଣ୍ଡରେ ୨୦୧୬ର ନ୍ୟାସନାଲ ବିଲ୍ଡିଂ କୋଡର ନିୟମ ଅନୁସାରେ ନିର୍ମାଣ କରାଯାଇଛି। ସାଂସଦଙ୍କ ଏହି ଫ୍ଲାଟ ସବୁ ୫ ହଜାର ବର୍ଗ ଫୁଟ୍ ବିଶିଷ୍ଟ। ଏଠାରେ ସାଂସଦଙ୍କ ବାସଭବନ ସହ, ତାଙ୍କ କାର୍ଯ୍ୟାଳୟ, ଷ୍ଟାଫଙ୍କ କୋଠରୀ ଓ ସାମୁଦାୟିକ କେନ୍ଦ୍ର ବି ରହିଛି। ସବୁ ଟାୱାର ଭୂକମ୍ପ ନିରୋଧୀ ଓ ସୁରକ୍ଷା ତଥା ନିରାପତ୍ତା ବ୍ୟବସ୍ଥା ପାଇଁ ଦୃଢ଼ ବ୍ୟବସ୍ଥା କରାଯାଇଛି। ଏଗୁଡିକର ନିର୍ମାଣରେ ନୂଆ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରାଯାଇଛି।

## ବିଦାହେଲେ କର୍ଣ୍ଣାଟକ ମନ୍ତ୍ରୀ

**ଭୋଟର ତାଲିକାରେ ଜାଲିଆତି କଂଗ୍ରେସର ବିଫଳତା କହିଥିଲେ ରାଜନ୍ନା**

**ରାହୁଲ ସତ୍ୟର ସାମ୍ନା କରିପାରୁନାହାନ୍ତି: ବିଜେପି**

ବେଙ୍ଗାଲୁରୁ, ୧୧।୮ (ଏଜେନ୍ସି): କର୍ଣ୍ଣାଟକମନ୍ତ୍ରୀ କେଏନ ରାଜନ୍ନା ସୋମବାର କ୍ୟାବିନେଟରୁ ଇସ୍ତଫା ଦେଇଛନ୍ତି। ଭୋଟର ତାଲିକାରେ ଜାଲିଆତିକୁ ନେଇ ନିଜ ଦଳକୁ ସମାଲୋଚନା କରିବାରୁ ସେ କଂଗ୍ରେସ ହାଇକମାଣ୍ଡଙ୍କ ରୋଶର ଶିକାର ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ସହ ବରିଷ୍ଠ କଂଗ୍ରେସ ନେତା କେସି ବେଣୁଗୋପାଳ କଥା ହେବା ପରେ ରାଜନ୍ନାଙ୍କୁ ପଦ ଛାଡ଼ିବାକୁ କୁହାଯାଇଥିଲା ବୋଲି ରିପୋର୍ଟ ଆସିଛି। ଭୋଟର ତାଲିକାରେ ନିର୍ବାଚନ କମିଶନ ଜାଲିଆତି କରୁଥିବା ନେଇ କଂଗ୍ରେସ ଅଭିଯୋଗ କରୁଥିବାବେଳେ ସେ ପଦରୁ ଇସ୍ତଫା ଦେଇଛନ୍ତି।

ଏହା ପୂର୍ବରୁ ରବିବାର ତୁମକୁରରେ ରାଜନ୍ନା ନିଜ ଦଳ ଉପରେ ଅଭିଯୋଗ ଲଗାଇ କହିଥିଲେ ଯେ କର୍ଣ୍ଣାଟକରେ ଦଳ କ୍ଷମତାରେ ଥିବାବେଳେ ଭୋଟର ତାଲିକା ପ୍ରସ୍ତୁତ କରାଯାଇଥିଲା। ସେତେବେଳେ ଦଳ କାହିଁକି ଏହାକୁ ନେଇ ଆଖି ବନ୍ଦ କରି ଦେଇଥିଲା? ଯଦି ଆଖି ସାମ୍ନାରେ ଜାଲିଆତି ହେଉଥିବାବେଳେ ଆପତ୍ତି ଉଠାଇଲେ ନାହିଁ ତେବେ ଆଜି ଅଭିଯୋଗ କରିବାର ଆବଶ୍ୟକତା ନାହିଁ। ଜଣେ ବ୍ୟକ୍ତିଙ୍କ ନାମ ତିନୋଟି ସ୍ଥାରେ ରେକର୍ଡ ଥିଲା। କମ୍ ଜନସଂଖ୍ୟା ଥିବା ସ୍ଥାନରେ ସନ୍ଦେହଜନକ ନାମ ସାମିଲ କରାଯାଇଥିଲା। ଏ ସବୁ ଆମ ଆଖି ସାମ୍ନାରେ ହୋଇଥିଲା। କିନ୍ତୁ ଏହାର ଯାଞ୍ଚ କରାଯାଇ ନ ଥିଲା। ଏହା କଂଗ୍ରେସର ବିଫଳତା। ଇସି ଭୋଟର ତାଲିକାରେ ପରିବର୍ତ୍ତନ କରି ପ୍ରଧାନମନ୍ତ୍ରୀଙ୍କୁ ସହଯୋଗ କରିଥିଲେ। ମହାଦେବପୁରାରେ ଅନେକ ଅନିୟମିତତା ହୋଇଥିଲା, କିନ୍ତୁ ଆମ ଦଳ ଚୁପ୍ ରହିଥିଲା। ଅନ୍ୟପକ୍ଷରେ ରାଜନ୍ନାଙ୍କ ଇସ୍ତଫାକୁ ନେଇ ବିଜେପି କଂଗ୍ରେସକୁ ସମାଲୋଚନା କରିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ସତ୍ୟର ସାମ୍ନା କରିପାରୁ ନାହାନ୍ତି ବୋଲି କୁହାଯାଇଛି।

## ସେନାର ଆଇନଗତ ଶାଖାରେ ସଂରକ୍ଷଣକୁ ଉଚ୍ଛେଦ କଲେ ସୁପ୍ରିମକୋର୍ଟ

## ପୁରୁଷଙ୍କ ପାଇଁ ପଦବୀ ସଂରକ୍ଷିତ ରଖିପାରିବେନି

ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି): ଭାରତୀୟ ସେନାର ଆଇନଗତ ଶାଖା ଜଜ୍ ଆଡଭୋକେଟ ଜେନେରାଲ (ଜେଏଜି) ରେ ଥିବା ସଂରକ୍ଷଣ ନୀତିକୁ ସୁପ୍ରିମକୋର୍ଟ ସୋମବାର ଉଚ୍ଛେଦ କରି ଦେଇଛନ୍ତି। ଏହି ଶାଖାରେ ୨ ଅନୁପାତ ୧ରେ ପୁରୁଷ ଏବଂ ମହିଳାଙ୍କୁ ନିଯୁକ୍ତି ଦିଆଯାଉଥିଲା। ଦୁଇ ମହିଳା ଆଶାୟୀଙ୍କ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଏହି ରାୟ ଦେଇଛନ୍ତି। ପୁରୁଷଙ୍କ ପାଇଁ କୌଣସି ପଦବୀକୁ ସରକାର ସଂରକ୍ଷଣ କରି ରଖିପାରିବେ ନାହିଁ। ଏହି ନୀତି ମନମୁଖୀ। ଏହା ସମ୍ବିଧାନର ସମାନତା ଅଧିକାରକୁ ଉଲ୍ଲଘଂନ କରୁଛି। ମହିଳାଙ୍କ ପଦବୀକୁ ସୀମିତ କରିବା ଭୁଲ୍। ସବୁଠାରୁ ଯୋଗ୍ୟ ପ୍ରାର୍ଥୀଙ୍କୁ ଚୟନ କରିବା ପାଇଁ ଲିଙ୍ଗଗତ ସମାନତାର ଉଦ୍ଦେଶ୍ୟ। କୌଣସି ଦେଶ ଯୋଗ୍ୟତାକୁ ଛାଡ଼ି ଭେଦଭାବପୂର୍ଣ୍ଣ ନୀତି ଆପଣାଇଲେ ସୁରକ୍ଷିତ ରହିପାରିବ ନାହିଁ। ଏବେଠାରୁ ଯୁଗ୍ମ ଯୋଗ୍ୟ ତାଲିକା ଆଧାରରେ ନିଯୁକ୍ତି କରାଯାଉ। ପୁରୁଷ ଏବଂ ମହିଳାଙ୍କ ପାଇଁ ଅଲଗା ଅଲଗା କୋଟା ନ ରଖାଯାଉ ବୋଲି ଜଷ୍ଟିସ ଦୀପାଙ୍କର ଦତ୍ତା ଏବଂ ଜଷ୍ଟିସ ମନମୋହନଙ୍କ ଖଣ୍ଡପୀଠ କହିଛନ୍ତି।

ସୂଚନା ଅନୁଯାୟୀ ଦୁଇ ମହିଳା ଆବେଦନକାରୀ ଯୋଗ୍ୟ ତାଲିକାର ଚତୁର୍ଥ ଏବଂ ପଞ୍ଚମ ସ୍ଥାନରେ ଥିଲେ। କିନ୍ତୁ କେବଳ ତିନୋଟି ପଦବୀ ଥିବାରୁ ତାଙ୍କୁ ନିଯୁକ୍ତି ମିଳି ନ ଥିଲା। ମାତ୍ର ତାଙ୍କଠୁ କମ୍ ମାର୍କ ରଖିଥିବା ପୁରୁଷଙ୍କୁ ନିଯୁକ୍ତି କରାଯାଇଥିଲା। ସୁପ୍ରିମକୋର୍ଟ ଏହି ମାମଲାରେ ଜଣେ ଆବେଦନକାରୀଙ୍କୁ ତୁରନ୍ତ ସେବାରେ ସାମିଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜେଏଜିରେ ମୋଟ ୯ ପଦବୀରେ ନିଯୁକ୍ତି ହେବାର ଥିଲା। ସଂରକ୍ଷଣ ନୀତି ଅନୁଯାୟୀ ୬ ପୁରୁଷ ଏବଂ ୩ ମହିଳାଙ୍କୁ ଚୟନ କରାଯାଇଥିଲା। ଏହାକୁ ନେଇ ଖଣ୍ଡପୀଠ କହିଥିଲେ ଯେ ପୂର୍ବରୁ ମହିଳାଙ୍କୁ କମ୍ ସୁଯୋଗ ମିଳିଛି। ଏହାକୁ ଭରଣା କରିବା ପାଇଁ ଅତିକମ୍‌ରେ ୫୦ ପ୍ରତିଶତ ସିଟ୍ ମହିଳାଙ୍କୁ ଦିଆଯାଉ। କିନ୍ତୁ ଯଦି ପୁରୁଷଙ୍କ ଠାରୁ ମହିଳା ଅଧିକ ଯୋଗ୍ୟ ହୋଇଥିବେ ତେବେ ତାଙ୍କୁ ୫୦ ପ୍ରତିଶତରେ ସୀମିତ ରଖିବା ଭୁଲ୍ ହେବ।

# ଦିଲ୍ଲୀରେ ବୁଲା କୁକୁରଙ୍କ ଉତ୍ପାତ: ୨୦୨୪ରେ ୩୪ ଲକ୍ଷଙ୍କୁ କାମୁଡ଼ିଥିଲେ

ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି): ଦେଶରେ ବୁଲା କୁକୁର ଆତଙ୍କ ସୃଷ୍ଟି କରିଛନ୍ତି। ରାସ୍ତାରେ ଲୋକଙ୍କୁ ବି ଚଲାଇ ଦେଉନାହାନ୍ତି। କାମୁଡି ଅନେକ ଜୀବନ ମଧ୍ୟ ନେଲେଣି। ଏପରି ସମୟରେ ଦିଲ୍ଲୀ-ଏନ୍‌ସିଆରର ସ୍ଥିତିକୁ ନେଇ ସୁପ୍ରିମକୋର୍ଟ ସୋମବାର ବଡ଼ ନିର୍ଦ୍ଦେଶ ଦେଇଛନ୍ତି। ୮ ସପ୍ତାହ ମଧ୍ୟରେ ଦିଲ୍ଲୀ ଏବଂ ଏନ୍‌ସିଆରରୁ ସବୁ ବୁଲା କୁକୁରଙ୍କୁ ହଟାଇବାକୁ କୋର୍ଟ ପୌର ନିଗମକୁ କହିଛନ୍ତି। କୁକୁରଙ୍କୁ ତୁରନ୍ତ ଧରି ବନ୍ଧ୍ୟାକରଣ କରିବାକୁ ଏବଂ ସ୍ଥାୟୀ ଭାବେ ଆଶ୍ରୟ ସ୍ଥଳରେ ରଖ। ଏହି କାର୍ଯ୍ୟରେ ଅବହେଳାକୁ ଜମାରୁ ବରଦାସ୍ତ କରାଯିବ ନାହିଁ। ଯଦି କୌଣସି ବ୍ୟକ୍ତି କିମ୍ବା ସଂଗଠନ କିମ୍ବା କୁକୁର ପ୍ରେମୀ ଏହାକୁ ବିରୋଧ କରେ ତେବେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଷ୍ଟିସ ଜେବି ପାରଦିୱାଲା ଏବଂ ଜଷ୍ଟିସ ଆର ମହାଦେବନଙ୍କ ଖଣ୍ଡପୀଠ କହିଛନ୍ତି।

ଦିଲ୍ଲୀ, ଏମସିଡି ଏବଂ ଏନଏମଡିସିକୁ ସବୁ ଅଞ୍ଚଳରୁ ବିଶେଷ କରି ସମ୍ବେଦନଶୀଳ ସ୍ଥାନରୁ କୁକୁରଙ୍କୁ ହଟାଇବାକୁ ସୁପ୍ରିମକୋର୍ଟ କହିଛନ୍ତି। ଆବଶ୍ୟକ ପଡ଼ିଲେ ଏଥିପାଇଁ ଅଲଗା ବାହିନୀ ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶିଶୁ ଓ ନବଜାତକ ଯେପରି କୌଣସି ସ୍ଥିତିରେ ରେବିଜ୍‌ର ଶିକାର

**ଦିଲ୍ଲୀ-ଏନ୍‌ସିଆରରୁ ବୁଲା କୁକୁରଙ୍କୁ ହଟାଅ: ସୁପ୍ରିମକୋର୍ଟ**

ନ ହେବେ ଏବଂ ବିନା ଭୟରେ ଲୋକେ ଘରୁ ବାହାରିବେ ତାହା ସୁନିଶ୍ଚିତ କରିବାକୁ ହେବ। ଦିଲ୍ଲୀ-ଏନସିଆରେ କୁକୁର କାମୁଡା ଜନିତ ମୃତ୍ୟୁକୁ ନେଇ ଉପସ୍ଥାପନ କରାଯାଇଥିବା ରିପୋର୍ଟ ଉପରେ ନିଜ ଆଡୁ ବିଚାର କରି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ୮ ସପ୍ତାହ ମଧ୍ୟରେ ପର୍ଯ୍ୟାପ୍ତ କର୍ମଚାରୀ ଏବଂ ସିସିଟିଭି ସହିତ କୁକୁର ଆଶ୍ରୟ ସ୍ଥଳୀ ନିର୍ମାଣ କର। ବନ୍ଧ୍ୟାକରଣ ପରେ କୁକୁରଙ୍କୁ ବାହାରେ ଛାଡ଼ ନାହିଁ। ୬ ସପ୍ତାହରେ ୫ ହଜାର କୁକୁରଙ୍କୁ ଧରିବା ଅଭିଯାନ ଆରମ୍ଭ କର। ଦିଲ୍ଲୀ, ନୋଏଡ଼ା ଏବଂ ଗୁରୁଗ୍ରାମରୁ ଧରା ଯାଉଥିବା କୁକୁରଙ୍କ ରେକର୍ଡ ରଖ। ଏହି ନିୟମ ଭାଙ୍ଗିଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ସପ୍ତାହେ ମଧ୍ୟରେ କୁକୁର କାମୁଡା ଏବଂ ରେବିଜ ଲାଗି ସହାୟତା ନମ୍ବର ଜାରି କର। ରେବିଜ ଟିକା ମହଜୁଦ ରଖ।

ଖଣ୍ଡପୀଠ କହିଛନ୍ତି ଯେ ସୁପ୍ରିମକୋର୍ଟ ଏହା ନିଜ ପାଇଁ କରୁନାହାନ୍ତି, ଲୋକଙ୍କ ସୁବିଧାକୁ ଦେଖି ଏହି ନିର୍ଦ୍ଦେଶ ଦିଆଯାଉଛି। ତେଣୁ ଏହି କାର୍ଯ୍ୟରେ କୌଣସି ଭାବାବେଗକୁ ଦେଖାଯିବ ନାହିଁ। ଏବେ ନିୟମକୁ ଭୁଲିଯାଅ। ସଲିସିଟର ଜେନେରାଲ ପଶୁପ୍ରେମୀଙ୍କ ପ୍ରସଙ୍ଗ ଉଲ୍ଲେଖ କରିବାରୁ ଖଣ୍ଡପୀଠ କହିଥିଲେ ଯେ ରେବିଜରେ ଆକ୍ରାନ୍ତ ହୋଇଥିବା ବ୍ୟକ୍ତିଙ୍କୁ ତାଙ୍କ ପୁରୁଣା ଜୀବନକୁ ପଶୁପ୍ରେମୀ ଫେରାଇ ଦେବେକି? ଏବେ ଗଳିଗୁଡିକୁ ବୁଲା କୁକୁର ମୁକ୍ତ କରାଯିବାର ଆବଶ୍ୟକତା ରହିଛି। ଏହି କୁକୁରଙ୍କୁ ପୋଷ୍ୟ ଭାବେ ରଖିବା ପାଇଁ ମଧ କାହାକୁ ଅନୁମତି ଦିଆଯିବ ନାହିଁ। ଏହା ପୂର୍ବରୁ ସରକାରଙ୍କ ପକ୍ଷରୁ ଲୋକସଭାରେ କୁହାଯାଇଥିଲା ଯେ ୨୦୨୪ରେ ୩୭ ଲକ୍ଷ କୁକୁର କାମୁଡା ମାମଲା ସାମନାକୁ ଆସିଥିଲା। ରେବିଜରେ ୫୪ ଜଣଙ୍କ ମୃତ୍ୟୁ ମଧ୍ୟ ହୋଇଥିଲା।

ଅନ୍ୟପକ୍ଷରେ ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତ୍ତିକୁ ପେଟା ପକ୍ଷରୁ ବିରୋଧ କରାଯାଇଛି। ଏପରି ବିସ୍ଥାପନ ଏବଂ କୁକୁରଙ୍କୁ ବନ୍ଦୀ କରି ରଖିବା ନିର୍ଦ୍ଦେଶକୁ ଅବୈଜ୍ଞାନିକ ଏବଂ ପ୍ରଭାବହୀନ କୁହାଯାଇଛି। ଏହା ଦ୍ୱାରା କୁକୁର ସମସ୍ୟାରେ ପଡ଼ିବେ। କୁକୁରଙ୍କ ଯତ୍ନ ନେଉଥିବା ବ୍ୟକ୍ତି ହଙ୍ଗାମା କରିବେ। କିନ୍ତୁ କୁକୁର କାମୁଡାରେ କୌଣସି ଲଗାମ ଲାଗିବ ନାହିଁ।

# ରାଜସ୍ୱ ଅମଲାଙ୍କ ସମୂହ ଛୁଟି; ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ

## ସାଲେପୁରଠାରେ ଅମଲା ସଂଘର ମିଳିତ ସମାବେଶ



ସାଲେପୁର,୧୧।୮ (ସମିସ): ରାଜ୍ୟ ସରକାର ରାଜସ୍ୱ ଅମଲାଙ୍କ ଦାବି ପୂରଣ ପ୍ରତି ବୈମାତୃକ ମନୋଭାବ ପ୍ରତିବାଦରେ ରାଜ୍ୟ ସଂଘର ଆହ୍ୱାନ କ୍ରମେ କଟକ ଜିଲ୍ଲା ଶାଖାର ନିର୍ଦ୍ଦେଶ ମତେ ସାଲେପୁର ଜୋନ୍‌ରେ କାର୍ଯ୍ୟରତ ରାଜସ୍ୱ ଅମଲାମାନେ ଦାବି ପୂରଣ ନିମନ୍ତେ ସୋମବାର ଠାରୁ ସମୂହ ଛୁଟିରେ ଯାଇଛନ୍ତି। ଯାହା ଫଳରେ ସାଲେପୁର ତହସିଲ, ବ୍ଲକ୍ ସମେତ ବିଭିନ୍ନ ସ୍ଥାନରେ ଥିବା ସରକାରୀ କାର୍ଯ୍ୟାଳୟରେ ଅମଲାମାନେ ଦାବି ପୂରଣ ନିମନ୍ତେ ଛୁଟିରେ ଯାଇଥିବାରୁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଅବସରରେ ରାଜ୍ୟ ସଂଘର ରାଜ୍ୟ ସଂଗଠନ ସଂପାଦକ ରମାକାନ୍ତ ସାହୁଙ୍କ ଉପସ୍ଥିତିରେ ସାଲେପୁର ସ୍ଥିତ ମା'ଜାଗୁଳାଇ ପୀଠରେ ସାଲେପୁର, ମାହାଙ୍ଗା, ନିଶ୍ଚିନ୍ତକୋଇଲି ତହସିଲ ଓ ବ୍ଲକ୍ ଏବଂ ସମନ୍ୱିତ ଶିଶୁ ବିକାଶ ସେବା କାର୍ଯ୍ୟାଳୟମାନଙ୍କରେ କାର୍ଯ୍ୟରତ ଅମଲାମାନେ ଏକତ୍ରିତ ହୋଇ ରାଜ୍ୟ ସରକାର ରାଜସ୍ୱ ଅମଲାମାନଙ୍କ ଦାବି ପୂରଣ କରିବାରେ ଅହେତୁକ ବିଳମ୍ବ କରୁଛନ୍ତି ବୋଲି କ୍ଷୋଭ ପ୍ରକାଶ କରିଥିଲେ। ଗତ ୨୦୧୮ ମସିହାରେ ରାଜସ୍ୱ ଅମଲାମାନଙ୍କ ଶିକ୍ଷାଗତ ଯୋଗ୍ୟତା ପରିବର୍ତ୍ତନ କରାଯାଇ ସ୍ନାତକ କରାଯାଇଥିବାବେଳେ ଶିକ୍ଷାଗତ ଯୋଗ୍ୟତା ଆଧାରରେ ରାଜସ୍ୱ ଅମଲାମାନଙ୍କ ଦରମା ଆଜି ପର୍ଯ୍ୟନ୍ତ ଲେବୁଲ ୯କୁ ବୃଦ୍ଧି କରାଯାଇ ନାହିଁ। ପୁନଶ୍ଚ ଗତ ୨୦୨୪ ଜାନୁୟାରୀରେ ରାଜ୍ୟ ସରକାର ରାଜସ୍ୱ ଅମଲାମାନଙ୍କୁ ସ୍ୱତନ୍ତ୍ର କ୍ୟାଡର କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କ୍ୟାଡର ପୁନର୍ଗଠନ ଓ ନୂତନ ପଦ ସୃଷ୍ଟି କରାଯାଇ ନାହିଁ। କିନ୍ତୁ କ୍ୟାଡର ପୁନର୍ଗଠନକୁ ଆଳ କରି ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କ ପଦୋନ୍ନତି ବନ୍ଦ କରି ଦିଆଯାଇଛି। ଯାହା ଫଳରେ ୩୦ଟି ଜିଲ୍ଲାରେ ପ୍ରତି ମାସରେ ବହୁ ଅମଲା ପଦୋନ୍ନତି ବିନା ଚାକିରୀରୁ ଅବସର ଗ୍ରହଣ କରୁଛନ୍ତି। ଏହା ଦ୍ୱାରା ନିକଟ ଅତୀତରେ ଓଡ଼ିଶା ରାଜ୍ୟ ସେବା ପଦର ସଂଶୋଧନ କରି ରାଜସ୍ୱ ଅମଲାମାନଙ୍କ ରାଜସ୍ୱ ସେବା ଓ ପଦବୀକୁ ପଦୋନ୍ନତିରେ ଯିବାର ସମସ୍ତ ବାଟ ବନ୍ଦ କରିଦିଆଯାଇଛି ବୋଲି ସାଲେପୁର ଜୋନ୍‌ର ଅଧ୍ୟକ୍ଷ ସୁବାଶିଷ ରାଉତ, ସଂଯୋଜକ ରମାକାନ୍ତ ମହାରଣା ପ୍ରକାଶ କରିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ରାଜସ୍ୱ ଅମଲାମାନେ ସମୂହ ଛୁଟିରେ ରହିବାକୁ କହିଛନ୍ତି।

**ନିଆଳି :** ଓଡିଶା ରାଜସ୍ୱ ଅମଲା ସଂଘ ଡାକରାରେ ନିଆଳି ଶାଖା ଅମଲା ସଂଘ ପକ୍ଷରୁ ଦାବି ପୂରଣ ନେଇ ଆନ୍ଦୋଳନକୁ ଜୋରଦାର କରାଯିବା ସହ ସୋମବାର ୧୧ ତାରିଖ ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅମଲାମାନେ ସମୂହ ଛୁଟିରେ ରହିଛନ୍ତି। ଏହି ସମୂହ ଛୁଟି ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି କହିବା ସହ ଆଜି ପ୍ରତିକାତ୍ମକ ଭାବେ କର୍ମଚାରୀମାନେ ନିଆଳି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବସି ପ୍ରତିବାଦ କରିଥିଲେ। ଏହି ପ୍ରତିବାଦରେ ନିଆଳି ତହସିଲର ସେକ୍ସନ ଅଫିସର କଳ୍ପତରୁ ରାଉତରାୟ, ବରିଷ୍ଠ ରାଜସ୍ୱ ସହାୟକ ସଂଗ୍ରାମ ମହାନ୍ତି, ସସ୍ମିତା ନାୟକ, ଶ୍ରୀଚରଣ ସ୍ୱାଇଁ, ନିର୍ଜନ ସାହୁ, କନିଷ୍ଠ ରାଜସ୍ୱ ସହାୟକ ଅଭିଷେକ ମହାନ୍ତି, ସୌମ୍ୟରଂଜନ ବେହେରା, କୁମାର ଗୌରବ ଦାସ, ସୀତାକାନ୍ତ ସାହୁ, ରମାକାନ୍ତ ସାହୁ, ବିଦ୍ୟାଭାରତୀ ଭୂୟାଁ, ଶୁଭଶ୍ରୀ ସାହୁ ପ୍ରମୁଖ ସାମିଲ୍ ହୋଇଥିଲେ।



**ନରସିଂହପୁର :** ରାଜ୍ୟ ସଂଘର ନିଷ୍ପତି କ୍ରମେ କଟକ ଜିଲ୍ଲା ଅନ୍ତର୍ଗତ ନରସିଂହପୁର ତହସିଲର ସମସ୍ତ ରାଜସ୍ୱ ଅମଲା ସମୂହ ଛୁଟି ଦରଖାସ୍ତ ଦେଇ ଶାନ୍ତିପୂର୍ଣ୍ଣ ଭାବେ ତହସିଲ ଓ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଦଶ ଦଫା ଦାବି ପୂରଣ ପାଇଁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିଛନ୍ତି। ରାଜସ୍ୱ ଅମଲାମାନେ ସମୂହ ଛୁଟିରେ ଯିବା ଦ୍ୱାରା ତହସିଲସ୍ତରରେ ଜମିଜମା ସମ୍ବନ୍ଧୀୟ ମାମଲା, ଜମିପଟ୍ଟା ପ୍ରମାଣପତ୍ର, ବ୍ଲକସ୍ତରରେ ଉନ୍ନୟନ ମୂଳକ ଯୋଜନା, ଭତ୍ତା ପ୍ରଦାନ, ରାସନ କାର୍ଡ, ଛାତ୍ରବୃତ୍ତି, ସରକାରୀ କର୍ମଚାରୀଙ୍କ ପେନସନ ଓ ସାଧାରଣ ଅଭିଯୋଗର ସମାଧାନ ଆଦିରେ ବାଧା ଉପୁଜି ହେବାସହ ତହସିଲ ଓ ବ୍ଲକ କାର୍ଯ୍ୟାଳୟ ଗୁଡିକ ଏକପ୍ରକାର ଠପ ହୋଇଯାଇଛି। ସଂଘର କର୍ମକର୍ତ୍ତା ସୁବ୍ରତ ମିଶ୍ର, କୀର୍ତ୍ତି ରଞ୍ଜନ ପ୍ରଧାନ, ଶୁଭଶ୍ରୀ ସୁଚିସ୍ମିତା ନନ୍ଦ, ଆଲୋକ ନାୟକ, ଅଜୟ ମୁଦୁଲି, ସୁବ୍ରତ ସାହୁ, ସ୍ୱାଗତିକା ମହାନ୍ତି, ଜୟନ୍ତ ସିଂ, କୈଳାଶ ବେହେରା, ବନଲତା ଦାସ, ସୁବ୍ରତ ସେନାପତି, ଅଜୟ ଚାନ୍ଦ, ଜନାର୍ଦ୍ଦନ ପ୍ରଧାନ ପ୍ରମୁଖ ନିବେଦନ କରିଛନ୍ତି।

**ଆଠଗଡ/ତିଗିରିଆ :** ଓଡିଶା ରାଜସ୍ୱ ଅମଲା ସଂଘର ଆହ୍ୱାନ କ୍ରମେ ପୂର୍ବ ନିଷ୍ପତ୍ତି ଅନୁଯାୟୀ ଅଗଷ୍ଟ ୧୧ ତାରିଖ ସୋମବାର ଠାରୁ ରାଜସ୍ୱ ଅମଲାମାନେ ସମୁହ ଛୁଟି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆଠଗଡ ଉପଖଣ୍ଡର ସମସ୍ତ ରାଜସ୍ୱ ଅମଲା ସୋମବାରଠାରୁ ସାମୁହିକ ଛୁଟି ନେଇ



କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଫଳରେ ସମସ୍ତ ସରକାରୀ କାର୍ଯ୍ୟ ବିଶେଷକରି ଉପଜିଲ୍ଲାପାଳ ଓ ସମସ୍ତ ତହସିଲରେ ସରକାରୀ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିବା ବେଳେ ବ୍ଲକ ଏବଂ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟରେ ମଧ୍ୟ ବିଭିନ୍ନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ସଂଘର ଆଠଗଡ ଉପଖଣ୍ଡ ଶାଖା ସଭାପତି ଅନୁଜ ବେହେରା, ସମ୍ପାଦକ ଦିନେଶ ବେହେରା, କୋଷାଧ୍ୟକ୍ଷ ସରୋଜ ମହାନ୍ତି, ସଂଘର ନେତା ଶ୍ରୀନିବାସ ଧଳସାମନ୍ତ, ସୂର୍ଯ୍ୟମଣି ସାହୁ, ବିଜୟଲକ୍ଷ୍ମୀ ମଲ୍ଲିକ, ନିରଞ୍ଜନ ବେହେରା ଓ ଜ୍ୟୋତିରଞ୍ଜନ ପରିଡାଙ୍କ ନେତୃତ୍ୱରେ ଆଠଗଡ ଓ ତିଗିରିଆ ବ୍ଲକରେ କାର୍ଯ୍ୟରତ ସମସ୍ତ ରାଜସ୍ୱ ଅମଲା କାର୍ଯ୍ୟରତ ଆନ୍ଦୋଳନ କରିବା ସହ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

■ ପୀଡ଼ିତାଙ୍କୁ ନ୍ୟାୟ ଓ ମହିଳା ସୁରକ୍ଷା ପ୍ରସଙ୍ଗ

## ଯୁବଛାତ୍ର ବିଜେଡି ପକ୍ଷରୁ ପୁଲିସ ଡିଜିଙ୍କୁ ସ୍ମାରକପତ୍ର



ଟାଙ୍ଗୀ,୧୧।୮ (ସମିସ): ବାଲେଶ୍ୱର ଏଫଏମ୍ କଲେଜ ସହ ବିଭିନ୍ନ ମହିଳାଙ୍କ ଘଟଣାରେ ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଓ ମହିଳାଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଦାବିରେ ବିଧାୟକ ପ୍ରଶାନ୍ତ କୁମାର ବେହେରାଙ୍କ ଆହ୍ୱାନ କ୍ରମେ ସାଲେପୁର ନିର୍ବାଚନ ମଣ୍ଡଳୀ ତଥା ଟାଙ୍ଗୀ-ଚୌଦ୍ୱାର ବ୍ଲକ ଟାଙ୍ଗୀ ଅଞ୍ଚଳ ଯୁବଛାତ୍ର ବିଜେଡ଼ି ପକ୍ଷରୁ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ (ଡିଜି)ଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ସୋମବାର ପୂର୍ବାହ୍ନରେ ତଥା ଯୁବ ବିଜେଡି ସଭାପତି ତଥା ସରପଞ୍ଚ ତାପସ କୁମାର ସାହୁଙ୍କ ଆହ୍ୱାନକ୍ରମେ ୧୩ଟି ପଞ୍ଚାୟତର ଆଗଧାଡିର ନେତା କର୍ମୀ ଓ ଛାତ୍ର ସଭାପତି ସ୍ୱରୂପ ରଞ୍ଜନ ନାୟକଙ୍କ ନେତୃତ୍ୱରେ ଟାଙ୍ଗୀ ମହାବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଶୋଭାଯାତ୍ରାରେ ସାମିଲ ହେବା ସହ ସରକାର ବିରୋଧୀ ନାରା ପ୍ରଦାନ କରିଥିଲେ। ଉକ୍ତ ଶୋଭାଯାତ୍ରା ଟାଙ୍ଗୀ-ହରିପୁର ରାସ୍ତାର ଟାଙ୍ଗୀ ପ୍ରବେଶପଥରୁ ବାହାରି ଥାନା ପର୍ଯ୍ୟନ୍ତ ଆସିଥିଲା। ଯୁବଛାତ୍ର ସଭାପତିଙ୍କ ସମେତ ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ସଭ୍ୟା ଜୟଶ୍ରୀ ପ୍ରଧାନ, ଆମ୍ବ ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ସରପଞ୍ଚ ନିବାସ ଚନ୍ଦ୍ର ପାଣ୍ଡବ, ରଶ୍ମୀ ରଞ୍ଜନ ରାଉତ, ଧିରେନ୍ଦ୍ର ଜେଠୀ, ଜନ୍ମେଜୟ ଖିଲାର, ସୁବୋଧ ସାମଲ, ଆଶିଷ ରଞ୍ଜନ ଷଡ଼ଙ୍ଗୀ, ସାଗର କର, ଗୋବିନ୍ଦ ଦାସ, ପରମଜିତ ମହାନ୍ତି ଓ ଗୋପାଳ ଲେଙ୍କା ପ୍ରମୁଖ ପ୍ରତିବାଦ ସଭାରେ ବକ୍ତବ୍ୟ ରଖି ସରକାରୀ ନୀତିର ତୀବ୍ର ସମାଲୋଚନା କରିଥିଲେ। ପୀଡିତାଙ୍କୁ ଉପଯୁକ୍ତ ନ୍ୟାୟ ନ ମିଳିଲେ ଆସନ୍ତା ଦିନରେ ଲଢେଇ ଜୋରଦାର ହେବ ବୋଲି ସୂଚନା ପ୍ରଦାନ କରାଯାଇଥିଲା। ଶେଷରେ ଡିଜିଙ୍କ ଉଦ୍ଦେଶ୍ୟରେ ଆଇଆଇସି ଶିବପ୍ରସାଦ ଭଦ୍ରଙ୍କୁ ଦାବି ସଂକ୍ରାନ୍ତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

## ରେଳ ଧାରଣାରୁ ଆହତ ଯୁବକ ଉଦ୍ଧାର

ମଙ୍ଗୁଳି,୧୧।୮ (ସମିସ): ଟାଙ୍ଗୀ ଥାନା ନିର୍ଗୁଣ୍ଡି ରେଳଷ୍ଟେସନ୍‌ର କିଛି ଦୂରରେ ଥିବା ରେଳ ଧାରଣାରୁ ଜଣେ ଯୁବକ ଆହତ ଅବସ୍ଥାରେ ପଡ଼ିଥିବାର ସ୍ଥାନୀୟ ଗ୍ରାମବାସୀ ଦେଖିବାକୁ ପାଇଥିଲେ। ପ୍ରଥମେ ସେମାନେ ଏ ସମ୍ପର୍କରେ ରେଳବାଇ ପୁଲିସକୁ ଖବର ଦେଇଥିବା ବେଳେ ରେଳବାଇ ପୁଲିସ ଟ୍ରେନ୍ ଦୁର୍ଘଟଣାରେ କୌଣସି ବ୍ୟକ୍ତି ଆହତ ହୋଇ ନ ଥିବାର ଖବର ନ ଥିବାରୁ ସେ ସ୍ଥାନୀୟ ପୁଲିସକୁ ଖବର ଦେବା ପାଇଁ ପ୍ରକାଶ କରିଥିଲେ। ପରେ ଗ୍ରାମବାସୀ ଉକ୍ତ ଯୁବକଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କଟକ ବଡ଼ମେଡ଼ିକାଲକୁ ଚିକିତ୍ସା ନିମନ୍ତେ ପଠାଇଥିଲେ। ଆହତ ଯୁବକର ପରିଚୟ ମିଳିପାରି ନ ଥିବା ବେଳେ ସେ ଓଡ଼ିଆ ଭାଷାର କଥା ବୁଝିପାରୁ ନ ଥିବା ବେଳେ ଯୁବକ ଜଣକ ବାହାର ରାଜ୍ୟର ହୋଇଥାଇପାରନ୍ତି ବୋଲି ଗ୍ରାମବାସୀ ସନ୍ଦେହ କରୁଥିବା ବେଳେ ଯୁବକ ଜଣକ ରାତିରେ କୌଣସି ଟ୍ରେନ୍‌ରେ ଯାଉଥିବା ବେଳେ ଅସାବଧାନତା ଯୋଗୁଁ ଟ୍ରାକ୍‌ରେ ପଡ଼ିଯାଇ ଆହତ ହୋଇଥାଇପାରନ୍ତି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

## ନଦୀରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

କନ୍ଦରପୁର,୧୧।୮ (ସମିସ): କଟକ ସଦର ୪୨ ମୌଜା ଥାନା ଅନ୍ତର୍ଗତ କୂଳ ସରିତୁଆ ନିକଟସ୍ଥ ସିଡୁଆ ନଦୀରେ ଭାସୁଥିବା ଅଜଣା ବ୍ୟକ୍ତିଙ୍କ ଶବକୁ ୪୨ମୌଜା ପୁଲିସ ରବିବାର ସନ୍ଧ୍ୟାରେ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବଡ଼ ମେଡିକାଲକୁ ପଠାଇଥିବା ଜଣାପଡ଼ିଛି। ନଦୀରେ ଶବ ଭାସୁଥିବା ବେଳେ ସ୍ଥାନୀୟ ଲୋକ ଦେଖି ପୁଲିସକୁ ଖବର ଦେଇଥିଲେ। ଶବର ମୁହଁ ବିକୃତ ହୋଇଯାଇଥିବାରୁ ଏ ପର୍ଯ୍ୟନ୍ତ ତାର ପରିଚୟ ମିଳିପାରି ନାହିଁ।

## ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା



କନ୍ଦରପୁର,୧୧।୮ (ସମିସ): ୪୨ମୌଜା ଅନ୍ତର୍ଗତ ବେଣ୍ଟକାର ନିକଟରେ ଥିବା ବିଦ୍ୟୁତ ବିଭାଗ କାର୍ଯ୍ୟାଳୟରେ ୪୨ ମୌଜାର ସମସ୍ତ ଅଞ୍ଚଳବାସୀ, ବୁଦ୍ଧିଜୀବୀ ଓ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ନେଇ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଝିଙ୍କିରିଆ ଗ୍ରାମ୍ୟ ଉନ୍ନୟନ କମିଟିର ସଂପାଦକ ଚିନ୍ମୟ ଦେବତା, କାର୍ଯ୍ୟକାରୀ ସଭାପତି ଦୁଷ୍ମନ୍ତ କୁମାର ନନ୍ଦ ଓ ୟୁନିଅନ ଫର କଟକ ସଦର ଡେଭଲପମେଣ୍ଟର ସଭାପତି ଏବଂ ବିଶିଷ୍ଟ ସମାଜସେବୀ ମନୋଜ ନାୟକଙ୍କ ମିଳିତ ଉଦ୍ୟମରେ ଉକ୍ତ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ୫ ଦଫା ଦାବି ଉପସ୍ଥାପନ କରାଯାଇଥିଲା। ଲୋ ଭୋଲଟେଜ୍, ଅଘୋଷିତ ବିଦ୍ୟୁତ କାଟ, ସ୍ମାର୍ଟ ମିଟର ବ୍ୟବସ୍ଥା ସଂପୂର୍ଣ୍ଣ ବନ୍ଦ କରିବା, ଉପଭୋକ୍ତାଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇବା, ନୂତନ ଗ୍ରୀଡର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଆଦି ଅନ୍ୟତମ। ଉକ୍ତ ଦାବିଗୁଡିକ ବିଦ୍ୟୁତ୍ ବିଭାଗର ଅଧିକାରୀଙ୍କ ନିକଟରେ ଉପସ୍ଥାପନ କରାଯାଇଥିଲା। ଏହାର ସ୍ଥାୟୀ ସମାଧାନ ନିମନ୍ତେ ସମସ୍ତ ଅଞ୍ଚଳବାସୀ ବିଦ୍ୟୁତ୍ ବିଭାଗକୁ ଅବଗତ କରାଇଥିଲେ। ଏଥିରେ ଝିଙ୍କିରିଆ ଗ୍ରାମ୍ୟ ଉନ୍ନୟନ କମିଟିର ଆନନ୍ଦ ଦେବତା, ବିଶ୍ୱଜିତ ଦେବତା, ଦୟାନିଧି ଉପାଧ୍ୟାୟ, ନରହରି ଦେବତା, ହୃଷିକେଶ ସ୍ୱାଇଁ, ଲକ୍ଷ୍ମୀଧର ସାହୁ, ନିରଞ୍ଜନ ସାହୁ, ଅଶୋକ ଦେବତା, ପ୍ରମୋଦ ଦେବତା, ହାପି ବେହେରା ଏବଂ ୟୁନିଅନ ଫର କଟକ ସଦର ଡେଭଲପେମେଣ୍ଟର ସଭ୍ୟ ବିଜୟ ନାୟକ, ପ୍ରକାଶ ମାଝୀ, ବିଶାଳ ଆଚାର୍ଯ୍ୟ, ଆନନ୍ଦ ବେହେରା, ଆଶିଷ ମହାନ୍ତି, ହୃଦାନନ୍ଦ ବେହେରା, ସୌମ୍ୟରଞ୍ଜନ ଜେନା, ପ୍ରିୟରଞ୍ଜନ ପରିଡା, ରିଙ୍କନ ପଣ୍ଡା, କାବୁଲା ଭୋଇ, ପ୍ରସନ୍ନ ବେହେରା, ମା' ଭଉଣୀ, ଯୁବଗୋଷ୍ଠୀ, ସ୍ଥାନୀୟ ଲୋକ ପ୍ରତିନିଧି ଏବଂ ଅନେକ ସାମାଜିକ ସଂଗଠନ ସହଯୋଗ କରିଥିଲେ।



## ଶ୍ରୀଶ୍ରୀଠାକୁର କେଶବଚନ୍ଦ୍ରଙ୍କର ପାଦୁକା ସ୍ନାନ ମହୋତ୍ସବ

ଭଦ୍ରେଶ୍ୱର,୧୧।୮ (ସମିସ): ପ୍ରତିବର୍ଷ ପରି ଚଳିତବର୍ଷ ଶ୍ରାବଣ ପୂର୍ଣ୍ଣିମାରେ ବିଶ୍ୱ ଭାତୃତ୍ୱ ଦିବ୍ୟାତ୍ମା ପରିଷଦ କ୍ଷିତିଜ୍ୟୋତି ଆଶ୍ରମ ସ୍ୱର୍ଣ୍ଣକ୍ଷେତ୍ର ମାହାଙ୍ଗା ଠାରେ ଶ୍ରୀ ଶ୍ରୀ ଠାକୁର କେଶବ ଚନ୍ଦ୍ରଙ୍କର ଶ୍ରୀ ପାଦୁକା ମହାସ୍ନାନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶହ ଶହ ଶ୍ରଦ୍ଧାଳୁ ଗୁରୁ ଭାଇ ଭଉଣୀ ଓ ସାଧୁ ସନ୍ଥମାନେ ପୁଣ୍ୟତୋୟା ପବିତ୍ର ଜରିଆ ନଦୀ ତୁଠରୁ ଏକ କଳସ ଶୋଭାଯାତ୍ରାରେ ଆସିଥିଲେ। ଏହି କଳସିରେ ଅଣାଯାଇଥିବା ପାଣିରେ ଶ୍ରୀ ଶ୍ରୀ କେଶବ ଚନ୍ଦ୍ରଙ୍କ ଶ୍ରୀ ପାଦୁକାକୁ ଜଳାଭିଷେକ କରାଯାଇଥିଲା। ସଭାପତି ନିମାଇଁ ଚରଣ ଦାସ, ସମ୍ପାଦକ ସୁରେଶ ଜେନା, ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘ ସମ୍ପାଦକ ଧ୍ରୁବାନନ୍ଦ ଭାଇ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଯୁବତୀଙ୍କୁ ପ୍ରତାରଣା ଅଭିଯୋଗରେ ଜଣେ ଗିରଫ

ତିଗିରିଆ,୧୧।୮ (ସମିସ): ତିଗିରିଆ ଥାନା ଅନ୍ତର୍ଗତ ପାଞ୍ଚଗାଁ ଗ୍ରାମର ଜଣେ ଯୁବକ ବିବାହର ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କ ସହ ଶାରିରୀକ ସମ୍ପର୍କ ସ୍ଥାପନ କରି ପରେ ଯୁବତୀଙ୍କୁ ବିବାହ କରିବାକୁ ମନା କରିଦେଇଥିଲେ। ସମ୍ପୃକ୍ତ ଯୁବତୀ ତିଗିରିଆ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଆଜି ତିଗିରିଆ ଥାନା ଆଇଆଇସି ସମରେନ୍ଦ୍ର ପାଇକରାୟ ଉକ୍ତ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ସୂଚନା ମିଳିଛି। ପ୍ରକାଶ ଯେ ତିଗିରିଆ ଥାନା ଅନ୍ତର୍ଗତ ପାଞ୍ଚଗାଁ ଗ୍ରାମର ଯୁବକ ବିଜୟ ନାୟକ (୨୮) ଭୁବନେଶ୍ୱରରେ ଏକ ବେସରକାରୀ ସଂସ୍ଥାରେ କାର୍ଯ୍ୟ କରୁଥିଲେ। ଆଜକୁ ପ୍ରାୟ ୧ ବର୍ଷ ତଳେ ଉକ୍ତ ସଂସ୍ଥାରେ କାର୍ଯ୍ୟ କରୁଥିବା କନ୍ଧମାଳ ଜିଲ୍ଲାର ଜଣେ ଯୁବତୀଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ଉକ୍ତ ପରିଚୟ ପ୍ରେମର ରୂପ ନେଇଥିଲା। ଯୁବକ ଜଣକ ଉକ୍ତ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ସ୍ଥାପନ କରିଥିଲେ। ଯୁବତୀ ଜଣକ ଗତ କିଛି ଦିନ ହେବ ଆସି ଯୁବକଙ୍କ ପାଞ୍ଚଗାଁ ସ୍ଥିତ ବାସଭବନରେ ରହୁଥିଲେ। କିନ୍ତୁ ଗତକାଲି ଯୁବକ ଜଣକ ଯୁବତୀଙ୍କୁ ବିବାହ କରିବାକୁ ମନା କରିବା ସହ ଘରୁ ତଡି ଦେଇଥିଲେ। ଯୁବତୀ ଜଣକ ଅନ୍ୟ ଉପାୟ ନ ପାଇ ଘଟଣା ସମ୍ପର୍କରେ ତିଗିରିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତିଗିରିଆ ଥାନା ପକ୍ଷରୁ କେସ ନମ୍ବର ୧୪୯/୨୫ ରେ ମାମଲା ରୁଜୁ କରି ଅଭିଯୁକ୍ତ ବିଜୟଙ୍କୁ ଗିରଫ କରି ଆଜି କୋର୍ଟଚାଲାଣ କରିଛି।

### ତିଗିରିଆ ବ୍ଲକରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର

# ୧୫୭ ଅଭିଯୋଗ ମଧ୍ୟରୁ ୫୬ଟିର ତତ୍କାଳ ସମାଧାନ

ତିଗିରିଆ,୧୧।୮ (ସମିସ): ତିଗିରିଆ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠି ଉନ୍ନୟନ ଅଧିକାରୀ ମନସ୍ୱିନୀ ଦାସଙ୍କ ପୌରହିତ୍ୟ ତଥା ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ଯାଜ୍ଞସିନୀ ଗୋଛାୟତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରରେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଯୋଗଦେଇ ସମସ୍ତ ଅଭିଯୋଗକୁ ଶୁଣିବା ସହ ସେଗୁଡିକର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ମୋଟ ୧୫୭ଟି ଅଭିଯୋଗ କରାଯାଇଥିବା ବେଳେ ୫୬ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଭତ୍ତା ସମ୍ବନ୍ଧୀୟ ୧୩ଟି ଅଭିଯୋଗ ମଧ୍ୟରୁ ୧୦ଟିର ତତ୍କାଳ ସମାଧାନ କରାଯାଇଥିବା ବେଳେ ରାସନ କାର୍ଡ ସମ୍ବନ୍ଧୀୟ ୧୨ରୁ ୪ଟି ଘର ସମ୍ବନ୍ଧୀୟ ୭୧ରୁ ୩୨ ଓ ଅନ୍ୟାନ୍ୟ ଅଭିଯୋଗ ୬୧ରୁ ୧୦ ଟିର ତତ୍କାଳ ସମାଧାନ କରାଯାଇଥିବା ଜଣାପଡିଛି। ସାମୁହିକ ଅଭିଯୋଗ ମଧ୍ୟରେ ସୋମପଡା ପଞ୍ଚାୟତ ସରପଞ୍ଚ ପ୍ରଶାନ୍ତ କୁମାର ରାଉତ ତାଙ୍କ ପଞ୍ଚାୟତର ପଞ୍ଚାୟତସ୍ତରୀୟ ମହାସଂଘର ଆଇବି ଫଣ୍ଡରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ କରିବା ସହ ଏହାର ସ୍ୱତନ୍ତ୍ର



ସମୀକ୍ଷା କରାଯାଇ ହୋଇଥିବା ଅର୍ଥ ହେରଫେର ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଥିଲେ। ଜିଲ୍ଲାପାଳ ଅଭିଯୋଗ ଶୁଣି ତୁରନ୍ତ ପଞ୍ଚାୟତସ୍ତରୀୟ ମହାସଙ୍ଘର ଆକାଉଣ୍ଟକୁ ତୁରନ୍ତ ଫ୍ରିଜ କରିବା ପାଇଁ ନିର୍ଦ୍ଦେଶ ଦେବା ସହ ଯଥାଶୀଘ୍ର ଜିଲ୍ଲାର ଏକ ଟିମ ଦ୍ୱାରା ସ୍ପେସିଆଲ ଅଡିଟ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ବିନ୍ଧାଣିମା ସରପଞ୍ଚ ସୁଜାତା ସ୍ୱାଇଁ ନିଜ ପଞ୍ଚାୟତରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ପ୍ରାୟ ୨୫ କୋଟି ଟଙ୍କା ମଞ୍ଜୁର କରାଯାଇଥିଲେ ହେଁ ଗୃହ ନିର୍ମାଣ ପାଇଁ ଆବଶ୍ୟକ ସରକାରୀ ଜମି ଉପଲବ୍ଧ ନ ଥିବାରୁ ଏହି ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ପାରୁ ନାହିଁ ତଥା ପୂର୍ବରୁ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ବିନ୍ଧାଣିମା ମୌଜାରେ ଖାତା ନମ୍ବର ୧୨୫୬ ଓ ପ୍ଲଟ ନମ୍ବର ୧୮୭୨, ୧୮୭୩, ୧୮୭୪ ରେ ଥିବା ପ୍ରାୟ ଦେଢ଼ ଏକର ଜାଗା ଉପରେ ଉକ୍ତ ପ୍ରକଳ୍ପ ନିର୍ମାଣ ପାଇଁ ପ୍ରଶାସନକୁ ପ୍ରସ୍ତାବ ଦିଆଯାଇଥିଲା। ଏନେଇ କୌଣସି ଚୂଡାନ୍ତ ନିଷ୍ପତ୍ତି ହୋଇ ନ ଥିବାରୁ ସରପଞ୍ଚ ଶ୍ରୀମତୀ ଜେନା ଉଦବେଗ ପ୍ରକାଶ କରିଥିଲେ। ଜିଲ୍ଲାପାଳ ଯଥାଶୀଘ୍ର ସ୍ଥାନୀୟ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ଉକ୍ତ ଗୃହ ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିନ୍ଧାଣିମା ପଞ୍ଚାୟତ ସ୍ଥିତ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ଦିନ ଧରି ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ନ ଥିବାରୁ ବିଦ୍ୟାଳୟରେ ପାଠ ପଢୁଥିବା ଶତାଧିକ ଛାତ୍ରଛାତ୍ରୀ ଅନେକ ସମସ୍ୟା ଭୋଗ କରୁଛନ୍ତି। ତେଣୁ ଯଥାଶୀଘ୍ର ବିଦ୍ୟାଳୟକୁ ସ୍ଥାୟୀ ହିନ୍ଦୀ ଓ ସଂସ୍କୃତ ଭାଷା ଶିକ୍ଷକ ନିଯୁକ୍ତି ପାଇଁ ଦାବି କରିଥିଲେ। ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପୁରୁଣା ତିଗିରିଆର ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ କୁମାର ମହାରଣା ନିଜର ଏକ ଜମିର କିସମ ବଦଳାଇବା ପାଇଁ ତହସିଲ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ତତ୍କାଳୀନ ତହସିଲଦାର ଓ ରାଜସ୍ୱ ନିରୀକ୍ଷକଙ୍କ ତରଫରୁ ଦାବି କରାଯାଇଥିବା ଲାଞ୍ଚ ଦେବାକୁ ମନା କରିବାରୁ ସରକାରୀ ନିୟମକୁ ଏପଟ ସେପଟ କରି କିସମ ବଦଳାଇବା ପାଇଁ ଧାର୍ଯ୍ୟ ଅର୍ଥ ଠାରୁ ଅଧିକ ଅର୍ଥ ନେଇଥିବା ଅଭିଯୋଗ କରିଥିଲେ। ଘଟଣା ସମ୍ପର୍କରେ ସତ୍ୟାସତ୍ୟ ବୁଝିବାକୁ ଜିଲ୍ଲାପାଳ ତହସିଲଦାର ଅକ୍ଷୟ କୁମାର ପରିଡାଙ୍କ ଠାରୁ ବୁଝିବା ପରେ ୭ ଦିନ ମଧ୍ୟରେ ପଦକ୍ଷେପ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ନିଜିଗଡ଼ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ରାଜା ଆଦିତ୍ୟ ପ୍ରସାଦ ମହାନ୍ତି ନିଜିଗଡ଼ ପଞ୍ଚାୟତରେ ଅନ୍ତ୍ୟୋଦୟ ଯୋଜନାରେ ବ୍ୟାପକ ହେରଫେର କରାଯାଇଛି। ଅନେକ ସ୍ଥାନରେ ତଦନ୍ତ କରିଥିବା ସରକାରୀ ଅଧିକାରୀମାନେ ଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦିଆଯାଇ ଅଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଇଛି। ଏନେଇ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦିଆଯାଇ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ ସହ ତଦନ୍ତ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ସେହିପରି ଜେମାଦେଇପୁର ପଞ୍ଚାୟତ ସ୍ଥିତ ୪ ନମ୍ବର ୱାର୍ଡର ବାସିନ୍ଦା ତାଙ୍କ ଗ୍ରାମର ରାସ୍ତା ବେଆଇନ ଖଣିଜ ସମ୍ପଦ ଚୋରି ପାଇଁ ବ୍ୟବହୃତ ଭାରିଯାନ ଚଳାଚଳ ଯୋଗୁ ଶୋଚନୀୟ ହୋଇଥିବା ଅଭିଯୋଗ କରିଛନ୍ତି। ରାସ୍ତା ପାଶ୍ୱର୍ରେ ଡ୍ରେନ ନ ଥିବାରୁ ବର୍ଷା ଦିନେ ବର୍ଷା ଜଳ ଓ ଅପରିଷ୍କାର ଜଳ ଘରେ ପ୍ରବେଶ କରି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଛି। ଶତାଧିକ ଭାରିଯାନ ଚଳାଚଳ ଯୋଗୁ ଘରେ ଧୂଳି ଧୂଆଁ ପ୍ରବେଶ କରିବା ସହ ଘରୁ ବାହାରିବା କଷ୍ଟକର ହୋଇପଡିଛି। ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଯିବା ଅସୁରକ୍ଷିତ ହୋଇପଡିଛି। ପାଞ୍ଚଗାଁ ଗ୍ରାମର ରାସ୍ତା ଅବସ୍ଥା ଶୋଚନୀୟ ଓ ରାସ୍ତା ପାଶ୍ୱର୍ରେ ଡ୍ରେନ ନ ଥିବାରୁ ଗ୍ରାମବାସୀ ବିଭିନ୍ନ ସମସ୍ୟା ଭୋଗ କରୁଥିବା ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ସମସ୍ତ ସମସ୍ତ ସମସ୍ୟା ଶୁଣିବା ସହ ଏହା ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଶିବିରରେ ଗ୍ରାମାଞ୍ଚଳ ଏସପି ପ୍ରତୀକ ସିଂହ, ଅତିରିକ୍ତ ଜିଲ୍ଲାପାଳ ଶିବ ଟପ୍ପୋ, ପିଡ଼ି ପ୍ରଶାନ୍ତ ନାୟକ, ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ଏସଡିପିଓ ବିଶ୍ୱଜିତ ମହାନ୍ତି, ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକଙ୍କ ସମେତ ବ୍ଲକ ଜିଲ୍ଲାସ୍ତରରେ ବିଭିନ୍ନ ବିଭାଗୀୟ ମୁଖ୍ୟ, ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧି, ବ୍ଲକ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ତଥା ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।



### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୬୬ ● ପାଉଣ୍ଡ ୧୧୮.୩୮
- ୟୁରୋ ୧୦୨.୯୪ ● ୟେନ୍ ୦.୫୯

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୩,୭୫୦ (ନୂଆଦିଲ୍ଲୀ)
- ରୁପା : ୧,୧୭,୨୨୦ (କେଜି)

### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୬୦୪.୦୦
- ନିଫ୍ଟି ୨୪,୫୮୫.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଭାଙ୍ଗିଗଲା ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଆଶା

**ନୂଆଦିଲ୍ଲୀ,୧୧।୮ (ଏଜେନ୍ସି):** ଭାରତ ଏବଂ ଆମେରିକା ମଧ୍ୟରେ ୫ ପର୍ଯ୍ୟାୟ ବାଣିଜ୍ୟ ଚୁକ୍ତି ଆଲୋଚନା ପରେ ମଧ୍ୟ ଏକ ବଡ଼ ଚୁକ୍ତିନାମା ହୋଇପାରିଲାନାହିଁ। ଭାରତୀୟ ଅଧିକାରୀମାନେ ଆଶା କରୁଥିଲେ ଯେ ଆମେରିକା ଟିକସକୁ ୧୫% ପର୍ଯ୍ୟନ୍ତ ସୀମିତ ରଖିବ ଏବଂ ରାଷ୍ଟ୍ରପତି ଟ୍ରମ୍ପ ଏହାକୁ ଶୀଘ୍ର ଅନୁମୋଦନ କରିବେ, କିନ୍ତୁ ସେମିତି କିଛି ହୋଇଛି। ହଠାତ୍, ଆମେରିକା ଭାରତରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ୨୫% ଟିକସ ଅର୍ଥାତ୍ ଶୁଳ୍କ ଲାଗୁ କଲା। କେବଳ ଏତିକି ନୁହେଁ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ରୁଷରୁ ଅଶୋଧିତ ତୈଳ କିଣୁଥିବା ଯୋଗୁ ଭାରତ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ସୂଚନା ଦେଇଥିଲେ। ସେହି ସମୟରେ, ଆମେରିକା ଜାପାନ, ୟୁରୋପୀୟ ସଂଘ ଏବଂ ପାକିସ୍ତାନ ସହିତ ପ୍ରମୁଖ ଚୁକ୍ତିନାମା କରିଛି। ସରକାରୀ ସୂତ୍ର ଅନୁଯାୟୀ, ରାଜନୈତିକ ଭୁଲ ବୁଝାମଣା ଏବଂ ଆଲୋଚନାରେ ଭୁଲ ଯୋଗୁଁ ଏହି ଚୁକ୍ତିନାମା ଭାଙ୍ଗିପଡ଼ିଲା। ଦୁଇ ଦେଶ ମଧ୍ୟରେ ୧୯୦ ବିଲିୟନ ଡଲାରର ବାଣିଜ୍ୟରେ ଦ୍ୱନ୍ଦ୍ୱର ପରିସ୍ଥିତି ସୃଷ୍ଟି ହୋଇଛି।




ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତିନାମା ସମ୍ପର୍କରେ କିଛି ମାସ ଧରି ଆଲୋଚନା ଚାଲିଥିଲା। ଭାରତ ଆଶା କରୁଥିଲା ଯେ ଚୁକ୍ତିନାମା ବର୍ତ୍ତମାନ ପ୍ରାୟ ଚୂଡ଼ାନ୍ତ ହୋଇସାରିଛି, କାରଣ ଏହା ଆମେରିକାର ଅନେକ ଦାବି ଗ୍ରହଣ କରିଛି। ପ୍ରକୃତରେ, ଭାରତ ଆମେରିକାରୁ ୪୦% ଶିଳ୍ପ ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ସମ୍ପୂର୍ଣ୍ଣ ଉଚ୍ଛେଦ କରିବାକୁ ପ୍ରସ୍ତାବ ଦେଇଥିଲା। ଏହାବ୍ୟତୀତ, ଏହା ଆମେରିକାରୁ ଆସୁଥିବା କାର ଏବଂ ମଦ ଉପରେ ଧୀରେ

**ରାଜନୈତିକ ଭୁଲ ବୁଝାମଣାରେ ସବୁ ଏପଟସେପଟ**

ଧୀରେ ଟିକସ ହ୍ରାସ କରିବାକୁ ମଧ ରାଜି ହୋଇଥିଲା, ଯଦିଓ କେବଳ ଏକ ନିର୍ଦ୍ଦିଷ୍ଟ ସୀମା (କୋଟା) ମଧ୍ୟରେ। ଏହା ସହିତ, ଭାରତ ମଧ୍ୟ ଆମେରିକାରୁ ଅଧିକ ଶକ୍ତି (ତେଲ-ଗ୍ୟାସ୍) ଏବଂ ପ୍ରତିରକ୍ଷା (ସୁରକ୍ଷା) ସାମଗ୍ରୀ କିଣିବାକୁ ରାଜି ହୋଇଥିଲା। ସରକାର ଆଶା କରିଥିଲେ ଯେ ଏହି ସମସ୍ତ ରିଆତି ଯଥେଷ୍ଟ ହେବ।

୫ମ ପର୍ଯ୍ୟାୟ ଆଲୋଚନା ପରେ, ଅଧିକାଂଶ ପ୍ରସଙ୍ଗରେ ସହମତି ହୋଇଥିଲା, ତେଣୁ ଭାରତ ଭାବିଥିଲା ଯେ ଏବେ ଆମେରିକା କିଛି ନମ୍ରତା ଦେଖାଇବ - ବିଶେଷକରି କୃଷି ଏବଂ ଦୁଗ୍ଧଜାତ ଦ୍ରବ୍ୟ ଉପରେ କୌଣସି ଟିକସ ନ ଦେବା ଦାବି ଉପରେ, କିନ୍ତୁ ଏହିଠାରେ ଭାରତ ହାତଛଡ଼ା ହୋଇଗଲା। ଟ୍ରମ୍ପ ଚୁକ୍ତିକୁ ଭିନ୍ନ ଦୃଷ୍ଟିକୋଣରୁ ଦେଖୁଥିଲେ: ଡୋନାଲ୍ଡ ଟ୍ରମ୍ପ ଏହି ଚୁକ୍ତିକୁ ଭିନ୍ନ ଦୃଷ୍ଟିକୋଣରୁ ଦେଖୁଥିଲେ। ସେ ଅନୁଭବ କଲେ ଯେ ତାଙ୍କୁ ଭାରତଠାରୁ ଅଧିକ ଲାଭ ମିଳିବା ଉଚିତ। ଏହି କାରଣରୁ, ସେ ହଠାତ୍ ଚୁକ୍ତିକୁ ବନ୍ଦ କରିଦେଲେ ଏବଂ ଭାରତ ଉପରେ ମୋଟ ୫୦% ଶୁଳ୍କ ଲଗାଇବା ପାଇଁ ଘୋଷଣା କଲେ। ଏ ବିଷୟରେ ଭାରତ ଏବଂ ଆମେରିକା ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ସରକାରୀ ବିବୃତ୍ତି ଦିଆଯାଇ ନାହିଁ, କିନ୍ତୁ ଆଲୋଚନାରେ ସାମିଲ ଅଧିକାରୀମାନେ କହିଛନ୍ତି ଯେ ରାଜନୈତିକ ଭୁଲ ବୁଝାମଣା ଏବଂ ପାରସ୍ପରିକ ଭୁଲ ଯୋଗାଯୋଗ ଯୋଗୁଁ ଚୁକ୍ତି ବିଫଳ ହୋଇଛି। ହ୍ୱାଇଟ୍ ହାଉସର ଜଣେ ଅଧିକାରୀ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଭାରତ ସହିତ ଆଲୋଚନା ବହୁତ ଅଗ୍ରଗତି ହୋଇଛି, କିନ୍ତୁ ଏପରି କୌଣସି ଚୁକ୍ତି ହୋଇପାରିଲା ନାହିଁ ଯାହା ଉପରେ ଆମେରିକା ସମ୍ପୂର୍ଣ୍ଣ ସନ୍ତୁଷ୍ଟ।

**ଟ୍ରମ୍ପ୍ ଶୁଳ୍କର ପ୍ରଭାବ**

## ଆମେରିକାକୁ ରପ୍ତାନିର ୫୫% ପ୍ରଭାବିତ ହେବ

**ନୂଆଦିଲ୍ଲୀ,୧୧।୮ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଶୁଳ୍କରେ ଫସିଛି ଭାରତ। ଟ୍ରମ୍ପ୍ ପ୍ରଶାସନ ଦ୍ୱାରା ବର୍ତ୍ତମାନ ଲାଗୁ କରାଯାଇଥିବା ୨୫ ପ୍ରତିଶତ ଶୁଳ୍କ ଦ୍ୱାରା ଆମେରିକାକୁ ଭାରତର ମୋଟ ରପ୍ତାନିର ପ୍ରାୟ ୫୫ ପ୍ରତିଶତ ପ୍ରଭାବିତ ହେବ। କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ସୋମବାର ସଂସଦରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଲୋକସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଶ୍ରୀ ଚୌଧୁରୀ କହିଛନ୍ତି ଯେ ସରକାର ଚାଷୀ, ଉଦ୍ୟୋଗୀ, ରପ୍ତାନିକାରୀ, ଏମଏସଏମଇଙ୍କ ସ୍ୱାର୍ଥର ସୁରକ୍ଷା ଏବଂ ବିକାଶକୁ ସର୍ବୋଚ୍ଚ ଗୁରୁତ୍ୱ ଦେଉଛନ୍ତି ଏବଂ ଆମର ଜାତୀୟ ସ୍ୱାର୍ଥକୁ ସୁରକ୍ଷିତ ରଖିବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେବେ। ସେ କହିଛନ୍ତି, ଉତ୍ପାଦ, ଚାହିଦା, ଗୁଣବତ୍ତା ଏବଂ ଚୁକ୍ତିଭିତ୍ତିକ ବ୍ୟବସ୍ଥାରେ ପରିବର୍ତ୍ତନ ଭଳି ବିଭିନ୍ନ କାରଣଗୁଡ଼ିକର ମିଶ୍ରଣ ଭାରତର ରପ୍ତାନି ଉପରେ ଶୁଳ୍କର ପ୍ରଭାବ ନିର୍ଣ୍ଣୟ କରିବ। ଅର୍ଥ ରାଷ୍ଟ୍ରମନ୍ତ୍ରୀ ଏହି ପ୍ରଶ୍ନର ଉତ୍ତର ଦେଉଥିଲେ ଯେ ସରକାର ଭାରତୀୟ ସାମଗ୍ରୀ ଉପରେ ଆମେରିକାର ପାରସ୍ପରିକ ଶୁଳ୍କ ବିପଦର ପ୍ରଭାବର କୌଣସି ମୂଲ୍ୟାଙ୍କନ କରିଛନ୍ତି କି। ଚୌଧୁରୀ କହିଛନ୍ତି, «ଏହା ଅନୁମାନ କରାଯାଉଛି ଯେ ଆମେରିକାକୁ ଭାରତର ମୋଟ ରପ୍ତାନି ମୂଲ୍ୟର ପ୍ରାୟ ୫୫ ପ୍ରତିଶତ ଏହି ପାରସ୍ପରିକ ଶୁଳ୍କ ଅଧୀନରେ ରହିବ। ସେ କହିଛନ୍ତି ଯେ ଭାରତରୁ ଆମେରିକାକୁ ରପ୍ତାନି ହେଉଥିବା କିଛି ସାମଗ୍ରୀ ଉପରେ ଅଗଷ୍ଟ ୭ ତାରିଖରୁ ୨୫ ପ୍ରତିଶତ ପାରସ୍ପରିକ ଶୁଳ୍କ ଲାଗୁ କରିବାର ପ୍ରସ୍ତାବ ରହିଛି। ଏହାଛଡା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଘୋଷଣା କରିଥିବା ୨୫ ପ୍ରତିଶତ ଅତିରିକ୍ତ ଶୁଳ୍କ ଅଗଷ୍ଟ ୨୭ ତାରିଖଠାରୁ କାର୍ଯ୍ୟକାରୀ ହେବ। ଏହା ସହିତ, ଆମେରିକାରେ ଭାରତୀୟ ସାମଗ୍ରୀ ଉପରେ ମୋଟ ଶୁଳ୍କ ଏବେ ୫୦ ପ୍ରତିଶତ ହୋଇଯାଇଛି।

## ମାର୍ଥାଣ୍ଡମ୍‌ରେ ଜୟଆଲୁକ୍କାସ୍‌ର ନୂଆ ଶୋ'ରୁମ୍




**ଭୁବନେଶ୍ୱର, ୧୧।୮ (ସମିସ):** ବିଶ୍ୱର ସବୁଠାରୁ ଲୋକପ୍ରିୟ ଅଳଙ୍କାର ବ୍ରାଣ୍ଡ ଜୟଆଲୁକ୍କାସ୍ ମାର୍ଥାଣ୍ଡମ୍‌ରେ ଏହାର ନୂତନ ଶୋ'ରୁମ୍ ଖୋଲିଛି। ଏହି ଶୋ'ରୁମ୍‌କୁ ମନ୍ତ୍ରୀ ଥିରୁ ଉଦ୍‌ଘାଟନ କରିଛନ୍ତି। ମାନୋ ଥାଙ୍ଗରାଜ (ଦୁଗ୍ ଏବଂ ଦୁଗ୍ଧ ବିକାଶ ତାମିଲନାଡୁ ସରକାର) ତାରାହାଇ କଥବର୍ଟ (ବିଧାୟକ,ଭିଲାଭାନକୋଡ଼), ଥିରୁ ପୋନ୍ ଅସାଇ ଥାମ୍ବି (ମ୍ୟୁନିସିପାଲିଟି ଅଧ୍ୟକ୍ଷ, କୁଜିଥୁରାଇ), ସେଲଭା କୁମାରୀ (ୱାର୍ଡ କାଉନସିଲର, କୁଜିଥୁରାଇ ପୌରପାଳିକା), ସୁନ୍ଦର ରାଜ (ମର୍ଚ୍ଚାଣ୍ଟ ଆସୋସିଏସନ୍ ସଭାପତି), ମାଲବିକା ଶର୍ମା (ସେଲିବ୍ରିଟି ଅତିଥି), ଥମାସ ମାଥ୍ୟୁ (କାର୍ଯ୍ୟକାରୀ ନିର୍ଦ୍ଦେଶକ ଜୋୟାଲୁକାସ୍), ହେନରୀ ଜର୍ଜ (ସିଓଓ, ଜୟଆଲୁକ୍କାସ୍), ରାଜେଶ କୃଷ୍ଣନ (ଡିଜିଏମ୍, ରିଟେଲ୍, ଜୟଆଲୁକ୍କାସ), ଅନିଶ ଭାର୍ଗସ୍ (ଡିଜିଏମ୍, ମାର୍କେଟିଂ) ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ମଧ ଉପସ୍ଥିତ ଥିଲେ।

## ସର୍ବନିମ୍ନ ବାଲାନ୍ସ: ଘରୋଇ ବ୍ୟାଙ୍କର ମନମାନି

**ନୂଆଦିଲ୍ଲୀ,୧୧।୮ (ଏଜେନ୍ସି):** ବ୍ୟାଙ୍କ ଖାତାରେ ସର୍ବନିମ୍ନ ବାଲାନ୍ସ ବଜାୟ ରଖିବାର ଅଭ୍ୟାସ ନୂଆ କଥା ନୁହେଁ, କିନ୍ତୁ ଏହି ସମୟରେ ଆଇସିଆଇସିଆଇ ବ୍ୟାଙ୍କ ଏହାର ସର୍ବନିମ୍ନ ବାଲାନ୍ସ ସୀମାରେ ଏତେ ବୃଦ୍ଧି କରିଛି ଯେ ସାଧାରଣ ଲୋକଙ୍କ ପାଇଁ ଏହାକୁ ବଜାୟ ରଖିବା ବହୁତ କଷ୍ଟକର ହୋଇପଡୁଛି। ଯାହା ପ୍ରମାଣ କରୁଛି ଯେ, ରାଷ୍ଟ୍ରାୟତ୍ତ ବା ସରକାରୀ ବ୍ୟାଙ୍କ ତୁଳନାରେ ସର୍ବନିମ୍ନ ବାଲାନ୍ସ ନିୟମ କ୍ଷେତ୍ରରେ ଘରୋଇ ବ୍ୟାଙ୍କଗୁଡିକର ମନମାନୀ କେଉଁ ସ୍ତରରେ ପହଞ୍ଚିଛି। ଏଭଳି ସମୟରେ ଏହି ପ୍ରସଙ୍ଗରେ ଏବେ ହାତ ଟେକି ଦେଇଛି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)।

ଦେଶର ବଡ଼ ଘରୋଇ ବ୍ୟାଙ୍କ ଆଇସିଆଇସିଆଇ ବ୍ୟାଙ୍କ ବର୍ତ୍ତମାନ ସଞ୍ଚୟ ଖାତାରେ ସର୍ବନିମ୍ନ ବାଲାନ୍ସ ବଜାୟ ରଖିବା ଖବରକୁ ନେଇ ବେଶ ଚର୍ଚ୍ଚାରେ ରହିଛି। ଆଇସିଆଇସିଆଇ ବ୍ୟାଙ୍କ ଖାତାରେ ସର୍ବନିମ୍ନ ବାଲାନ୍ସ ସୀମା ୫୦,୦୦୦ ଟଙ୍କାକୁ ବୃଦ୍ଧି କରିଛି. ଯାହା ପୂର୍ବରୁ ୧୦,୦୦୦ ଟଙ୍କା ରହିଥିଲା। ଆଇସିଆଇସିଆଇ ବ୍ୟାଙ୍କ କହିଛି ଯେ ଏହି ନିଷ୍ପତ୍ତି ଅଗଷ୍ଟ ପହିଲାରୁ କାର୍ଯ୍ୟକାରୀ ହୋଇଛି ଏବଂ ଏହା କେବଳ ନୂତନ ଆକାଉଣ୍ଟ ପାଇଁ ପ୍ରଯୁଜ୍ୟ ହେବ। ଏହି ନିଷ୍ପତ୍ତି ଏହା ଦର୍ଶାଉଛି ଯେ ବ୍ୟାଙ୍କଗୁଡ଼ିକ ଏବେ ସାଧାରଣ ଲୋକଙ୍କଠାରୁ




- **ହାତ ଟେକିଦେଲା ରିଜର୍ଭ ବ୍ୟାଙ୍କ**
- **୨୦୨୦ରେ ଏସ୍‌ବିଆଇ ହଟାଇଛି ସର୍ବନିମ୍ନ ବାଲାନ୍ସ ନିୟମ**

ଦୂରେଇ ଯାଉଛନ୍ତି। ଅଧିକାଂଶ ସାଧାରଣ ଲୋକ ସବୁବେଳେ ଆକାଉଣ୍ଟରେ ଏତେ ବଡ଼ ପରିମାଣର ଟଙ୍କା ବଜାୟ ରଖିପାରିବେ ହିଁ। ଏହି ସମୟରେ, ବ୍ୟାଙ୍କର ଏହି ନିଷ୍ପତ୍ତି ଉପରେ ଆର୍‌ବିଆଇ ମଧ୍ୟ ହାର ମାନିଛି। ଆର୍‌ବିଆଇ କହିଛି ଯେ ଏହା ଆମର ଦାୟିତ୍ୱ ନୁହେଁ। ଯେତେବେଳେ ଏହି ନିଷ୍ପତ୍ତି ଉପରେ ସାଧାରଣ ଲୋକଙ୍କ କ୍ରୋଧ ବଢ଼ିଲା, ସେତେବେଳେ ଭାରତୀୟ ରିଜର୍ଭ ବ୍ୟାଙ୍କଠାରୁ ଆଶା କରାଯାଇଥିଲା ଯେ ଏହା କିଛି ସକାରାତ୍ମକ ପ୍ରତିକ୍ରିୟା ଦେବ। କିନ୍ତୁ ଆର୍‌ବିଆଇ ଗଭର୍ଣ୍ଣର ସ୍ପଷ୍ଟ କରିଛନ୍ତି ଯେ, ବ୍ୟାଙ୍କ କେତେ ସର୍ବନିମ୍ନ ବାଲାନ୍ସ ବଜାୟ ରଖିବାକୁ ଚାହୁଁଛି ତାହା ତା'ର ବ୍ୟକ୍ତିଗତ ନିଷ୍ପତ୍ତି। ଆର୍‌ବିଆଇ ଏଥିରେ ହସ୍ତକ୍ଷେପ କରିବନାହିଁ। ଆର୍‌ବିଆଇ କହିଛି ଯେ କେବଳ ଜନଧନ ଯୋଜନା ଖାତା ପାଇଁ ସର୍ବନିମ୍ନ ବାଲାନ୍ସ ଆବଶ୍ୟକ ନାହିଁ। କିନ୍ତୁ ଅନ୍ୟ ସଞ୍ଚୟ ଖାତାଗୁଡିକରେ, ବ୍ୟାଙ୍କଗୁଡ଼ିକ ନିଜର ସର୍ତ୍ତାବଳୀ ସ୍ଥିର କରିପାରିବେ।

## ସିଧାସଳଖ ଆକାଉଣ୍ଟରେ ଜମାହେଲା ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି

**ନୂଆଦିଲ୍ଲୀ,୧୧।୮ (ଏଜେନ୍ସି):** କୃଷକ କଲ୍ୟାଣ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଇ କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂ ଚୌହାନ ଆଜି ରାଜସ୍ଥାନର ଝୁନଝୁନୁରୁ ସିଧାସଳଖ କୃଷକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ଫସଲ ବୀମା ଦେୟ ରାଶିକୁ ଡିଜିଟାଲ୍ ମାଧ୍ୟମରେ ସ୍ଥାନାନ୍ତର କରିଛନ୍ତି। ପାଖାପାଖି ୩୫ ଲକ୍ଷ କୃଷକଙ୍କ ଆକାଉଣ୍ଟକୁ ପ୍ରାୟ ୩୯୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହି ଅବସରରେ କୃଷି ଓ କୃଷକ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଭଗିରଥ ଚୌଧୁରୀ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଏବଂ ରାଜସ୍ଥାନ କୃଷି ମନ୍ତ୍ରୀ ଡକ୍ଟର କିରୋଡି ଲାଲ ମୀନାଙ୍କ ସମେତ ବହୁ ସଂଖ୍ୟକ କୃଷକ ଉପସ୍ଥିତ ଥିଲେ।

**୩୫ ଲକ୍ଷ କୃଷକଙ୍କୁ ୩୯୦୦ କୋଟିର ବୀମା ଦାବି ପ୍ରଦାନ**



ବିଭିନ୍ନ ରାଜ୍ୟରୁ ଲକ୍ଷ ଲକ୍ଷ କୃଷକ ଏବଂ ହିତାଧିକାରୀ ମଧ୍ୟ ଭର୍ଚୁଆଲ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସମାବେଶକୁ ସମ୍ବୋଧିତ କରି ଶ୍ରୀ ଚୌହାନ କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଆମେ ଏକ ଉଲ୍ଲେଖନୀୟ ଭାରତ ଗଠନର ସାକ୍ଷୀ ହେଉଛୁ। ସେ ଉଲ୍ଲେଖ କରିଥିଲେ ଯେ ରାଜସ୍ଥାନ ଖୁବ୍ ଶୀଘ୍ର ଯମୁନା, ଚମ୍ବଲ ଏବଂ ସିନ୍ଧୁ ନଦୀରୁ ଜଳ ଗ୍ରହଣ କରିବ। କୃଷକମାନଙ୍କ ଜୀବନରେ ଉନ୍ନତି ଆଣିବା ପାଇଁ ସରକାର ଏକାଧିକ ଯୋଜନା ମାଧ୍ୟମରେ କାର୍ଯ୍ୟ କରୁଛନ୍ତି। ପିଏମ-କିଷାନ ସମ୍ମାନ ନିଧି ଯୋଜନା ଅଧୀନରେ ୩.୭୫ ଲକ୍ଷ କୋଟି ଟଙ୍କା ସିଧାସଳଖ କୃଷକମାନଙ୍କ ଆକାଉଣ୍ଟକୁ ହସ୍ତାନ୍ତର କରାଯାଇଛି।

**ଫେସ୍ ଅଥେଣ୍ଟିକେସନ୍ ଟେକ୍ନୋଲୋଜି**

## ଉମଙ୍ଗ ଆପ୍‌ରେ ୟୁଏଏନ୍ ଜେନେରେସନ୍ ସମୟସୀମା ବଢ଼ିଲା

**ଭୁବନେଶ୍ୱର,୧୧।୮ (ସମିସ):** ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା (ପିଏମ୍-ଭିବିଆର୍‌ୱାଇ) ଅଧୀନରେ, ପ୍ରଥମ ଥର କାମକରୁଥିବା ପାଇଁ କର୍ମଚାରୀମାନେ ଗୋଟିଏ ମାସର ଦରମା (୧୫,୦୦୦ ଟଙ୍କା ପର୍ଯ୍ୟନ୍ତ) ପାଇବେ। ନିଯୁକ୍ତିଦାତାମାନଙ୍କୁ ଦୁଇ ବର୍ଷ ଲାଗି ଅତିରିକ୍ତ ନିଯୁକ୍ତି ସୃଷ୍ଟି କରିବା ପାଇଁ ପ୍ରୋତ୍ସାହନ ଦିଆଯିବ। ଉତ୍ପାଦନ କ୍ଷେତ୍ର ପାଇଁ ଲାଭକୁ ଦୁଇ ବର୍ଷ ପାଇଁ ବୃଦ୍ଧି କରାଯିବ। ଯେତେବେଳେ କି ନିଯୁକ୍ତିଦାତାମାନେ ସେମାନଙ୍କର ପାନ୍ ସଂଯୁକ୍ତ ଆକାଉଣ୍ଟ ମାଧ୍ୟମରେ ପ୍ରତ୍ୟେକ ଅତିରିକ୍ତ ନିଯୁକ୍ତି ପାଇଁ ମାସିକ ୩୦୦୦ ଟଙ୍କା ପର୍ଯ୍ୟନ୍ତ ପାଇବେ। ଉତ୍ପାଦନ କ୍ଷେତ୍ର ପାଇଁ, ଏହି ପ୍ରୋତ୍ସାହନକୁ ଅତିରିକ୍ତ ଦୁଇ ବର୍ଷ ପାଇଁ ବୃଦ୍ଧି କରାଯିବ। ଫେସ୍ ଅଥେଣ୍ଟିକେସନ୍ ଟେକ୍ନୋଲୋଜି (ଏଫ୍‌ଏଟି) ବ୍ୟବହାର କରି ଉମଙ୍ଗ ମୋବାଇଲ୍ ଆପ୍ ମାଧ୍ୟମରେ ୟୁନିଭର୍ସାଲ୍ ଆକାଉଣ୍ଟ ନମ୍ବର (ୟୁଏଏନ୍) ଜେନେରେସନ୍ ପାଇଁ ଅଗଷ୍ଟ ମାସରୁ ବାଧ୍ୟତାମୂଳକ କରାଯାଇଛି। ତେବେ ଇପିଏଫ୍‌ଓ ବର୍ତ୍ତମାନ ଏହି ସମୟସୀମାକୁ ଅଗଷ୍ଟ ୧୫ ପର୍ଯ୍ୟନ୍ତ ବଢ଼ାଇଦେଇଛି। ଭୁବନେଶ୍ୱରଠାରେ ଅନୁଷ୍ଠିତ ପିଏମ୍-ଭିବିଆର୍‌ୱାଇ ସମ୍ପର୍କିତ ଏକ ଆଲୋଚନା ଅଧିବେଶନରେ ଏ ସମ୍ପର୍କରେ କୁହାଯାଇଛି। ଏଥିରେ ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପିଏଫ୍ କମିଶନର-୨ ମୌସୁମୀ ଲତା ପାଢ଼ୀ ମୁଖ୍ୟ ଅତିଥି ରହିଥିବାବେଳେ ପ୍ରବର୍ତ୍ତନ ଅଧିକାରୀ ଆଲେକ୍ ଚୌଧୁରୀ ସାହୁ ଏହି ଯୋଜନାର ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ।

**ରାଜ୍ୟ ଖବର**

**ଆଇନମନ୍ତ୍ରୀଙ୍କ ବୟାନକୁ ଦାୟିତ୍ୱହୀନ କହିଲା ବିଜେଡି**

## ଡବଲ ଇଞ୍ଜିନ ସରକାରରେ ରାଜ୍ୟବାସୀ ଅସହାୟ

**ଭୁବନେଶ୍ୱର,୧୧।୮ (ସମିସ):** ବରଗଡ଼ ନାବାଳିକା ମୃତ୍ୟୁ ଘଟଣାରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ମନ୍ତବ୍ୟକୁ ଦାୟିତ୍ୱହୀନ ବୋଲି କହିଛି କରିଛି ବିଜେଡି। ଆତ୍ମାହୁତି କୌଣସି ସମସ୍ୟାର ସମାଧାନ ନୁହେଁ ବୋଲି ପାଠ ପଢ଼ାଉଥିବା ଆଇନ ମନ୍ତ୍ରୀ ମନେ ରଖିବା ଉଚିତ ଯେ ବିଜେପି ସରକାର ଉପରେ ରାଜ୍ୟବାସୀ ଭରସା ଓ ବିଶ୍ୱାସ ହରାଇଛନ୍ତି। ଡବଲ ଇଞ୍ଜିନ ସରକାରରେ ରାଜ୍ୟବାସୀ ଅସହାୟ ହୋଇପଡ଼ିଛନ୍ତି ବୋଲି ଦଳ ପକ୍ଷରୁ ଅଭିଯୋଗ ହୋଇଛି।

ଆଜି ଏକ ପ୍ରେସ୍ ବିବୃତ୍ତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ୍ ମହାନ୍ତି କହିଛନ୍ତି ଯେ ବାଲେଶ୍ୱର, ବଳଙ୍ଗା ଓ ପଟ୍ଟାମୁଣ୍ଡାଇ ଛାତ୍ରୀ ମୃତ୍ୟୁ ଘଟଣା ଲୋକଙ୍କ ମନରୁ ନ ଲିଭୁଣୁ ଆଜି ପୁଣି ବରଗଡ ଜିଲ୍ଲାରେ ଜଣେ ଛାତ୍ରୀଙ୍କ ଦୁଃଖଦ ମୃତ୍ୟୁ ସରକାରଙ୍କ ବ୍ୟବସ୍ଥାଗତ ବିଫଳତାକୁ ସୂଚାଉଛି। ପୀଡ଼ିତାମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ସମସ୍ତ ଦ୍ୱାର ଖୋଲା ଥିବା କହୁଥିବା ଆଇନମନ୍ତ୍ରୀ ବୁଝିବା ଉଚିତ, ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଶାସକ ବିଜେପି ଦଳର ଛାତ୍ର ସଂଗଠନ ଏବିଭିପିର ଜଣେ ଛାତ୍ରୀ ନ୍ୟାୟ ପାଇବା ପାଇଁ ସରକାରଙ୍କୁ ସବୁ ସ୍ତରରେ ନିବେଦନ କରି ଯଦି ନ୍ୟାୟ ପାଇପାରିଥାନ୍ତେ, ତାହା ହେଲେ ଏକ ମୂଲ୍ୟବାନ ଜୀବନ ରକ୍ଷା ହୋଇପାରିଥାନ୍ତା। ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ସରକାରଙ୍କ ଏହି ବିଫଳତାକୁ ସ୍ୱୀକାର କରନ୍ତୁ। ବିରୋଧୀ ଦଳ ସରକାରଙ୍କୁ ଟାର୍ଗେଟ କରୁଛନ୍ତି ବୋଲି ଆଇନମନ୍ତ୍ରୀ କରୁଥିବା ଅଭିଯୋଗ ହାସ୍ୟାସ୍ପଦ ବୋଲି ଡ. ମହାନ୍ତି କହିବା ସହ ସୁଶାସନର ନାରା ଦେଇ ଶାସନକୁ ଆସିଥିବା ବିଜେପି ସରକାରର ଅପାରଗତା ଲାଗି ୧୩ ମାସରେ ରାଜ୍ୟବାସୀ ଅସହାୟ ମଣୁଛନ୍ତି। ଆଗାମୀ ଦିନରେ ଠିକଣା ସମୟରେ ରାଜ୍ୟବାସୀ ଏହାର ଉଚିତ ଜବାବ ଦେବେ ବୋଲି ସେ ମତବ୍ୟକ୍ତ କରିଛନ୍ତି।

**■ ୨୭ବର୍ଷ ପରେ କେନ୍ଦ୍ରାପଡା ଡବଲ ମର୍ଡର ମାମଲାର ରାୟ ପ୍ରକାଶ**

## ୬ ଅଭିଯୁକ୍ତଙ୍କ ଆଜୀବନ ଜେଲ୍ ଦଣ୍ଡ ହାଇକୋର୍ଟରେ କାଏମ୍

**କଟକ,୧୧।୮ (ସମିସ):** କେନ୍ଦ୍ରାପଡା ଥାନା ଇନ୍ଦୁପୁର ଅଞ୍ଚଳରେ ଗତ ୨୯ବର୍ଷ ପୂର୍ବରୁ ହୋଇଥିବା ଏକ ଡବଲ ମର୍ଡର ଘଟଣାରେ ୬ଜଣ ଅଭିଯୁକ୍ତଙ୍କୁ ନିମ୍ନ ଅଦାଲତ ପ୍ରଦାନ କରିଥିବା ଆଜୀବନ ଜେଲ ଦଣ୍ଡାଦେଶକୁ ହାଇକୋର୍ଟ କାଏମ ରଖିଛନ୍ତି। ନିମ୍ନ ଅଦାଲତଙ୍କ ରାୟକୁ ଚାଲେଞ୍ଜ କରି ଅଭିଯୁକ୍ତମାନଙ୍କ ତରଫରୁ ଦାୟର ଆବେଦନକୁ ଖାରଜ କରି ଦୀର୍ଘ ୨୭ବର୍ଷ ପରେ ମାମଲାର ରାୟ ପ୍ରକାଶ କରିଛନ୍ତି ହାଇକୋର୍ଟ। ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଚିତ୍ତ ରଂଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ଘଟଣାରେ ୨୦୧୦ମସିହାରୁ ଜାମିନରେ ଥିବା ଅଭିଯୁକ୍ତ ଚଣ୍ଡିଆ ସେଠୀ, କରୁଣାକର ସେଠୀ,ବୁଲୁ ସେଠୀ,ପ୍ରେମାନନ୍ଦ ସେଠୀ, ସୁରଥ ସେଠୀ ଓ ବସନ୍ତ ସେଠୀଙ୍କୁ ବାକି ଜେଲ ଦଣ୍ଡ ଭୋଗ କରିବା ପାଇଁ ନିମ୍ନ ଅଦାଲତରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଖଣ୍ଡପୀଠ।

**■ ଘରୁ ୨.୬୭ କୋଟି ଟଙ୍କା ଜବତ ମାମଲା**

## ଧଳସାମନ୍ତ ଭ୍ରାତାଙ୍କୁ ହାଇକୋର୍ଟରୁ ଜାମିନ

**କଟକ,୧୧।୮ (ସମିସ):** ଗତ ୨୦୧୬ ମସିହାରେ ସୁଶାନ୍ତ ଓ ସୁଶୀଲ ଧଳସାମନ୍ତଙ୍କ ମର୍କତନଗରସ୍ଥିତ ଘରୁ ୨କୋଟି ୬୭ଲକ୍ଷ ଟଙ୍କା ଜବତ ଘଟଣାରେ ହାଇକୋର୍ଟ ଉଭୟ ଭ୍ରାତାଙ୍କ ଜାମିନ ମଞ୍ଜୁର କରିଛନ୍ତି। ୫୦ ହଜାର ଟଙ୍କାର ଦୁଇ ଜଣ ଲେଖାଁଏ ଜାମିନଦାରଙ୍କ ବଦଳରେ ସୁଶାନ୍ତ ଓ ସୁଶୀଲଙ୍କୁ ଜାମିନରେ ଛାଡ଼ିବାକୁ ନିମ୍ନ ଅଦାଲତଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଗୌରୀଶଙ୍କର ଶତପଥୀ ଧଳସାମନ୍ତ ଭ୍ରାତାଙ୍କ ନିୟମିତ ଜାମିନ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ତେବେ ଆଉ କେତେକ ମାମଲା ସେମାନଙ୍କ ନାମରେ ବିଚାରାଧୀନ ଥିବାରୁ ସୁଶାନ୍ତ ଓ ସୁଶୀଲ ଏବେ ଜେଲରୁ ମୁକୁଳିବେ ନାହିଁ ବୋଲି ଜଣାପଡ଼ିଛି। ୨୦୧୬, ଏପ୍ରିଲ ୮ରୁ ସୁଶାନ୍ତ ଓ ସୁଶୀଲ ଜେଲରେ ଅଛନ୍ତି। ମାମଲାରେ ୯ବର୍ଷ ୪ମାସ ଉଭୟ ଜେଲରେ ରହିସାରିଥିବା ବେଳେ ନିମ୍ନ ଅଦାଲତରେ ଶୁଣାଣି ଏ ପର୍ଯ୍ୟନ୍ତ ସଂପୂର୍ଣ୍ଣ ହୋଇ ନାହିଁ। ପ୍ରକାଶଥାଉକି, ସୁଶାନ୍ତ ୪ଟି ମାମଲାରେ ଓ ସୁଶୀଲ ଦୁଇଟି ମାମଲାରେ ନିମ୍ନ ଅଦାଲତରେ ଦୋଷୀ ସାବ୍ୟସ୍ତ ହୋଇଥିଲେ ମଧ୍ୟ ଏହି ସବୁ ମାମଲାରେ ଜେଲ ଦଣ୍ଡ ୭ବର୍ଷରୁ ଅଧିକ ହୋଇନାହିଁ। ଦୀର୍ଘ ୯ ବର୍ଷ ଧରି ମାମଲାର ନିମ୍ନ ଅଦାଲତରେ ଶୁଣାଣି ଶେଷ ହୋଇପାରି ନଥିବାରୁ ହାଇକୋର୍ଟ ଉଭୟଙ୍କୁ ସର୍ତ୍ତମୂଳକ ଜାମିନରେ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ ସୁଶାନ୍ତ ଓ ସୁଶୀଲଙ୍କ ସିଡିଏସ୍ଥିତ ଘରେ ପୁଲିସ ୨୦୧୬, ଜାନୁଆରି ୩୦ରେ ଚଢ଼ଉ କରି ୨କୋଟି ୬୭ ଲକ୍ଷ ୭୪୦ ଟଙ୍କା ଜବତ କରିଥିଲା। ଏନେଇ ଚାଉଳିଆଗଞ୍ଜ ଥାନାରେ ମାମଲା ରୁଜୁ ହୋଇଥିଲା। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଚନ୍ଦନ ସାମନ୍ତରାୟ ମାମଲା ପରିଚାଳନା କରୁଥିଲେ।

**ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନର ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନସନ୍ ପ୍ରଦାନ ମାମଲା**

## ଜବାବ ଦାଖଲ ପାଇଁ ସମୟ ନେଲେ ସରକାର

**କଟକ,୧୧।୮ (ସମିସ):** ଅନୁଦାନପ୍ରାପ୍ତ ସ୍କୁଲ ଓ କଲେଜର ଅବସରପ୍ରାପ୍ତ କର୍ମଚାରୀ ମାନଙ୍କୁ ପେନସନ୍ ପ୍ରଦାନ ସପକ୍ଷରେ ଜଣିକିଆ ବିଚାରପତିଙ୍କ ଗତ ୨୦୨୪, ଜାନୁଆରି ୧୨ରାୟକୁ ବିରୋଧ କରି ରାଜ୍ୟ ସରକାର ଦାୟର କରିଥିବା ରିଟ ଆବେଦନର ଶୁଣାଣି କରୁଛନ୍ତି ହାଇକୋର୍ଟ । ମାମଲାରେ ଜବାବ ଦାଖଲ ପାଇଁ ସରକାର ସମୟ ନେଇଥିବା ବେଳେ ଜଷ୍ଟିସ ମାନସ ରଂଜନ ପାଠକ ଓ ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ସେପ୍ଟେମ୍ବର ୧୫କୁ ଧାର୍ଯ୍ୟ କରିଛନ୍ତି।

**■ ସିଟି ହସ୍ପିଟାଲରେ ଅଭାବନୀୟ ଘଟଣା**

## ନର୍ସ ହାତରୁ ଗଳିପଡ଼ିଲା ନବଜାତକ

**କଟକ,୧୧।୮ (ସମିସ):** କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତଥା ସିଟି ହସ୍ପିଟାଲରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ନର୍ସ ହାତରୁ ଏକ ନବଜାତକ ଗଳି ପଡ଼ିବା ଗୁରୁତର ହୋଇଛି। ପ୍ରସବ ଗୃହରେ ଏହି ଘଟଣା ଘଟିଥିବା ବେଳେ ଏହାକୁ ନେଇ ସିଟି ହସ୍ପିଟାଲରେ ଉତ୍ତେଜନା ଦେଖା ଦେଇଥିଲା। ମିଳିଥିବା ସୂଚନା ମୁତାବକ, କାଜିପାଟଣା ଅଞ୍ଚଳର ଫରିଦା ବେଗମ ଗର୍ଭଧାରଣ କରିବା ପରେ ସିଟି ହସ୍ପିଟାଲର ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗରେ ଆଜକୁ ୯ ମାସ ହେବ ଚିକିତ୍ସା କରାଇ ଆସୁଥିଲେ। ଆଜି ହସ୍ପିଟାଲରେ ଫରିଦାଙ୍କର ଅସ୍ତ୍ରୋପଚାର ବା ସି-ସେକ୍ସନ ଭାବେ ପ୍ରସବ କରାଯାଇଥିଲା। ଫରିଦା ଏକ ଶିଶୁ ପୁତ୍ରକୁ ଜନ୍ମ ଦେଇଥିଲେ। ପ୍ରସବ ସମୟରେ ନବଜାତ ଶିଶୁକୁ ବେଡ୍‌କୁ ଅଣାଯିବା ସମୟରେ ନର୍ସ ହାତରୁ ଶିଶୁଟି ଖସି ପଡ଼ିଥିଲା। ଯଦ୍ୱାରା ଶିଶୁ ପୁତ୍ରଟିର ମୁଣ୍ଡରେ ଆଘାତ ଲାଗିଥିଲା। ଏ ବାବଦରେ ପରିବାରଲୋକ ସେଠାରେ ଥିବା କର୍ମଚାରୀଙ୍କୁ ପଚରାଉଚରା କରିଥିଲେ। ହେଲେ କୌଣସି ବିପଦ ନାହିଁ ବୋଲି କହି ଉପସ୍ଥିତ କର୍ମଚାରୀ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରିଥିଲେ। ଏ ନେଇ ଫରିଦାଙ୍କ ଜଣେ ସମ୍ପର୍କୀୟ କହିଛନ୍ତି ଯେ ପ୍ରସବ ସମୟରେ ଏଠାରେ ଥିବା କର୍ମଚାରୀ ଠିକ୍ ଭାବେ କାର୍ଯ୍ୟ କରୁନାହାନ୍ତି। ରୋଗୀଙ୍କ ପ୍ରତି ଅହେତୁକ ଅବହେଳା କରାଯାଉଛି। ଗଳି ପଡ଼ିଥିବା ଶିଶୁପୁତ୍ରର ମୁଣ୍ଡରେ ଆଘାତ ଲାଗିଛି। ଯଦି କୌଣସି ସମସ୍ୟା ହୁଏ, ତାହେଲେ କିଏ ଦାୟୀ ରହିବ ବୋଲି ସେ ପ୍ରଶ୍ନ କରିଛନ୍ତି। ଘଟଣା ବାବଦରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଶାନ୍ତ ହୋତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ଓଏଏସ ସ୍ତରରେ ଅଦଳବଦଳ


**ଭୁବନେଶ୍ୱର,୧୧।୮ (ସମିସ):** ରାଜ୍ୟ ସରକାର ବରିଷ୍ଠ ଓଏଏସ ଅଫିସର ସ୍ତରରେ ଏକ ଛୋଟଧରଣର ଅଦଳବଦଳ କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସୋମବାର ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ସୁରେନ୍ଦ୍ର କୁମାର ପଣ୍ଡାଙ୍କୁ ଇଡ୍‌କୋ ମୁଖ୍ୟ ମହାପ୍ରବନ୍ଧକ (ପିଆଣ୍ଡଏ) ଭାବେ ନିଯୁକ୍ତ କରାଯାଇଛି। ସେହିଭଳି ଏସ୍‌ଟି/ଏସ୍‌ସି ବିକାଶ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ ବିଭାଗ ସ୍ୱତନ୍ତ୍ର ସଚିବ ଓଏଏସ ସୁଜାତା ମେସ୍ରାଙ୍କୁ ବଦଳି କରାଯାଇ ଉଚ୍ଚଶିକ୍ଷା ବିଭାଗରେ ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତ କରାଯାଇଛି। ଶ୍ରମ ଓ ଇଏସ୍‌ଆଇ ବିଭାଗରେ ଅତିରିକ୍ତ ସଚିବ ଭାବେ କାର୍ଯ୍ୟ କରୁଥିବା ଓଏଏସ ନୀତି ରଞ୍ଜନ ସେନ୍‌ଙ୍କୁ ବଦଳି କରାଯାଇ ଓଡ଼ିଶା ରାଜ୍ୟ ବିହନ ନିଗମ ଲିମିଟେଡର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଭାବେ ନିଯୁକ୍ତ କରାଯାଇଛି। ଓଏଏସ ଶିବଶଙ୍କର ମିଶ୍ରଙ୍କୁ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ସଂଯୁକ୍ତ ଜନଜାତି ବିକାଶ ସଂସ୍ଥା (ଆଇଟିଡିଏ) ରେ ପ୍ରୋଜେକ୍ଟ ଆଡ୍‌ମିନିଷ୍ଟ୍ରେଟର (ପିଏ) ଭାବେ ନିଯୁକ୍ତ କରାଯାଇଛି। ସେହିପରି ଗୌରବମୟ ପ୍ରଧାନଙ୍କୁ ଅନୁଗୁଳ ଜିଲ୍ଲା ପରିଷଦରେ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ (ଇଓ) ଭାବେ ଏବଂ ଓଏଏସ ପୁନମ ରାଉତଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ଉପସଚିବ ଭାବେ ନିଯୁକ୍ତ କରାଯାଇଛି।

## ସପ୍ତଗିରି ଉଲ୍ଲାକା ନାଗାଲାଣ୍ଡ ପିସିସି ରାଜନୈତିକ ବ୍ୟାପାର କମିଟି ଅଧ୍ୟକ୍ଷ ନିଯୁକ୍ତ

**ଭୁବନେଶ୍ୱର,୧୧।୮ (ସମିସ):** କୋରାପୁଟ କଂଗ୍ରେସ ସାଂସଦ ସପ୍ତଗିରି ଉଲ୍ଲାକାଙ୍କୁ ଏଆଇସିସିର ସାଂଗଠନିକ ସ୍ତରରେ ଏକ ଗୁରୁ ଦାୟିତ୍ୱ ମିଳିଛି। ତାଙ୍କୁ ନାଗାଲାଣ୍ଡ ପ୍ରଦେଶ କଂଗ୍ରେସର ରାଜନୈତିକ ବ୍ୟାପାର କମିଟି ମୁଖ୍ୟ ଭାବେ ନିଯୁକ୍ତି ମିଳିଛି। ଏଆଇସିସି ପକ୍ଷରୁ ଘୋଷିତ ଏକ ୧୮ ଜଣିଆ ରାଜନୈତିକ ବ୍ୟାପାର କମିଟିରେ ତାଙ୍କୁ ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ଶ୍ରୀ ଉଲ୍ଲାକା ତ୍ରିପୁରା, ମଣିପୁର, ନାଗାଲାଣ୍ଡ ଓ ସିକ୍କିମ୍‌ର ଏଆଇସିସି ପ୍ରଭାରୀ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଏହାପୂର୍ବରୁ ସେ ଛତିଶଗଡ଼ର ସହ-ପ୍ରଭାରୀ ଭାବେ ମଧ କାର୍ଯ୍ୟ କରିସାରିଛନ୍ତି।

## ଶୁଷ୍କ ଜମିରେ ଚାଷ ପାଇଁ ସ୍ୱତନ୍ତ୍ର ବର୍ଷା ବ୍ୟବସ୍ଥା

**ଚାଷକାର୍ଯ୍ୟ ପାଇଁ ଜଳ ଏକାନ୍ତ ଅପରିହାର୍ଯ୍ୟ । ଅନ୍ୟ ଋତୁ ଅନୁସାରେ ବର୍ଷାଦିନେ ଚାଷୀଭାଇଙ୍କୁ ଫସଲରେ ଜଳ ସେଚନ ପାଇଁ ଚିନ୍ତା ନ ଥାଏ । ହେଲେ ଅଧୁନା ଜଳବାୟୁ ପରିବର୍ତ୍ତନ କୃଷି କ୍ଷେତ୍ରରେ ଏକ ଭୟଙ୍କର ସ୍ଥିତି ସୃଷ୍ଟି କରିଛି । ତାପମାତ୍ରା, ବର୍ଷାର କମ୍ ପରିମାଣ, ରୋଗପୋକର ଅଚାନକ ବୃଦ୍ଧି ଆଦି ଯୋଗୁଁ ଫସଲର ବିବିଧତା ହ୍ରାସ ପାଉଛି । ତେଣୁ ଏପରି କ୍ଷେତ୍ରରେ ଶୁଷ୍କ ଜମିରେ ଫସଲ ସୃଷ୍ଟି କରିବାକୁ ପାଇଭଟ ବର୍ଷା ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛି ।**



ପାଇଭଟ୍ ବର୍ଷା ପ୍ରଣାଳୀକୁ ସେଣ୍ଟର ପାଇଭଟ୍ ଇରିଗେସନ୍ କୁହାଯାଏ । ଏହା ଏକ ଆଧୁନିକ ବୁନ୍ଦା ଜଳ ସେଚନ କୌଶଳ । ଯାହାକି କୃତ୍ରିମ ବର୍ଷା ହୋଇ ଶୃଙ୍ଖଳା ଜମିରେ ଫସଲ ସୃଷ୍ଟି କରିବାରେ ସାହାଯ୍ୟ କରିଥାଏ । ସେହିପରି ରାଜସ୍ଥାନ ପରି ଶୁଷ୍କ ମରୁଭୂମି ସ୍ଥାନ, ବାଲିଆ ଅଞ୍ଚଳ ତଥା ବର୍ଷା କମ୍ ହେଉଥିବା ସ୍ଥାନରେ ଚାଷ କରିବା ସବୁଠୁ ବଡ଼ ଆହ୍ୱାନ ହୋଇଥାଏ । ଉକ୍ତ ସ୍ଥାନ ପାଇଁ ଏହି ସ୍ୱତନ୍ତ୍ର ବର୍ଷା ବ୍ୟବସ୍ଥା ପ୍ରଣାଳୀ ବେଶ ଉପଯୋଗୀ । ଏଥିରେ ଜମିରେ ଉନ୍ନତମାନର ପାଇପ୍ ଲାଇନ୍ ସଂଯୋଗ କରାଯାଇଥାଏ । ଏହି କୌଶଳରେ ବର୍ତ୍ତମାନ ସରଦାରଗଡ଼ ଏବଂ ଜୈତସରସ୍ଥିତ କେନ୍ଦ୍ରୀୟ ରାଜ୍ୟ ଫାର୍ମର ୧୨୦୦ ହେକ୍ଟର ଜମିରେ ଫସଲ ସୃଷ୍ଟି କରାଯାଇଛି । ଏହି ସ୍ୱତନ୍ତ୍ର ପ୍ରଣାଳୀରେ ଗହମ, ମୁଗ, ଚଣା ଆଦି ଫସଲକୁ ବର୍ଷା ସିଞ୍ଚିଲା ପରି ଜଳ ସେଚନ କରାଯାଇଥାଏ । ଏହି ସେଚନ ପଦ୍ଧତିରେ କମ୍ ସମୟରେ ଜମିର ସବୁ ସ୍ଥାନକୁ ସମାନ ଭାବେ ପାଣି ଯୋଗାଇ ହୁଏ । ଏହି କୌଶଳ ଜରିଆରେ ଚାଷୀ ନିଜ ସୁବିଧା ଅନୁସାରେ ଜମିରେ ପାଣି ଦେଇଥାଆନ୍ତି । ଏଥିପାଇଁ ପ୍ରଥମେ ଭଲଭାବେ ପାଣି ଢାଳି ଜମିକୁ ଓଦା କରାଯାଏ । ୧୫ ଦିନ ପରେ ୮ ଏମ୍‌ଏମ୍ କୃତ୍ରିମ ବର୍ଷା କରି ଫସଲ ବଢ଼ାଇବାରେ ସାହାଯ୍ୟ କରାଯାଏ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି କୌଶଳରେ ପାଣିର ମାତ୍ରାକୁ ମଧ୍ୟ ନିୟନ୍ତ୍ରଣ କରାଯାଇପାରେ । ମୁଖ୍ୟତଃ ୭୫ ହେକ୍ଟର ଯାଏଁ ସହଜରେ ଜଳସେଚନ କରାଯାଇଥାଏ । ଏହି ସ୍ୱତନ୍ତ୍ର ବର୍ଷା ବ୍ୟବସ୍ଥାରେ ଜଳ ସେଚନ ପାଇଁ ୬୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ । ଏହାର ସଞ୍ଚାଳନ ପାଇଁ ଏକ ବଡ଼ ଷ୍ଟୋରେଜ ଟ୍ୟାଙ୍କର ଉପଯୋଗ କରାଯାଏ ।

## ସଫଳତା ପଥରେ ତାରାଦେବୀ କୃଷକ ଉତ୍ପାଦକ ସଂଗଠନ



**ଚାଷୀମାନଙ୍କ ଆର୍ଥିକ ସ୍ଥିତିକୁ ମଜଭୁତ କରିବା ସହ ସାମାଜିକ ପରିବର୍ତ୍ତନରେ କୃଷକ ଉତ୍ପାଦକ ସଂଗଠନଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାନ୍ତି । ଏହି ସଂଗଠନଗୁଡିକ ସାମୂହିକ ଭାବେ ଉତ୍ପାଦନ ଏବଂ ବିକ୍ରୟ ମାଧ୍ୟମରେ ଆର୍ଥିକ ସ୍ଥିତିକୁ ସୁଧାରି ପାରନ୍ତି । ତେବେ କୃଷିକୁ ବ୍ୟବସାୟରେ ପରିଣତ କରିଥିବା ଏମିତି ଏକ ସଂଗଠନ ହେଉଛି ଯାଜପୁର ଜିଲ୍ଲାର 'ତାରାଦେବୀ କୃଷକ ଉତ୍ପାଦକ ସଂଗଠନ' । ବିଭିନ୍ନ ବାଧାବିଘ୍ନକୁ ଖାତିର ନ କରି କଠିନ ପରିଶ୍ରମ ଓ ଧୈର୍ଯ୍ୟ ବଳରେ ଏହି ସଂଗଠନଟି ସଫଳତା ହାସଲ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି ।**

୪୧୦ ଜଣ ମହିଳା ସଦସ୍ୟାଙ୍କୁ ନେଇ ୨୦୨୦ ମସିହାରେ ଯାଜପୁର ଜିଲ୍ଲାରେ 'ତାରାଦେବୀ କୃଷକ ଉତ୍ପାଦକ ସଂଗଠନ' ଗଠିତ ହୋଇଥିଲା । କ୍ଷୁଦ୍ର ଓ ନାମମାତ୍ରଚାଷୀଙ୍କ ଆଶାର କିରଣ ଭାବେ ଉଭୟ ଉତ୍ପାଦନ ଓ ବଜାର ବ୍ୟବସ୍ଥାପନରେ ଏହି ସଂଗଠନ ଅଗ୍ରଣୀ ଭୂମିକା ତୁଲାଇଥାଏ । ଏହି ସଂଗଠନଟି ସୋରିଷ ତେଲ, ବଡ଼ି, ପାମ୍ପଡ଼, ଆଚାର, ଦୁଗ୍ଧ ଜାତୀୟ ଉତ୍ପାଦ, ଚାଉଳ, ମୁଢ଼ି, ମସଲା ଡାଲି, ଛତୁ, ପନିପରିବା ଭଳି ସାମଗ୍ରୀର ବିପଣନ କରିବାରେ ସହାୟକ ହୋଇପାରିଛି । ତା' ସହିତ ଧାନ, ବିହନ, ସାର, କୀଟନାଶକ, ଜୈବିକଖତ, ଗୋ ଖାଦ୍ୟ ଭଳି ସାମଗ୍ରୀ ଯୋଗାଇ ଦେଉଛି । ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ 'ସେଣ୍ଟର ଅଫ ଏକ୍ସଲେନ୍ସ' ମାଧ୍ୟମରେ କୃଷି ବିଜ୍ଞାନ କେନ୍ଦ୍ର ସହାୟତାରେ ମାର୍ଗଦର୍ଶନ ଏବଂ ପ୍ରଶିକ୍ଷଣ, ଏକ୍ସପୋଜର ପରିଦର୍ଶନ ଭଳି ଅନେକ ସହଯୋଗ ଯୋଗାଇ ଦିଆଯାଇଛି । ସରକାରୀ ତଥା ବେସରକାରୀ ସଂସ୍ଥାପକ୍ଷରୁ ସମର୍ଥନ ହସ୍ତଗତ କରିଛି ଏହି ସଂଗଠନ । ଏହି ସଂଗଠନକୁ ଜିଲ୍ଲାର ଶ୍ରେଷ୍ଠ ସଂଗଠନ ଭାବେ ପୁରସ୍କୃତ ମଧ୍ୟ କରାଯାଇଛି । ବନ୍ୟା, ବାତ୍ୟା, ଗମନାଗମନର ଅସୁବିଧା ସତ୍ତ୍ୱେ କ୍ଷୀର ଓ ଚିନାବାଦାମର ଭାଲ୍ୟୁ ଆଡିସନ୍, ମୋବାଇଲ ଭ୍ୟାନ୍ ଦ୍ୱାରା ଚଳନ୍ତା ହାଟ, କୃଷକଙ୍କ ପାଖକୁ ଇନ୍‌ପୁଟ ସୁବିଧାରେ ପହଞ୍ଚାଇବା, କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ବିପଣନ ସହାୟତା ମୋବାଇଲ ଭ୍ୟାନ୍ ମାଧ୍ୟମରେ ବ୍ୟବସାୟ ପ୍ରଚାର ପାଇଁ ସହରାଞ୍ଚଳରେ ଆଉଟଲେଟ ଖୋଲିବା, ସ୍ଥାନୀୟ ମସଲାର ମୂଲ୍ୟ ବୃଦ୍ଧି ଭଳି ଉଦ୍ୟମ କରିବା ଦିଗରେ ଭଲ ପ୍ରଦର୍ଶନ କରିପାରିଛି । ସଫଳତା ହାସଲ କରିବା ଦିଗରେ ସଂଗଠନଟି ଅନେକ ସମସ୍ୟା ଦେଇ ଗତି କରିଛି ମଧ୍ୟ । ଏହିସବୁ ସମସ୍ୟାର ସମାଧାନ ସ୍ୱରୂପ ଏହି ସଂଗଠନ ଦ୍ୱାରା ଗାଁ ଗାଁ'ରେ ସଚେତନତା କାର୍ଯ୍ୟକ୍ରମ, ତାଲିମ, ଗ୍ରାମସ୍ତରରେ ଡିଜିଟାଲ ସଂଯୋଗ ନିମିତ୍ତ ସେବାକେନ୍ଦ୍ର ଖୋଲିବା, ପ୍ରଶିକ୍ଷଣ ଓ ଅଭିଜ୍ଞତା ବିନିମୟ ଭଳି ବିଭିନ୍ନ କାର୍ଯ୍ୟକ୍ରମମାନ କରାଯାଇଛି । ଏହି ସଂଗଠନ ସହିତ ଯୋଡ଼ିହୋଇ ଚାଷୀଙ୍କ ଆୟ ବୃଦ୍ଧି ପାଇଛି । ଏହାର ପ୍ରଭାବ କ୍ଷୁଦ୍ର, ନାମମାତ୍ର ଏବଂ ମଧ୍ୟମ ଚାଷୀଙ୍କ ଉପରେ ଅଧିକ ପଡ଼ିଛି । ଏହି ସଂଗଠନ ସେମାନଙ୍କ ଉତ୍ପାଦକୁ ଉଚିତ ମୂଲ୍ୟ ପ୍ରଦାନ କରୁଛି । ତେବେ ଆଗାମୀ ଦିନକରେ ଏହି କମ୍ପାନୀ ଅନେକଗୁଡ଼ିକଯୋଜନାର ସଫଳ ରୂପାୟନ ପାଇଁ ଲକ୍ଷ୍ୟ ରଖିଛି ।

## ସଢ଼େଇରୁ ହ୍ୟାଙ୍ଗିଙ୍ଗ କୁଣ୍ଡ

**ହିନ୍ଦୁଧର୍ମରେ ନଡ଼ିଆକୁ ଶ୍ରୀଫଳ କୁହାଯାଏ । ଏହା ଶୁଭର ପ୍ରତୀକ ହୋଇଥିବାରୁ ପୂଜା-ପାଠ ସବୁଠି ନଡ଼ିଆ ବ୍ୟବହାର ହୋଇଥାଏ । ନଡ଼ିଆର ପ୍ରତ୍ୟେକ ଅଂଶର ବ୍ୟବହାର ଗୁଣ ରହିଛି । ଏହା ଏକ ଗ୍ରୀଷ୍ମମଣ୍ଡଳୀୟ ଫସଲ । ତେବେ ନଡ଼ିଆକୁ ବ୍ୟବହାର କରି ଲୋକେ ସଢ଼େଇକୁ ବର୍ଜ୍ୟ ଭାବି ଫିଙ୍ଗି ଦିଅନ୍ତି । କେହି କେହି ଜାଳେଣି ରୂପେ ଏହାକୁ ବ୍ୟବହାର କରନ୍ତି । ହେଲେ ବର୍ତ୍ତମାନ ଲୋକମାନେ ଘର ଓ ବଗିଚାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ସଢ଼େଇକୁ କୁଣ୍ଡର ରୂପ ଦେଉଛନ୍ତି । ଏହା ପରିବେଶ ଅନୁକୂଳ । କୃଷି ବ୍ୟବସାୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛି ।**



ଘର ସାଜସଜ୍ଜା ସମସ୍ତଙ୍କୁ ପସନ୍ଦ । ତେଣୁ ବାଲ୍‌କୋନିରେ ହ୍ୟାଙ୍ଗିଙ୍ଗ ପ୍ଲାଣ୍ଟର ପାଇଁ ପ୍ଲାଷ୍ଟିକ୍ କିମ୍ବା ସିମେଣ୍ଟ ବଦଳରେ ସଢ଼େଇକୁ ବ୍ୟବହାର କରାଯାଇପାରିବ । ସଢ଼େଇରୁ କୁଣ୍ଡ କରିବାକୁ ପ୍ରଥମେ ନଡ଼ିଆକୁ କୋରି ଏହାର ଦୁଇପାର୍ଶ୍ୱକୁ ଭଲଭାବେ ଧୋଇ ଜଟାକୁ ସଫା କରାଯାଏ । ଉପରୁ ତିନିଟି କଣା କରି ରଶି କିମ୍ବା ଲୁହାର ପତଳା ତାର ବ୍ୟବବାର କରି ଓହଳା କୁଣ୍ଡ କରାଯାଏ । ଆକର୍ଷଣୀୟ ଦିଶିବାକୁ ଏଥିରେ ରଙ୍ଗ ବେରଙ୍ଗର ଡିଜାଇନ୍ କରିପାରିବେ । ଏଥିରେ ହ୍ୟାଙ୍ଗିଙ୍ଗ କୁଣ୍ଡ କିମ୍ବା ସାଧାରଣ କୁଣ୍ଡ ପରି ବାଲକୋନିରେ ସେଟ୍ କରିପାରିବେ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ନଡ଼ିଆ ଖୋଳରେ ବହୁତ କମ୍ ପାଣି ଆବଶ୍ୟକ କରୁଥିବା ଓ ସୂକ୍ଷ୍ମ ଚେରଯୁକ୍ତ ଗଛ ଲଗାଯାଇଥାଏ । ଏଥିରେ ବିହନ ଅଙ୍କୁରିତ କରାଯିବା ସହ ମାଇକୋଗ୍ରୀନ୍ ଲଗାଯାଇପାରିବ ।

ସଢ଼େଇରୁ ପାଣି ଝରିବା ରୋକିବା ପାଇଁ ନଡ଼ିଆର ଆଖିକୁ ଘୋଡାଇବା ବନ୍ଦୋବସ୍ତ କରନ୍ତୁ । ସେହିପରି ବଗିଚା ତଥା ବାଲ୍‌କୋନିରେ ପକ୍ଷୀଙ୍କୁ ଦାନା ଯୋଗାଇବାକୁ ଏଥିରେ ରଶି ଉପଯୋଗ କରି ଓହଳାଇ ପାରିବେ । ସଢ଼େଇକୁ କୋକୋପିଟ୍ ବନାଇବା ପାଇଁ ବ୍ୟବହାର କରାଯାଏ ।

## ଛେଳିଙ୍କ ପାଇଁ ସଜନା ଚାରା



ସ୍ୱଳ୍ପ ସମୟ ଏବଂ କମ୍ ଖର୍ଚ୍ଚରେ ଛେଳି ପାଳନ ଏକ ଭଲ ବ୍ୟବସାୟ । ଛେଳି ପାଳନରେ ଛେଳିର ଓଜନ ଓ ମାଂସବୃଦ୍ଧି ପାଇଁ ସବୁଜ ଚାରାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେଣୁ ସଜନା ପତ୍ର ଛେଳିଙ୍କ ପାଇଁ ପୌଷ୍ଟିକ ଚାରା ଭାବେ ଉପଯୋଗୀ । ସଜନାରେ ଭିଟାମିନ୍ ଏ, ସି, ବି୬, ବି କମ୍ପ୍ଲେକ୍ସ, ଇ, ଭିଟାମିନ୍ କେ ଆଦି ପ୍ରଚୁର ପରିମାଣର ଥାଏ । ଏହା ଏକ ଔଷଧୀୟ ବୃକ୍ଷ । ସଜନା ପତ୍ରରୁ ତିଆରି ପେଲେଟ୍‌ସ (ଗୋଲି) କୁ ଛେଳିଙ୍କୁ ଖାଇବାକୁ ଦିଆଯାଇପାରିବ । ଏହା ଛେଳିଙ୍କ ସ୍ୱାସ୍ଥ୍ୟବୃଦ୍ଧି ପାଇଁ ଲାଭଦାୟକ । ବର୍ଷକ ବାରମାସ ସଜନା କଞ୍ଚା ପତ୍ରକୁ ଶୁଖାଇ ଏହାକୁ ଗୁଣ୍ଡ କରି ବଟିକା ବନାଇ ସାଇତି ରଖାଯାଏ । ଏହାର କଅଁଳିଆ ଡାଳକୁ ଅଲଗା କରି ମେସିନ୍ ସାହାଯ୍ୟରେ ଛୋଟ ଛୋଟ ଗୁଳା କରି ସାଇତି ରଖିପାରିବେ । ସଜନା ପତ୍ରରୁ ତିଆରି ବଟିକା ଖାଇବା ଦ୍ୱାରା ଛେଳିଙ୍କ ପାଚନ ଶକ୍ତିରେ ସୁଧାର ଆସିଥାଏ । ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ସହ ଛେଳିଙ୍କର ଦୁଗ୍ଧ ଉତ୍ପାଦନ ବୃଦ୍ଧି ହୋଇଥାଏ । ତେବେ ଛେଳିଙ୍କୁ ସଜନା ପତ୍ରରୁ ବଟିକା ଖୁଆଇବା ପୂର୍ବରୁ ସେମାନଙ୍କ ଖାଦ୍ୟ ତାଲିକାରେ ଧୀରେ ଧୀରେ କରି ଏହାକୁ ଅତିକମ୍‌ରେ ୩୦% ସାମିଲ କରିବା ଜରୁରି । ସଜନା ଚାରାକୁ ଅନ୍ୟ ଚାରା ସହିତ ମିଶାଇ ଖୁଆଇବା ଏକ ଉନ୍ନତ ବିକଳ୍ପ । ଏହା ଦ୍ୱାରା ଛେଳିପାଳକଙ୍କ ଖର୍ଚ୍ଚ ହ୍ରାସ ପାଇବ ।

## ଏ ମାସର ଚାଷ

**ଆମ ଦେଶର ଅଧିକାଂଶ ଲୋକ ଶସ୍ୟ ସହିତ ଋତୁଅନୁଯାୟୀ ବିଭିନ୍ନ ପନିପରିବା ଚାଷ କରିଥାନ୍ତି । ତେଣୁ ଅଗଷ୍ଟ ମାସରେ ଚାଷୀମାନେ ଚାଷ ପୂର୍ବରୁ କିପରି ମାଟି ପ୍ରସ୍ତୁତ କରିବେ, କେଉଁ ପନିପରିବା, ଫଳ ଓ ଫୁଲ ଲଗାଇ ପାରିବେ ସେ ବିଷୟରେ ଜାଣିବା ।**



- ଧାନ ରୋଇବାର ୨ରୁ ୩ ସପ୍ତାହ ହୋଇଥିଲେ ଘାସ ବାଛି ପିଲସାର ପ୍ରୟୋଗ କରନ୍ତୁ । ଶ୍ରୀ ପଦ୍ଧତିରେ ଧାନ ରୋଇଥିଲେ, ରୋଇବାର ୧୦ରୁ ୧୨ ଦିନ ମଧ୍ୟରେ ଉଇଡର ଚଳାଇ ବଳକା ଘାସ ବାଛି ଦିଅନ୍ତୁ ।
- ଅଗଷ୍ଟ ମାସରେ ଭଲ ବର୍ଷା ହୋଇଥାଏ । ବର୍ଷାଜଳକୁ ଉପଯୋଗ କରି ଚାଷୀମାନେ ପନିପରିବା ଯଥା- ମେଥି, ଧଣିଆ, ବାଇଗଣ, ଫୁଲକୋବି, ମୂଳା, ପାଳଙ୍ଗ ଆଦି ଲଗାଇପାରିବେ । ମକା ଫସଲ ୬ରୁ ୭ ସପ୍ତାହ ହୋଇଥିଲେ କୋଡାଖୁସା କରି ଘାସ ବାଛି ଏକର ପ୍ରତି ୮ କିଗ୍ରା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ।
- ଡାଲିଜାତୀୟ ଫସଲ ଯଥା- ହରଡ଼, ମୁଗ, ବିରି ଆଦି ଫସଲରେ ପତ୍ରକଟା ପୋକ ଲାଗିବାର ସମ୍ଭାବନା ରହିଛି । ଏହାର ନିରାକରଣ ପାଇଁ ଏକର ପ୍ରତି ୪୦୦ ମିଲି ପ୍ରୋଫେନୋଫସ ୫୦% ଇସି. ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ଟମାଟୋ ଫଳିବାକୁ ୬୦ରୁ ୯୦ ଦିନ ସମୟ ଲାଗିଥାଏ । ତେଣୁ ଖତ ମିଶା ମାଟି ପ୍ରସ୍ତୁତ କରି ଜମିରେ ୨୦ରୁ ୨୫ ସେମି ଦୂରରେ ଟମାଟୋ ଚାରା ବା ମଞ୍ଜି ଲଗାଇ ପାରିବେ । ମଞ୍ଜି ବୁଣିବାର ମାସେ ପରେ ମାଟିରେ ଜିଆଖତ ପ୍ରୟୋଗ କରିପାରିବେ । ସପ୍ତାହକୁ ତିନିଥର ପାଣି ସିଞ୍ଚିବା ଭଲ । ସେହିପରି ଲାଉ ଲଗାଇବାର ଏହା ଉପଯୁକ୍ତ ସମୟ । ଜମି ପ୍ରସ୍ତୁତ କରି ବାଉଁଶ କାଠି ଓ ରଶି ଉପଯୋଗ କରି ରଞ୍ଜା କରିବା ଦ୍ୱାରା ଲାଉ ଲତା ଭଲ ଭାବେ ବଢ଼ିପାରେ ।
- ଅଳସୀ ବୁଣିବା କାମ ଶେଷ କରନ୍ତୁ । ଗୋବର ଖତ ମିଶା ମାଟି ବ୍ୟବହାର କରି ଉନ୍ନତ କିସମର ଭେଣ୍ଡି, ଲାଉ, କଲରା, ଜହ୍ନି, ତରଭୁଜ ଆଦି ପନିପରିବା ଚାଷ ଆରମ୍ଭ କରନ୍ତୁ । ତେବେ ଜମି ପ୍ରସ୍ତୁତଠାରୁ ଖତ ପ୍ରୟୋଗ ଏବଂ ମଞ୍ଜି ବୁଣିବା ଯାଏଁ ଉଚିତ ବିଧି ପାଳିବା ଜରୁରି ।

## ଫସଲକୁ ୨୪ ଘଣ୍ଟା ନଜର ରଖିବ ଆଗ୍ରୋଟ୍ରେସ




ବର୍ତ୍ତମାନ ଚାଷୀମାନେ ଚାଷକାର୍ଯ୍ୟରେ ଏଆଇ, ଡ୍ରୋନ ଆଦିର ସାହାଯ୍ୟ ନେଉଛନ୍ତି । ଏହି କ୍ରମରେ ଚାଷୀଙ୍କ ବିଭିନ୍ନ ସମସ୍ୟା ଦୂର କରିବାକୁ ଆଇଆଇଟି କାନପୁରର ଷ୍ଟାର୍ଟଅପ୍ ଆଗ୍ରୋଟ୍ରେସ୍ ଏଆଇ ଆଧାରିତ ଏକ ଉପକରଣ ବିକଶିତ କରିଛନ୍ତି । ଏହା ୨୪ ଘଣ୍ଟା ଧରି ଜମିରେ ମାଟି ଏବଂ ଆର୍ଦ୍ରତାକୁ ଯାଞ୍ଚ କରି ଖତ ଏବଂ ପାଣିର ଆବଶ୍ୟକତାକୁ ବତାଇ ପାରିବ । କେବଳ ସେତିକି ନୁହେଁ, ଏହି ଉପକରଣ ସାହାଯ୍ୟରେ ଫସଲରେ ପାଣିର ଅଭାବ ବିଷୟରେ ଜାଣିହୁଏ । ଏହାକୁ ଏକ ଏକର ଜମି ପାଇଁ ବ୍ୟବହାର କରାଯାଇପାରିବ । ଉପକରଣଟି ବ୍ୟାଟେରୀ ଚାଳିତ । ଏଥିରେ ସେନ୍ସର ଲାଗିଥିବାରୁ ଏହା ମାଟିର ଆର୍ଦ୍ରତାକୁ ସଠିକ୍ ଭାବେ ଆକଳନ କରିଥାଏ । ଏଥିରେ ମାଇକ୍ରୋ ସିମ୍ ସଂଯୋଗ ଥିବାରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ମୋବାଇଲକୁ ମେସେଜ୍ ପଠାଇଥାଏ । ଫଳରେ ଚାଷୀମାନେ ଘରେ ବସି ଫସଲ ଓ ଜମିଅବସ୍ଥା ବିଷୟରେ ତଥ୍ୟ ପାଇପାରନ୍ତି । ସେହପରି ଗଭୀର ଅନୁସାରେ ମାଟିର ଜଳ କ୍ଷମତା ଏବଂ ତାପମାତ୍ରାକୁ ମଧ୍ୟ ଏହି ଉପକରଣ ମାପିପାରେ । ଏହାଦ୍ୱାରା ଚାଷୀଙ୍କର ୪୦ % ଖର୍ଚ୍ଚ ହ୍ରାସ ପାଇବ । ଏନେଇ ଆଗ୍ରୋଟ୍ରେସର ସଂସ୍ଥାପକ ରଜନୀଶ ତିୱାରୀ କୁହନ୍ତି, ଏହି ଉପକରଣକୁ ହରିୟାଣା, ରାଜସ୍ଥାନ ଏବଂ ଗୁଜୁରାଟର ଚାଷୀ ବ୍ୟବହାର କରୁଛନ୍ତି । ଏହାଦ୍ୱାରା କୃଷି ଉତ୍ପାଦନ ବୃଦ୍ଧି ସହ ଚାଷୀଙ୍କ ଆର୍ଥିକ ସ୍ଥିତିରେ ଏହା ଉନ୍ନତି ଆଣିପାରିବ ବୋଲି ସେ କହିଛନ୍ତି ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ଷା ହେବାର ସମ୍ଭାବନା ଥିବାରୁ ସାର ଓ କୀଟନାଶକ ପ୍ରୟୋଗ କିଛି ଦିନ ପାଇଁ ସ୍ଥଗିତ ରଖନ୍ତୁ ।
- ଜମିରେ ଧାନ ପ୍ରତିରୋପଣ ଅଗଷ୍ଟ ମାସର ଦ୍ୱିତୀୟ ସପ୍ତାହ ମଧ୍ୟରେ ସମ୍ପୂର୍ଣ୍ଣ କରିଦିଅନ୍ତୁ । ବୁଣାଧାନରେ ଘାସମରା ଔଷଧ ପ୍ରୟୋଗ କରିନଥିଲେ ଧାନ ବୁଣିବାର ୨୫ରୁ ୩୦ ଦିନ ପରେ ବେଉଷଣ କରି ଦିଅନ୍ତୁ ।
- ସଅଳ ବୁଣାଯାଇଥିବା ଚିନାବାଦାମ ଫସଲରେ ପତ୍ର ସୁଡ଼ଙ୍ଗୀ ପୋକ, ଜଉ ପୋକ, ପତ୍ର ଉକୁଣି ପୋକଗୁଡିକର ପ୍ରାଦୁର୍ଭାବ ଦେଖିଲେ, ଶୃଙ୍ଖଳାପାଗରେ



ପୋକ ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥାରେ ଏକର ପ୍ରତି ୬୦୦ ମିଲି ନିମ୍ବ ଜାତୀୟ କୀଟନାଶକ ୧୫୦୦ ପିପିଏମକୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

- ବର୍ଷାଦିନେ ଗୁହାଳ ଓଦା ବା ଅପରିଷ୍କାର ରହିଲେ, ଗାଈଙ୍କୁ ନାନା ରୋଗ ହେବାର ସମ୍ଭାବନା ରହିଛି । ଏହା ଦ୍ୱାରା ଦୁଗ୍ଧ ଉତ୍ପାଦନ ହ୍ରାସ ପାଇଥାଏ । ତେଣୁ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ଯୋଗାଯୋଗ କରି ଉଚିତ ଟୀକାକରଣ କରାନ୍ତୁ ।
- ଅଗଷ୍ଟ ମାସରୁ ଜାନୁଆରୀ ମାସ ପର୍ଯ୍ୟନ୍ତ ଆଫ୍ରିକୀୟ ଗେଣ୍ଡୁ ଲଗାଯାଇ ପାରିବ । ଗଛ ଲଗାଇବା ପୂର୍ବରୁ ଏକର ପ୍ରତି ୨୦ ଟନ୍ ଗୋବର ଖତ, ୪୦ କେଜି ଯବକ୍ଷାରଜାନ, ୮୦ କେଜି ଫସ୍‌ଫରସ ଓ ୮୦ କେଜି ପଟାସ ସାର ପ୍ରୟୋଗ କରନ୍ତୁ । ୨୫ରୁ ୩୦ ଦିନ ତଳି ବା ଡାଳି କଲମୀ ଉପରବେଳା ରୁଅନ୍ତୁ ।

## ସେପ୍ଟେମ୍ବର ୩୦ରୁ ନଭେମ୍ବର ୨ ଯାଏ ମହିଳା ଦିନିକିଆ ବିଶ୍ୱକପ୍ କ୍ରିକେଟ

# ଘରୋଇ ମାଟିରେ ଟାଇଟଲ୍ ଜିତିବ ଭାରତ

ମୁମ୍ବଇ,୧୧।୮ (ଏଜେନ୍ସି)

ଭାରତରେ ଏଥର ଆୟୋଜିତ ହେବ ମହିଳା ଦିନିକିଆ ବିଶ୍ୱକପ୍ କ୍ରିକେଟ। କ୍ରିକେଟ ଖେଳରେ ଶ୍ରେଷ୍ଠତ୍ୱ ହାସଲ କରିଥିଲେ ମଧ୍ୟ ଭାରତୀୟ ଦଳ ବିଶ୍ୱକପ୍ ଜିତିବାରେ ସମର୍ଥ ହୋଇନାହିଁ। ଦଳ ୨୦୦୫ ଓ ୨୦୧୭ରେ ରନର୍ସ ଅପ୍ ହୋଇଛି। କିନ୍ତୁ ଜବରଦସ୍ତ ଖେଳ ପ୍ରଦର୍ଶନ ସତ୍ତ୍ୱେ ଦଳ ୨୦୧୭ରେ ବିଶ୍ୱକପ୍ ନ ଜିତିବା ହରମନପ୍ରୀତ କୌରଙ୍କ ଭାରତୀୟ ଦଳର ସବୁଠାରୁ ବଡ଼ ବିପର୍ଯ୍ୟୟ। ଏଭଳି ସ୍ଥିତିରେ ଏଥର ମହିଳା ଦିନିକିଆ ବିଶ୍ୱକପ୍ ଭାରତ ଓ ଶ୍ରୀଲଙ୍କାର କଲମ୍ବୋରେ ସେପ୍ଟେମ୍ବର ୩୦ରୁ ଆରମ୍ଭ ହୋଇ ନଭେମ୍ବର ୨ରେ ଶେଷ ହେବ। ଏହି ବିଶ୍ୱକପ୍ ଆଉ ୫୦ ଦିନ ରହିଥିଲାବେଳେ ଆଜି ଏହାର ଟ୍ରଫି ଉନ୍ମୋଚନ କରି ଏହି ଟୁର୍ଣ୍ଣାମେଣ୍ଟକୁ ସର୍ବଶ୍ରେଷ୍ଠ ମହିଳା ବିଶ୍ୱକପ୍‌ରେ ପରିଣତ କରାଯିବ ବୋଲି ଆଇସିସି ଅଧ୍ୟକ୍ଷ ଜୟ ଶାହ କହିଛନ୍ତି। ତାଙ୍କ ମତରେ ଆମେ ଏହି ଟୁର୍ଣ୍ଣାମେଣ୍ଟର ସଫଳ ଆୟୋଜନ ଲାଗି ଏବେଠାରୁ ବ୍ୟବସ୍ଥା କରିଛୁ। ବିଶ୍ୱକପ୍‌ରେ ଯେପରି କୌଣସି ଦଳ ଅଭିଯୋଗ କରିବାର ସୁଯୋଗ ନ ପାଏ ସେଥିଲାଗି ଆମେ ଚେଷ୍ଟା କରିବୁ।

ଅନ୍ୟପକ୍ଷରେ ଘରୋଇ ମାଟିରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଥିବାରୁ ଭାରତ ଏଥର ଟାଇଟଲ୍ ଜିତିବାକୁ ସମସ୍ତ ପ୍ରକାର ଉଦ୍ୟମ କରିବ ଓ ଏଥିରେ ସଫଳ ହେବ ବୋଲି ଉତ୍ସବରେ ଯୋଗ ଦେଇ ଆତ୍ମବିଶ୍ୱାସର ସହ ମତପ୍ରକାଶ କରିଛନ୍ତି ଭାରତୀୟ ମହିଳା ଦଳର ଅଧିନାୟିକା ହରମନ୍‌ପ୍ରୀତ୍ କୌର। ଭାରତ ଏଯାଏ ମହିଳା କ୍ରିକେଟରେ କୌଣସି ବିଶ୍ୱ ଟାଇଟଲ ଜିତିପାରି ନାହିଁ। ୨୦୦୫ ଓ ୨୦୧୭ରେ ଦଳ ଦୁଇଥର ଦିନିକିଆ ବିଶ୍ୱକପ୍ ଫାଇନାଲ ଖେଳିଥିଲେ ମଧ୍ୟ ଟାଇଟଲ ଜିତିବାରୁ ବଞ୍ଚିତ ହୋଇଥିଲା। ଏଥର ଘରୋଇ ମାଟିରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯାଉଥିବାରୁ ଭାରତର ଟାଇଟଲ ଜିତିବା ଆଶା ବୃଦ୍ଧି ପାଇଛି। ବିଶେଷକରି ଘରୋଇ ଦର୍ଶକଙ୍କ ଆଗରେ ଖେଳାଳିଙ୍କ ଉତ୍ସାହ ଅଧିକ ରହିଥାଏ। ଏମାନଙ୍କ ସମର୍ଥନ ଓ ପ୍ରତିଭାବାନ ଖେଳାଳିଙ୍କୁ ନେଇ ଗଠିତ ଭାରତୀୟ ଦଳ ପ୍ରଥମ ଟାଇଟଲ କବ୍‌ଜା କରିବ ବୋଲି ହରମନପ୍ରୀତ୍




ଆଶା ରଖିଛନ୍ତି। ସମାନ ଆଶା ମଧ୍ୟ ରଖିଛନ୍ତି ଦଳର ଉପଅଧିନାୟିକା ସ୍ମୃତି ମନ୍ଧାନା ଓ ଜେମିମା ରୋଡ୍ରିଗ୍ରେଜ୍। ଏମାନଙ୍କ ଅନୁଯାୟୀ ଭାରତର ଶକ୍ତିବୃଦ୍ଧି ପାଇଛି ଓ ଦଳ ଭିନ୍ନ ସ୍ଥାନରେ ଭଲ ଖେଳିଛି। ଏହାକୁ ଆଶା ରଖି ଆମେ ବିଶ୍ୱ ବିଜୟୀ ହେବୁ ବୋଲି ଭାରତୀୟ ଖେଳାଳିମାନେ ଆତ୍ମବିଶ୍ୱାସର ସହ ଆଶା ପୋଷଣ କରିଛନ୍ତି। ନିକଟରେ ଇଂଲଣ୍ଡ ବିପକ୍ଷରେ ୨-୧ରେ ଦିନିକିଆ ସିରିଜ୍ ଜିତିଛି। ଏବେ ଅଷ୍ଟ୍ରେଲିଆ ସହ ଦିନିକିଆ ସିରିଜ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଭାରତୀୟ ଦଳରେ କିଏ ଖେଳିବେ ତାହା ଏକପ୍ରକାର ଚୂଡାନ୍ତ ହୋଇସାରିଛି। ଅଷ୍ଟ୍ରେଲିଆ ସିରିଜ୍ ପରେ ଖେଳାଳି ଦଳ ଘୋଷଣା କରାଯିବ।

ମହିଳା ଦିନିକିଆ ବିଶ୍ୱକପ୍‌ରେ ଭାରତ ଟାଇଟଲ ଜିତିବାକୁ ଆଶାୟୀ ଥିଲାବେଳେ ୨୦୦୫ରେ ରନର୍ସ ଅପ୍ ହୋଇଥିଲା। ଏହାପରେ ୨୦୦୯ରେ ତୃତୀୟ ଓ ୨୦୧୩ରେ ସପ୍ତମ ସ୍ଥାନ ଅଧିକାର କରିଥିଲା। କିନ୍ତୁ ୨୦୧୭ରେ ଭାରତ ଟାଇଟଲ ଜିତିବ ବୋଲି ସମସ୍ତେ ଆଶା କରୁଥିଲାବେଳେ ଦଳ ଫାଇନାଲରେ ଇଂଲଣ୍ଡଠାରୁ ପରାଜିତ ହୋଇ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ହରମନପ୍ରୀତ୍ ସଂଗ୍ରହ କରିଥିବା ୧୭୧ ରନ୍ ଏଯାଏ ସ୍ମରଣୀୟ ହୋଇ ରହିଛି। କିନ୍ତୁ ଏହି ସ୍କୋର ପରେ ଭାରତୀୟ ମହିଳା ଦଳକୁ ଓ ତାରକା ଖେଳାଳିଙ୍କୁ ଭାରତରେ ସମ୍ମାନ ଦେବା ବୃଦ୍ଧିପାଇଥିଲା। କିନ୍ତୁ ଫାଇନାଲରେ ହାରିବା ଭାରତୀୟ ଖେଳାଳିଙ୍କ ହୃଦୟ ଭାଙ୍ଗିଦେଇଥିଲା। ଏହାପରେ ୨୦୨୨ରେ ମଧ୍ୟ ଭାରତର ପ୍ରଦର୍ଶନରେ ଉନ୍ନତି ହୋଇ ନ ଥିଲା। ଦଳ ପଞ୍ଚମ ସ୍ଥାନ ଅଧିକାର କରିଥିଲା। ଭାରତ ଏହି ବିଶ୍ୱକପ୍‌କୁ ୧୯୭୮, ୧୯୯୭ ଓ ୨୦୧୩ରେ ଆୟୋଜନ କରିଥିଲା। ୨୦୧୬ରେ ବାଂଲାଦେଶରେ ଅନୁଷ୍ଠିତ ଦିନିକିଆ ବିଶ୍ୱକପ୍ ପରେ ଏସିଆ ମହାଦେଶରେ ଏହା ହେବ ପ୍ରଥମ ଆଇସିସି ଇଭେଣ୍ଟ। ଏହା ପରେ ମୁମ୍ବଇର ଆଇସିସି ଟ୍ରଫି ଟୁର୍ ଇଭେଣ୍ଟ ଆୟୋଜିତ ହେବ। ଏହା ଭାରତର ବିଭିନ୍ନ ସହର ଓ ସ୍କୁଲରେ ପ୍ରଦର୍ଶିତ ହେବ। ସୋମବାର ଅନୁଷ୍ଠିତ ଇଭେଣ୍ଟରେ ପୂର୍ବତନ ଅଧିନାୟିକା ମିତାଲି ରାଜ, ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଯୁବରାଜ ସିଂହ, ଆଇସିସି ଅଧ୍ୟକ୍ଷ ଜୟ ଶାହା, ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ, ସିଇଓ ସଂଯୋଗ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

ସେପ୍ଟେମ୍ବର ୩୦ରୁ ନଭେମ୍ବର ୨ ତାରିଖଯାଏ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଭାଗନେଉଥିଲାବେଳେ ପ୍ରତ୍ୟେକ ଦଳ ଅନ୍ୟ ସହ ଗୋଟିଏ ଲେଖାଏଁ ଲିଗ୍ ମ୍ୟାଚ୍ ଖେଳିବେ। ଏହା ପରେ ପଏଣ୍ଟ ଭିତ୍ତିରେ ପ୍ରଥମ ୪ଟି ଦଳ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ। ସେମିଫାଇନାଲ ମ୍ୟାଚ୍ ଦୁଇଟି ଅକ୍ଟୋବର ୨୯ ଓ ୩୦ରେ ଖେଳାଯିବ। ଫାଇନାଲ ମ୍ୟାଚ୍ ନଭେମ୍ବର ୨ରେ ଅନୁଷ୍ଠିତ ହେବ।



### ଭାରତର ଖେଳସୂଚୀ

୩୦।୦୯ : ବନାମ ଶ୍ରୀଲଙ୍କା, ବେଙ୍ଗାଲୁରୁ
୦୫।୧୦ : ବନାମ ପାକିସ୍ତାନ, କଲମ୍ବୋ
୦୯।୧୦ : ବନାମ ଦ.ଆଫ୍ରିକା, ବିଶାଖାପାଟଣା
୧୨।୧୦ : ବନାମ ଅଷ୍ଟ୍ରେଲିଆ, ବିଶାଖାପାଟଣା
୧୯।୧୦ : ବନାମ ଇଂଲଣ୍ଡ, ଇନ୍ଦୋର
୨୩।୧୦ : ବନାମ ନ୍ୟୁଜିଲାଣ୍ଡ, ଗୁଆହାଟୀ
୨୬।୧୦ : ବନାମ ବାଂଲାଦେଶ, ବେଙ୍ଗାଲୁରୁ

୨୯।୧୦ : ପ୍ରଥମ ସେମିଫାଇନାଲ ------
୩୦।୧୦ : ଦ୍ୱିତୀୟ ସେମିଫାଇନାଲ, ବେଙ୍ଗାଲୁରୁ
୦୨।୧୧ : ଫାଇନାଲ, ଭେନ୍ୟୁ ପରେ ସ୍ଥିର ହେବ।

## ଏନ୍‌ସିଏ ନିର୍ଦ୍ଦେଶକ ଲକ୍ଷ୍ମଣଙ୍କୁ ଭେଟିଲେ ପଙ୍କଜ

କଟକ,୧୧।୮ (ସମିସ): ଜାତୀୟ କ୍ରିକେଟ ଏକାଡେମୀ (ଏନସିଏ) ନିର୍ଦ୍ଦେଶକ ତଥା ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଭିଭିଏସ୍ ଲକ୍ଷ୍ମଣଙ୍କୁ ଭେଟି ଓଡ଼ିଶାରେ କ୍ରିକେଟ ଏକାଡେମୀର ଗୁରୁତ୍ୱ ଦିଗରେ ଆଲୋଚନା କରିଛନ୍ତି ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି। ବେଙ୍ଗାଲୁରୁସ୍ଥିତ



ଏନସିଏ ଏକାଡେମୀରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି। ବାରବାଟୀ ଷ୍ଟାଡିୟମରେ ଓସିଏ ପକ୍ଷରୁ ଖୁବଶୀଘ୍ର ଏକାଡେମୀ ପ୍ରତିଷ୍ଠା ହେବାକୁ ଯାଉଛି। ଏତଦବ୍ୟତୀତ ଆଠଗଡ କପୁରସିଂହଠାରେ ରହିଛି ଏମଜିଏମ କ୍ରିକେଟ ଏକାଡେମୀ। ଶ୍ରୀ ମହାନ୍ତି ଏହାର ନିର୍ଦ୍ଦେଶକ। ଏମ୍‌ଜିଏମ୍ ଏକାଡେମୀରେ ଏବେ ମୋଟ ୭୦ ଖେଳାଳି ପ୍ରଶିକ୍ଷଣ ନେଉଥିବା ବେଳେ ୫୫ଜଣ ରହଣି ସହ ପ୍ରଶିକ୍ଷଣ ସୁବିଧା ପାଉଛନ୍ତି। ଭାରତୀୟ କ୍ରିକେଟ ଦଳର ପୂର୍ବତନ ଫିଲ୍ଡିଂ କୋଚ୍ ଆର ଶ୍ରୀଧର, ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଭେଙ୍କଟପତି ରାଜୁ ଏବଂ ଜାତୀୟ ଦଳର ପ୍ରାକ୍ତନ ବୋଲିଂ କୋଚ୍ ଭରତ ଅରୁଣ ଏଠାରେ ପ୍ରଶିକ୍ଷକ ଦାୟିତ୍ୱ ତୁଲାଉଛନ୍ତି। ଏଣୁ ଏକାଡେମୀରୁ ଜାତୀୟ ଖେଳାଳି ସୃଷ୍ଟି ଦିଗରେ ଆଉ କେଉଁ ସବୁ ଦିଗ ପ୍ରତି ଦୃଷ୍ଟି ଦେବାକୁ ହେବ ସେ ନେଇ ଲକ୍ଷ୍ମଣଙ୍କ ସହ ଶ୍ରୀ ମହାନ୍ତି ଆଲୋଚନା କରିଥିଲେ।

## ସମ୍ବିତ ଜିତିଲେ ଖୋର୍ଦ୍ଧା ସିନିଅର ଚେସ୍




ଭୁବନେଶ୍ୱର,୧୧।୮ (ସମିସ): ଆଇଏମ୍ ସମ୍ବିତ ପଣ୍ଡା ଖୋର୍ଦ୍ଧା ଜିଲ୍ଲା ସିନିଅର ଚେସ୍ ଚାମ୍ପିଅନ ହୋଇଛନ୍ତି। ସେ ୭ ରାଉଣ୍ଡରୁ ୭ ପଏଣ୍ଟ ପାଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପୁରସ୍କାର ବାବଦରେ ତାଙ୍କୁ ଟ୍ରଫି ୮,୦୦୦ ଟଙ୍କା ପୁରସ୍କାର ପାଇଥିଲେ। ସେହିପରି ସମ୍ବିତଙ୍କ ପଛକୁ ୩ଜଣ ଖେଳାଳି ୬ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ସେମାନଙ୍କ ମଧ୍ୟରୁ ଫିଡେମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ପ୍ରଥମ ରନର୍ସ ଅପ୍, ମନୀଷ କୁମାର ଦ୍ୱିତୀୟ ରନର୍ସ ଅପ୍ ଓ ଓମ୍ ଆଦିତ୍ୟ ଖାଡଙ୍ଗା ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଏମାନଙ୍କୁ ପୁରସ୍କାର ବାବଦରେ ୫,୦୦୦/, ୩,୫୦୦/ ଓ ୨.୫୦୦ ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଖେଳ ଶେଷରେ ସାଧ୍ୱୀ ପ୍ରତିଭା ମିଶ୍ର ମୁଖ୍ୟ ଅତିଥି, ଅଲଓଡ଼ିଶା ଚେସ ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ଖୋର୍ଦ୍ଧା ଜିଲ୍ଲା ସଭାପତି ଶକ୍ତିରଞ୍ଜନ ମହାନ୍ତି ଓ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

■ ଦ୍ୱିତୀୟ ଦିନିକିଆରେ ପାକିସ୍ତାନ ପରାସ୍ତ

## ସିରିଜ୍ ବରାବର୍ କଲା ୱେଷ୍ଟଇଣ୍ଡିଜ

ତ୍ରିନିଦାଦ, ୧୧।୮ (ଏଜେନ୍ସି): ଏଠାରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆ ମ୍ୟାଚରେ ଘରୋଇ ୱେଷ୍ଟଇଣ୍ଡିଜ ଡିଏଲ୍ ପଦ୍ଧତିରେ ୫ ୱିକେଟ୍‌ରେ ପାକିସ୍ତାନକୁ ମାତ୍ ଦେଇଛି। ପୂର୍ବରୁ ପ୍ରଥମ ମ୍ୟାଚକୁ ୫ ୱିକେଟ୍‌ରେ ହାରିଥିବା ୱେଷ୍ଟଇଣ୍ଡିଜ ଏଥିସହ ସିରିଜକୁ ୧-୧'ର ବରାବର୍‌ସ୍ଥିତିକୁ ଆଣିଛି। ସିରିଜର ନିର୍ଣ୍ଣାୟକ ୩ୟ ମ୍ୟାଚ୍ ମଙ୍ଗଳବାର ରାତି ୭ଟାରେ ଖେଳାଯିବ। ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ଦିନିକିଆରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପାକିସ୍ତାନ ୩୭ ଓଭରରେ ୭ ୱିକେଟ୍ ହରାଇ ୧୭୧ ରନ କରିଥିଲା। ଦଳ ପକ୍ଷରୁ ହାସନ ନୱାଜ ୩୬, ହୁସେନ ତଲାତ ୩୧, ସମିମ ଆୟୁବ ୨୩, ଅଧିନାୟକ ମହମ୍ମଦ ରିଜୱାନ ୧୬ ରନ କରିଥିବାବେଳେ ବାବର ଆଜମ ଖାତା ଖୋଲିପାରି ନ ଥିଲେ। ଘରୋଇ ୱେଷ୍ଟଇଣ୍ଡିଜ ପାଇଁ ଜାଡେନ ସେଲ୍ସ ୩ଟି ୱିକେଟ ନେଇଥିଲେ। ଜବାବରେ ୱେଷ୍ଟଇଣ୍ଡିଜ ସାମ୍ନାରେ ଡିଏଲ୍ ପଦ୍ଧତିରେ ୩୫ ଓଭରରେ ୧୮୧ ରନ ଧାର୍ଯ୍ୟ କରାଯାଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଦଳ ରୋଷ୍ଟନ ଚେଜଙ୍କ ଅପରାଜିତ ୪୯ ଓ ରୋମାରିଓ ସେଫର୍ଡଙ୍କ ୪୫ ରନ ସହାୟତାରେ ଦଳ ୫ ୱିକେଟ୍ ଓ ୧୦ ବଲ ପୂର୍ବରୁ ବିଜୟୀ ହୋଇଥିଲା। ଚେଜ୍ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

## ସିବିଏସ୍‌ଇ ଫାର୍ ଇଷ୍ଟ କ୍ରିକେଟ




ଭୁବନେଶ୍ୱର,୧୧।୮ (ସମିସ): ଖୋର୍ଦ୍ଧାର କେଟି ଗ୍ଲୋବାଲ ସ୍କୁଲ ଆନୁକୂଲ୍ୟରେ ଓ ନିଜସ୍ୱ ପଡ଼ିଆରେ ସିବିଏସ୍‌ଇ ଫାର ଇଷ୍ଟ ଜୋନ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଓ ଖେଳାଳି ଚୟନ ଅନୁଷ୍ଠିତ ହୋଇଯାଇଛି। ଅଗଷ୍ଟ ୫ରୁ ୧୦ ତାରିଖଯାଏ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୪, ୧୭ ଓ ୧୯ ବର୍ଷରୁ କମ୍ ବୟସ ବିଭାଗରେ ଜୋନ୍ ଭିତ୍ତିକ ଖେଳାଳି ଚୟନ କରାଯାଇଥିଲା। ୫୭ଟି ସ୍କୁଲର ୮୫୦ରୁ ଉର୍ଦ୍ଧ୍ୱ ଖେଳାଳି ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଆୟୋଜକ କେଟି ଗ୍ଲୋବାଲ ସ୍କୁଲରୁ ୬ଜଣ ଖେଳାଳି ବିଭିନ୍ନ ପ୍ରକାର ଜୋନାଲ ଟିମ୍‌ରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଖେଳ ଶେଷରେ କେଟି ଗ୍ଲୋବାଲ ସ୍କୁଲର ସିଓଓ ସିଦ୍ଧାର୍ଥ ରାଉତ ମୁଖ୍ୟ ଅତିଥି, ଅଧ୍ୟକ୍ଷ ରିଙ୍କୁ ସିଂ, ସିବିଏସ୍‌ଇ ପର୍ଯ୍ୟବେକ୍ଷକ ଆଫଜଲ ଅହମ୍ମଦ୍, ସିଲେକ୍ଟର ଫରହାନ ଉର ରହମନ ଓ ରୀମା ଠାକୁର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।

## ଓସିଏରେ ପ୍ରଦର୍ଶନ ବିଶ୍ଳେଷକ ଶିକ୍ଷା ଓ ମୂଲ୍ୟାଙ୍କନ କାର୍ଯ୍ୟକ୍ରମ

କଟକ,୧୧।୮ (ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଆନୁକୂଲ୍ୟରେ ସୋମବାରଠାରୁ ପ୍ରଦର୍ଶନ ବିଶ୍ଳେଷକ ଶିକ୍ଷା ଓ ମୂଲ୍ୟାଙ୍କନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୧୮ଜଣ ପ୍ରାର୍ଥୀ ଅଂଶଗ୍ରହଣ କରିଛନ୍ତି। କ୍ରିକେଟ ଖେଳର ବୈଷୟିକ ଶିକ୍ଷା, ବିଶ୍ଳେଷଣାତ୍ମକ କୌଶଳ ଏବଂ ଭିଡିଓ ବିଶ୍ଳେଷଣ ଦିଗରେ ପ୍ରଶିକ୍ଷଣ ଦେବା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଓସିଏ ସହ ଅନୁବନ୍ଧିତ ବିଭିନ୍ନ ୟୁନିଟରୁ ପ୍ରାର୍ଥୀମାନଙ୍କୁ କାର୍ଯ୍ୟକ୍ରମ ଜରିଆରେ ପ୍ରଶିକ୍ଷଣ ଦିଆଯାଉଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ପ୍ରଦର୍ଶନ ବିଶ୍ଳେଷକ ମୁଖ୍ୟ ଗଣେଶ କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ଜାରି ରହିଛି। ଓସିଏର ଡାଟା ମ୍ୟାନେଜମେଣ୍ଟ ଶାଖା ପକ୍ଷରୁ ସମସ୍ତ ସହଯୋଗ କରାଯାଉଛି।

ରାଜ୍ୟ ୧୩ ବର୍ଷରୁ କମ୍ ଚେସ୍

## ଅମୃତା, ଆର୍ଯ୍ୟନ ଚାମ୍ପିଅନ



ପୁରୀ,୧୧।୮ (ସମିସ): ଖୋର୍ଦ୍ଧାର ଅମୃତା ପ୍ରିୟଲକ୍ଷ୍ମୀ ଓ ଆର୍ଣ୍ଣିକା ଦାଶ ଏଠାରେ ସୋମବାର ଶେଷ ହୋଇଥିବା ରାଜ୍ୟ ୧୩ ବର୍ଷରୁ କମ୍ ବାଳିକା ଚେସ୍‌ରେ ଯଥାକ୍ରମେ ଚାମ୍ପିଅନ ଓ ରନର୍ସ ଅପ୍ ହୋଇଛନ୍ତି। ସେହିପରି ଯାଜପୁରର ଆର୍ଯ୍ୟନ ବେହେରା ଓ କଟକର ସ୍ୱସ୍ତିକ ଶୁଭମ ପଟ୍ଟନାୟକ ଓପନ ବିଭାଗରେ ଚାମ୍ପିଅନ ଓ ରନର୍ସ ଅପ୍ ହୋଇଛନ୍ତି। ଅଲ ଓଡ଼ିଶା ଚେସ ଆସୋସିଏସନ ଓ ପୁରୀ ଜିଲ୍ଲା ଚେସ୍ ଆସୋସିଏସନର ମିଳିତ ସହଯୋଗରେ ପୁରୀ ଇଣ୍ଡୋର ଷ୍ଟାଡିୟମ୍‌ରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତା ଶେଷରେ ସୂଚନା ଓ ଲୋକସମ୍ପର୍କ ବିଭାଗରେ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ମୁଖ୍ୟ ଅତିଥି, ଇଣ୍ଟରନ୍ୟାସନାଲ ଆର୍ବିଟର ତଥା ପୁରୀ ଜିଲ୍ଲା ଉପସଭାପତି ସୁରେଶ ଚନ୍ଦ୍ର ସାହୁ, ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ୨୦ ବର୍ଷରୁ କମ୍ ଏସିଆ ରଗବୀ

# କାଂସ୍ୟ ବିଜୟୀ ଭାରତୀୟ ଦଳରେ ରୀତୁ, ମାମାଲି



ଭୁବନେଶ୍ୱର, ୧୧।୮ (ସମିସ): ବିହାରର ରାଜଗିରିରେ ଶେଷ ହୋଇଥିବା ୨୦ ବର୍ଷରୁ କମ୍ ଏସିଆ ରଗବୀ-୭ ଚାମ୍ପିଅନସିପ୍‌ରେ ଭାରତୀୟ ମହିଳା ଦଳ କାଂସ୍ୟ ପଦକ ବିଜୟୀ ହୋଇଛି। କାଂସ୍ୟ ପଦକ ମୁକାବିଲାରେ ଭାରତୀୟ ମହିଳା ଦଳ ୧୨-୫ ସ୍କୋରରେ ଉଜବେକିସ୍ତାନକୁ ପରାସ୍ତ କରି ୩ୟ ସ୍ଥାନ ହାସଲ କରିଥିଲା। ଏଥିପୂର୍ବରୁ ସେମିଫାଇନାଲରେ ଭାରତ ୭-୨୮ରେ ଚାଇନା ନିକଟରୁ ହାରି ଫାଇନାଲକୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଥିଲା। ସେହିଭଳି ପୁଲ୍ ପର୍ଯ୍ୟାୟରେ ଭାରତ ୩ଟି ମ୍ୟାଚ୍ ଖେଳି ୨ଟି ବିଜୟ ସହ ନକ୍‌ଆଉଟରେ ପହଞ୍ଚିଥିଲା। ଭାରତୀୟ ଦଳର ଅଧିନାୟିକା ଭୂମିକା ଶୁକ୍ଳା ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ହୋଇଥିଲା। ସେହିଭଳି କାଂସ୍ୟ ବିଜୟୀ ଭାରତୀୟ ଦଳରେ କିସ୍ ବିଶ୍ୱବିଦ୍ୟାଳୟର ଦୁଇଜଣ ଛାତ୍ରୀ ଖେଳୁଥିଲେ। ସେମାନେ ହେଲେ ରିତୁ ମାଝୀ ଓ ମାମାଲି ସିଂ। ଏହି ସଫଳତା ଲାଗି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଭାରତୀୟ ଦଳ ସହ ରିତୁ ଓ ମାମାଲିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ଭାରତୀୟ ପୁରୁଷ ଦଳ ୬ଷ୍ଠ

ଅପରପକ୍ଷରେ ଭାରତୀୟ ପୁରୁଷ ରଗବୀ ଦଳ ୬ଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ୫ମ-୬ଷ୍ଠ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚରେ ଭାରତ ମାତ୍ର ୨ (୧୯-୨୧) ପଏଣ୍ଟରେ ୟୁଏଇ ନିକଟରୁ ହାରିଯାଇଥିଲା। ପୁଲ୍ ପର୍ଯ୍ୟାୟରେ ଭାରତ ୩ରୁ ୨ଟି ମ୍ୟାଚ୍ ହାରିଯାଇଥିଲା। ପୁରୁଷ ଦଳରେ କିସ୍‌ର ଭରତ କିଶାନ ଓ ଚରଣ ହେମ୍ବ୍ରମ ସାମିଲ ରହିଥିଲେ।

ଦ୍ରୁତ ବୋଲିଂରୁ ଜାଭେଲିନ ଥ୍ରୋ'

# ସିଂହଳୀ ତାରକା ରୁମେଶଙ୍କ ଟୋକିଓ ଯାତ୍ରା

ଭୁବନେଶ୍ୱର, ୧୧।୮ (ସମିସ)

ଭାରତରେ ପ୍ରଥମଥର ଲାଗି ବିଶ୍ୱ ଆଥ୍ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭଲ) ଆୟୋଜିତ ହୋଇଯାଇଛି। ବିଶ୍ୱ ଆଥଲେଟିକ୍ସର ଏହି ଦୌଡ଼କୁଦ ଇଭେଣ୍ଟକୁ ଆୟୋଜିତ କରି ଆଇକନିକ କଳିଙ୍ଗ ଷ୍ଟାଡିୟମ ମଧ୍ୟ ଏହାର କ୍ରୀଡ଼ା ଇତିହାସରେ ନୂଆ ଫର୍ଦ୍ଦ ଯୋଡ଼ିଛି। ରବିବାର କଳିଙ୍ଗରେ ଆୟୋଜିତ ଏହି ମେଗା ଇଭେଣ୍ଟରେ ବିଶ୍ୱର ୧୭ ଦେଶର ୧୫୪ ଆଥଲେଟ୍ ଅଂଶଗ୍ରହଣ କରିଥିଲେ। କିନ୍ତୁ ସେମାନଙ୍କ ମଧ୍ୟରେ ଏକମାତ୍ର ଆଥଲେଟ୍ ଭାବେ ଶ୍ରୀଲଙ୍କାର ରୁମେଶ ଥରଙ୍ଗା ଟୋକିଓରେ ସେପ୍ଟେମ୍ବର ୧୩ରୁ ଆରମ୍ଭ ହେବାକୁ ଥିବା ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନସିପ୍‌କୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି। ପୁରୁଷ ଜାଭେଲିନ ଫାଇନାଲରେ ରୁମେଶ ୮୬.୫୦ ମିଟର ଜାଭେଲିନ ଫିଙ୍ଗି ପ୍ରଥମ ସ୍ଥାନରେ ରହିଥିଲେ। ଏଥିସହ ସେ କଳିଙ୍ଗରୁ ଟୋକିଓ ବିଶ୍ୱ ଚାମ୍ପିଅନସିପ୍ ଲାଗି ଟିକଟ୍ ହାସଲ କରିଥିଲେ। ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନସିପ୍ ଲାଗି ଯୋଗ୍ୟତା ମାନଦଣ୍ଡ ୮୫.୫୦ ମିଟର ରହିଥିଲା। ରୁମେଶ ୮୬.୫୦ ମିଟର ଜାଭେଲିନ ଫିଙ୍ଗି ମଧ୍ୟ ଶ୍ରୀଲଙ୍କା ପାଇଁ ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ପୂର୍ବରୁ ଶ୍ରୀଲଙ୍କାର ଜାତୀୟ ରେକର୍ଡ ୮୫.୭୮ ମିଟର ରହିଥିଲା।




### ୧୩୪ କିମି ବେଗରୁ ୮୬.୫୦ ମିଟର

ଜାଭେଲିନରେ ୮୬.୫୦ ମିଟର ଫିଙ୍ଗି ଶ୍ରୀଲଙ୍କା ପାଇଁ ନୂଆ ଜାତୀୟ ରେକର୍ଡ ସ୍ଥାପନ କରିଥିବା ୨୨ ବର୍ଷୀୟ ରୁମେଶଙ୍କ ପ୍ରଥମ ପ୍ରେମ କିନ୍ତୁ କ୍ରିକେଟ୍ ଥିଲା। ଦକ୍ଷିଣ କଲମ୍ବୋର ଛୋଟିଆ ସହର କାଲୁତାରାରୁ ଆସିଥିବା ରୁମେଶ ୧୮ ବର୍ଷରୁ କମ୍ କ୍ରିକେଟ୍ ଦଳ ପକ୍ଷରୁ ମଧ୍ୟ ପ୍ରତିନିଧିତ୍ୱ କରିସାରିଥିଲେ। ଏହି ବର୍ଗରେ ସେ ଜଣେ ଡାହାଣହାତୀ ଦ୍ରୁତ ବୋଲର ସହ ମଧ୍ୟକ୍ରମରେ ଉପଯୋଗୀ ବ୍ୟାଟର୍ ଥିଲେ। ବୋଲିଂରେ ସେ ୧୩୪ କିମି ବେଗରେ ବଲ୍ ପକାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏପରିକି ବର୍ତ୍ତମାନ ଶ୍ରୀଲଙ୍କା ଓ ଆଇପିଏଲରେ ସନରାଇଜର୍ସ ହାଇଦରାବାଦ୍ ପାଇଁ ଖେଳୁଥିବା ଏହସାନ ମାଲିଙ୍ଗାଙ୍କ ସହ ସେ ଏକାଠି ନେଟ୍‌ସରେ ଅଭ୍ୟାସ ମଧ୍ୟ କରୁଥିଲେ। ସନରାଇଜର୍ସ ପକ୍ଷରୁ ଆୟୋଜିତ ଦ୍ରୁତ ବୋଲର ଚୟନ ଶିବିରରେ ଏହସାନଙ୍କ ପଛକୁ ରୁମେଶ ୨ୟ ଦ୍ରୁତତମ ବୋଲର ରହିଥିଲେ। କିନ୍ତୁ କ୍ରିକେଟ୍‌ରେ ରାଜନୀତିର ମାତ୍ରାଧିକ ପ୍ରବେଶକୁ ଲକ୍ଷ୍ୟ କରି ରୁମେଶ କଲେଜ ପଢୁଥିବାବେଳେ ଜାଭେଲିନ ଥ୍ରୋ ପ୍ରେମରେ ପଡ଼ିଯାଇଥିଲେ। ଯେଉଁ ହାତରେ ସେ ୧୬୦ ଗ୍ରାମ କ୍ରିକେଟ୍ ବଲ୍ ଧରି ଦ୍ରୁତ ବୋଲିଂ କରୁଥିଲେ ସେହି ହାତରେ ୭୦୦ ଗ୍ରାମର ଜାଭେଲିନ ଫିଙ୍ଗିଥିଲେ। ଜାଭେଲିନ ଫିଙ୍ଗିବାର ପ୍ରଥମ ୨ ମାସରେ ସେ ୬୩ ମିଟର ମାର୍କ ଛୁଇଁଥିଲେ। ଗତ ଜୁଲାଇରେ ବେଙ୍ଗାଲୁରୁରେ ଅନୁଷ୍ଠିତ ନୀରଜ ଚୋପ୍ରା କ୍ଲାସିକ ଇଭେଣ୍ଟରେ ସେ ନୀରଜ ଓ କେନିଆର ଜୁଲିଅସ ୟେଗୋଙ୍କ ପଛକୁ ୩ୟ ସ୍ଥାନରେ ରହି ପୋଡିୟମ ଫିନିଶ କରିଥିଲେ। ତେବେ କଳିଙ୍ଗ ଷ୍ଟାଡିୟମ ଏହି ସିଂହଳୀ କ୍ରୀଡ଼ାବିତ୍‌ଙ୍କ ଲାଗି ବେଶ୍ ସ୍ମରଣୀୟ ହୋଇରହିଯାଇଛି। ଏଠାରେ ସେ ଜାତୀୟ ରେକର୍ଡ ସହ ବିଶ୍ୱ ଚାମ୍ପିଅନସିପ୍ ଟିକଟ୍ ଅର୍ଜନ କରିଛନ୍ତି। ଟୋକିଓରେ ସେ ବିଶ୍ୱର ତାରକା ଜାଭେଲିନ ଫିଙ୍ଗାଳୀଙ୍କ ବିପକ୍ଷରେ କେମିତି ପ୍ରଦର୍ଶନ କରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT
IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS